# ଧରିତ୍ରୀ DHARITRI

ରାୟଗଡ଼ା, ରବିବାର, ଜୁଲାଇ ୨୧ /୨୦୧୯ (୧୬ ପୃଷ୍ଠା+ଛୁଟିଦିନ) Rayagada, Sunday, July 21 / 2019 ★

୯ମ ଭାଗ ୧୭୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ବଲିଉଡରେ ଜାହ୍ନବୀଙ୍କ ବର୍ଷପୂର୍ତ୍ତି

ଅଭିନେତ୍ରୀ ଜାହ୍ନବୀ କପୁର ବଲିଉଡରେ ଅଭିନୟ ଜୀବନର ବର୍ଷେ ପୂରଣ କରିଥିବାରୁ ସୋସିଆଲ୍ ମିଡିଆରେ ଭାବାବେଗପୂର୍ଣ୍ଣ ଲେଖା ପୋଷ୍ଟ କରିଛନ୍ତି। ୦୨

୧୪

## ଶିବ ଥାପାଙ୍କୁ ସ୍ୱର୍ଣ୍ଣ

ଶିବ ଥାପା ପ୍ରଥମ ଭାରତୀୟ ବକ୍ସର ଭାବେ କାଜାଖସ୍ତାନର ଅଷ୍ଟାନାଠାରେ ଚାଲିଥିବା ପ୍ରେସିଡେଣ୍ଟ୍ସ କପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।



ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଭାରତର ଚନ୍ଦ୍ର ଅଭିଯାନ

**ଆଜିର ମନ୍ତବ୍ୟ**

"କଶ୍ମୀର ପ୍ରସଙ୍ଗର ସମାଧାନକୁ ବିଶ୍ୱର କୌଣସି ଶକ୍ତି ରୋକି ପାରିବ ନାହିଁ।
–ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ

NECC NATIONAL EGG CO-ORDINATION COMMITTEE 20.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 60 | 106 | 116 |
| CTC | 61 | 107 | 117 |
| DKL | 60 | 106 | 116 |
| BDK | 59 | 105 | 115 |
| BLS | 59 | 105 | 115 |
| ANG | 59 | 105 | 115 |
| BHM | 60 | 106 | 116 |

*Conditions Apply

Eggs Retail Price- 43/-Dozen
Issued in the Interest of Consumers

## ଦୁର୍ନୀତିରେ ଉବୁଟୁବୁ ଖଦି ବୋର୍ଡ

# ଖାଇଗଲେ ମହୁଚାଷୀଙ୍କ ପଇସା

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଦୁର୍ନୀତିରେ ଉବୁଟୁବୁ। ମହୁଚାଷୀଙ୍କୁ ତାଲିମ ଦେବା, ମହୁବାକ୍ସ କିଣିବାନେଇ କୋଟି କୋଟି ଟଙ୍କା ହଡ଼ପ ହୋଇଛି। ଏହି ମହାଦୁର୍ନୀତିକୁ ଜାଣିଶୁଣି ଚାପି ଦିଆଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ଏଥିପାଇଁ କୋଟି କୋଟି ଟଙ୍କା ଅନୁଦାନ ଦେଉଥିବାବେଳେ ଏହାର ଫାଇଦା ଚାଷୀଙ୍କୁ ମିଳୁନାହିଁ। ସଂସ୍ଥା ଦାୟିତ୍ୱରେ ଥିବା ଅଫିସର ଓ ଏହାର ଅଧ୍ୟକ୍ଷ ଏ ସମସ୍ତ ଅର୍ଥକୁ ହଡ଼ପ କରୁଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରାଯାଉ। ଏ ନେଇ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଉତ୍ତର ରଖନ୍ତୁ। ଭାଜପା ସଦସ୍ୟମାନେ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡରେ ହୋଇଥିବା ମହାଦୁର୍ନୀତିକୁ ନେଇ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରାଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଥିବା ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟରେ ମଧ୍ୟ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି। ଗତ ୨୦ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟକୁ ଦିଆଯାଇଥିବା ଅନୁଦାନର କୌଣସି ହିସାବ ନାହିଁ। ଶହ ଶହ କୋଟି ଟଙ୍କା ହଡ଼ପ କରାଯାଇଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ସଦସ୍ୟମାନେ ବିଧାନସଭା ହୁଲ୍‌ହୁଲ୍ କରିଛନ୍ତି। ଫଳରେ ଶୂନ୍ୟକାଳ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ପ୍ରବଳ ହୋହଲ୍ଲା ଯୋଗୁ ବିଧାନସଭାକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ଏହି ଦୁର୍ନୀତିର ତଦନ୍ତ ପାଇଁ ପଦକ୍ଷେପ ନେବାଲାଗି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ, କଂଗ୍ରେସ ଦଳ ନେତା ନରସିଂହ ମିଶ୍ର, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ନିଜ ଚାମ୍ବରକୁ ଡାକି ଆଲୋଚନା କରିଛନ୍ତି।

### ବିଧାନସଭାରେ ବିରୋଧୀଙ୍କ ହଙ୍ଗାମା

- ଭିଜିଲାନ୍ସ ତଦନ୍ତ ଦାବି କଲା ଭାଜପା
- ବିଶ୍ୱବିଦ୍ୟାଳୟ ଅନୁଦାନ ଦୁର୍ନୀତିକୁ ନେଇ ସରକାରଙ୍କୁ ଘେରିଲା କଂଗ୍ରେସ
- ସର୍ବଦଳୀୟ ବୈଠକ ଡାକିଲେ ବାଚସ୍ପତି



ଶନିବାର ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡରେ ବ୍ୟାପକ ଦୁର୍ନୀତି ହୋଇଥିବା କଥା ଉଠାଇଥିଲେ। ସେ କହିଥିଲେ ଯେ, ରାଜ୍ୟ ଓ କେନ୍ଦ୍ର ସରକାର ୨୦୧୪ରୁ ୨୦୧୭ ମଧ୍ୟରେ ଏହି ବୋର୍ଡକୁ ୮୬ କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ରାଜ୍ୟ ସରକାର ୩୯ କୋଟି ୯୪ ଲକ୍ଷ ଟଙ୍କା ଅନୁଦାନ ଦେଇଥିବାବେଳେ କେନ୍ଦ୍ର ସରକାର ୪୬.୨୮ କୋଟି ଟଙ୍କା ଦେଇଛନ୍ତି। ମହୁ ଚାଷ ଓ ଖଦିର ଉନ୍ନତି ପାଇଁ ଦିଆଯାଇଥିବା ଏହି ଅର୍ଥକୁ ହରିଲୁଟ କରାଯାଇଛି। ଏହି ଅର୍ଥରେ ୧୨ଶହ ମହୁଚାଷୀଙ୍କୁ ତାଲିମ ଦିଆଯାଇଥିବାବେଳେ ୪୮୦ ଚାଷୀଙ୍କୁ ୨୪୦୦ ମହୁବାକ୍ସ ପ୍ରଦାନ କରାଯାଇଥିବା କୁହାଯାଉଛି। ତେବେ ଯେଉଁ ବାକ୍ସ ପ୍ରଦାନ କରାଯାଇଛି ସେଗୁଡ଼ିକର ମୂଲ୍ୟ ବାକ୍ସ ପିଛା ୧ ହଜାର ଟଙ୍କା ହେବା କଥା। ମାତ୍ର ଏହାକୁ ୩୦ ହଜାର ଟଙ୍କାରେ କିଣାଯାଇଥିବା ଦର୍ଶାଯାଇଛି। ତାଲିମ ଦେବା ନାଁରେ ମିଛ ଚାଷୀଙ୍କ ନାମରେ ବିଲ୍ କରାଯାଇଛି। ଏହାଛଡ଼ା ବୋର୍ଡରେ କଡା ଆଦି ଜିନିଷପତ୍ର ଗତ ୩ ବର୍ଷରେ ୩ କୋଟି ୫୮ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ୮୬ କୋଟି ଟଙ୍କା ଅନୁଦାନ ପାଇଥିବାବେଳେ ମାତ୍ର ୩ .୫୮ କୋଟି ଟଙ୍କାର ବିକ୍ରି ହୋଇଛି। ଏଥିରୁ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଛି ବୋଲି ପ୍ରଦୀପ୍ତ କହିଥିଲେ। କେବଳ ସେତିକି ନୁହେଁ, କିଛି ବେନାମୀ ବିଜ୍ଞାପନ ସଂସ୍ଥା ଏବଂ କନସଲଟାନ୍ସି କମ୍ପାନୀ ନାଁରେ ବିଲ୍ କରାଯାଇ କୋଟି କୋଟି ଟଙ୍କା ହଡ଼ପ କରାଯାଇଛି। ରାଜ୍ୟ ସରକାର ଯେଉଁ ରାଜନେତାମାନଙ୍କୁ ବୋର୍ଡରେ ଥଇଥାନ କରିଛନ୍ତି ସେମାନେ ଚାଷୀଙ୍କୁ ସହାୟତା ଦେବା ବଦଳରେ କୋଟି କୋଟି ଟଙ୍କା ହଡ଼ପ କରୁଛନ୍ତି। ମହୁବାକ୍ସ କେଉଁଠୁ କିଣାଗଲା, କେଉଁ ଜିଲାର କେଉଁ ଚାଷୀଙ୍କୁ ଦିଆଯାଇଛି ସେଗୁଡିକର ତାଲିକା ଗୃହରେ ଉପସ୍ଥାପନ କରାଯାଉ। ☞ପୃଷ୍ଠା–୪



ଶୀଲା ଦୀକ୍ଷିତଙ୍କ ପରଲୋକ ୨

ବିଦ୍ୟାଳୟରେ ବିସ୍ଫୋରଣ: ୨ ଛାତ୍ର ଗୁରୁତର ୩

# ପାଟକୁରାରେ ୬୭% ମତଦାନ



ପାଟକୁରାସ୍ଥିତ ଏକ ମତଦାନ କେନ୍ଦ୍ରରେ ମହିଳାମାନେ ଭୋଟଦେବା ପାଇଁ ଠିଆ ହୋଇଛନ୍ତି।

**ଭୁବନେଶ୍ୱର/କେନ୍ଦ୍ରାପଡ଼ା ଅଫିସ,୨୦।୭(ବ୍ୟୁରୋ)**

### ୨୪କୁ ଅପେକ୍ଷା

କେନ୍ଦ୍ରାପଡ଼ା ଜିଲା ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଶନିବାର ମତଦାନ ଶେଷ ହୋଇଛି। ଅପରାହ୍ନ ୫ଟା ସୁଦ୍ଧା ୬୭% ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ସୁରେନ୍ଦ୍ର କୁମାର କହିଛନ୍ତି। ଗତ ନିର୍ବାଚନରେ ଭୋଟ ହାର ୭୦ ପ୍ରତିଶତ ହୋଇଥିଲା। ତେବେ ଅପରାହ୍ନ ୬ଟା ଯାଏ ଭୋଟ ଗ୍ରହଣ ଚାଲିଥିବାରୁ ଏହି ପ୍ରତିଶତ ବଢ଼ିବାର ସମ୍ଭାବନା ରହିଛି। ଆସନ୍ତା ୨୪ରେ ଭୋଟ ଗଣନା ହେବ ବୋଲି କୁମାର କହିଛନ୍ତି। ଇଭିଏମ୍ ଏବଂ ଭିଭିପିଏଟି ମେଶିନରେ ତ୍ରୁଟି ଯୋଗୁ ୭ସ୍ଥାନରେ ବିଳମ୍ବରେ ଭୋଟଦାନ ହୋଇଥିଲା। ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକର କୁଶିଆପାଳ, ପାଟକୁରା ଓ ଅନ୍ୟ କିଛି ବୁଥ୍‌ରେ ରାଜନୈତିକ ଅସନ୍ତୋଷକୁ ନେଇ ସାମାନ୍ୟ ବଚସା ହୋଇଥିଲେ ମଧ୍ୟ ଶୃଙ୍ଖଳିତ ଭାବେ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି ବୋଲି ସିଇଓ କହିଛନ୍ତି। ଏଥିସହ ଇଭିଏମ୍‌ରେ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ବନ୍ଦ ହୋଇଯାଇଛି।





BERHAMPUR: Venkatraju Arcade, Sano Bazar, Ph: 0680-2250600

STORES ALSO AT: BHUBANESWAR: 621, Saheed Nagar, Janpath | BHUBANESWAR: 309, District Centre, Chandrasekharpur
CUTTACK: 558/834, Cantonment Road | ROURKELA: Kesar Bhawan, Main Road | Toll Free: 1800 3131 777 | Open on Sundays



ସୋନଭଦ୍ର ଯିବା ଲାଗି କାହାରିକୁ ଛଡ଼ାଯାଉନାହିଁ। ନିଜର ଦୁର୍ବଳତା ଲୁଚାଇବା ଲାଗି ଉତ୍ତରପ୍ରଦେଶରେ ଭାଜପା ସରକାର ୧୪୪ ଧାରା ଲଗାଇଛି।

-ମାୟାବତୀ,
ବିଏସ୍‌ପି ମୁଖ୍ୟ

# ଶୀଳା ଦୀକ୍ଷିତଙ୍କ ପରଲୋକ



- ରବିବାର ଶେଷକୃତ୍ୟ
- ୨ ଦିନିଆ ଶୋକ ପାଳନ

**ନୂଆଦିଲ୍ଲୀ,୨୦।୭(ପି.ଟି.)**

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ଶୀଳା ଦୀକ୍ଷିତଙ୍କର ଶନିବାର ଅପରାହ୍ଣରେ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ହୃତ୍‌ଘାତ ହେବାରୁ ଶୀଳାଙ୍କୁ ସକାଳେ ଫର୍ଟିସ ଏସ୍‌କର୍ଟ୍ସ ହାର୍ଟ ଇନ୍‌ଷ୍ଟିଚ୍ୟୁଟରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲ୍‌ର ଅଧ୍ୟକ୍ଷ ଡ. ଅଶୋକ ସେଠ୍‌ଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ଡାକ୍ତରମାନଙ୍କ ଏକ ଟିମ୍ ତାଙ୍କର ଚିକିତ୍ସା କରିଥିଲେ। ସାମୟିକ ଭାବେ ଶୀଳାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିଲା। ତେବେ ଅପରାହ୍ଣ ୩ଟା ୫୫ରେ ଦ୍ୱିତୀୟ ହୃଦ୍‌ଘାତ ହେବାରୁ ଡାକ୍ତରମାନଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମରଶରୀରକୁ ନିଜାମୁଦ୍ଦିନ ଅଞ୍ଚଳରେ ଥିବା ବାସଭବନକୁ ନିଆଯାଇଛି। ଶୀଳାଙ୍କ ପରଲୋକରେ ଦିଲ୍ଲୀ ସରକାର ଦୁଇଦିନିଆ ଶୋକ ଘୋଷଣା କରିଛନ୍ତି। ରବିବାର ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆ ଟୁଇଟ୍ କରିଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଉପମୁଖ୍ୟମନ୍ତ୍ରୀ ଜମ୍ମୁ-କଶ୍ମୀରର ବୈଷ୍ଣୋଦେବୀ ମନ୍ଦିର ଯିବା କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି।

ଦିଲ୍ଲୀ ପ୍ରଦେଶ କଂଗ୍ରେସ ସଭାପତି ଥିବା ଶୀଳା ୧୯୯୮ରୁ ୨୦୧୩ ପର୍ଯ୍ୟନ୍ତ କ୍ରମାଗତ ତିନିଥର ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଥିଲେ। ୨୦୧୪ରେ ସେ ୫ ମାସ ପାଇଁ କେରଳର ରାଜ୍ୟପାଳ ମଧ୍ୟ ହୋଇଥିଲେ। ନିକଟରେ ଶେଷ ହୋଇଥିବା ଲୋକ ସଭା ନିର୍ବାଚନରେ ଶୀଳା ଉତ୍ତର-ପୂର୍ବ ଦିଲ୍ଲୀ ନିର୍ବାଚନମଣ୍ଡଳୀରୁ ଲଢ଼ି ହାରିଯାଇଥିଲେ।

୧୯୮୪ରେ ସେ ପ୍ରଥମଥର ପାଇଁ ଉତ୍ତରପ୍ରଦେଶର କନୌଜ ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଘନିଷ୍ଠ ଥିବା ଶୀଳା ତାଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ଏହି ବର୍ଷୀୟାନ ନେତ୍ରୀଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

**ନୂଆଦିଲ୍ଲୀ,୨୦।୭(ପି.ଟି.)**

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଳା ଦୀକ୍ଷିତଙ୍କ ପରଲୋକ ଖବର ଶୁଣି ଦୁଃଖିତ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର ୧୫ ବର୍ଷର କାର୍ଯ୍ୟକାଳ ମଧ୍ୟରେ ରାଜଧାନୀର ଉଲ୍ଲେଖନୀୟ ବିକାଶ ହୋଇଥିଲା, ଯେଉଁଥିପାଇଁ ସେ ସ୍ମରଣୀୟ ହୋଇ ରହିବେ ବୋଲି ରାଷ୍ଟ୍ରପତି ଟୁଇଟ୍ କରିଛନ୍ତି। ସେହିପରି ଶୀଳାଙ୍କ ପରଲୋକରେ ଉପରାଷ୍ଟ୍ରପତି ଏମ୍.ଭେଙ୍କୟା ନାଇଡୁ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସେ ଜଣେ ଉତ୍ତମ ପ୍ରଶାସିକା ଥିଲେ ବୋଲି ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରାଯାଇଛି।

ବରିଷ୍ଠ କଂଗ୍ରେସ ନେତ୍ରୀଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ଦିଲ୍ଲୀର ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିସହିତ ତାଙ୍କର ପରିବାର ସଦସ୍ୟ ଓ ସମର୍ଥକମାନଙ୍କୁ ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଛନ୍ତି। ଦଳର ନେତା ରାହୁଲ ଗାନ୍ଧୀ ଶୀଳାଙ୍କୁ କଂଗ୍ରେସର ଆଦରଣୀୟା କନ୍ୟା କହିବା ସହ ତାଙ୍କର ପରଲୋକରେ ମର୍ମାହତ ବୋଲି ଟୁଇଟ୍ କରିଛନ୍ତି। ତାଙ୍କ ସହ ରାହୁଲଙ୍କର ଅତ୍ୟନ୍ତ ଘନିଷ୍ଠତା ଥିଲା। ସେ ନିଃସ୍ୱାର୍ଥପର ଭାବେ ଦିଲ୍ଲୀ ପାଇଁ କାର୍ଯ୍ୟ କରୁଥିଲେ ବୋଲି ରାହୁଲ ତାଙ୍କ ଶୋକବାର୍ତ୍ତାରେ କହିବା ସହ ତାଙ୍କ ପରିବାର ସଦସ୍ୟ ଓ ଦିଲ୍ଲୀବାସୀଙ୍କୁ ସମବେଦନା ଜଣାଇଛନ୍ତି। ଦିଲ୍ଲୀର ବିକାଶ ପାଇଁ ଶୀଳାଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଦେଶ ଜଣେ ଉତ୍ସର୍ଗୀକୃତ କଂଗ୍ରେସ ନେତ୍ରୀଙ୍କୁ ହରାଇଲା ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ କହିଛନ୍ତି।

## ସର୍ବାଧିକ ସମୟ କ୍ଷମତାରେ ରହିଥିବା ମହିଳା ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୨୦।୭**


ବରିଷ୍ଠ କଂଗ୍ରେସ ନେତ୍ରୀ ଶୀଳା ଦୀକ୍ଷିତଙ୍କ ରାଜନୈତିକ କ୍ୟାରିୟରରେ ଅନେକ ଘଟଣା ତାଙ୍କୁ ପ୍ରଥମ କରିଛି। ସେ ପ୍ରଥମ ମୁଖ୍ୟମନ୍ତ୍ରୀ ଯିଏ ଦିଲ୍ଲୀରେ କ୍ରମାଗତ ୩ ଥର କ୍ଷମତାରେ ରହିଥିଲେ। କୌଣସି ରାଜ୍ୟରେ ୧୫ ବର୍ଷ କ୍ଷମତାରେ ରହିବାରେ ସେ ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ।୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଦିଲ୍ଲୀରେ କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ତାଙ୍କୁ ପ୍ରଦେଶ କଂଗ୍ରେସ କମିଟି ସଭାପତି କରାଯାଇଥିଲା। ତାଙ୍କ ନେତୃତ୍ୱରେ କଂଗ୍ରେସ ମୁଖ୍ୟ ବିରୋଧୀ ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ତୃତୀୟ ସ୍ଥାନକୁ ପଠାଇବାରେ ସକ୍ଷମ ହୋଇଥିଲା।

୧୯୩୮ ମାର୍ଚ୍ଚ ୩୧ରେ ପଞ୍ଜାବର କପୁରଥାଲାରେ ଶୀଳାଙ୍କ ଜନ୍ମ। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୧୯୮୪ରେ ଶୀଳା ଉତ୍ତରପ୍ରଦେଶର କନୌଜ ଆସନରୁ ଲୋକ ସଭାକୁ ପ୍ରଥମେ ନିର୍ବାଚିତ ହୋଇ ଜାତିସଂଘରେ ମହିଳାମାନଙ୍କ ସ୍ଥିତି ସମ୍ପର୍କରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ୧୯୮୬ରେ ସେ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ୧୯୯୮ରେ ସେ ଲୋକ ସଭା ନିର୍ବାଚନ ହାରିଥିଲେ ଏବଂ ସେହିବର୍ଷ ପ୍ରଥମ ଥର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୪ରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ସେ କେରଳ ରାଜ୍ୟପାଳ ହୋଇଥିଲେ ମଧ୍ୟ ୫ ମାସ ପରେ ଇସ୍ତଫା ଦେଇଥିଲେ। ୨୦୦୯ରେ ତାଙ୍କ ବିରୋଧରେ ଦୁର୍ନୀତି ମାମଲା ରୁଜୁ ହେବା ପରେ ସେ ବିବାଦ ଘେରକୁ ଆସିଥିଲେ। ଜବାହରଲାଲ୍ ନେହେରୁ ଜାତୀୟ ସହରାଞ୍ଚଳ ନବୀକରଣ ମିଶନ ପାଇଁ କେନ୍ଦ୍ର ସରକାର ଦେଇଥିବା ୩.୫ କୋଟି ଟଙ୍କାର ଅପବ୍ୟୟ ନେଇ ଅଭିଯୋଗ ହୋଇଥିଲା। ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଦୁର୍ନୀତିରେ ମଧ୍ୟ ସେ ଅଭିଯୁକ୍ତ ଥିଲେ। ଏହା ସତ୍ତ୍ୱେ ମେଟ୍ରୋ ପ୍ରକଳ୍ପ ସମେତ ଦିଲ୍ଲୀର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ତାଙ୍କ ସମୟରେ ହୋଇଥିଲା। ଭାଗୀଦାରି ବ୍ୟବସ୍ଥା ମାଧ୍ୟମରେ ସେ ପୌର ପ୍ରଶାସନରେ ଜନସାଧାରଣଙ୍କ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିଥିଲେ। ଫଳରେ ଜନସେବାର ମାନ ବଢ଼ିବା ସହ ଠିକ୍ ସମୟରେ ଲୋକଙ୍କ ପାଖରେ ପହଞ୍ଚିପାରିଥିଲା। ତାଙ୍କ ସମୟରେ ଦିଲ୍ଲୀରେ ଅନେକ ଫ୍ଲାଏ ଓଭର ହେବା ସହ ପରିବହନ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆସିଥିଲା।

# ବଦଳିଲେ ୬ ରାଜ୍ୟପାଳ



ଆନନ୍ଦୀବେନ୍ ପଟେଲ



ଲାଲ୍‌ଜୀ ଟଣ୍ଡନ

- ଆନନ୍ଦିବେନ୍‌ଙ୍କୁ ୟୁପି ଦାୟିତ୍ୱ
- ଜଗଦୀପ୍ ପଶ୍ଚିମବଙ୍ଗ ରାଜ୍ୟପାଳ

**ନୂଆଦିଲ୍ଲୀ,୨୦।୭(ପି.ଟି.)**

କେନ୍ଦ୍ର ସରକାର ଶନିବାର ୪ ରାଜ୍ୟ ପାଇଁ ନୂଆ ରାଜ୍ୟପାଳ ନିଯୁକ୍ତ କରିଥିବାବେଳେ ଦୁଇଜଣ ରାଜ୍ୟପାଳଙ୍କୁ ବଦଳି କରିଛନ୍ତି। ମଧ୍ୟପ୍ରଦେଶ ରାଜ୍ୟପାଳ ଥିବା ଆନନ୍ଦିବେନ୍ ପଟେଲଙ୍କୁ ଉତ୍ତରପ୍ରଦେଶ ରାଜ୍ୟପାଳ କରାଯାଇଥିବାବେଳେ ବିହାର ଦାୟିତ୍ୱରେ ଥିବା ଲାଲ୍‌ଜୀ ଟଣ୍ଡନଙ୍କୁ ମଧ୍ୟପ୍ରଦେଶ ରାଜ୍ୟପାଳ ଭାବେ ବଦଳି କରାଯାଇଛି। ଫଗୁ ଚୌହାନଙ୍କୁ ବିହାର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିବାବେଳେ ରମେଶ ବୈଶ୍ ତ୍ରିପୁରା ରାଜ୍ୟପାଳ ହୋଇଛନ୍ତି। ପୂର୍ବତନ ଏମ୍‌ପି ତଥା ସୁପ୍ରିମକୋର୍ଟର ଜଣାଶୁଣା ଆଇନଜୀବୀ ଜଗଦୀପ୍ ଧଙ୍ଖାରଙ୍କୁ ପଶ୍ଚିମବଙ୍ଗ ରାଜ୍ୟପାଳ ନିଯୁକ୍ତ କରାଯାଇଛି। ସେ ୧୯୯୦-୯୧ରେ କେନ୍ଦ୍ର ସରକାରରେ ସଂସଦୀୟ ବ୍ୟାପାର ଉପମନ୍ତ୍ରୀ ଥିଲେ। ୨୦୦୩ରେ କଂଗ୍ରେସ ଛାଡ଼ି ସେ ଭାଜପାରେ ସାମିଲ ହୋଇଥିଲେ। କେଶରୀନାଥ ତ୍ରିପାଠୀଙ୍କ କାର୍ଯ୍ୟକାଳ ଆସନ୍ତା ସପ୍ତାହରେ ଶେଷ ହେବାକୁ ଥିବାବେଳେ ତାଙ୍କ ସ୍ଥାନରେ ଜଗଦୀପ୍‌ଙ୍କୁ ନିଯୁକ୍ତି ମିଳିଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ଅବସରପ୍ରାପ୍ତ ସ୍ୱତନ୍ତ୍ର ନିର୍ଦ୍ଦେଶକ ଏନ୍. ରବିଙ୍କୁ ନାଗାଲାଣ୍ଡ ରାଜ୍ୟପାଳ ନିଯୁକ୍ତ କରାଯାଇଛି। ୧୯୭୬ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲଙ୍କ ସହ କାର୍ଯ୍ୟ କରିବା ସହିତ ନାଗା ସଂଗଠନ ସହ ଆଲୋଚନାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ୍ୟସ୍ଥତା କରୁଥିଲେ।



କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବାରାଣସୀର କାଶୀବିଶ୍ୱନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ଫେରୁଛନ୍ତି।

## ସଡ଼କ ଦୁର୍ଘଟଣାରେ ୯ ଛାତ୍ର ମୃତ

**ପୁଣେ, ୨୦।୭(ପି.ଟି.) :** ପୁଣେ-ସୋଲାପୁର ରାଜପଥରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇ ୯ ଜଣ ଛାତ୍ର ପ୍ରାଣ ହରାଇଛନ୍ତି। ରାତି ୧.୩୦ରେ ପୁଣେ ଜିଲାର କଦମ୍‌ୱାକ୍ ୱସ୍ତିଠାରେ ଏଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ମୃତ ଛାତ୍ରମାନଙ୍କ ବୟସ ୧୯ରୁ ୨୩ ମଧ୍ୟରେ ହେବ। ସମସ୍ତଙ୍କ ମୃତକଙ୍କ ଘର ପୁଣେର ୟଭାତ୍‌ରେ ଓ ସେମାନେ ରାୟଗଡ଼୍‌ରୁ ନିଜ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସିନ୍ଥେଟିକ କ୍ଷୀର ର୍‌ୟାକେଟ୍‌ର ପର୍ଦ୍ଦାଫାଶ



**ମଧ୍ୟପ୍ରଦେଶରେ ୬୨ ଗିରଫ**

**ଭୋପାଳ, ୨୦।୭(ପି.ଟି.)**

ମଧ୍ୟପ୍ରଦେଶ ପୋଲିସ ସିନ୍ଥେଟିକ୍ କ୍ଷୀର ପ୍ରସ୍ତୁତକରି ଏହାକୁ ବିଭିନ୍ନ ରାଜ୍ୟର ବ୍ରାଣ୍ଡେଡ୍ ଆଉଟ୍‌ଲେଟ୍‌ରେ ବିକ୍ରି କରୁଥିବା ଏକ ର୍‌ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଶନିବାର ଏନେଇ ୬୨ଜଣଙ୍କୁ ପୋଲିସ ଗିରଫ କରି ଜେରା ଜାରିରଖିଛି। ଏସ୍‌ଟିଏଫ୍ (ସ୍ପେଶାଲ ଟାସ୍କ ଫୋର୍ସ) ପକ୍ଷରୁ ଶୁକ୍ରବାର ମୋରେନା ଜିଲାର ଅମ୍ବାହ ଓ ଭିଣ୍ଡ୍ ଜିଲାର ଲହରଠାରେ ଥିବା କାରଖାନା ଉପରେ ଚଢାଉ କରାଯାଇଥିଲା। ଏଠାରୁ ବହୁ ପରିମାଣର କେମିକାଲ, ୧୦ ହଜାର ଲିଟର ସିନ୍ଥେଟିକ୍ କ୍ଷୀର, ୫୦୦ କେଜି ଜାଲି ମାୱା(ଘନତଭୂତ କ୍ଷୀର), ୨୦୦ କେଜି ସିନ୍ଥେଟିକ୍ ପନିର ଆଦି ଜବତ କରାଯାଇଥିବା ଏସ୍‌ପି ରାଜେଶ ଭଦୋରିୟା ପ୍ରକାଶ କରିଛନ୍ତି। ଏହି ଅତ୍ୟଧିକ ବିଷାକ୍ତ ସିନ୍ଥେଟିକ୍ କ୍ଷୀର ଓ କ୍ଷୀରଜାତୀୟ ପଦାର୍ଥକୁ ବିକ୍ରି କରୁଥିବା ୬୨ ଲୋକଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଏମାନେ ଦିଲ୍ଲୀ, ମଧ୍ୟପ୍ରଦେଶ, ରାଜସ୍ଥାନ, ହରିୟାଣା ଆଦି ସ୍ଥାନରେ ଥିବା ବଡ଼ ବଡ଼ ଆଉଟ୍‌ଲେଟ୍‌ରେ ଏଗୁଡ଼ିକୁ ବିକ୍ରି କରୁଥିଲେ। ପାଖାପାଖି ୨୦ ଟ୍ୟାଙ୍କର ଓ ୧୧ ପିକ୍‌ଅପ୍ ଭ୍ୟାନ୍‌ରେ ନିଆଯାଉଥିବା ଏହି ବିଷାକ୍ତ ପଦାର୍ଥକୁ ଜବତ କରାଯାଇଛି। ଚଢାଉ ବେଳେ ବିପୁଳ ପରିମାଣର ଲିକୁଇଡ୍ ସାମ୍ପୁ, ଡିଟର୍‌ଜେଣ୍ଟ, ରିଫାଇନ୍ ଅଏଲ୍, ସୋଡିୟମ୍ ଥିଓସଲ୍‌ଫେଟ୍ ଓ ଅନ୍ୟ କେମିକାଲଗୁଡ଼ିକୁ ଜବତ କରାଯାଇଥିବା ଏସ୍‌ପି କହିଛନ୍ତି।

## ଗ୍ୟାସ୍ ପ୍ଲାଣ୍ଟରେ ବିସ୍ଫୋରଣ: ୧୫ ମୃତ

**ବେଜିଂ, ୨୦।୭(ପି.ଟି.) :** ଚାଇନାର ୟିମା ସହରରେ ଥିବା ଏକ ଗ୍ୟାସ୍ ପ୍ଲାଣ୍ଟରେ ବିସ୍ଫୋରଣ ହେବାରୁ ୧୫ ଜଣ ପ୍ରାଣ ହରାଇବା ସହ ୧୯ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଏହି ବିସ୍ଫୋରଣ ହୋଇଥିଲା। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହେନାନ୍ ଗ୍ୟାସ କମ୍ପାନୀର ୟିମା ଗ୍ୟାସ୍ କାରଖାନା ୧୯୯୭ରେ ସ୍ଥାପନ କରାଯାଇଥିବାବେଳେ ୮୭ ଏକର ଜାଗାରେ ପରିବେଷ୍ଟିତ। ଏଥିରେ ୧୨ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ କାମ କରନ୍ତି। ଏଠାରେ କିଭଳି ବିସ୍ଫୋରଣ ହେଲା ସେନେଇ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି।

**ଇତିହାସର ଆଇନାରେ**

**ଜୁଲାଇ ୨୧ର ପ୍ରମୁଖ ଘଟଣା**

୧୯୭୭ ଜୁଲାଇ ୨୧ରେ ଲିବ୍ୟା ଓ ଇଜିପ୍ଟ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଏହା ମାତ୍ର ୪ଦିନ ଲାଗି ରହିଥିଲା।

୨୦୦୮ ଜୁଲାଇ ୨୧ରେ ରାମ ବରନ୍ ଯାଦବଙ୍କୁ ନେପାଳର ପ୍ରଥମ ରାଷ୍ଟ୍ରପତି ଘୋଷଣା କରାଗଲା। ୧୯୪୮ ଫେବୃୟାରୀ ୪ରେ ଜନ୍ମିତ ରାମ ବରନ୍ ନେପାଳୀ ରାଜନେତା ତଥା ଜଣେ ଚିକିତ୍ସକ।

## ଭିଡ଼ହିଂସା: ମୟୂର ଚୋରି ସନ୍ଦେହରେ ପିଟି ମାରିଦେଲେ

**ଭୋପାଳ, ୨୦।୭(ପି.ଟି.)**

ମଧ୍ୟପ୍ରଦେଶର ନୀମୁଚ୍ ଜିଲାରେ ଶନିବାର ଜଣେ ବ୍ୟକ୍ତିଙ୍କୁ ମୟୂର ଚୋରି ଅଭିଯୋଗରେ ଲୋକମାନେ ପିଟିପିଟି ମାରିଦେଇଛନ୍ତି। ଏହି ଘଟଣାରେ ପୋଲିସ ୯ ଜଣଙ୍କୁ ଗିରଫ କରିଛି। ପୋଲିସ ଶୁକ୍ରବାର ରାତିରେ ଲସୁରିୟା ଆଟ୍ରି ଗ୍ରାମରୁ ୪ଟି ମୟୂରର ମୃତଦେହ ଉଦ୍ଧାର କରିଥିଲା। ସ୍ଥାନୀୟ ଲୋକେ ଏହି ଘଟଣାରେ ୩ ଜଣଙ୍କୁ ସନ୍ଦେହରେ ମାଡ଼ ମାରିଥିବାବେଳେ ଜଣଙ୍କର ମୃତ୍ୟୁ ଘଟିଥିଲା। ହୀରାଲାଲ୍‌ଙ୍କୁ ହସ୍ପିଟାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ମାଡ଼ ଖାଇଥିବା ୩ ଜଣଙ୍କଠାରୁ ମୃତ ମୟୂର ଜବତ କରାଯାଇଥିଲା। ପ୍ରକାଶଥାଉ କି, ଗତ କିଛିଦିନ ତଳେ ନୀମୁଚ୍‌ରେ ଛେଳି ଚୋରି କରିଥିବା ସନ୍ଦେହରେ ୩ ଜଣଙ୍କୁ ଲୋକେ ମାଡ଼ ମାରିବା ସହ ସେମାନଙ୍କ ମୋଟରସାଇକେଲ ପୋଡ଼ିଦେଇଥିଲେ। ଏହି ଘଟଣାରେ ପୋଲିସ ୮ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

## ସୋନଭଦ୍ରର ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟିଲେ ପ୍ରିୟଙ୍କା

**ନୂଆଦିଲ୍ଲୀ,୨୦।୭(ପି.ଟି.)**

ଉତ୍ତରପ୍ରଦେଶର ସୋନଭଦ୍ର ଗୁଳିକାଣ୍ଡ ଘଟଣାରେ ମୃତକମାନଙ୍କ ପରିବାର ସଦସ୍ୟଙ୍କୁ ଭେଟିବାକୁ ଯାଉଥିବା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଉତ୍ତରପ୍ରଦେଶ ପୋଲିସ ଶୁକ୍ରବାର ଅଟକ ରଖିଥିଲା। ଏହାକୁ ନେଇ କଂଗ୍ରେସ ନେତ୍ରୀ ଓ ୟୁପି ସରକାରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ମୁହାଁମୁହିଁ ପରିସ୍ଥିତିର ଅବସାନ ଘଟିଛି। ଶନିବାର ପ୍ରିୟଙ୍କା ନୂଆଦିଲ୍ଲୀ ଫେରିଛନ୍ତି। ଏହା ପୂର୍ବରୁ ସେ ଚୁନାର ଗେଷ୍ଟହାଉସ୍‌ରେ ସୋନଭଦ୍ରରୁ ଆସିଥିବା ମୃତକଙ୍କ ପରିବାର ସଦସ୍ୟ ଓ ଅନ୍ୟମାନଙ୍କୁ ଭେଟିଥିଲେ। ବ୍ୟକ୍ତିଗତ ବଣ୍ଡ୍ ଦାଖଲ କରି ଚାଲିଯିବା ଲାଗି ସ୍ଥାନୀୟ ପ୍ରଶାସନ କହିଥିଲେ ମଧ୍ୟ ପ୍ରିୟଙ୍କା ତାହା ଗ୍ରହଣ ନ କରି ଗେଷ୍ଟହାଉସ୍‌ରେ ରାତି କଟାଇଥିଲେ।

ସେ ତାଙ୍କ ଲକ୍ଷ୍ୟ ହାସଲ କରିଛନ୍ତି ଓ ମୃତକଙ୍କ ପରିବାର ସଦସ୍ୟମାନଙ୍କୁ ଭେଟିଛନ୍ତି। ପୁଣି ଥରେ ସୋନଭଦ୍ର ଆସିବେ ବୋଲି ପ୍ରିୟଙ୍କା କଂଗ୍ରେସ କର୍ମୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଜମି ବିବାଦକୁ ନେଇ ସୋନଭଦ୍ରର ଉଭା ଗ୍ରାମରେ ବୁଧବାର ଗୁଳିକାଣ୍ଡ ଘଟିଥିଲା। ଗାଁ ମୁଖିଆ ଓ ତାଙ୍କ ସମର୍ଥକମାନଙ୍କ ଗୁଳିରେ ଆଦିବାସୀ ସମ୍ପ୍ରଦାୟର ୧୦ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୨୮ ଜଣ ଆହତ ହୋଇଥିଲେ। ଶନିବାର ପ୍ରିୟଙ୍କା ମିର୍ଜାପୁରରୁ ବାରାଣସୀ ଯାଇ କାଶୀ ବିଶ୍ୱନାଥ ଓ କାଳ ଭୈରବ ମନ୍ଦିର ଦର୍ଶନ କରିଥିଲେ। ତାଙ୍କର ଅଟକକୁ କଂଗ୍ରେସ ନେତାମାନେ ବେଆଇନ ଗିରଫଦାରି କହିବା ସହ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ବଲିଉଡରେ ବର୍ଷେ ପୂରିଲା

**ମୁମ୍ବାଇ:** ବଲିଉଡରେ ଅଭିନୟ ଜୀବନର ୧ବର୍ଷ ପୂରଣ କରିଛନ୍ତି ଅଭିନେତ୍ରୀ ଜାହ୍ନବୀ କପୁର ଏବଂ ଅଭିନେତା ଇଶାନ ଖଟ୍ଟର। ଦୁହେଁ ଅଭିନୟ କରିଥିବା ଧଡକ ଫିଲ୍ମର ରିଲିଜକୁ ବର୍ଷେ ସମ୍ପୂର୍ଣ୍ଣ ହୋଇଛି। ସୋସିଆଲ୍ ମିଡିଆରେ ଏ ସମ୍ପର୍କରେ ସେମାନେ ଭାବାବେଗପୂର୍ଣ୍ଣ ଲେଖା ପୋଷ୍ଟ କରିଛନ୍ତି। ଶଶାଙ୍କ ଖଇତାନ୍‌ଙ୍କ ନିର୍ଦ୍ଦେଶିତ ଧଡକ ମରାଠୀ ଫିଲ୍ମ 'ସଇରାଟ୍'ର ରୂପାନ୍ତର। କରନ୍ ଜୋହରଙ୍କ ଦ୍ୱାରା ଏହା ପ୍ରସ୍ତୁତ। ଜାହ୍ନବୀ ଉକ୍ତ ଫିଲ୍ମରେ ଅଭିନୟ ପାଇଁ କରନଙ୍କ ମାର୍ଗଦର୍ଶନକୁ ଧନ୍ୟବାଦ ଜଣାଇଛନ୍ତି। ସେ ମଧ୍ୟ ଶଶାଙ୍କ ଓ ଇଶାନ୍‌ଙ୍କୁ ପ୍ରଶଂସା କରିଛନ୍ତି। ସେହିପରି ଧଡକରେ ଅଭିନୟ କରିବା ପୂର୍ବରୁ ଇଶାନ୍ ମଜିଦ୍ ମଜିଦିଙ୍କ ଇଣ୍ଟରନ୍ୟାଶନାଲ ପ୍ରୋଜେକ୍ଟ 'ବିୟଣ୍ଡ ଦି କ୍ଲାଉଡ୍ସ'ରେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ସେ ମଧ୍ୟ କରନ୍, ଶଶାଙ୍କ ଏବଂ ଜାହ୍ନବୀଙ୍କୁ ଧନ୍ୟବାଦ ଜଣାଇବା ସହ ଅତୀତର ସ୍ମୃତିଚାରଣ କରିଛନ୍ତି। ଫିଲ୍ମ ନିର୍ମାଣରେ ସମସ୍ତଙ୍କର ଗଠନମୂଳକ ସହଯୋଗକୁ ସେ ପ୍ରଶଂସା କରିବା ସହିତ ସେମାନଙ୍କ ବିନା ଫିଲ୍ମର ହୃଦ୍‌ଯନ୍ତ୍ର ସ୍ପନ୍ଦିତ ହୋଇପାରିବ ନାହିଁ ବୋଲି ଉଲ୍ଲେଖ କରିଛନ୍ତି।



ଇଶାନ୍, ଜାହ୍ନବୀ

## ଇରାନ କବ୍‌ଜାରେ ବ୍ରିଟିଶ ତୈଳବାହୀ ଜାହାଜ

# ୨୩ କର୍ମଚାରୀଙ୍କ ମଧ୍ୟରୁ ୧୮ ଭାରତୀୟ

- ଅନ୍ତର୍ଜାତୀୟ ସାମୁଦ୍ରିକ ନିୟମ ଉଲ୍ଲଂଘନ ଅଭିଯୋଗରେ ଜବତ କରିଛି ତେହେରାନ
- ଭାରତୀୟଙ୍କ ମୁକ୍ତି ଲାଗି ନୂଆଦିଲ୍ଲୀର ଉଦ୍ୟମ

**ନୂଆଦିଲ୍ଲୀ/ଲଣ୍ଡନ,୨୦।୭(ପି.ଟି.)**

ବ୍ରିଟେନ୍‌ର ଏକ ତୈଳବାହୀ ଜାହାଜକୁ ଇରାନ ଜବତ କରିଛି। ଏଥିରେ ୧୮ ଭାରତୀୟଙ୍କ ସମେତ ୨୩ ଜଣ କର୍ମଚାରୀ ଥିଲେ। ଭାରତୀୟମାନଙ୍କ ନିରାପଦ ମୁକ୍ତି ଓ ସ୍ୱଦେଶ ଫେରାଇଆଣିବା ଲାଗି ନୂଆଦିଲ୍ଲୀ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଭାରତର ବହିର୍ବ୍ୟାପାର ବିଭାଗ ତେହେରାନ କର୍ତ୍ତୃପକ୍ଷଙ୍କ ସହ ଏନେଇ ଯୋଗାଯୋଗ କରିଛି।

ଅନ୍ତର୍ଜାତୀୟ ସାମୁଦ୍ରିକ ନିୟମ ଉଲ୍ଲଂଘନ କରି ଇରାନର ଏକ ମାଛଧରା ବୋଟ୍‌କୁ ଧକ୍କା ଦେବା ଅଭିଯୋଗରେ ବ୍ରିଟିଶ୍ ତୈଳ ଟ୍ୟାଙ୍କର ଷ୍ଟେନା ଇମ୍ପେରୋକୁ ଜବତ କରାଯାଇଥିବା ସେଠାର ସରକାରୀ ଗଣମାଧ୍ୟମ ଆଇଆର୍‌ଏନ୍‌ଏ ପକ୍ଷରୁ କୁହାଯାଇଛି। ସେଥିରେ ଥିବା ୧୮ ଭାରତୀୟଙ୍କ ତ୍ୱରିତ୍ ମୁକ୍ତି ଲାଗି ଇରାନ ସରକାରଙ୍କ ସହ ଯୋଗାଯୋଗ କରାଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରବୀଶ୍ କୁମାର କହିଛନ୍ତି। ଜାହାଜର କ୍ୟାପ୍‌ଟେନ ଥିଲେ ଭାରତୀୟ। ଏହା ବ୍ୟତୀତ ରୁଷିଆ, ଫିଲିପାଇନ୍ସ, ଲାଟଭିଆ ଓ ଅନ୍ୟ ଦେଶର ୫ ଜଣ କର୍ମଚାରୀ ଥିଲେ। ଇରାନ ସୈନ୍ୟବାହିନୀ ଶୁକ୍ରବାର ଉକ୍ତ ଜାହାଜକୁ ହର୍ମୁଜ୍ ପ୍ରଣାଳୀରେ ଜବତ କରିଥିଲା। ସ୍ୱିଡେନ୍‌ର ଏକ କମ୍ପାନୀ ଷ୍ଟେନା ବଲ୍କ ମାଲିକାନାରେ ଥିବା ଏହି ଜାହାଜ ସହ କୌଣସି ଯୋଗାଯୋଗ ସମ୍ଭବ ହେଉ ନ ଥିବା ଏହାର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଏରିକ ହାନେଲ୍ କହିଛନ୍ତି। ଏହା ହର୍ମୁଜ ପ୍ରଣାଳୀର ଅନ୍ତର୍ଜାତୀୟ ଜଳରାଶିରେ ପ୍ରବେଶ କରିବା କ୍ଷଣି ଇରାନ ନୌସେନାର କ୍ଷୁଦ୍ର ବିମାନ ଓ ହେଲିକପ୍ଟର ଏହା ନିକଟ ଦେଇ ଚକ୍କର କାଟିଥିଲେ। ଫଳରେ ଜାହାଜଟି ବାଟ ଭୁଲିଯାଇ ଜୁବେଲ୍ ଯିବା ପରିବର୍ତ୍ତେ ଉତ୍ତର ଦିଗରେ ଇରାନ ଆଡକୁ ଅଗ୍ରସର ହୋଇଥିଲା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ନୌଚଳାଚଳ ଓ ସମସ୍ତ ଅନ୍ତର୍ଜାତୀୟ ନିୟମାବଳୀ ପାଳନ କରିଥିଲା। ସମସ୍ୟାର ସମାଧାନ ଲାଗି ବ୍ରିଟେନ ଓ ସ୍ୱିଡେନ ସରକାରଙ୍କ ସହ ଯୋଗାଯୋଗ କରାଯାଉଛି ବୋଲି ଏରିକ୍ କହିଛନ୍ତି।



## ସଂକ୍ଷେପରେ

■ ଶୀଲା ଦୀକ୍ଷିତଙ୍କ ବିୟୋଗ

### ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୋକ

**ଭୁବନେଶ୍ୱର,୨୦।୭(ବ୍ୟୁରୋ):** ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଗଭୀର ଶୋକପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶୀଲା ଦୀକ୍ଷିତ ଜଣେ ସୁପ୍ରଶାସିକା ଓ ବର୍ଷୀୟାନ ନେତ୍ରୀ। ଦଳମତ ନିର୍ବିଶେଷରେ ସେ ଥିଲେ ଲୋକପ୍ରିୟ। ଦିଲ୍ଲୀରେ ହୋଇଥିବା ବିକାଶ ପାଇଁ ସେ ଚିରକାଳ ଲାଗି ସ୍ମରଣୀୟ ହୋଇ ରହିବେ ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ତାଙ୍କ ପରିବାର ପ୍ରତି ସମବେଦନା ବ୍ୟକ୍ତ କରିଛନ୍ତି। ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ ଶୀଲାଙ୍କ ବିୟୋଗରେ ଦୁଃଖପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବରିଷ୍ଠ ନେତ୍ରୀ ଶୀଲା ଦୀକ୍ଷିତଙ୍କ ବିୟୋଗ କଂଗ୍ରେସ ପାଇଁ ଅପୂରଣୀୟ କ୍ଷତି। ଦିଲ୍ଲୀର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କ ଅବଦାନ ଅତୁଳନୀୟ। ଅନ୍ୟମାନଙ୍କ ମଧରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବିଧାୟକ ସୁରେଶ କୁମାର ରାଉତରାୟ ଓ ତାରାପ୍ରସାଦ ବାହିନୀପତି ପ୍ରମୁଖ ଶୀଲାଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି।

### କ୍ଷିତିଭୂଷଣ ଦାସ ହେଲେ ଇଗ୍ନୋର ପ୍ରୋ-ଭାଇସ ଚାନ୍ସେଲର



**ଭୁବନେଶ୍ୱର, ୨୦।୭(ବ୍ୟୁରୋ):** କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ପ୍ରଫେସର କ୍ଷିତୀଭୂଷଣ ଦାସଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ନୂଆଦିଲ୍ଲୀର ପ୍ରୋ-ଭାଇସ ଚାନ୍ସେଲର ଭାବେ ନିଯୁକ୍ତି ଦିଆଯାଇଛି। ପ୍ରଫେସର ଦାସ ବର୍ତ୍ତମାନ ଇଣ୍ଡିଆନ୍ କାଉନସିଲ ଅଫ୍ ସୋସିଆଲ ସାଇନ୍ସ (ଆଇସିଏସ୍ଏସ୍ଆର୍)ର ନ୍ୟାଶନାଲ ଫେଲୋ ଅଛନ୍ତି। ଏଥିସହିତ ନ୍ୟାଶନାଲ କାଉନସିଲ୍ ଫର୍ ଟିଚର ଏଜୁକେଶନ(ଏନ୍ସିଟିଇ)ର ଇଷ୍ଟର୍ନ ରିଜିଓନାଲ କମିଟିର ଅଧକ୍ଷ ମଧ ଅଛନ୍ତି। ସେ ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ପ୍ରାଧାପକ, ବିଭାଗୀୟ ମୁଖ୍ୟ ଥିଲେ। ସେହିପରି କୁଳସଚିବ, ନିର୍ଦ୍ଦେଶକ ଭାବେ ମଧ ବିଭିନ୍ନ ପ୍ରଶାସନିକ ଦାୟିତ୍ୱ ତୁଲାଇଛନ୍ତି। ପ୍ରଫେସର ଦାସ ୟୁନିଭର୍ସିଟି ଅଫ୍ ମରିସିୟସରେ ଅତିଥି ପ୍ରାଧାପକ ଭାବେ କାର୍ଯ୍ୟ କରିବା ସହିତ ଜାପାନ, ୟୁକେ, ଫ୍ରାନ୍ସରେ ନିମନ୍ତ୍ରିତ ବକ୍ତା ଭାବେ ଯୋଗଦେଇଛନ୍ତି। ଜଣେ ଗବେଷକ ଭାବେ ତାଙ୍କର ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରପତ୍ରିକାରେ ଅନେକ ପ୍ରବନ୍ଧ ପ୍ରକାଶିତ ହୋଇଛି।




# ୫ ଡେଙ୍ଗୁ ରୋଗୀ ଚିହ୍ନଟ

**କୋରାପୁଟ,୨୦।୭(ସ୍ୱ.ପ୍ର.)**

କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଶନିବାର ୫ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ନବରଙ୍ଗପୁର ଜିଲାର ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ୬ ଜଣ ଯୁବକ ରାଜୁ ହରିଜନ, କାହ୍ନୁ ହରିଜନ, ବିନୋଦ ହରିଜନ, ଲିଙ୍ଗରାଜ ହରିଜନ, ସୁରଜ ହରିଜନ, ସରୋଜ ହରିଜନ ଜ୍ୱରରେ ଗୁରୁତର ଥାଇ ଶୁକ୍ରବାର ରାତିରେ କୋରାପୁଟ ମେଡିକାଲ କଲେଜର ଭେଷଜ ଆନ୍ତଃୱାର୍ଡରେ ଭର୍ତ୍ତି ହୋଇଥିଲେ। ଏମାନଙ୍କୁ ଡେଙ୍ଗୁ ସନ୍ଦେହରେ କୋରାପୁଟ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ଶନିବାର ସମସ୍ତଙ୍କର ରକ୍ତ ପରୀକ୍ଷା କରାଯାଇଥିଲା । ସେଥିରୁ ୫ ଜଣଙ୍କ ଡେଙ୍ଗୁ ପଜିଟିଭ ବାହାରିଥିବାବେଳେ ଜଣେ ଗୁରୁତର ରହିଥିବା ମେଡିକାଲ କଲେଜର ଡାକ୍ତର ସ୍ୱପ୍ନ ସରିତ ସାହୁ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଉମରକୋଟର ୧୨ ନମ୍ବର ୱାର୍ଡର ବାସିନ୍ଦା ଥିବା ସୁଧୀର ହରିଜନ, କାହ୍ନୁ ହରିଜନ, ରାଜୁ ହରିଜନ, ବିନୋଦ ହରିଜନ, ଲିଙ୍ଗରାଜ ହରିଜନ, ସୁରଜ ହରିଜନ ଓ ସରୋଜ ହରିଜନ ଦାଦନ ଶ୍ରମିକ ଭାବେ ବିଶାଖାପାଟଣାର ଇଣ୍ଡିଆବୁଲସ ନାମକ କମ୍ପାନୀରେ ଇଟା କାମ କରିବା ପାଇଁ ଯାଇଥିଲେ। ସେମାନେ ସେଠାରେ ଗୋଟିଏ ରୁମରେ ଏକାଠି ରହୁଥିବାବେଳେ ଗତ ରବିବାର ପ୍ରଥମେ କାହ୍ନୁଙ୍କୁ ଜ୍ୱର ହୋଇଥିଲା। ପରେ ଅନ୍ୟମାନଙ୍କୁ ଜ୍ୱର ହେବାରୁ ସେମାନେ ନିଜ ଘର ଉମରକୋଟକୁ ଫେରିଆସିଥିଲେ। ସୁଧୀରଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଅନ୍ୟ ୬ ଜଣ ସେଠାରେ ଚିକିତ୍ସିତ ହେଉଥିବାବେଳେ ଅବସ୍ଥା ଗୁରୁତର ହେବାରୁ ଶୁକ୍ରବାର ରାତିରେ ସେମାନଙ୍କୁ କୋରାପୁଟ ମେଡିକାଲ ଅଣାଯାଇଥିଲା।

# ବିଦ୍ୟାଳୟରେ ବିସ୍ଫୋରଣ: ୨ ଛାତ୍ର ଗୁରୁତର

**ଆସିକା,୨୦।୦୭(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଆସିକା ଥାନା କୋଟିନଡା ଫାଣ୍ଡି ଅନ୍ତର୍ଗତ ମାଗୁରା ଗ୍ରାମରେ ଥିବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ପୂର୍ବାହ୍ନରେ ଏକ ବିସ୍ଫୋରଣ ଘଟିଛି। ଏଥିରେ ବିଦ୍ୟାଳୟର ୨ଜଣ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସପ୍ତମ ଶ୍ରେଣୀର ରାଜା ନାୟକ ଓ ଅଷ୍ଟମ ଶ୍ରେଣୀର ଚନ୍ଦନ ସ୍ୱାଇଁ। ବିସ୍ଫୋରଣରେ ରାଜାଙ୍କ ଆଙ୍ଗୁଠି କଟିଯାଇଥିବାବେଳେ ଚନ୍ଦନଙ୍କ ମୁହଁରେ ଗଭୀର କ୍ଷତ ହୋଇଛି। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡମେଡିକାଲକୁ ପଠାଇ ଦିଆଯାଇଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଭିଯୋଗକ୍ରମେ ଆସିକା ଥାନାରେ ନଂ.୨୩୪/୧୯ରେ ପୋଲିସ ଏକ ମାମଲା ରୁଜୁ କରିଛି। ନିକଟସ୍ଥ ମାଗୁରା ଗ୍ରାମ ଉପକଣ୍ଠ ପାହାଡ ନିକଟରୁ ଏହି ଡିଟୋନେଟର ପାଇଥିବା ଆହତ ଛାତ୍ର ପୋଲିସକୁ କହିଛନ୍ତି। ପୋଲିସ ତଦନ୍ତ କରି ସମ୍ପୃକ୍ତ ପାହାଡରେ ବେଆଇନ ଭାବେ ବିସ୍ଫୋରଣ କରି ପଥର ଫୁଟାଉଥିବା ନିକଟସ୍ଥ ଗ୍ରାମର ଟୁଟୁ ପଣ୍ଡାଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ଶନିବାର ସକାଳୁଆ ସ୍କୁଲ ଥିବାରୁ ୯ଟାରେ ମଧ୍ୟାହ୍ନଭୋଜନ ବିରତି ହୋଇଥିଲା। ସମସ୍ତ ଛାତ୍ରୀଛାତ୍ର ଖାଇବାଲାଗି ବିଦ୍ୟାଳୟ ବାରଣ୍ଡାରେ ଧାଡିରେ ବସିଥିଲେ। ରାଜା ଓ ଚନ୍ଦନ ମଧ ଧାଡିରେ ଥାଳି ରଖି ହାତ ଧୋଇବାକୁ ବିଦ୍ୟାଳୟ ପଛପଟକୁ ଯାଇଥିଲେ। ଏତିକିବେଳେ ହଠାତ୍ ବିସ୍ଫୋରଣ ଘଟିଥିଲା। ଘଟଣାସ୍ଥଳକୁ ସମସ୍ତେ ଯିବାବେଳକୁ ଛାତ୍ରଦ୍ୱୟ ରକ୍ତ ଜୁଡୁବୁଡୁ ହୋଇ ବିଦ୍ୟାଳୟ ଆଡକୁ ଆସୁଥିବା ଦେଖିଥିଲେ। ପରେ ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିବା ପ୍ରଧାନ ଶିକ୍ଷୟିତ୍ରୀ ବବିତା ଆଚାର୍ଯ୍ୟ କହିଛନ୍ତି। ଖବର ପାଇ ଆସିକା ଏସ୍ଡିପିଓ ସୂର୍ଯ୍ୟମଣି ପ୍ରଧାନ, ବିଡିଓ ଗାୟତ୍ରୀଦତ୍ତ ନାୟକ, ତହସିଲଦାର୍ ସୁବାସ ଚନ୍ଦ୍ର ସେଠିଆ, ଥାନା ଅଧିକାରୀ ପୀତବାସ ଧାରୁଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କେଉଁ ପରିସ୍ଥିତିରେ ଏହି ବିସ୍ଫୋରଣ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ଆହତ ଦୁଇ ଛାତ୍ର ଗୋଟିଏ ଡିଟୋନେଟର୍ ଓ ମୋବାଇଲ ବ୍ୟାଟେରି ସାଥିରେ ନେଇ ବିଦ୍ୟାଳୟକୁ ଆସିଥିଲେ। ମୋବାଇଲ୍ ବ୍ୟାଟେରିରେ ଡିଟୋନେଟର ସଂଯୋଗ କରିବାରୁ ଏଭଳି ବିସ୍ଫୋରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଛାତ୍ରମାନେ ଡିଟୋନେଟର୍ କେଉଁଠୁ ପାଇଲେ ତାହାର ତଦନ୍ତ କରାଯାଉଛି ବୋଲି ବୋଲି ଏସ୍ଡିପିଓ ପ୍ରଧାନ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ପୋଲିସ କିଛି ବିଦ୍ୟୁତ୍ ତାର ଜବତ କରିଥିବାବେଳେ ବିସ୍ଫୋରଣ ସ୍ଥଳରୁ ମାଟି ସଂଗ୍ରହ କରି ପରୀକ୍ଷା ପାଇଁ ନିଆଯାଇଛି। ଘଟଣା ପରେ ଉଭୟ ଛାତ୍ରଙ୍କ ଘରେ ବିସ୍ଫୋରକ ସାମଗ୍ରୀ ଥିବା ଆଶଙ୍କାରେ ପୋଲିସ ଚଢାଉ କରିଥିଲା। ମାତ୍ର ସେଠାରୁ କୌଣସି ବିସ୍ଫୋରକ ମିଳି ନ ଥିବା ଜଣାପଡିଛି। ଅପରପକ୍ଷେ ସମ୍ପୃକ୍ତ କ୍ଲଷ୍ଟର ସିଆର୍ସିସି ଅମୀୟସିନ୍ଧୁ ମୁନି ଆହତ ଛାତ୍ରଙ୍କୁ ନେଇ ବ୍ରହ୍ମପୁର ବଡମେଡିକାଲକୁ ଯାଇଥିବାବେଳେ ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା ଓ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କୃତ୍ତିବାସ ବାରିକ ବ୍ରହ୍ମପୁର ବଡ ଡାକ୍ତରଖାନାରେ ପହଞ୍ଚି ଚିକିତ୍ସା ବ୍ୟବସ୍ଥା ତଦାରଖ କରିଛନ୍ତି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ ଏହାର ତଦନ୍ତ ପାଇଁ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡିଇଓ ତଦନ୍ତ କରି ସପ୍ତାହେ ମଧରେ ରିପୋର୍ଟ ଦାଖଲ କରିବେ।


ବିସ୍ଫୋରଣ ପରେ ସ୍କୁଲ ପରିସରରେ ପୋଲିସର ତଦନ୍ତ।

■ ମୋବାଇଲ ବ୍ୟାଟେରିରେ ଡିଟୋନେଟର ସଂଯୋଗ ବେଳେ ଫୁଟିଲା

■ ନିକଟସ୍ଥ ପାହାଡରେ ପଥର ଫୁଟାଉଥିବା ଅଭିଯୋଗରେ ଜଣେ ଗିରଫ

■ ତଦନ୍ତ ନିର୍ଦ୍ଦେଶ ଦେଲେ ଗଣଶିକ୍ଷା ମନ୍ତ୍ରୀ

### ୨୩ ଯାଏ ହାଲୁକା ବର୍ଷା

**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

ରାଜ୍ୟରେ ଗତ କିଛି ଦିନ ହେବ ବର୍ଷା ହ୍ରାସ ପାଇଛି । ଜୁନ ପହିଲାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକ ଠାରୁ ୨୭ ପ୍ରତିଶତ କମ ବର୍ଷା ହୋଇଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ ପହିଲାରୁ ଜୁଲାଇ ୨୦ ତାରିଖ ଯାଏ ରାଜ୍ୟରେ ସ୍ୱାଭାବିକ ଭାବେ ୪୨୯.୪ ପ୍ରତିଶତ ବର୍ଷା ହେବାକୁ ଥିବା ବେଳେ ହୋଇଛି ମାତ୍ର ୩୧୪.୧ ପ୍ରତିଶତ । ଆସନ୍ତା ୨୩ ତାରିଖ ଯାଏ ରାଜ୍ୟରେ ହାଲକା ବର୍ଷାର ସମ୍ଭାବନା ରହିଛି। ତେବେ ୨୪ ତାରିଖରୁ ବର୍ଷା ପରିମାଣ ବଢ଼ିବ। କେତେକ ସ୍ଥାନରେ କାଁ ଭାଁ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟା ମଧରେ ପାରାଦୀପରେ ୧୧.୫ ପ୍ରତିଶତ ବର୍ଷା ହୋଇଥିବା ବେଳେ ଗୋପାଳପୁର ୧୨.୬, ବାରିପଦା ୬.୩, କେନ୍ଦୁଝର ୨.୨, ସୁନ୍ଦରଗଡ ୪, ଭବାନୀପାଟଣା ୮.୬ , କୋରାପୁଟରେ ୧୦ ଏବଂ ଦାରିଙ୍ଗିବାଡିରେ ୧୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ରାଜ୍ୟର ପ୍ରଥମ ବିଦେଶ ଡାକଘର ଉଦ୍ଘାଟିତ

**ଭୁବନେଶ୍ୱର, ୨୦।୭ (ବ୍ୟୁରୋ)**

ଓଡ଼ିଶାରୁ ବିଦେଶକୁ ପଠାଯାଉଥିବା ଚିଠି ଓ ପାର୍ସଲ କୋଲକାତାସ୍ଥିତ ଫରେନ ପୋଷ୍ଟ ଅଫିସ୍ର କଷ୍ଟମ ବିଭାଗରେ ଯାଞ୍ଚ ହୁଏ। ଏହାଦ୍ୱାରା ଚିଠି ପହଞ୍ଚିବାରେ ବହୁତ ବିଳମ୍ବ ହୁଏ। ହେଲେ ଏବେ ଆଉ ବିଳମ୍ବ ହେବ ନାହିଁ। ଏହି ସମସ୍ୟା ଦୂର କରିବାକୁ ଭାରତୀୟ ଡ଼ାକ ଓ କଷ୍ଟମ ବିଭାଗ ପକ୍ଷରୁ ଓଡ଼ିଶାରେ ପ୍ରଥମ ଫରେନ ପୋଷ୍ଟ ଅଫିସ (ବିଦେଶ ଡାକଘର)ର ଶୁଭାରମ୍ଭ ହୋଇଛି। ଶନିବାର ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ପୋଷ୍ଟାଲ ପ୍ରିଣ୍ଟିଂ ପ୍ରେସ୍ଠାରେ ଏହାକୁ ଭାରତୀୟ ଡାକ ବିଭାଗର ସଚିବ ଅନନ୍ତନାରାୟଣ ନନ୍ଦ ଉଦ୍ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ପରିମଣ୍ଡଳ ମୁଖ୍ୟ ଡ଼ାକପାଳ ଡ. ସନ୍ତୋଷ କୁମାର କମିଲା, ଡାକ ନିର୍ଦ୍ଦେଶାଳୟ ନୂଆଦିଲ୍ଲୀର ନିର୍ଦ୍ଦେଶକ ପଦ୍ମଗନ୍ଧା ମିଶ୍ର, ଡ଼ାକସେବା ମୁଖ୍ୟାଳୟ ଭୁବନେଶ୍ୱରର ଜି. ଗୁରୁନାଥନ, ସଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ପରିମଣ୍ଡଳ ମୁଖ୍ୟ ଡ଼ାକପାଳ ଡ. କମିଳା ସୂଚନା ଦେଇ କହିଛନ୍ତି ଯେ, ଏଠାରେ ବିଦେଶ ପଠାଯାଉଥିବା ଚିଠି ଓ ପାର୍ସଲଗୁଡିକର କଷ୍ଟମ ଯାଞ୍ଚ ହେବା ସହ ବୁକିଂ କାଉଣ୍ଟର କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଏକ୍ସପୋର୍ଟ ଫାସିଲିଟେଶନ ସେଣ୍ଟର ଭାବେ କାର୍ଯ୍ୟ କରିବ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଅଧିକ ବିଦେଶୀ ରାଷ୍ଟ୍ରକୁ ବିମାନ ସେବା ଉପଲବ୍ଧ ହେବା ପରେ ଅନ୍ୟାନ୍ୟ ବୈଦେଶିକ ଡ଼ାକସେବା ମଧ ଏଠାରେ ଉପଲବ୍ଧ ହେବ। ଏହା ମାଧମରେ ଓଡ଼ିଶାର କଳା ଓ ସଂସ୍କୃତିକୁ ସମଗ୍ର ବିଶ୍ୱରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାର ହସ୍ତତନ୍ତ, ଓଡ଼ିଶୀ ନୃତ୍ୟର ଆଭୂଷଣ, ପିତ୍ତଳ ମୂର୍ତ୍ତିର ଚାହିଦା ବିଦେଶରେ ଭଲ ଥିବାରୁ ଏଣିକି ସହଜରେ ପଠାଯାଇପାରିବ। ଏହାଦ୍ୱାରା ଓଡ଼ିଶାର ଅର୍ଥନୈତିକ ବିକାଶ ହେବା ସହ କାରିଗରମାନେ ମଧ ଆହୁରି ଉତ୍ସାହିତ ହେବେ। ବିଦେଶକୁ ଚିଠି ପ୍ରେରଣ ଅଧିକ ହେଲେ ଏହି ସେବାକୁ ଆହୁରି ବ୍ୟାପକ କରାଯିବ। ଯେଉଁମାନେ ଡ଼ାକ ମାଧମରେ ରପ୍ତାନୀ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ତ୍ୱରିତ ସେବା ମିଳିବ। ଅନ୍ୟମାଧମ ଅପେକ୍ଷା ଡ଼ାକ ଦ୍ୱାରା କମ୍ ମୂଲ୍ୟରେ ରପ୍ତାନୀ ସେବା ମିଳିପାରିବ। ଓଡ଼ିଶାର ୧୨୧୦ଟି ଡ଼ାକଘର ମାଧମରେ ବିଦେଶକୁ ବୁକିଂ କରାଯାଉଥିବା ସମସ୍ତ ଚିଠି ଏବଂ ପାର୍ସଲ ଏବେ ଏଠି ପ୍ରୋସେସିଂ କରାଯିବ। ବର୍ତ୍ତମାନ ଦୈନିକ ୩୦ରୁ ୪୦ ଚିଠି ଓ ପାର୍ସଲ ବିଦେଶ ଡ଼ାକଘରେ ପ୍ରୋସେସିଂ କରାଯିବାର ଲକ୍ଷ୍ୟ ରଖାଯାଇଛି। ପରବର୍ତ୍ତୀ ସମୟରେ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ଓଡ଼ିଶାରେ ଆନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ନିଶ୍ଚୟ ଉନ୍ନତି ଆସିବ ବୋଲି ଡ. କମିଳା କହିଛନ୍ତି।



ଉଦ୍ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ବିଭାଗୀୟ ଅଧିକାରୀ।

■ ଏଣିକି ବିଦେଶରେ ଶୀଘ୍ର ପହଞ୍ଚିବ ଚିଠି, ପାର୍ସଲ

■ ରପ୍ତାନିକାରୀଙ୍କୁ ସ୍ୱାଗତ, କମ୍ ମୂଲ୍ୟରେ ମିଳିବ ସେବା

■ ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ଆସିବ ଉନ୍ନତି

# ରାସ୍ତା କାମ କଲେ ବିଧାୟକ


ବିଧାୟକ ମନୋହର ରନ୍ଧାରୀ ଫାଉଡା ଧରି ରାସ୍ତା କାମ କରୁଛନ୍ତି ।

**ପାପଡାହାଣ୍ଡି,୨୦।୭(ଡି.ଏନ.ଏ)**

ରାସ୍ତାରେ ପଡି ରହିଥିଲା ମୋରମ ଗଦା। ଯାତାୟାତରେ ସମସ୍ୟା ହେଉଥିଲା। ଲୋକଙ୍କ ଅସନ୍ତୋଷ ପରେ ବି ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉନଥିଲା । ଶେଷରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ନିଜ ହାତରେ ଫାଉଡା ଧରି ମୋରମ ସମତୁଲ କରିଥିଲେ। ବିଧାୟକଙ୍କ ଏପରି ରାସ୍ତା କାମ କରିବାକୁ ନେଇ ସାଧାରଣରେ ପ୍ରଶଂସା କରାଯାଇଛି । ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ କଣ୍ଟାମାଳ ଠାରୁ ଜବାଗୁଡା ମାଟି ରାସ୍ତାରେ ଦୀର୍ଘ ଦିନ ହେଲା ମୋରମ ଗଦା ହୋଇ ପଡିଥିଲା। ଶନିବାର ବିଧାୟକ ଏହି ରାସ୍ତାରେ ଯାଉଥିବା ବେଳେ ଏହା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ । ଦୀର୍ଘ ଦିନ ହେଲା ଏପରି ମୋରମ ଗଦା ହୋଇଥିବା ଲୋକଙ୍କ ଠାରୁ ଜାଣିବାକୁ ପାଇଥିଲେ। ବିଧାୟକ ଭାବେ ଡାବୁଗାଁ ନିର୍ବାଚନ ମଣ୍ଡଳୀରୁ ନୂତନ ଭାବେ ନିର୍ବାଚିତ ହେବା ପରେ ସେ ଏହି ଅଞ୍ଚଳ ଗସ୍ତ କରିଥିଲେ। ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ନିଜେ ରାସ୍ତା ଉପରୁ କିଛି ମୋରମକୁ ଫାଉଡାରେ କାଢି ସମତୁଲ କରିଥିଲେ ।


୧୯୬୯ ଜୁଲାଇ ୨୦ରେ ଆପୋଲୋ ୧୧ ମିଶନ୍ର ମହାକାଶଚାରୀ ବଜ୍ ଆଲଡ୍ରିନ୍ ଆମେରିକୀୟ ପତାକା ନିକଟରେ ପୋଜ୍ ଦେଉଛନ୍ତି।

# ଚନ୍ଦ୍ରପୃଷ୍ଠରେ ପଦାର୍ପଣକୁ ୫୦ବର୍ଷ

**ୱାଶିଂଟନ୍,୨୦।୭(ଏଏଫ୍ପି)**

୫୦ବର୍ଷ ତଳେ ଆମେରିକୀୟ ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ ଏବଂ ବଜ୍ ଆଲଡ୍ରିନ୍ ଚନ୍ଦ୍ରପୃଷ୍ଠରେ ପ୍ରଥମକରି ପାଦ ଥାପିଥିଲେ। ଏହି ଦୃଶ୍ୟକୁ ବିଶ୍ୱର ପାଖାପାଖି ୫୦କୋଟି ଲୋକ ଟେଲିଭିଜନରେ ଦେଖିବାର ସୁଯୋଗ ପାଇଥିଲେ। ସେମାନଙ୍କର 'ଇଗଲ୍' ନାମକ ଚନ୍ଦ୍ରଯାନ ୧୯୬୯ ଜୁଲାଇ ୨୦ ଅପରାହ୍ନ ୪ଟା ୧୮ରେ ଚନ୍ଦ୍ରପୃଷ୍ଠକୁ ସ୍ପର୍ଶ କରିଥିଲା। ଯୋଗକୁ ସେଦିନ ଥିଲା ଶନିବାର। ୫୦ବର୍ଷ ପୂର୍ତ୍ତି ଦିବସରେ ଆଜି ବି ଶନିବାର। ଅବତରଣର ୬ଘଣ୍ଟା ପରେ ଆର୍ମଷ୍ଟ୍ରଙ୍ଗ୍ ତାଙ୍କର ବାମ ପାଦ ଚନ୍ଦ୍ରପୃଷ୍ଠରେ ଥାପି ଘୋଷଣା କରିଥିଲେ, 'ଏହା ଏକ ଛୋଟ ପଦକ୍ଷେପ ହୋଇପାରେ; କିନ୍ତୁ ମାନବ ଜଗତ ପାଇଁ ଏକ ବୃହତ୍ ଲମ୍ଫ।'ଏହି ୩ଜଣଙ୍କ ମଧରୁ ଦୁଇଜଣ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲେ ହେଁ ଅନ୍ୟତମ ମହାକାଶଚାରୀ ଆପୋଲୋ ୧୧ ସ୍ପେସ୍କ୍ରାଫ୍ଟର ପାଇଲଟ୍ ଭାବେ ଚନ୍ଦ୍ର ପରିକ୍ରମା କରୁଥିଲେ।

ଚନ୍ଦ୍ରପୃଷ୍ଠରେ ମଣିଷ ପ୍ରଥମ ପାଦ ଥାପିବାର ୫୦ତମ ବାର୍ଷିକୀ ପାଳନ ପାଇଁ ଆମେରିକାର ମହାକାଶ ଗବେଷଣା କେନ୍ଦ୍ର 'ନାସା' କିଛି ସପ୍ତାହ ହେବ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଛି। ବିଶେଷକରି ଫ୍ଲୋରିଡାର କେପ୍ କାନାଭେରାଲସ୍ଥିତ କେନେଡି ସ୍ପେସ୍ ସେଣ୍ଟର ଏବଂ ଟେକ୍ସାସ୍ର ହ୍ୟୁଷ୍ଟନ୍ସ୍ଥିତ ଜନସନ୍ ସ୍ପେସ୍ ସେଣ୍ଟରରେ ବିଭିନ୍ନ ବିଜ୍ଞାନ ପ୍ରଦର୍ଶନୀ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇଆସୁଛି। ଶନିବାର ଉପରାଷ୍ଟ୍ରପତି ମାଇକ୍ ପେନ୍ସ କେନେଡି ସ୍ପେସ୍ ସେଣ୍ଟରରୁ ବକ୍ତୃତା ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସ୍ପେସ୍ ସେଣ୍ଟରରୁ ଆର୍ମଷ୍ଟ୍ରଙ୍ଗ, ଆଲଡ୍ରିନ୍ ଏବଂ ମାଇକେଲ କଲିନ୍ସ ମହାକାଶକୁ ଯାତ୍ରା ଆରମ୍ଭ କରିଥିଲେ। ଏହି ୩ ମହାକାଶଚାରୀ ୧୯୩୦ରେ ଜନ୍ମଗ୍ରହଣ କରିଥିଲେ।






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଆରବ ମହାପାତ୍ର
ପରିବାରବର୍ଗ


ରିକୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୦ ବର୍ଷରେ ବିଜ୍ଞାନ ପ୍ରଦର୍ଶନୀ ପାଇଁ ୩୨ ଲକ୍ଷ ଖର୍ଚ୍ଚ

**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

ରାଜ୍ୟ ସରକାର ଗତ ୧୦ ବର୍ଷରେ ବିଜ୍ଞାନ କର୍ମଶାଳା ଓ ପ୍ରଦର୍ଶନୀ କରିବା ପାଇଁ ୩୧ ଲକ୍ଷ ୯୦ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ଜିଲାସ୍ତରରେ ସିମ୍ପୋସିୟମ କରିବାକୁ ୮୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ରାଜ୍ୟସ୍ତରରେ ୧ ଲକ୍ଷ ଏବଂ ଆନ୍ତର୍ଜାତୀୟ ସିମ୍ପୋସିୟମ ପାଇଁ ୧.୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ। ଯିଏ ଆବେଦନ କରନ୍ତି ସେମାନଙ୍କୁ ଅର୍ଥ ଦିଆଯାଇଥାଏ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ବିଧାନସଭାରେ ଏହା କହିଛନ୍ତି।

# ଏମ୍ଏସ୍ଏମ୍ଇ ବିଭାଗ ଦୟାରେ ହସ୍ତଶିଳ୍ପୀ



- ଜିଲାସ୍ତରରେ ପୃଥକ୍ ହୋଇପାରୁନି କାର୍ଯ୍ୟଧାରା
- ସରକାରୀ ଯୋଜନାର ସୁଫଳ ପାଉନାହାନ୍ତି କାରିଗର

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ଉତ୍କର୍ଷ କଳାର ରାଜ୍ୟ ଉତ୍କଳ ଧୀରେ ଧୀରେ ନିଜର ପୂର୍ବ ଗରିମାକୁ ହରାଉଛି। ଉତ୍କୃଷ୍ଟ କଳା ଓ ନିଖୁଣ କାରିଗରୀ ପାଇଁ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଥିବା ଓଡ଼ିଶାର କଳା ଓ କାରିଗର କ୍ରମଶଃ ବିପଦମୁହଁକୁ ଠେଲି ହୋଇଯାଉଛି। ରାଜ୍ୟରେ ହସ୍ତଶିଳ୍ପ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ୧୫ଲକ୍ଷରୁ ଊର୍ଦ୍ଧ୍ୱ କାରିଗର ସରକାରୀ ଅବହେଳାରୁ ଏବେ ବେଉଷା ଛାଡ଼ିବାକୁ ବସିଲେଣି। ସରକାର କାରିଗରଙ୍କ ପାଇଁ ମାଳମାଳ ଯୋଜନା କରୁଥିଲେ ମଧ୍ୟ ଜିଲା ତଥା କ୍ଷେତ୍ରୀୟସ୍ତରରେ ତାହାର ସୁଫଳ ହିତାଧିକାରୀମାନେ ପାଇପାରୁ ନାହାନ୍ତି। କାରଣ ଏହି କାରିଗରମାନେ ଏବେବି ଏମ୍ଏସ୍ଏମ୍ଇ(ଅତି କ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ) ବିଭାଗ ଦୟାରେ ରହିଛନ୍ତି। ବିଭାଗର ଅଧିକାରୀମାନେ ଜିଲାସ୍ତରରେ ହସ୍ତଶିଳ୍ପ ଯୋଜନାର କାର୍ଯ୍ୟକାରିତା ଉପରେ ସେତେଟା ଗୁରୁତ୍ୱ ଦେଉ ନ ଥିବାରୁ କାରିଗରଙ୍କ ସାମାଜିକ, ପାରିପାରିକ ତଥା ଆର୍ଥିକ ସ୍ଥିତି ଦୋହଲିଯାଉଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟରୁ ଏହା ଜଣାପଡ଼ିଛି।

ହସ୍ତଶିଳ୍ପୀ ଓ କାରିଗରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୨୦୧୨-୧୩ ଆର୍ଥିକ ବର୍ଷରେ ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ଏବଂ ଏହା ଅଧୀନରେ ଥିବା ସମସ୍ତ ସଂସ୍ଥାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନକୁ ଅଣାଯାଇଥିଲା। ମାତ୍ର କ୍ଷେତ୍ରୀୟସ୍ତରରେ ଥିବା କାର୍ଯ୍ୟଧାରାଗୁଡ଼ିକ ଏପର୍ଯ୍ୟନ୍ତ ଏମ୍ଏସ୍ଏମ୍ଇ ବିଭାଗଠାରୁ ପୃଥକ୍ ହୋଇନାହିଁ। ଉଭୟ ହସ୍ତଶିଳ୍ପ ଏବଂ ଏମ୍ଏସ୍ଏମ୍ଇ ଯୋଜନାଗୁଡ଼ିକ ଜିଲାସ୍ତରରେ ସମାନ କ୍ଷେତ୍ରୀୟ ଅଧିକାରୀ ତଥା ଡିଆଇସି, ଆର୍ଆଇସି ଓ ଜେନେରାଲ ମ୍ୟାନେଜରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଛି। ଏମାନେ ସମସ୍ତେ ଏମ୍ଏସ୍ଏମ୍ଇ ବିଭାଗ ଅଧୀନରେ କାମ କରିବା ସହ ବିଭାଗର ମୁଖ୍ୟ କାର୍ଯ୍ୟକୁ କେବଳ ଗୁରୁତ୍ୱ ଦେଉଛନ୍ତି। ଫଳରେ ହସ୍ତଶିଳ୍ପ କ୍ଷେତ୍ରରେ ହେଉଥିବା କାର୍ଯ୍ୟର ନା ସମୀକ୍ଷା ହେଉଛି ନା ସେମାନେ କ'ଣ କରୁଛନ୍ତି ତାହାର ସୂଚନା ସରକାରଙ୍କ ନିକଟକୁ ଯାଉଛି। ଏଭଳିସ୍ଥଳେ ହସ୍ତଶିଳ୍ପୀ କାରିଗରଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଦୀର୍ଘ ସମୟ ଧରି ପଡ଼ିରହୁଛି।

ଅନ୍ୟପକ୍ଷରେ ଜିଲାସ୍ତରରେ ଏବେ ବି ବହୁ ପଦପଦବୀ ଖାଲିପଡ଼ିଛି। ବିଶେଷକରି ଜିଲା କୁଟୀରଶିଳ୍ପ ଅଧିକାରୀ(ଡିସିଆଇଓ) ଏବଂ ଇଣ୍ଡଷ୍ଟ୍ରୀ ପ୍ରମୋଶନ ଅଫିସର(ଆଇପିଓ) ପଦବୀ ଫାଙ୍କା ପଡ଼ିଛି। କେବଳ ଏତିକି ନୁହେଁ, ସେରିକଲ୍‌ଚର ଏବଂ ଟେକ୍ସଟାଇଲ କ୍ୟାଡରରେ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡ଼ିଛି। ଜିଲାସ୍ତରରେ ହସ୍ତ ଓ କୁଟୀରଶିଳ୍ପ ପାଇଁ କୌଣସି କାର୍ଯ୍ୟାଳୟ ନ ଥିବାରୁ ସାଧାରଣ କାମ ପାଇଁ ଦୂର ଦୂରାନ୍ତରୁ ହସ୍ତଶିଳ୍ପୀଙ୍କୁ ଭୁବନେଶ୍ୱର ନିର୍ଦ୍ଦେଶାଳୟକୁ ଦୌଡ଼ିବା ସହ ଜିଲା ଶିଳ୍ପ କେନ୍ଦ୍ରର ସାହାଯ୍ୟ ନେବାକୁ ପଡୁଛି। ଏଭଳିସ୍ଥଳେ ରାଜ୍ୟ ସରକାର ତୁରନ୍ତ ଜିଲାସ୍ତରରେ ଏମ୍ଏସ୍ଏମ୍ଇ ବିଭାଗଠାରୁ ହସ୍ତଶିଳ୍ପକୁ ପୃଥକ୍ କରିବାକୁ ବିଧାନସଭା ଷ୍ଟାଣ୍ଡିଂ କମିଟି ପରାମର୍ଶ ଦେଇଛି। ଏହାସହ ହସ୍ତଶିଳ୍ପ ବିଭାଗରେ ଖାଲିପଡ଼ିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ଦିଗରେ ପ୍ରାଥମିକତା ଦେବାକୁ କୁହାଯାଇଛି।

**ହୋଇପାରୁନି ହସ୍ତଶିଳ୍ପୀଙ୍କ ସର୍ଭେ**

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା, ରାଜ୍ୟରେ ଏବେ କେତେ ହସ୍ତଶିଳ୍ପୀ ଅଛନ୍ତି ତାହାର ନିର୍ଦ୍ଦିଷ୍ଟ ସଂଖ୍ୟା ରାଜ୍ୟ ସରକାରଙ୍କ ପାଖରେ ନାହିଁ। ନା ସର୍ଭେ କରାଯାଉଛି ନା କାରିଗର ଚୟନ ପାଇଁ ସରକାରଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ନୀତି ବା ଗାଇଡ୍‌ଲାଇନ୍ ଅଛି। ପୁଣି ଯେତିକି ଚୟନ ହୋଇଛନ୍ତି ତାହା ମନଇଚ୍ଛା କରାଯାଇଥିବାରୁ ପ୍ରକୃତ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟରେ ଯେତେଜଣ ନିର୍ଦ୍ଦେଶକ ଅଛନ୍ତି ସେମାନେ ଏମ୍ଏସ୍ଏମ୍ଇ ବିଭାଗର। ହସ୍ତଶିଳ୍ପ ସମ୍ପର୍କରେ ସେମାନଙ୍କର କୌଣସି ଅଭିଜ୍ଞତା ନ ଥିବାରୁ ଏସବୁକାର୍ଯ୍ୟ ଅନ୍ଧାରରେ ବାଡ଼ି ବୁଲାଇଲା ଭଳି ବୋଲି ଓଡ଼ିଶା ଶିଳ୍ପୀ ମହାସଂଘର ସଭାପତି ଉଦୟ ମହାନ୍ତି କହିଛନ୍ତି। କେବଳ ଏତିକି ନୁହେଁ, ହସ୍ତଶିଳ୍ପୀଙ୍କୁ କଞ୍ଚାମାଲ୍ ଅଭାବ ସମସ୍ୟା ଏବେ ରାଜ୍ୟର ପ୍ରମୁଖ ସମସ୍ୟା ପାଲଟିଛି। ପଥରଶିଳ୍ପ ପାଇଁ ଆବଶ୍ୟକ ପଥର ମିଳୁନି। ରାସ୍ତାକାମରେ ସେମାନଙ୍କ ପଥର ଲାଗୁଥିଲେ ମଧ୍ୟ ଶିଳ୍ପୀମାନଙ୍କୁ ପଥର ନ ମିଳିବା ଦୁର୍ଭାଗ୍ୟଜନକ ବୋଲି ମହାନ୍ତି କହିଛନ୍ତି।

**ଲାଞ୍ଚ ନ ଦେଲେ ଗରିବ କାରିଗରଙ୍କ କଥା ଶୁଣନ୍ତିନି ଅଧିକାରୀ**

ଓଡ଼ିଶା ଶିଳ୍ପୀ ମହାସଂଘ ସମ୍ପାଦକ ପ୍ରିୟ ରଞ୍ଜନ କର କହିଛନ୍ତି, ବିଭାଗ ଭିନ୍ନ ହେଲେ ମଧ୍ୟ ଏମ୍ଏସ୍ଏମ୍ଇ ଅଧିକାରଙ୍କ ଦୟାରେ ହସ୍ତଶିଳ୍ପୀମାନଙ୍କୁ ବଞ୍ଚିବାକୁ ପଡୁଛି। ଡିଆଇସି ଓ ଆର୍ଆଇସି ଅଫିସରେ ଲାଞ୍ଚ ନ ଦେଲେ ଗରିବ କାରିଗରଙ୍କ କଥା ଶୁଣାଯାଉନି। କାର୍ଯ୍ୟାନୁଷ୍ଠାନର ଭୟ ନ ଥିବାରୁ ମନଇଚ୍ଛା କାମ କରାଯାଉଛି। ତେଣୁ ସରକାର ଯାହା ବି ଯୋଜନା କରନ୍ତି ତାହାର ସୁଫଳ କାରିଗରମାନେ ପାଇପାରୁନାହାନ୍ତି। ଏନେଇ ଆମେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ଲାଭ ମିଳିନି। ଏମ୍ଏସ୍ଏମ୍ଇ ବିଭାଗ ହିଁ ବୁଝିବେ କହି ଆମକୁ ଫେରାଇ ଦିଆଯାଇଛି ବୋଲି କର କହିଛନ୍ତି।

## ମିସେସ୍ ଇଣ୍ଡିଆ ଭୁବନେଶ୍ୱର ଅଡିଶନ ଆଜି

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ମିସେସ୍ ଇଣ୍ଡିଆ-୨୦୧୯ ପ୍ରତିଯୋଗିତା ପାଇଁ ଭୁବନେଶ୍ୱରରେ ଚୟନ ପ୍ରକ୍ରିୟା ରବିବାର ୨୧ ତାରିଖରେ ସ୍ଥାନୀୟ ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନ୍ୟାଶନାଲଠାରେ ଅନୁଷ୍ଠିତ ହେବ। ଅପରାହ୍ନ ୧୨ଟା ୩୦ରୁ ୪ଟା ମଧ୍ୟରେ ହେବାକୁ ଏହି ପ୍ରତିଯୋଗିତା ଏ ଆର୍ ଏଣ୍ଟରଟେନମେଣ୍ଟ ଗ୍ରୁପ୍ ଦ୍ୱାରା ପରିଚାଳିତ ହେବ। ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଯେ କୌଣସି ବିବାହିତା ମହିଳା http:/armrsindia.comରେ ରେଜିଷ୍ଟ୍ରେଶନ କରିପାରିବେ। ଏଥିରେ ଜାତୀୟ ପୁରସ୍କାରପ୍ରାପ୍ତ ବଲିଉଡ ଟେଲିଭିଜନ ଅଭିନେତ୍ରୀ ପ୍ରକୃତି ମିଶ୍ର, ଟେଲିଭିଜନ କଳାକାର ରେହାନ ରାୟ, ସିନ୍ ଦାସ, ସିୱାନି ଚକ୍ରବର୍ତ୍ତୀ ଏବଂ ଆଲୋକ ନରୁଲା ଚୟନ କର୍ତ୍ତା ଭାବେ ଯୋଗଦେବେ। ଏହି ଚୟନ ପ୍ରକ୍ରିୟାର ପ୍ରଥମ ରାଉଣ୍ଡରେ ପ୍ରତିଯୋଗୀମାନେ ରାମ୍ପ ସହ ନିଜ ପରିଚୟ ପ୍ରଦାନ କରିବେ। ଦ୍ୱିତୀୟ ରାଉଣ୍ଡରେ ପ୍ରତିଯୋଗୀମାନେ ନିଜର ସଙ୍ଗୀତ, ନୃତ୍ୟ ଓ ଅଭିନୟ ଆଦି କଳା ପ୍ରଦର୍ଶନ କରିବେ। ଶେଷ ତଥା ତୃତୀୟ ରାଉଣ୍ଡରେ ପ୍ରତିଯୋଗୀମାନେ ଚୟନ କର୍ତ୍ତାଙ୍କ ପ୍ରଶ୍ନର ଉତ୍ତର ଦେବେ। ଦକ୍ଷତା ସମ୍ପନ୍ନ ସୁନ୍ଦରୀ ଓ ଆଶାବାଦୀ ମହିଳାମାନଙ୍କ ଭବିଷ୍ୟତ ପାଇଁ ଏକ ପ୍ଲାଟଫର୍ମ ଯୋଗାଇଦେବ ବୋଲି ଆୟୋଜକ ଆଶିଷ ରାୟ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ପ୍ରତିଯୋଗିତାର ଅଡିଶନ ଲକ୍ଷ୍ନୌ, ପୁଣେ, ଦିଲ୍ଲୀ, କଲିକତା, ଗୌହାଟି, ଜୟପୁର, ଚଣ୍ଡିଗଡ଼, ଗୁରୁଗ୍ରାମ, ଡେରାଡୁନ, ଉଦୟପୁର, ମୁମ୍ବାଇ, ବାଙ୍ଗାଲୁରୁ, ହାଇଦ୍ରାବାଦ, ଅହମ୍ମଦାବାଦ, ପାଟନା ଓ ରାଞ୍ଚିରେ ଅନୁଷ୍ଠିତ ହୋଇସାରିଛି।

## ବାଇକ୍‌ରୁ ପଡ଼ି ୨ ମୃତ

**ବ୍ରହ୍ମପୁର ଅଫିସ,୨୦।୭**

ବାଇକ୍‌ରୁ ପୃଥକ୍ ଘଟଣାରେ ୨ ଜଣଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ସେମାନେ ହେଲେ ଦିଗପହଣ୍ଡି ଥାନା କୃଷ୍ଣକୃପାମୟପୁର ଗ୍ରାମର ବାଙ୍କି ଦଳାଇ (୫୫) ଓ ସଦର ଥାନା ଅନ୍ତର୍ଗତ ଚଣ୍ଡୀପଦର ଗାଁର ମଞ୍ଜୁ ଦାସ (୪୫) । ଶନିବାର ୨ଟି ମୃତଦେହ ଜବତ କରି ନଂ.୩୧୦/୧୯ ଓ ୩୧୨/୧୯ରେ ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି। ଶୁକ୍ରବାର ବାଙ୍କି ନିଜ ପୁଅଙ୍କ ସହିତ ଗାଡ଼ିରେ ଦିଗପହଣ୍ଡିରୁ ଗାଁକୁ ଯାଉଥିବା ବେଳେ ରାସ୍ତାରେ ଏକ ଅଜଣା ଗାଡି ତାଙ୍କ ଗାଡିକୁ ଧକ୍କା ଦେଇଥିଲା। ଫଳରେ ସେ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଶୁକ୍ରବାର ରାତିରେ ମୃତ୍ୟୁ ଘଟିଥିଲା। ସେହିପରି ଅନ୍ୟ ଏକ ଘଟଣାରେ ମଞ୍ଜୁ ଶନିବାର ସକାଳେ କୌଣସି ଏକ କାମରେ ନିଜର ସମ୍ପର୍କୀୟଙ୍କ ଘରକୁ ସ୍ୱାମୀଙ୍କ ସହ ବାଇକ୍‌ରେ ଯାଉଥିଲେ। ଭାଟକୁମରଡା ନିକଟରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ମଞ୍ଜୁ ଛିଟିକି ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ଜାଗାରେ ଗଭୀର ଆଘାତ ଲାଗିଥିଲା। ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଭଜନ, ସଂକୀର୍ତ୍ତନରେ ଝଙ୍କୃରିତ ହେବ ସିଂହଦ୍ୱାର ସମ୍ମୁଖ

**ପୁରୀ ଅଫିସ, ୨୦।୭**

- ପ୍ରତି ରବିବାର ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଆଧାତ୍ମିକ ପରିକ୍ରମା
- ରଙ୍ଗୋଲି, ଝୋଟି, ପେଣ୍ଟିଂ ବି ଦେଖିବାକୁ ମିଳିବ

ଶ୍ରୀମନ୍ଦିର କୋଟି କୋଟି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସର ପୀଠ। ବିଶ୍ୱନିୟନ୍ତାଙ୍କ ବିଜେସ୍ଥଳୀ। ସିନ୍ଦୂରା ଫାଟିଲେ ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଦ ପଡେ ବଡ଼ଦାଣ୍ଡରେ। ଏକମୁହାଁ ହୋଇ ସମସ୍ତେ ଛୁଟିଆନ୍ତି ସିଂହଦ୍ୱାର ଅଭିମୁଖେ। ସମସ୍ତଙ୍କ ମନରେ ଭକ୍ତି ଏବଂ ସମର୍ପଣର ଭାବ। ଦିନ ଆରମ୍ଭରୁ ମହାପ୍ରଭୁଙ୍କୁ ଦର୍ଶନ କରିବେ ଆଉ ଦୁର୍ଲଭ ମଙ୍ଗଳ ଆଳତି ବି ଦେଖିବେ। ଏମିତି ଭାବନା ନେଇ ପ୍ରତ୍ୟେକ ଦିନ ଦେଶର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁମାନେ ଛୁଟିଆସନ୍ତି ବଡ଼ଦେଉଳକୁ। ସକାଳୁ ରାତିପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଲାଗେ ଗହଳି ଚହଳି। ତେବେ ଶ୍ରଦ୍ଧାଳୁଙ୍କ ମନରେ ଥିବା ଭକ୍ତି ଓ ସମର୍ପଣ ଭାବକୁ ଆହୁରି ସୁଦୃଢ କରିବା ଲାଗି ଏଣିକି ନିଆରା ପଦକ୍ଷେପ ନେଇଛି ଜିଲା ପ୍ରଶାସନ। ପ୍ରତ୍ୟେକ ରବିବାର ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ହେବ ଆଧାତ୍ମିକ ପରିକ୍ରମା। ଭଜନ, ସଂକୀର୍ତ୍ତନରେ ଉଚ୍ଛୁଳି ପଡ଼ିବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ। ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଏହି କାର୍ଯ୍ୟକ୍ରମ ପ୍ରତି ରବିବାର ସକାଳ ୬ଟାରୁ ୮ଟା ଯାଏ ଚାଲିବ। ସିଂହଦ୍ୱାରଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ମଧ୍ୟରେ ଦେଖିବାକୁ ମିଳିବ ଓଡ଼ିଶୀ, ସାହିଯାତ ଓ ଗୋଟିପୁଅ ନୃତ୍ୟ ସାଙ୍ଗକୁ ରଙ୍ଗୋଲି, ଝୋଟି ଆଉ ବିଭିନ୍ନ ପ୍ରକାର ପେଣ୍ଟିଂ। ବଡ଼ଦାଣ୍ଡରେ ସୃଷ୍ଟି ହେବ ଆଧାତ୍ମିକ ବାତାବରଣ। ରବିବାର ସିଂହଦ୍ୱାର ସମ୍ମୁଖରେ ଦୀପଦାନପୂର୍ବକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ ବୋଲି ଜିଲାପାଳ ବଲୱନ୍ତ ସିଂ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଭକ୍ତ, ଯୁବ ଓ ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇପାରିବେ। ଏହିସମୟରେ ଶ୍ରଦ୍ଧାଳୁମାନଙ୍କ ଦର୍ଶନରେ ଯେପରି କୌଣସି ପ୍ରକାର ବାଧା ନ ଉପୁଜେ ଏଥିପ୍ରତି ଧ୍ୟାନ ଦିଆଯିବ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ ସହ ଭକ୍ତମାନଙ୍କ ଲାଗି ପାନୀୟଜଳ ଓ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯିବ।

ସୂଚନାଥାଉ କି, ସିଂହଦ୍ୱାର ସମ୍ମୁଖ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଞ୍ଚଳକୁ ବ୍ୟାରିକେଡିଂ କରାଯାଇଛି। କୌଣସି ଉଠାଦୋକାନୀ କିମ୍ବା ଭିକାରିଙ୍କୁ ବସାଯାଉ ନ ଥିବାବେଳେ ଗାଡି ପାର୍କ ଉପରେ ମଧ୍ୟ କଟକଣା ଲଗାଯାଇଛି। ଭକ୍ତମାନେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ପାଦରେ ଚାଲି ଚାଲି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି। ବ୍ୟାରିକେଡିଂ ହୋଇଥିବା ଏହି ଫାଙ୍କା ଜାଗାରେ ଏହିଭଳି ଆଧାତ୍ମିକ କାର୍ଯ୍ୟକ୍ରମ ଲାଗି ସ୍ଥିର କରାଯାଇଛି।

# ନୟାଗଡ଼ରୁ ମହିପୁରକୁ ଗଡ଼ିଲା ରେଳଇଞ୍ଜିନ

**ନୟାଗଡ଼ ଅଫିସ/ନୂଆଗାଁ(ଡି.ଏନ.ଏ.), ୨୦।୭**



ଇଞ୍ଜିନ ଚଳାଚଳ କରିବା ପାଇଁ ଅଧିକାରୀମାନେ ନଡ଼ିଆ ଭାଙ୍ଗୁଛନ୍ତି।

- ପରୀକ୍ଷାମୂଳକ ଭାବେ ୧୦୦ ସ୍ପିଡ୍‌ରେ ଫେରିଲା
- ୧୨ କି.ମି. ପାଇଁ ୨୫ ମାସ
- ୨୫ ତାରିଖରେ ଆସିବେ ସିଆରଏସ୍

ନୟାଗଡ଼ ଟାଉନ ଷ୍ଟେଶନରୁ ନୂଆଗାଁ ବ୍ଲକ ମହିପୁର ଷ୍ଟେଶନକୁ ପରୀକ୍ଷାମୂଳକ ଭାବେ ଶନିବାର ଗଡ଼ିଛି ରେଳଇଞ୍ଜିନ। ଟାଉନ ଷ୍ଟେଶନରୁ ମହିପୁର ୧୨ କି.ମି. ପାଇଁ ଲାଗିଛି ୨୫ ମାସ । ୨୦୧୭ ଜୁନ୍ ୧୯ରେ ନୟାଗଡ଼ ଟାଉନ ଷ୍ଟେଶନକୁ ରେଳ ଚଳାଚଳ ଆରମ୍ଭ ହୋଇଥିଲା। ଉଦ୍‌ଘାଟନ ଉତ୍ସବରେ ଏକ ବର୍ଷ ଭିତରେ ନୟାଗଡ଼ରୁ ମହିପୁରକୁ ରେଳ ଚଳାଚଳ କରାଯିବ ବୋଲି ପ୍ରକାଶ କରାଯାଇଥିଲା। ହେଲେ ୨ବର୍ଷ ପରେ ମଧ୍ୟ ତାହା ସମ୍ଭବ ହେଲା ନାହିଁ। ଶନିବାର ରେଳ ଇଞ୍ଜିନ ଗଡ଼ିବା ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଫଳରେ ମହିପୁରକୁ ରେଳ ଗଡ଼ିବ ବୋଲି ଅଞ୍ଚଳବାସୀ ଆଶାବ୍ୟକ୍ତ କରିଛନ୍ତି।

ରେଳ ବିଭାଗର ଅଧିକାରୀମାନେ ପରୀକ୍ଷାମୂଳକ ଭାବେ ଏହି ରେଳଇଞ୍ଜିନ ଗଡ଼ାଇଛନ୍ତି। ନୟାଗଡ଼ ଟାଉନ ଷ୍ଟେଶନରୁ ମଧ୍ୟାହ୍ନ ୧୨ଟା ୧୫ରେ ଏହି ଇଞ୍ଜିନ ୫୦ରୁ ୬୦ ସ୍ପିଡ୍‌ରେ ଗଡ଼ି ୧୨ଟା ୪୦ରେ ମହିପୁର ଷ୍ଟେଶନଠାରେ ପହଞ୍ଚିଥିଲା। ଏହା ପରେ ୧୦୦ରୁ ୧୧୦ ସ୍ପିଡ୍‌ରେ ମହିପୁରରୁ ନୟାଗଡ଼କୁ ଆସିଥିଲା। ମାତ୍ର ୧୫ ମିନିଟରେ ମହିପୁରରୁ ବାହାରି ନୟାଗଡ଼ ଟାଉନ ଷ୍ଟେଶନରେ ପହଞ୍ଚିଥିଲା। ସବୁ କିଛି ଠିକ୍‌ଠାକ୍ ଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି। ଆସନ୍ତା ୨୫ ତାରିଖରେ କମିଶନର ଅଫ୍ ରେଲୱେ ସେଫ୍‌ଟି (ସିଆରଏସ୍) ଆସିବେ। ସେ ସାର୍ଟିଫିକେଟ ପ୍ରଦାନ କଲେ ମହିପୁରକୁ ପ୍ରତିଦିନ ରେଳ ଚଳାଚଳ ହେବ। ଖୁବ୍‌ଶୀଘ୍ର ମହିପୁରକୁ ଟ୍ରେନ୍ ଚଳାଚଳ କରିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ଇଷ୍ଟକୋଷ୍ଟ ରେଲୱେର ଡେପୁଟି ଚିଫ୍ ଇଞ୍ଜିନିୟର ତତ୍ତ୍ୱଦର୍ଶୀ ସାହୁ, ସହକାରୀ ଯନ୍ତ୍ରୀ ପି.ଆର. ପାଣିଗ୍ରାହୀ, ଏସ୍. ମିଶ୍ର, ମଣ୍ଡଳ ପରିବହନ ନିରୀକ୍ଷକ ପି. ଦଣ୍ଡସେନା ପ୍ରମୁଖ ଆସି ତଦାରଖ କରିଥିଲେ। ନୟାଗଡ଼ ଟାଉନ ଷ୍ଟେଶନ ମ୍ୟାନେଜର ସଞ୍ଜୟ ପ୍ରଧାନ ଓ ଷ୍ଟେଶନ ମାଷ୍ଟର ଏସ୍. କେ. ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୧୧ ମେ ୨୦୧୭ରେ ନୟାଗଡ଼ ଟାଉନ ଷ୍ଟେଶନକୁ ପରୀକ୍ଷାମୂଳକ ଭାବେ ରେଳଇଞ୍ଜିନ ଗଡ଼ିଥିଲା। ପରେ ଜୁନ୍ ୬ ତାରିଖରେ ବୋଲଗଡ଼ ଷ୍ଟେଶନ୍‌ରୁ ନୟାଗଡ଼ ଟାଉନ ଷ୍ଟେଶନକୁ ୧୧୦ ସ୍ପିଡ୍‌ରେ ୧୨ ବଗି ବିଶିଷ୍ଟ ପାସେଞ୍ଜର ଟ୍ରେନର ଟ୍ରାଏଲ ରନ୍ ହୋଇଥିଲା। ଜୁନ୍ ୧୯ ତାରିଖରେ ରେଳ ମାନଚିତ୍ରରେ ନୟାଗଡ଼ ସାମିଲ ହୋଇଥିଲା।

## ଖାଇଗଲେ...

ପ୍ରଥମ ପୃଷ୍ଠାରୁ...

ନିଜ ପାଣ୍ଠି ବଢ଼ାଇବା ପାଇଁ ଏହି ଅର୍ଥକୁ ଆତ୍ମସାତ୍ କରାଯାଇଛି। ଯଦି ଏଭଳି ହୁଏ ତା'ହେଲେ ରାଜ୍ୟର ଭାଗ୍ୟ କ'ଣ ହେବ ବୋଲି ସେ କହିଛନ୍ତି। ଏ ସମସ୍ତ ଘଟଣା ବିଷୟରେ ବିଭାଗୀୟ ମନ୍ତ୍ରୀ ଗୃହରେ ବିବୃତି ଦିଅନ୍ତୁ। ଏହି ମହାଦୁର୍ନୀତିରେ ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ପ୍ରଦୀପ୍ତ ଦାବି କରିଛନ୍ତି।

ଭାଜପା ଦୁର୍ନୀତି ପ୍ରସଙ୍ଗ ନେଇ ସରକାରଙ୍କୁ ଘେରୁଥିବା ବେଳେ କଂଗ୍ରେସ ମଧ୍ୟ ଏହାକୁ ହାତଛଡ଼ା କରିବାକୁ ଚାହିଁ ନ ଥିଲା। ଶୂନ୍ୟ କାଳରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ରାଜ୍ୟରେ ଥିବା ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ହେଉଥିବା ଦୁର୍ନୀତି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ। ସେ କହିଥିଲେ ଯେ, ରାଜ୍ୟରେ ସରକାର ଅଚଳ ହୋଇଯାଇଛି। ବିଭିନ୍ନ ବିଶ୍ୱବିଦ୍ୟାଳୟରେ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଥିଲେ ମଧ୍ୟ ସେଗୁଡ଼ିକର ଅଡିଟ୍ କରାଯାଉ ନାହିଁ। ଗତ ୨୦ ବର୍ଷ ହେବ ବିଶ୍ୱବିଦ୍ୟାଳୟଗୁଡିକ ନେଉଥିବା ଅନୁଦାନର କୌଣସି ହିସାବ ନାହିଁ। ଓଡ଼ିଶା ୟୁନିଭର୍ସିଟି ଆକ୍ଟ- ୧୯୮୯ର ସେକ୍ସନ୍ ୨୩ ଅନୁଯାୟୀ ପ୍ରତିବର୍ଷ ବିଶ୍ୱବିଦ୍ୟାଳୟକୁ ଦିଆଯାଉଥିବା ଅନୁଦାନର ଅଡିଟ୍ ହେବା କଥା। ରାଜ୍ୟ ସରକାରଙ୍କ ଲୋକାଲ ଫଣ୍ଡ ଅଡିଟ୍ କରାଯିବା ବ୍ୟବସ୍ଥା ରହିଛି। ଏଥିସହିତ ଏହି ଅଡିଟ୍ ରିପୋର୍ଟକୁ ଗୃହରେ ଉପସ୍ଥାପନ କରାଯିବା କଥା। ପ୍ରତିବର୍ଷ ସିଏଜି ରିପୋର୍ଟ ବିଧାନସଭାରେ ଉପସ୍ଥାପନ ହେଉଛି। ମାତ୍ର ଲୋକାଲ ଫଣ୍ଡ ଅଡିଟ ରିପୋର୍ଟ ଗତ ୨୦ ବର୍ଷ ହେବ ଉପସ୍ଥାପିତ ହୋଇନାହିଁ। ବିଶ୍ୱବିଦ୍ୟାଳୟଗୁଡ଼ିକର ଅଡିଟ୍ କରାଇବା ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଦାୟିତ୍ୱ। ବିଭାଗୀୟ ସଚିବ ଏହାକୁ ଦେଖିବା କଥା। ଏଥିରେ ସମସ୍ତେ ସମ୍ପୃକ୍ତ ଅଛନ୍ତି। ଗୃହରେ ମନ୍ତ୍ରୀମାନେ ଏଥିପାଇଁ ଉତ୍ତରଦାୟୀ ରହିବା ଉଚିତ। ବିଧାନସଭା ଗବେଷଣା ୟୁନିଟ୍‌ରୁ ମିଳିଥିବା ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟଗୁଡ଼ିକର କୌଣସି ଅଡିଟ୍ ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହୋଇନାହିଁ। ଅନେକ ଘରୋଇ ବିଶ୍ୱବିଦ୍ୟାଳୟ ମାଗଣାରେ ଜମିନେଇ ଶିକ୍ଷା ବ୍ୟବସାୟ କରୁଛନ୍ତି। ଗୃହ ମୁଲତବୀ ରଖି ଏ ବିଷୟରେ ଆଲୋଚନା କରାଯାଉ। କେବଳ ଶିକ୍ଷା ବିଭାଗ ନୁହେଁ। ଆହୁରି ଅନେକ ବିଭାଗରେ ଏଭଳି ଦୁର୍ନୀତି ହେଉଛି। ବାଚସ୍ପତି ବିଭାଗୀୟ ମନ୍ତ୍ରୀ ଓ ଅନ୍ୟ ସମସ୍ତ ସଦସ୍ୟଙ୍କୁ ଡାକି ଏହା ଉପରେ ଆଲୋଚନା କରନ୍ତୁ। ସର୍ବସାଧାରଣଙ୍କ ଅର୍ଥକୁ ଏଭଳି ହରିଲୁଟ୍ କରା ନ ଯାଉ ବୋଲି ନରସିଂହ କହିଥିଲେ। ବାଚସ୍ପତି କହିଥିଲେ, ଏହି ଘଟଣାର ପରୀକ୍ଷାନିରୀକ୍ଷା କରାଯିବା ପରେ ପଦକ୍ଷେପ ନିଆଯିବ। ମାତ୍ର କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ପ୍ରବଳ ହୋହଲ୍ଲା କରିଥିଲେ। ୨୦ ବର୍ଷର ଦୁର୍ନୀତି ସରକାର ମାନିନିଅ ମାନିନିଅ... ଅଡିଟ୍ ରିପୋର୍ଟ ଦେବା ଆମର ଦାବି ଆମର ଦାବି... ସ୍ଲୋଗାନ ଦେଇ ହଟ୍ଟଗୋଳ କରିଥିଲେ। ପ୍ରବଳ ପାଟିତୁଣ୍ଡ ହେବାରୁ ବାଚସ୍ପତି ଗୃହକୁ ୧୧ଟା ୫୫ରୁ ୧୨ଟା ୫୦ ଏବଂ ୧୨ଟା ୫୨ରୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଏଥିସହିତ ଏ ସମ୍ପର୍କରେ ଆଲୋଚନା କରିବା ପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ, ବିରୋଧୀ ଦଳ ନେତା, ଅର୍ଥମନ୍ତ୍ରୀ, କଂଗ୍ରେସ ଦଳ ନେତା, ସରକାରୀ ଦଳ ମୁଖ୍ୟ ସଚେତକଙ୍କୁ ନିଜ ଚାମ୍ବରକୁ ଡାକିଥିଲେ।

### କିଛି ତଥ୍ୟ

ଉଡାନ୍ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୭୦୫ ରୁଟ୍‌କୁ ମଞ୍ଜୁରୀ ପ୍ରଦାନ କରାଯାଇଥିବା ବେଳେ ୮ଟି ରୁଟ୍ କାର୍ଯ୍ୟକ୍ଷମ ହୋଇଛି।

–ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଏକାଦଶସ୍ଥ ଚନ୍ଦ୍ର ଆପଣଙ୍କ ସମସ୍ତ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣ ସୃଷ୍ଟିକରିବ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ, କିନ୍ତୁ କିଛିଟା ପ୍ରତିରୋଧର ସାମ୍ନା କରିବାକୁ ପଡ଼ିପାରେ। ବ୍ୟବସାୟିକ ଦିଗଟି ବେଶ୍ ଭଲ ରହିବ, କିନ୍ତୁ ବକେୟା ଋଣ ପରିଶୋଧ କରି ପାରିବେନି। ଆର୍ଥିକ ସ୍ଥିତି ଓ ପାରିବାରିକ ପରିସ୍ଥିତି ପୂର୍ବପରି ବଳବତ୍ତର ରହିବ।

**ବୃଷ** ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଲେ ମଧ୍ୟ ସତର୍କ ରହିବା କାରଣରୁ ବିଶେଷ କିଛି ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି। ମୂଲ୍ୟବାନ୍ ଜିନିଷ କ୍ରୟକରିବା ସକାଶେ ହଠାତ୍ ମୋଟା ଅଙ୍କର ଆବଶ୍ୟକତା ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମିଥୁନ** ବିବାଦୀୟ ପରିସ୍ଥିତି ଲାଗି ରହିବା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଫାଇଦା ହାସଲ ପାଇଁ ନିକଟ ସମ୍ପର୍କୀୟମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ବନ୍ଧୁଙ୍କ ପ୍ରାୟୋଜିତ କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବାକୁ ପଡ଼ିପାରେ। ନିର୍ମାଣମୂଳକ କାର୍ଯ୍ୟ ସୁବିଧାରେ ହାସଲ କରିବା ପାଇଁ କଷ୍ଟକର ହୋଇପଡ଼ିବ।

**କର୍କଟ** ଆଜି ପାଇବେ ଯେତିକି ତାହାଠାରୁ ଅଧିକ କିଛି ହରାଇବାକୁ ପଡ଼ିପାରେ। କଠୋର ପରିଶ୍ରମଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇପାରେ। ଆଜିର ସକାଳୁଆ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପରିବାରର ଆର୍ଥିକ ଅବନତିର ସମୀକ୍ଷାକରି ଚିନ୍ତିତ ରହିପାରନ୍ତି।

**ସିଂହ** ପୂର୍ବ ପରିକଳ୍ପିତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ତତ୍ପରତା ପ୍ରକାଶ କରିପାରନ୍ତି। ଉଦ୍ଦେଶ୍ୟ ପ୍ରଣୋଦିତ ବନ୍ଧୁମାନଙ୍କର ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝି ପାରିବେନି। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇଲେ ମଧ୍ୟ ଆବଶ୍ୟକତା ଅପୂରଣ ରହିବ ନାହିଁ। କଚେରି ମାମଲା କିମ୍ବା ଜମିଜମା କ୍ଷେତ୍ରରେ ମାନସିକ ଅବସାଦ ଲାଗି ରହିବ।

**କନ୍ୟା** ଆଜିର ପ୍ରତ୍ୟୁଷ ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ। ବ୍ୟବସାୟ କ୍ଷେତ୍ରରେ ଲାଭ କିଛି କମ୍ ନ ହେଲେ ମଧ୍ୟ ବନ୍ଧୁଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପଡ଼ୋଶୀଙ୍କ ମୂଲ୍ୟହୀନ କଥାରେ ମୁଣ୍ଡ ପୂରାଇ ଶତ୍ରୁତାକୁ ନିମନ୍ତ୍ରଣ କରିପାରନ୍ତି। ପ୍ରଶାସନିକ ସ୍ତରରେ ସମସ୍ୟାର ଅନ୍ତ ଘଟିବା ସକାଶେ ଚେଷ୍ଟାକଲେ ଅବଶ୍ୟ ଉପକୃତ ହେବେ।

**ତୁଳା** ଆଜି ଆପଣଙ୍କ ସକାଶେ କୌଣସି କାମ ଅସାଧ ରହିବ ନାହିଁ। କିନ୍ତୁ ଭୁଲ୍ ବୁଝାମଣାଜନିତ ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ପରିବାରରେ ମନାନ୍ତର ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତା କାରଣରୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଈର୍ଷାପରାୟଣ ହୋଇ ନିକଟରେ ରହୁଥିବା ବ୍ୟକ୍ତିମାନେ ଶତ୍ରୁତା ଆଚରଣ କରିପାରନ୍ତି।

**ବିଛା** ଆକସ୍ମିକ ସମସ୍ୟା ଦେଖାଦେବା କାରଣରୁ ଚେଷ୍ଟା କରୁଥିବା କାର୍ଯ୍ୟରେ ଗତି ମନ୍ଥର ହୋଇପାରେ। ପରିବାରରେ ଅସାବଧାନତା ହେତୁ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସଭାସମିତି, ପ୍ରଶାସନ, ପ୍ରକାଶନ, ଆଇନ ଓ ଅଦାଲତ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ସାମୟିକ ମନକୁ ଭାରାକ୍ରାନ୍ତ କରିପାରେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ଆପଣ ଅଧୈର୍ଯ୍ୟ ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ଉପକୃତ ହେବେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର** ପାରସ୍ପରିକ ସୁସମ୍ପର୍କ ଅଭାବରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଗୃହସୀମା, ନିର୍ମାଣ, ଜମିଜମା କାରବାରରେ ସମସ୍ୟାମୁକ୍ତ ରହିବେ। ଆର୍ଥିକ ପରିସ୍ଥିତି ପୂର୍ବପରି ରହିବା ହେତୁ ମାନସିକ ସ୍ଥିତି ବିଗିଡ଼ିଯିବ।

**କୁମ୍ଭ** ପାରିବାରିକ କ୍ଷେତ୍ରରେ ଅସ୍ଥିରତା ଜନିତ ମାନସିକ ସ୍ଥିରତା ରକ୍ଷାକରିବା କଷ୍ଟକର ହୋଇପାରେ। ବିଭିନ୍ନ ପୁରାତନ ସମସ୍ୟାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। ଅଫିସ୍‌ରେ ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ତର୍କର ସମ୍ଭାବନା ରହିଛି।

**ମୀନ** ସାମାନ୍ୟ ପ୍ରତିବନ୍ଧକ ଦେଖାଦେଲେ ମଧ୍ୟ କର୍ମକ୍ଷେତ୍ରରେ ଚେଷ୍ଟା ନିଷ୍ଫଳ ହେବନାହିଁ। ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଅଂଶୀଦାର ବ୍ୟବସାୟୀଙ୍କ ସହ ତର୍କବିତର୍କ ହେତୁକ ମନ ସାମୟିକ ଭଲ ରହି ନ ପାରେ। ପରିବାରର ଆବଶ୍ୟକତା ଉପଲବ୍ଧି କରି ଅଳଙ୍କାର, ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ଶ୍ରାବଣ କୃଷ୍ଣ ଚତୁର୍ଥୀଯୁକ୍ତ ୫ମୀ ରବିବାର, ଜୁଲାଇ ୨୧ ତାରିଖ, ରାଶି ନକ୍ଷତ୍ର, ଦିବା ଘ୮।୦୮ମି. ପରେ ପୂର୍ବଭାଦ୍ରପଦ/କୁମ୍ଭ, ଧନୁ ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ୫ମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ୬।୫୦ମି. ମଧ୍ୟେ ଘ୪।୫୪ମି. ଗତେ ଘ୬।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୭ମି. ଗତେ ଘ୧୦।୦୪ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୪୬ମି. ଗତେ ଘ୬।୨୫ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ୨୨ରୁ ଜି ସାର୍ଥକ ରେ 'ସୌଭାଗ୍ୟବତୀ'

ଭୁବନେଶ୍ୱର, ୨୦।୭(ବ୍ୟୁରୋ): ମନୋରଞ୍ଜନ ଯୋଗାଉଥିବା ଜି ସାର୍ଥକ ଆଉ ଏକ ଏକ ନୂଆ ମେଗା ଧାରାବାହିକ ଆରମ୍ଭ କରିବାକୁ ଯାଉଛି। ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଧାରାବାହିକର ନାମ ହେଉଛି 'ସୌଭାଗ୍ୟବତୀ'। ସପ୍ତାହରେ ପ୍ରତି ସୋମବାରରୁ ଶନିବାର ରାତି ୯ଟାରେ ଏହାର ପ୍ରସାରଣ ହେବ। ଦୁର୍ଭାଗ୍ୟର ସିକୁଳିରେ ବନ୍ଧା ସମ୍ପର୍କର ସମାହାରକୁ ମୁକୁଳାଇବା ପାଇଁ ସୌଭାଗ୍ୟ ନେଇ ଆସିଥିବା ସ୍ତ୍ରୀର କାହାଣୀ ହେଉଛି 'ସୌଭାଗ୍ୟବତୀ'। ଏଥିରେ ନାୟିକା ଭୂମିକାରେ ଦେବସ୍ମିତା ଥିବାବେଳେ ନାୟକ ଭୂମିକାରେ ଆଶିଷ ରହିଛନ୍ତି। ଶିଶୁ




କଳାକାର ପ୍ରସିଦ୍ଧିଙ୍କୁ ଏଥିରେ ଏକ ବିଶେଷ ଭୂମିକାରେ ଦେଖିବାକୁ ମିଳିବ। ଅଶ୍ରୁମୋଚନ, ଜର୍ଜ ତିଆଡ଼ି, ଇଶା, ବିରାଜ ଦାସ, ପିଙ୍କି, ସ୍ମରଣିକା ମଧ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। 'ଓମ୍ ସାଇ ପ୍ରଡ଼କ୍ସନ' ବ୍ୟାନରରେ ବରିଷ୍ଠ ପ୍ରଯୋଜକ ପ୍ରଦ୍ୟୁମ୍ନ ଲେଙ୍କା ଏହି ଧାରାବାହିକରରେ ପ୍ରଯୋଜନା କରିଛନ୍ତି। ଏହି ଧାରାବାହିକଟି ମନୋରମ କାହାଣୀ ଏବଂ ଏହା ପ୍ରସାରଣ ହେବା ପରେ ଓଡ଼ିଆ ପରିବାରର ପ୍ରତିବିମ୍ବ ଏହାକୁ ଜନାଦୃତ କରିବ ବୋଲି ଜି ସାର୍ଥକ କର୍ତ୍ତୃପକ୍ଷ ଆଶା ପ୍ରକାଶ କରିଛନ୍ତି।

### ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଅନଲାଇନ୍ ଅଭିଯୋଗ ନମ୍ବର ଜାରି

ଭୁବନେଶ୍ୱର, ୨୦।୭(ବ୍ୟୁରୋ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସାଧାରଣ ଲୋକଙ୍କ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ଏକୀକୃତ ଅଭିଯୋଗ ନଂ.୧୯୬୭ (ଟୋଲ୍ ଫ୍ରି) କାର୍ଯ୍ୟକାରୀ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟିକୁ କାର୍ଯ୍ୟକାରୀ କରାଯିବା ପରିପ୍ରେକ୍ଷୀରେ ଏହି ନମ୍ବର ଜାରି ହୋଇଛି। ସାଧାରଣ ଲୋକେ ସହଜରେ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ବନ୍ଧୀୟ ଅଭିଯୋଗ କରିପାରିବେ। ଏହାଦ୍ୱାରା ରାଜ୍ୟ ସରକାର ଏବଂ ଜନତାଙ୍କ ମଧରେ ଯୋଗାଯୋଗ ଆହୁରି ସୁଗମ ହୋଇପାରିବ।



■ ବିରୋଧୀ ଦଳ ମୁଖ୍ୟ ସଚେତକଙ୍କୁ ଦୁର୍ବ୍ୟବହାର ଘଟଣା

# ଓଏସ୍‌ଟିଏଫ୍ ତାଲିକାରୁ ବାଦ୍ ପଡ଼ିଲା କଳିଙ୍ଗ ହସ୍ପିଟାଲ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ରାଜ୍ୟ ସରକାର ରାଜଧାନୀରେ ଥିବା ଘରୋଇ ହସ୍ପିଟାଲ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ରୋଗୀଙ୍କ ସମ୍ପର୍କୀୟଙ୍କୁ ହଇରାଣ ଓ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା କେନ୍ଦୁଝରର ସଦର ବିଧାୟକ ମୋହନ ଚରଣ ମାଝିଙ୍କୁ ଦୁର୍ବ୍ୟବହାର କରିବା କଳିଙ୍ଗ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପାଇଁ ମହଙ୍ଗା ପଡ଼ିଛି । ଏହି ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ହସ୍ପିଟାଲକୁ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି(ଓଏସ୍‌ଟିଏଫ୍) ତାଲିକାରୁ ବାଦ୍ ଦିଆଯାଇଛି। ଏଥିନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ବିଧାନସଭାରେ ସୂଚନା ଦେଇଛନ୍ତି। ସେହିଭଳି ଅନ୍ୟ

■ **ଅନ୍ୟ ହସ୍ପିଟାଲରେ ତଦନ୍ତ କରିବାକୁ ଡାକ୍ତରୀ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ**

ସମସ୍ତ ଘରୋଇ ହସ୍ପିଟାଲ, ଯେଉଁମାନେ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି ତାଲିକାଭୁକ୍ତ ହୋଇଛନ୍ତି, ସେମାନଙ୍କୁ ଓଏସ୍‌ଟିଏଫ୍ ଗାଇଡ୍‌ଲାଇନ୍ ପାଳନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ଘରୋଇ ହସ୍ପିଟାଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅନ୍ୟ ହସ୍ପିଟାଲରେ ତଦନ୍ତ ପାଇଁ ଡାକ୍ତରୀ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ନବ କହିଥିଲେ।

ସୂଚନାଯୋଗ୍ୟ, କଳିଙ୍ଗ ହସ୍ପିଟାଲରେ ସମସ୍ତ ଚିକିତ୍ସା ଖର୍ଚ୍ଚ ପଇଠ ନ କରିବାରୁ ଜନୈକ ବ୍ୟକ୍ତିଙ୍କର ମୃତଦେହକୁ ଛଡ଼ାଯାଇ ନ ଥିଲା। ଏ ନେଇ ମୋହନ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ତାଙ୍କୁ କର୍ତ୍ତୃପକ୍ଷ ଦୁର୍ବ୍ୟବହାର କରିବା ସହ ଧମକଚମକ ଦେଇଥିଲେ ବୋଲି ସେ ବିଧାନସଭାରେ ଅଭିଯୋଗ କରିଥିଲେ। ଏଥିସହ ସେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମଧ୍ଯ ଜଣାଇଥିଲେ। ଘଟଣାର ତଦନ୍ତ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ୪ଜଣିଆ କମିଟି ଗଠନ କରାଯାଇଥିଲା। ତଦନ୍ତ କମିଟି ରିପୋର୍ଟ ଦେବା ପରେ ଜୁଲାଇ ୧୯ ତାରିଖରୁ କଳିଙ୍ଗ ହସ୍ପିଟାଲକୁ ଓଏସ୍‌ଟିଏଫ୍ ତାଲିକାରୁ ବାଦ୍ ଦିଆଯାଇଛି।

# ସରକାରଙ୍କୁ ମରୁଡ଼ି ଚିନ୍ତା

ଭୁବନେଶ୍ୱର,୨୦।୭(ବ୍ୟୁରୋ)

■ ୨୦୬ ବ୍ଲକରେ ସ୍ଥିତି ସଙ୍ଗିନ
■ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି:ମନ୍ତ୍ରୀ
■ ମରୁଡ଼ି ମୁକାବିଲା ଲାଗି ବିଭାଗ ପ୍ରସ୍ତୁତ କଲା ବର୍ଷା ଆପତ୍‌କାଳୀନ ଯୋଜନା
■ ବିଧାନସଭାରେ ବିବୃତି ଦେଲେ ରାଜସ୍ୱ ମନ୍ତ୍ରୀ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗାଏବ ହୋଇଯାଇଛି। ଫଳରେ ଅନେକ ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ବଲାଙ୍ଗୀର ସମେତ ପାଞ୍ଚଟି ଜିଲାରେ ଭୟଙ୍କର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ଶୁକ୍ରବାର ବିଧାନସଭାରେ କଂଗ୍ରେସ ସଦସ୍ୟମାନେ ପ୍ରସଙ୍ଗ ପ୍ରଶ୍ନ ଉଠାଇଥିଲେ। ଏ ନେଇ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସେମାନେ ଦାବି କରିଥିଲେ। ରାଜ୍ୟରେ ମରୁଡ଼ି ସମ୍ପର୍କରେ ଗୃହରେ ବିବୃତି ଦେବା ପାଇଁ ରାଜସ୍ୱ, ବିପର୍ଯ୍ୟୟ, ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଥିଲେ। ଶନିବାର ବିଧାନସଭାରେ ମନ୍ତ୍ରୀ ଗୃହରେ ମରୁଡ଼ି ସମ୍ପର୍କରେ ବିବୃତି ଦେଇ କହିଛନ୍ତି ଯେ, ଚଳିତ ବର୍ଷ ମୌସୁମୀ ବିଳମ୍ବିତ ହୋଇଛି। ଜୁନ ୨୧ ତାରିଖରେ ମୌସୁମୀ ପ୍ରବେଶ କରିବା ସହ ୨୨ ତାରିଖରେ ରାଜ୍ୟର ସମସ୍ତ ଅଞ୍ଚଳକୁ ଛୁଇଁଥିଲା। ଏହାର ପ୍ରଭାବରେ କିଛି ଅଞ୍ଚଳରେ ବୃଷ୍ଟିପାତ ହୋଇଥିଲେ ହେଁ ଅନ୍ୟ ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ହୋଇଛି। ଜୁନ ମାସରେ ୩୧.୫% କମ୍ ବୃଷ୍ଟିପାତ ହୋଇଥିବାବେଳେ ଜୁଲାଇ ୧୯ ପର୍ଯ୍ୟନ୍ତ ୨୦% କମ୍ ବୃଷ୍ଟିପାତ ହୋଇଛି। ଜୁନ ୧ରୁ ଜୁଲାଇ ୧୯ ମଧରେ ସ୍ୱାଭାବିକ ବୃଷ୍ଟିପାତଠାରୁ ଶତକଡ଼ା ୨୬.୩% କମ୍ ବର୍ଷା ହୋଇଛି। ରାଜ୍ୟର ୩୦ ଜିଲା ମଧ୍ୟରୁ କୋରାପୁଟ, ଖୋର୍ଦ୍ଧା, ନବରଙ୍ଗପୁର, କଟକ, କଳାହାଣ୍ଡି, ଝାରସୁଗୁଡ଼ା, ପୁରୀ, ମାଲକାନଗିରି ଏବଂ ବରଗଡ ଜିଲାରେ ସ୍ୱାଭାବିକ ବୃଷ୍ଟିପାତଠାରୁ କମ୍ ଥିବାବେଳେ ଅନ୍ୟ ୨୧ ଜିଲାରେ ବୃଷ୍ଟିପାତ ପରିମାଣ କମ୍ ଅଛି। ବ୍ଲକ ସ୍ଥିତି ଆହୁରି ସଙ୍ଗିନ। ରାଜ୍ୟର ୩୧୪ ବ୍ଲକ ମଧ୍ୟରୁ ୧୦୮ଟି ବ୍ଲକରେ ବୃଷ୍ଟିପାତ ସ୍ୱାଭାବିକ ଥିବାବେଳେ ୨୦୬ ବ୍ଲକରେ ବର୍ଷା ପରିମାଣ କମ୍ ରହିଛି। ୨୪ଟି ବ୍ଲକରେ ସ୍ୱାଭାବିକଠାରୁ ୫୯ ପ୍ରତିଶତରୁ ଊର୍ଦ୍ଧ୍ୱ ନିଅଣ୍ଟିଆ ବର୍ଷା ହୋଇଛି। ଗତବର୍ଷ ଜୁନ ୧ରୁ ଜୁଲାଇ ୧୯ ମଧରେ ବର୍ଷା ପରିମାଣ ସ୍ୱାଭାବିକଠାରୁ ଶତକଡ଼ା ୮.୩ ଭାଗ କମ୍ ଥିବାବେଳେ ଚଳିତ ବର୍ଷ ଏହି ସମୟରେ ୨୬.୩ ଭାଗ କମ୍ ହୋଇଛି। ବଲାଙ୍ଗୀର ଜିଲାର ୪ଟି ବ୍ଲକ ଗୁଡ୍‌ଭେଲା, ପାଟଣାଗଡ଼,ତୁରେଇକେଲା ଏବଂ ସଇଁତଳାରେ ସ୍ୱାଭାବିକ ବୃଷ୍ଟିପାତ ହୋଇଥିବା ବେଳେ ଅନ୍ୟ ୧୦ଟି ବ୍ଲକରେ ବର୍ଷା ପରିମାଣ କମ୍ ରହିଛି। କୃଷି ବିଭାଗରୁ ମିଳିଥିବା ସୂଚନାନୁଯାୟୀ, ଚଳିତ ଖରିଫ ଋତୁରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ କେତେକ ଅଞ୍ଚଳରେ ଧାନ ବୁଣା ହୋଇନାହିଁ। ଏପର୍ଯ୍ୟନ୍ତ ୧୨.୩୧ ଲକ୍ଷ ହେକ୍ଟର ଜମିରେ ଧାନବୁଣା ହୋଇଥିବାବେଳେ ୨୦.୯୯ଲକ୍ଷ ହେକ୍ଟରରେ ଅନ୍ୟାନ୍ୟ ଫସଲ ହୋଇଛି। ଗତ ବର୍ଷ ଏହି ସମୟ ମଧରେ ୨୦.୧୪ ଲକ୍ଷ ହେକ୍ଟର ଜମିରେ ବିହନ ବୁଣା କାମ ଶେଷ ହୋଇଥିଲା। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ କାର୍ଯ୍ୟରେ ବାଧା ଉପୁଜିଛି। ନିଅଣ୍ଟିଆ ବର୍ଷାକୁ ଦୃଷ୍ଟିରେ ରଖି ବିଭିନ୍ନ କେନାଲରେ ପାଣି ଛଡ଼ାଯାଉଛି। କୃଷି ବିଭାଗ ଦ୍ୱାରା ବର୍ଷା ଜରୁରୀକାଳିନ ଯୋଜନା ତିଆରି କରାଯାଉଛି। ପରିସ୍ଥିତି ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆଯାଉଛି। ଆଗକୁ ଯଦି ବର୍ଷା ନ ହୁଏ, ବର୍ଷା ଆପତ୍‌କାଳୀନ ଯୋଜନାନୁଯାୟୀ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ୩ ବିଭାଗ ପାଇଁ ଖର୍ଚ୍ଚଦାବି ଗୃହୀତ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

୨୦୧୯-୨୦ ଆର୍ଥିକବର୍ଷ ପାଇଁ ବିଧାନସଭାରେ ୩ ପ୍ରମୁଖ ବିଭାଗୀୟ ଖର୍ଚ୍ଚଦାବି ଶନିବାର ଗୃହୀତ ହୋଇଯାଇଛି। ଏହି ବିଭାଗଗୁଡିକ ହେଉଛି-ଖଣି ଓ ଇସ୍ପାତ, ଶିଳ୍ପ ଏବଂ ଏମ୍ଏସ୍ଏମ୍ଇ। ଖଣି ଓ ଇସ୍ପାତ ବିଭାଗ ପାଇଁ ଚଳିତ ଆର୍ଥିକବର୍ଷରେ ବ୍ୟୟବରାଦର ପରିମାଣ ୧୨୨.୮୮ କୋଟି ଟଙ୍କା ରହିଛି। ସେହିପରି ଶିଳ୍ପ ବିଭାଗୀୟ ବ୍ୟୟବରାଦର ପରିମାଣ ୨୬୨,୨୫,୧୩,୦୦୦ ଟଙ୍କା ରଖାଯାଇଛି। ଏମ୍ଏସ୍ଏମ୍ଇ ପାଇଁ ସରକାରଙ୍କ ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷରେ ୧୯୩,୪୭,୦୭,୦୦୦ ଟଙ୍କା ରହିଛି। ଖର୍ଚ୍ଚଦାବି ଆଲୋଚନାର ଉତ୍ତର ଦେଇ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ଯେ, ବିଭାଗ ପକ୍ଷରୁ ଇ-ପ୍ରଶାସନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ସମନ୍ୱିତ ଖଣି ଓ ଖଣିଜ ଦ୍ରବ୍ୟ ପରିଚାଳନା ନୀତି ଗ୍ରହଣ କରାଯାଇଛି। ଇ-ପାସ୍ ନକଲକୁ ରୋକିବା ପାଇଁ ବାରକୋଡ୍‌ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୩୫.୫୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଖଣି ଉତ୍ତୋଳନ ୨୦୧୨-୧୩ରେ ୧୮୬.୬୮ ନିୟୁତ ଟନ୍ ରହିଥିଲା। ତାହା ୨୦୧୮-୧୯ରେ ୨୯୫.୪୫ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ଖଣିଜ ପଦାର୍ଥ ବିକ୍ରି ୧୭୩.୫୫ ନିୟୁତ ଟନରୁ ବୃଦ୍ଧି ପାଇଁ ୩୧୦.୦୮ ନିୟୁତ ଟନ୍‌ରେ ପହଞ୍ଚିସାରିଛି। ବିଗତ ୫ ବର୍ଷରେ ୩୨୦୦୫.୮୯ କୋଟି ଟଙ୍କାର ରାଜସ୍ୱ ଆଦାୟ କରାଯାଇଛି। ଗତବର୍ଷ ଆଦାୟ କରାଯାଇଥିବା ୧୦,୪୭୯ କୋଟି ଟଙ୍କା ସର୍ବକାଳୀନ ଅଧିକ ରାଜସ୍ୱ ଅଟେ। କେନ୍ଦ୍ର ସରକାର କୋଇଲା ରୟାଲ୍‌ଟି ବୃଦ୍ଧି କଲେ ରାଜ୍ୟ ଅଧିକ ରାଜସ୍ୱ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଏମ୍ଏସ୍ଏମ୍ଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ, ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ସମୁଦାୟ ୩,୯୧,୬୯୭ ଗୋଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ୧୯,୦୬୮ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହା ଦ୍ୱାରା ୧୫.୨୭ ଲକ୍ଷ ଲୋକଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି ହୋଇପାରିଛି। ରାଜ୍ୟର ରପ୍ତାନିର ପରିମାଣ ୨୦୧୬-୧୭ ବର୍ଷରେ ୧୧୪ ପ୍ରତିଶତ ରହିଥିବା ମନ୍ତ୍ରୀ ମିଶ୍ର କହିଛନ୍ତି। ଅନୁରୂପ ଭାବେ ଶିଳ୍ପ ବିଭାଗର ଉତ୍ତର ରଖି ଦିବ୍ୟଶଙ୍କର କହିଛନ୍ତି ଯେ, ବିଭାଗ ଦ୍ୱାରା ଓଡ଼ିଶା ଅନ୍ତରୀଣ ଏବଂ ପ୍ରତିରକ୍ଷା ଉତ୍ପାଦନ ନୀତି-୨୦୧୮, ଓଡ଼ିଶା ରାଜ୍ୟ ଚର୍ମଶିଳ୍ପ ନୀତି-୨୦୧୯ ପ୍ରବର୍ତ୍ତନ କରାଯାଇଛି। ଗୋ-ସ୍ୱିଫ୍ଟ ଆପ୍ ଦ୍ୱାରା ୧୫ଟି ବିଭାଗକୁ ଏକାଠି ନେଇ ୩୪ ସେବା ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ଅନୁମୋଦନ ହୋଇପାରୁଥିବା ମନ୍ତ୍ରୀ କହିଛନ୍ତି।




## ବନ୍ୟା ମୁକାବିଲା

ମୌସୁମୀ ଆଉ ଆଗଭଳି ଠିକଣା ଗତିରେ ଆସୁନାହିଁ। ସାଧାରଣତଃ ଲଘୁଚାପଜନିତ ବର୍ଷା ହିଁ ହେଉଛି। ଲଘୁଚାପଜନିତ ଲଗାଣ ବର୍ଷା ବି ଆମ କର୍ତ୍ତୃତ୍ୱ ବାହାରେ। ଅନିୟମିତ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଯାହାକୁ ଫ୍ଲାଶ୍ ଫ୍ଲଡ ବୋଲି କୁହାଯାଏ। କଳାହାଣ୍ଡି ଜିଲା ସେଥିରୁ ବାଦ୍ ପଡିନାହିଁ। ବର୍ଷାଋତୁ ଆସିବା ପୂର୍ବରୁ ପ୍ରତି ଜିଲାରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ କରାଯାଇଥାଏ। ବନ୍ୟାପ୍ରବଣ ଅଞ୍ଚଳରେ ବର୍ଷା ପୂର୍ବରୁ ଖାଦ୍ୟଶସ୍ୟ, କିରୋସିନ, ଔଷଧ ପତ୍ର ଆଦି ମହଜୁଦ କରି ରଖାଯାଏ। ଭାଙ୍ଗି ଯାଇଥିବା ନଦୀବନ୍ଧ, ରାସ୍ତାଘାଟ ଆଦି ମରାମତି କରାଯାଏ। ବନ୍ୟାପ୍ରବଣ ଅଞ୍ଚଳରେ ପାୱାର ବୋଟ୍, କଟର ମେଶିନ, ତାରପୋଲିନ ଆଦି ଆଗୁଆ ବ୍ୟବସ୍ଥା କରି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତି କରାଇଥାଏ। ଏକଦା ମରୁଡିପ୍ରବଣ ଜିଲା ଭାବେ ଖ୍ୟାତ କଳାହାଣ୍ଡି ଜିଲା ଏବେ ବନ୍ୟାପ୍ରବଣ ଜିଲା ହୋଇଛି। ଗତ ଦୁଇ ଦଶନ୍ଧି ହେଲା ପ୍ରାୟ ପ୍ରତିବର୍ଷ କଳାହାଣ୍ଡିରେ ଫ୍ଲାଶ୍ ଫ୍ଲଡ ହେଉଛି। କଳାହାଣ୍ଡିର ଜୀବନରେଖା କୁହାଯାଉଥିବା ଇନ୍ଦ୍ରାବତୀ ଯୋଗୁ କଳାହାଣ୍ଡି ଆଜି ରାଜ୍ୟର ଦ୍ୱିତୀୟ ବୃହତ୍ତମ ଧାନ ଉତ୍ପାଦନକାରୀ ଜିଲାମାନ୍ୟତା ପାଇଛି। ଅନ୍ୟପକ୍ଷେ ଏହା କଳାହାଣ୍ଡିରେ ବନ୍ୟା ପରିସ୍ଥିତିକୁ ଜଟିଳ କରିଛି। ଇନ୍ଦ୍ରାବତୀ ପାୱାର ହାଉସରୁ ବିଦ୍ୟୁତ୍ ଉତ୍ପାଦନ ଦ୍ୱାରା ନିର୍ଗତ ଜଳ ପାୱାର ଚ୍ୟାନେଲ ଦ୍ୱାରା ମଙ୍ଗଳପୁର ବ୍ୟାରେଜକୁ ଛଡାଯାଉଛି। ମଙ୍ଗଳପୁର ବ୍ୟାରେଜରୁ ବାମ ଓ ଦକ୍ଷିଣ କେନାଲ ଦ୍ୱାରା ଜଳସେଚନ ବ୍ୟବସ୍ଥା କରାଯାଉଛି। ତେବେ ଲଗାଣ ବର୍ଷା ଲାଗି ରହିଥିବାବେଳେ ଇନ୍ଦ୍ରାବତୀରୁ ବିଦ୍ୟୁତ୍ ଉତ୍ପାଦନ ଚାଲୁ ରଖାଯାଉଥିବାରୁ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇପଡୁଛି। ମଙ୍ଗଳପୁର ବ୍ୟାରେଜର ସୁରକ୍ଷା ଦୃଷ୍ଟିରୁ ସମସ୍ତ ଗେଟ ଖୋଲାଯାଇ ବନ୍ୟାଜଳ ହାତୀନଦୀରେ ଛଡାଯାଉଛି। ଏହା ମଣିଷକୃତ ବନ୍ୟା। ଠିକ୍ ସମୟରେ ଆଗୁଆ ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରାଗଲେ ବନ୍ୟାଜଳ ହ୍ରାସ ପାଇପାରନ୍ତା। କଳାହାଣ୍ଡି ଜିଲା ଥୁ.ରାମପୁର ଓ ଲାଞ୍ଜିଗଡ ବ୍ଲକରେ ପ୍ରତିବର୍ଷ ଅଧିକା ବର୍ଷା ହୋଇଥାଏ। ଲଘୁଚାପଜନିତ ଲଗାଣ ବର୍ଷା ହେଲେ ଉକ୍ତ ଦୁଇ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଥାଏ। ଜିଲାର ପ୍ରତ୍ୟେକ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ରିଲିଫ୍ ସାମଗ୍ରୀ, ପଲିଥିନ ଆଦି ମହଜୁଦ ରଖାଯାଇଥାଏ। କିନ୍ତୁ ଥୁ.ରାମପୁର ଓ ଲାଞ୍ଜିଗଡ ବ୍ଲକରେ ଫ୍ଲାଶ୍ ଫ୍ଲଡ ହେଲେ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଗମନାଗମନ ବ୍ୟାହତ ହେଉଥିବାରୁ ଉଦ୍ଧାର କାର୍ଯ୍ୟ କିମ୍ବା ରିଲିଫ୍ ସାମଗ୍ରୀ ପହଞ୍ଚାଇବା ମୁସ୍କିଲ ହୋଇପଡୁଛି। ଜିଲାର ସମସ୍ତ ୧୩ଟି ବ୍ଲକରେ ଅଗ୍ନିଶମ ୟୁନିଟ ରହିଛି। ଅଗ୍ନିଶମ ବିଭାଗର ୧୧ଟି ପାୱାରବୋଟ୍ ଅଛି, ଯାହାକି ବନ୍ୟାପ୍ରବଣ ଜୁନାଗଡ ଓ ଜୟପାଟଣା ବ୍ଲକରେ ୨ଟି ଲେଖାଏ ପାୱାରବୋଟ ରଖାଯାଇଥିବା ବେଳେ ଅନ୍ୟ ୭ଟି ବ୍ଲକରେ ଗୋଟିଏ ଲେଖାଏ ପାୱାର ବୋଟ୍ ରଖାଯାଇଛି। ତେଣୁ ଉକ୍ତ ୪ଟି ବ୍ଲକ ପାଇଁ ଅଧିକ ପାୱାରବୋଟର ଆବଶ୍ୟକତା ରହିଛି। ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ରୋକିପାରିବା ନାହିଁ। କିନ୍ତୁ ଆଗୁଆ ପ୍ରସ୍ତୁତି ଓ ଠିକଣା ସମୟରେ ଉଚିତ ପଦକ୍ଷେପ ଦ୍ୱାରା ଆମେ ଏହାର ସଫଳ ମୁକାବିଲା କରିପାରିବା। କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ଯେଉଁ ପ୍ରସ୍ତୁତି ଦରକାର ତାହା କେବଳ ବୈଠକରେ ସୀମିତ ରହୁଛି। ଅନ୍ୟପକ୍ଷେ ସରକାରଙ୍କ ଉପରେ ସବୁ ଦାୟିତ୍ୱ ଛାଡି ନ ଦେଇ ଜନସାଧାରଣ ମଧ୍ୟ ନିଜ ସୁରକ୍ଷା କଥା ଚିନ୍ତାକରିବା ଉଚିତ୍। ପ୍ରତି ବ୍ଲକର ଲୋକମାନେ ହାତରେ ହାତ ମିଳାଇ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଆଗେଇ ଆସିବା ଦରକାର।

– ସଞ୍ଜୀବ କୁମାର ଜୋଷୀ



ନୂଆଦିଲ୍ଲୀରେ ଶନିବାର ବର୍ଷା ହେଉଥିବାବେଳେ ନିର୍ମାଣ ପାଇଁ ଉଦ୍ଦିଷ୍ଟ ହ୍ୟୁମ୍ ପାଇପ୍‌ରେ ବସି ଖାଉଛନ୍ତି ଜଣେ ବ୍ୟକ୍ତି ।

# ପିଲାଙ୍କ ମାଗଣା ହୃଦ୍‌ରୋଗ ଚିହ୍ନଟ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୨୦।୭(ବ୍ୟୁରୋ)- ଛୋଟ ଛୋଟ ପିଲାଙ୍କ ହୃଦ୍‌ରୋଗ ସମସ୍ୟାର ପରୀକ୍ଷା ନିରୀକ୍ଷା ସହିତ ସେମାନଙ୍କୁ ମାଗଣା ଚିକିତ୍ସା ଯୋଗାଇବା ନିମନ୍ତେ ଶନିବାର ଦୁଇଦିନିଆ ଶିବିରକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଉଦ୍‌ଘାଟନ କରିଛନ୍ତି। ଖାରବେଳ ନଗରସ୍ଥିତ ସତ୍ୟସାଇ କମ୍ୟୁନିଟି ସେଣ୍ଟରଠାରେ ଏହି ଶିବିରକୁ ଉଦ୍‌ଘାଟନ କରିବା ସହିତ ଆସିଥିବା ଶିଶୁ ରୋଗୀଙ୍କ ଅଭିଭାବକଙ୍କ ସହିତ ମନ୍ତ୍ରୀ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ସରକାର ଓ ଗୁଜରାଟ ଅହମ୍ମଦାବାଦର ସତ୍ୟସାଇ ହସ୍ପିଟାଲ ସହିତ ହୋଇଥିବା ରାଜିନାମା ଅନୁଯାୟୀ ହୃଦ୍‌ରୋଗରେ ଆକ୍ରାନ୍ତ ଶିଶୁଙ୍କୁ ସେଠାରେ ସମ୍ପୂର୍ଣ୍ଣ ମାଗଣାରେ ସମସ୍ତ ପ୍ରକାର ଚିକିତ୍ସାସେବା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ୩ଟି ପରୀକ୍ଷା କ୍ୟାମ୍ପରେ ୧୩୦୦ ଶିଶୁଙ୍କୁ ପରୀକ୍ଷା କରାଯାଇ ଚିକିତ୍ସା ଆବଶ୍ୟକ କରୁଥିବା ୫୦୦ ଶିଶୁଙ୍କର ଅସ୍ତ୍ରୋପଚାର କରାଯାଇଛି। ଶନିବାର ଆରମ୍ଭ ହୋଇଥିବା ଏହି ଚତୁର୍ଥ କ୍ୟାମ୍ପରେ ୫୦୦ରୁ ଅଧିକ ଶିଶୁଙ୍କୁ ପରୀକ୍ଷା କରାଯିବ। ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କର ହୃଦ୍‌ରୋଗ ଚିକିତ୍ସା ଆବଶ୍ୟକ ପଡ଼ିବ ସେମାନଙ୍କୁ ଅହମ୍ମଦାବାଦର ସତ୍ୟସାଇ ହସ୍ପିଟାଲକୁ ପଠାଯିବ। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଶିଶୁମାନଙ୍କ ହୃଦ୍‌ରୋଗ ଚିହ୍ନଟ ସହିତ ସମ୍ପୂର୍ଣ୍ଣ ମାଗଣାରେ ଏହି ବ୍ୟବବହୁଳ ଚିକିତ୍ସା ଯୋଗାଇ ଦେଉଛନ୍ତି। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଉକ୍ତ କ୍ୟାମ୍ପରେ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ସୁବିଧା ଅସୁବିଧା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ସଙ୍ଗଠନର କର୍ମକର୍ତ୍ତା ଓ ଅହମ୍ମଦାବଦ ସତ୍ୟସାଇ ହସ୍ପିଟାଲରୁ ଆସିଥିବା ଡାକ୍ତରମାନଙ୍କ ସହିତ ମଧ ସେ ଆଲୋଚନା କରିଥିଲେ।



# ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ

ସୁନ୍ଦରଗଡ଼, ୨୦।୭ (ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନାରେ ପୋଲିସ ହେପାଜତରେ ଥିବାବେଳେ ଶନିବାର ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ସୁନୀଲ ଲୋଧି (୨୪) ଓ ଘର ମଧ୍ୟପ୍ରଦେଶର ସାଗର ଜିଲା ରେହଲି ଅଞ୍ଚଳରେ। ଧରୁଆଡିହି ଥାନା ପରିସରରେ ରାତିରେ କେଉଁ ପରିସ୍ଥିତିରେ କିଭଳି ମୃତ୍ୟୁ ଘଟିଲା ତାହା ସନ୍ଦେହ ଘେରରେ ରହିଛି। ପୋଲିସ ଏହାକୁ ଆତ୍ମହତ୍ୟାଜନିତ ବୋଲି କହିଛି। ପୋଲିସ ସୂଚନା ମୁତାବକ ଧରୁଆଡିହି ଥାନା ଅନ୍ତର୍ଗତ ମାନମୁଣ୍ଡାରୁ ଜନୈକା ନାବାଳିକାଙ୍କୁ ଦଲାଲଙ୍କ ସହାୟତାରେ ମଧ୍ୟପ୍ରଦେଶରେ ବିକ୍ରି କରାଯାଇଥିବା ନେଇ ଗତ ଜୁନ୍ ୨୭ରେ ନାବାଳିକାଙ୍କ ବିଧବା ମାଆ ଥାନାରେ ଅଭିଯୋଗ କରିଥିଲେ। ଏହି ନାବାଳିକାଙ୍କୁ ସୁନୀଲ ଲୋଧି ବିବାହ କରିଥିଲେ। ପୋଲିସର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ନାବାଳିକାଙ୍କୁ ମଧ୍ୟପ୍ରଦେଶରୁ ଉଦ୍ଧାର କରିବା ସହ ସୁନୀଲଙ୍କୁ ଥାନାକୁ ଆଣିଥିଲେ। ଶନିବାର ସକାଳ ସାଢେ ୫ଟାରେ ଥାନାର ଶୌଚାଳୟ ଭିତରେ ନିଜର ଗାମୁଛାରେ ଫାଶ ଲଗାଇ ସୁନୀଲ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଥାନା କର୍ମଚାରୀ ଦେଖି ଉଦ୍ଧାର କରି ନିକଟସ୍ଥ ମଝାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ଼ ନେଇଥିଲେ। ସୁନ୍ଦରଗଡ଼ ଡାକ୍ତରଖାନାରେ ସାଢେ ୭ଟାରେ ପହଞ୍ଚିଲା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ପରେ ସୁନୀଲଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରଙ୍କୁ ପୋଲିସ ଖବର ଦେଇଛି। ଶନିବାର ଅପରାହ୍ନରେ ସୁନ୍ଦରଗଡ ଏସ୍‌ପି ସୌମ୍ୟା ମିଶ୍ରଙ୍କ ସହ ଜିଲାର ବରିଷ୍ଠ ପୋଲିସ ଅଧିକାରୀମାନେ ଧରୁଆଡିହିରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ଏନେଇ ଧରୁଆଡ଼ିହି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ମହିଳାଙ୍କ ମୃତ୍ୟୁ

ଔପଦା, ୨୦।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକ ରାଏରାମଚନ୍ଦ୍ରପୁର ପଞ୍ଚାୟତ ସୋରିଷପାଳ ଗ୍ରାମର ଅନ୍ନପୂର୍ଣ୍ଣା ପାଢ଼ୀ (୧୮) ନାମ୍ନୀ ମହିଳା ପରିବାର ନିୟୋଜନ ଅସ୍ତ୍ରୋପଚାର କରିବାକୁ ଯାଇ ପ୍ରାଣ ହରାଇଛନ୍ତି। ଅସ୍ତ୍ରୋପଚାର ସମୟରେ ମହିଳାଙ୍କର ଖାଦ୍ୟ ନଳୀ କାଟି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଗିରଫ କରିବାକୁ ପରିବାର ଲୋକେ ଅଡିବସିଥିଲେ। ପରିବାର ଲୋକଙ୍କ ସହ ଗ୍ରାମବାସୀ ଔପଦା ଡାକ୍ତରଖାନା ଆଗରେ ଧାରଣାରେ ବସି ୧୦ଲକ୍ଷ ଟଙ୍କା ସରକାରୀ ସହାୟତା ପ୍ରଦାନ ଏବଂ ତାଙ୍କ ଦୁଇ କନ୍ୟା ସନ୍ତାନଙ୍କ ଦାୟିତ୍ୱ ସରକାର ବହନ କରିବା ଲାଗି ଦାବି କରିଥିଲେ। ଏହାକୁ ନେଇ ଔପଦା ବଜାରରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଜିଲା ପରିବାର ନିୟୋଜନ ଅଧିକାରୀ ପରେଶ ଚନ୍ଦ୍ର ମହାନ୍ତି, ଡିପିଏଚ୍‌ଓ ନରେଶ ଚନ୍ଦ୍ର ଦାସ, ଜିଲା ଯକ୍ଷ୍ମାଧିକାରୀ ଗିରିଶ ଚନ୍ଦ୍ର ପତି ଓ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. କୈଳାସ ଚନ୍ଦ୍ର ବେହେରା, ଔପଦା ତହସିଲଦାର ତଥା ବିଡ଼ିଓ ପିତାମ୍ବର ଭୋଇ, ଔପଦା ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା ସହାୟତା ଓ ରେଡକ୍ରସ ପକ୍ଷରୁ ୧୦ ହଜାର ଦେବା ଲାଗି ପ୍ରତିଶ୍ରୁତି ଦେବା ପରେ ଲୋକେ ଧାରଣାରୁ ହଟିଥିଲେ। ଅନ୍ନପୂର୍ଣ୍ଣା ପରିବାର ନିୟୋଜନ ଅସ୍ତ୍ରୋପଚାର ଲାଗି ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ଭର୍ତ୍ତି ହୋଇଥିଲେ। ଗତ ୧୫ ତାରିଖରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଏହାପରେ ସେ ଘରକୁ ଫେରିଥିଲେ। ଘରେ ତାଙ୍କର ବାରମ୍ୱାର ବାନ୍ତି ହେବାରୁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅନ୍ନପୂର୍ଣ୍ଣାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଇସିୟୁରେ ଥିବା ବେଳେ ଶୁକ୍ରବାର ରାତି ୨ଟା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ଜାଣିବା ପରେ ତାଙ୍କ ସ୍ୱାମୀ ଗଜେନ୍ଦ୍ର ଘରେ ୨ ଝିଅର ଭବିଷ୍ୟତ ନେଇ ଭାଙ୍ଗି ପଡ଼ିଛନ୍ତି।

ଯାହାକିଛି ତୁମେ କରୁଥାଅ- ଯୋଉ ବାଗରେ ବି କରୁଥାଅ- ଏପରି କି, ତୁମେ ସେ କାର୍ଯ୍ୟରେ ଖୁବ୍ କୁଶଳତା ଓ କ୍ଷମତା ପଛେ ଅର୍ଜନ କରିଥାଅ- ତୁମଙ୍କୁ କିନ୍ତୁ ସେହି କର୍ମଟିର ଫଳକୁ ଈଶ୍ୱରଙ୍କ ହାତରେ ଛାଡି ଦେବାକୁ ହେବ। -ଶ୍ରୀମା



# ଭାରତର ଚନ୍ଦ୍ର ଅଭିଯାନ



ଆକାର ପଟେଲ

ପଚାଶ ବର୍ଷ ତଳେ ୧୯୬୯ ମସିହା ଜୁଲାଇ ୨୪ ତାରିଖରେ ଆମେରିକାର ଆପୋଲୋ-୧୧ ମିଶନ ଚନ୍ଦ୍ରପୃଷ୍ଠରୁ ପ୍ରତ୍ୟାବର୍ତ୍ତନ କଲା। ତିନିଜଣ ମହାକାଶଚାରୀ ମାଇକେଲ କଲିନ୍ସ, ଏଡ୍ୱିନ ଆଲଡ୍ରିନ ଓ ନୀଲ୍ ଆର୍ମଷ୍ଟ୍ରଙ୍ଗ ଫ୍ଲୋରିଡ଼ାରୁ ଚନ୍ଦ୍ରପୃଷ୍ଠକୁ ଯାଇ ସେଠାରୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଆଠଦିନ ସମୟ ନେଇଥିଲେ। ଆସନ୍ତାକାଲି (ଜୁଲାଇ ୨୨ ତାରିଖରେ) ଭାରତ ତା'ର ଚନ୍ଦ୍ରଯାନ-୨ ଚନ୍ଦ୍ରକୁ ପ୍ରେରଣ କରିବାକୁ ଯାଉଛି। ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ପାଇଁ ଏହାକୁ ପ୍ରାୟ ୭ ସପ୍ତାହ ଲାଗିବ। ଆମେରିକା, ରୁଷିଆ ଓ ଚାଇନା ପରେ ଚନ୍ଦ୍ର ଅଭିଯାନରେ ଭାରତ ହେବ ଚତୁର୍ଥ ରାଷ୍ଟ୍ର। ଅବଶ୍ୟ ଏଥିରେ ସାମର୍ଥ୍ୟ ଓ ଦକ୍ଷତା ବଡ଼ କଥା ନୁହେଁ, ବଡ଼କଥା ହେଉଛି ଏହାକୁ ପ୍ରାଥମିକତା ଦେବା। ଅନ୍ୟ କେତେକ ଦେଶ ଯଥା ଜର୍ମାନୀ, ଫ୍ରାନ୍ସ, ଜାପାନ ପ୍ରଭୃତିଙ୍କ ପାଖରେ ଚନ୍ଦ୍ର ଅଭିଯାନ ପାଇଁ ଆବଶ୍ୟକ ବୈଷୟିକ ଜ୍ଞାନକୌଶଳ ଅଛି, ମାତ୍ର ଉଚ୍ଚାଭିଳାଷ ନାହିଁ। କାରଣ ଏହାଦ୍ୱାରା ଟିକସଦାତାଙ୍କର ବିପୁଳ ଅର୍ଥ ବରବାଦ ହେବ ବୋଲି ସେମାନେ ମନେକରନ୍ତି। ଆଣବିକ ଅସ୍ତ୍ରଶସ୍ତ୍ରର ବିକାଶ କ୍ଷେତ୍ରରେ ମଧ୍ୟ ସେମାନେ ସେହି ଏକାପ୍ରକାର ପଥ ଆପଣାଇଛନ୍ତି।

ଚନ୍ଦ୍ର ଅଭିଯାନର ଗୋଟିଏ ଉଦ୍ଦେଶ୍ୟ ହେଉଛି, ଏହା ଆମକୁ ସମଗ୍ର ସୌର ଜଗତ କିପରି ସୃଷ୍ଟି ହୋଇଛି ତାହା ବୁଝିବାରେ ସହାୟକ ହେବ। ଚନ୍ଦ୍ର ହେଉଛି ୩.୫ ନିୟୁତ ବର୍ଷର ପୁରୁଣା ଏବଂ ଏଥିରେ ସୃଷ୍ଟି ହୋଇଥିବା ଗର୍ତ୍ତଗୁଡ଼ିକ ଲକ୍ଷ ଲକ୍ଷ ବର୍ଷ ଧରି ଅପରିବର୍ତ୍ତିତ ରହିଛି କାରଣ ଏହାର ବାୟୁମଣ୍ଡଳ ନାହିଁ ବା କୌଣସି ଆଭ୍ୟନ୍ତରୀଣ ଗତିବିଧି ନାହିଁ। ବାସ୍ତବରେ ଆପୋଲୋ ଅଭିଯାନ ପରେ ଜଣାଗଲା ଯେ, ପୃଥିବୀ ସହ କୌଣସି ବୃହତ୍ ମହାଜାଗତିକ ବସ୍ତୁ ମାଡ଼ ହୋଇ ଚନ୍ଦ୍ରର ସୃଷ୍ଟି ହୋଇଛି। ୧୯୬୯ ପରେ ଆମେରିକା ବି ମହାକାଶ ଗବେଷଣା ଉପରେ ବିଶେଷ ମନ ବଳାଇ ନାହିଁ। ଆର୍ମଷ୍ଟ୍ରଙ୍ଗ ଓ ଆଲଡ୍ରିନଙ୍କ ପରେ ଆଉ ୧୦ ଜଣ ଆମେରିକୀୟ ଚନ୍ଦ୍ରପୃଷ୍ଠରେ ପାଦ ଦେଇଛନ୍ତି, କିନ୍ତୁ ଆମେରିକାର ଶେଷ ଅଭିଯାନ ହୋଇଥିଲା ୧୯୭୨ରେ। ୧୯୮୦ ଦଶକରେ ରାଷ୍ଟ୍ରପତି ରୋନାଲ୍ଡ ରିଗାନଙ୍କ ସମୟରେ ଆମେରିକା ମହାକାଶ ଯାନ କାର୍ଯ୍ୟକ୍ରମର ବିକାଶ କରିଥିଲା। ଏହା ୨୦୧୧ ମସିହାରେ ଶେଷ ହେଲା। ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ କଳ୍ପନା ଚାୱଲା ୨୦୦୩ରେ ମହାକାଶଯାନ କଲମ୍ବିଆରେ ପ୍ରତ୍ୟାବର୍ତ୍ତନ କରୁଥିବାବେଳେ ଏହା ବାୟୁମଣ୍ଡଳକୁ ପୁନଃପ୍ରବେଶ କରିବା ସମୟରେ ଭାଙ୍ଗିଯିବାରୁ ସେ ମୃତ୍ୟୁବରଣ କରିଥିଲେ। ଏହା ଥିଲା ମହାକାଶଯାନର ଦ୍ୱିତୀୟ ଦୁର୍ଘଟଣା ଏବଂ ପ୍ରଥମଟି ଘଟିଥିଲା ୧୯୮୦ରେ। ଏହି ଦୁଇ ଦୁର୍ଘଟଣାରେ ୧୪ ଜଣଙ୍କର ଜୀବନଦୀପ ନିର୍ବାପିତ ହୋଇଥିଲା। ଶୀତଳଯୁଦ୍ଧର ପରିସମାପ୍ତି ସହ ସୋଭିଏଟ୍ ୟୁନିୟନ ବିଖଣ୍ଡିତ ହୋଇଥିଲା ୩୦ ବର୍ଷ ତଳେ। କାରଣ ଦୂରଗାମୀ କ୍ଷେପଣାସ୍ତ୍ରଗୁଡ଼ିକର ବିକାଶ କରିବାରେ ସେମାନଙ୍କର ବିପୁଳ ଅର୍ଥ ବ୍ୟୟିତ ହୋଇଥିଲା, ଯାହା ଦେଶର ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଦେଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ନିକଟରେ କହିଛନ୍ତି ଯେ ସେ ନାସାର ଉଚ୍ଚାଭିଳାଷକୁ ପୁଣି ଜାଗ୍ରତ କରିବେ ଏବଂ ଆମେରିକୀୟ ମହାକାଶଚାରୀମାନେ ୨୦୨୪ ସୁଦ୍ଧା ପୁଣି ଚନ୍ଦ୍ରକୁ ଯିବେ।

ତେବେ ମହାକାଶ ଉପରେ ଏକ ଘରୋଇ କମ୍ପାନୀ ସ୍ପେସ୍ଏକ୍ସ କାମ କରୁଛି, ଯାହା ଧନକୁବେର ଯନ୍ତ୍ରୀ ଏଲନ୍ ମସ୍କଙ୍କ ଦ୍ୱାରା ପରିଚାଳିତ। ସ୍ପେସ୍ଏକ୍ସ ଏପରି କାମ କରିପାରିବ, ଯାହା ନାସା ବି କରିପାରିବନି। ଆଉ ଏକ ଘରୋଇ ମହାକାଶ କମ୍ପାନୀ ବ୍ଲୁ ହରାଇଜନ୍‌ର ବି ଅନୁରୂପ ଦକ୍ଷତା ଅଛି, ଯାହା ଆମାଜନର ମାଲିକ ଜେଫ୍ ବେଜୋଙ୍କ ଦ୍ୱାରା ପରିଚାଳିତ। ମଙ୍ଗଳଗ୍ରହରେ ଏକ କଲୋନୀ ପ୍ରତିଷ୍ଠା କରିବା ପାଇଁ ସେ ଯୋଜନା କରି କାର୍ଯ୍ୟ କରିଆସୁଛନ୍ତି।

ଏବେ ଭାରତ ମହାକାଶ କାର୍ଯ୍ୟକ୍ରମ ଉପରେ ବିପୁଳ ଟଙ୍କା ଖର୍ଚ୍ଚ କରିବା ଉପରେ ଦୁଇ ପ୍ରକାର ମତପ୍ରକାଶ ପାଉଛି ଏବଂ ମୋ ମତରେ ଦୁଇଟା ଯାକ ବୈଧ। ପ୍ରଥମଟି ହେଉଛି ଭାରତ ପରି ଏକ ଗରିବ ଦେଶ କେବଳ ଜାତୀୟ ଗୌରବ ବୃଦ୍ଧି ପାଇଁ ନାଗରିକମାନଙ୍କର ବିଶେଷ କଲ୍ୟାଣ ସାଧନ କରୁ ନ ଥିବା କାର୍ଯ୍ୟକ୍ରମରେ ଏତେ ଟଙ୍କା ଖର୍ଚ୍ଚ କରିବା ଉଚିତ ନୁହେଁ। ଅନ୍ୟ ମତଟି ହେଉଛି ଏ ପ୍ରକାର କାର୍ଯ୍ୟକ୍ରମ ବୈଜ୍ଞାନିକ ମାନସିକତାର ବିକାଶରେ ସାହାଯ୍ୟ କରିବ। ଏହି କାରଣରୁ ଉକ୍ତ କାର୍ଯ୍ୟକ୍ରମକୁ ସବୁ ରାଜନୈତିକ ଦଳରୁ ସମର୍ଥନ ମିଳୁଛି। ଆସନ୍ତାକାଲିର ଚନ୍ଦ୍ର ଅଭିଯାନକୁ ଭାରତର ପୂର୍ବ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୨୦୦୮ ମସିହାରେ ଅନୁମୋଦନ କରିଥିଲେ। ଏହା ଯଦି ସଫଳ ହୁଏ, ତେବେ ଉକ୍ତ ଚନ୍ଦ୍ରଯାନ-୨ ଏକବର୍ଷ ପାଇଁ କାର୍ଯ୍ୟକ୍ଷମ ରହିବ। ଜିଏସ୍ଏଲ୍‌ଭି-୩ ସାହାଯ୍ୟରେ ଏହା ଉତ୍କ୍ଷେପଣ କରାଯିବ। ୩.୮ ଟନ୍ ଓଜନବିଶିଷ୍ଟ ସାଟେଲାଇଟ୍‌ଟି ଚନ୍ଦ୍ରପୃଷ୍ଠରୁ ୧୦୦ କିମି ଉଚ୍ଚତାରେ ରହି ଏହାକୁ ପ୍ରଦକ୍ଷିଣ କରିବ। ଏହାର ଅର୍ବିଟର, ଲ୍ୟାଣ୍ଡର ଓ ରୋଭର ସବୁକିଛି ଆମ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ବିକଶିତ ହୋଇଛି। ଭାରତୀୟ ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କ ନାମରେ ଲ୍ୟାଣ୍ଡରର ନାମ ବିକ୍ରମ ରଖାଯାଇଛି, ଯାହା ଅର୍ବିଟରରୁ ବିଚ୍ୟୁତ ହୋଇ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବ। ପ୍ରଜ୍ଞାନ ନାମରେ ନାମିତ ଏକ ରୋବଟିକ୍ ରୋଭର ସେଠାରେ ୧୪ ଦିନ ରହି ଚନ୍ଦ୍ରପୃଷ୍ଠର ଖଣିଜ ଓ ରାସାୟନିକ ନମୁନା ସଂଗ୍ରହ କରିବ। ଯଦି ଚନ୍ଦ୍ରଯାନ-୨ ସଫଳ ହୁଏ, ତେବେ ଭାରତ ସାରା ପୃଥିବୀର ଗଣମାଧ୍ୟମରେ ଏକ ଭଲ କାମ ପାଇଁ ଚର୍ଚ୍ଚିତ ହେବ।

Email: aakar.patel@gmail.com

# କେନ୍ଦ୍ରୀକରଣ ଶିକ୍ଷାନୀତି: ଏକ ବିଶ୍ଳେଷଣ



ପ୍ରଦୀପ୍ତ ନାୟକ

ସ୍ୱାଧୀନତୋତ୍ତର ଭାରତବର୍ଷରେ ଅଦ୍ୟାବଧି ଦୁଇଟି ଜାତୀୟ ଶିକ୍ଷାନୀତି ପ୍ରଣୀତ ହୋଇଛି। ଏବର ପ୍ରସ୍ତାବିତ ଶିକ୍ଷାନୀତି ହେଉଛି ତୃତୀୟ। ୧୩୦ କୋଟି ଅଧିବାସୀଙ୍କର ଏହି ବିଶାଳ ଦେଶରେ ବହୁ ଭାଷା ଉପଭାଷା, ବହୁ ଧର୍ମ, ବହୁ ଜାତି, ଭିନ୍ନ ଭିନ୍ନ ସଂସ୍କୃତି ପ୍ରଚଳିତ ହେଉଛି। ଆଇନର ଶାସନ ପ୍ରତିଷ୍ଠିତ ଥିବା ଏହି ସଂଘୀୟ ରାଷ୍ଟ୍ରରେ ବହୁଳବାଦକୁ ସମ୍ମାନ ଦେବା ସହିତ ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରାଯାଇଛି। ଶାସନ ବ୍ୟବସ୍ଥା ଓ ନୀତି ନିୟମ ଯଦି ବିକେନ୍ଦ୍ରୀକରଣ ନ ହେବ କେବଳ ଆମ ସାମ୍ବିଧାନିକ ବିଧି ବ୍ୟବସ୍ଥାର ହନନ ହେବ ନାହିଁ, ଆମର ସାମାଜିକ ଚଳଣି, ଶାନ୍ତି, ପ୍ରଗତି ଓ ସହଭାଗିତା ଖିନ୍‌ଭିନ୍ ହୋଇଯିବ। ଶିକ୍ଷାନୀତି ଓ ଶିକ୍ଷା ବ୍ୟବସ୍ଥା ଯାହା ସମାଜକୁ ଉଦ୍‌ବୁଦ୍ଧ କରେ ଓ ସମୃଦ୍ଧ କରେ, ତାହା ଯଦି ଜନାଭିମୁଖୀ ନ ହୁଏ ତେବେ ସମାଜ ବିକଶିତ ହୁଏନାହିଁ। ୧୯୬୬ ମସିହାରେ କୋଠାରୀ କମିଶନ ତାଙ୍କ ରିପୋର୍ଟରେ କହିଥିଲେ, ଦେଶର ଭାଗ୍ୟବିଧାତାମାନେ ଶ୍ରେଣୀଗୃହର ଚାରିକାନ୍ଥ ମଧ୍ୟରେ ବଢୁଛନ୍ତି। ସେମାନଙ୍କୁ ଉଚିତ ଖାଦ୍ୟପେୟ, ପାଠ୍ୟ ଉପକରଣ, ସ୍ନେହଶ୍ରଦ୍ଧା, ବୈଜ୍ଞାନିକ ପ୍ରଣାଳୀର ଶିକ୍ଷା ଖସଡ଼ା ଓ ବିଷୟବସ୍ତୁ ଯୋଗାଇଦେବାକୁ ପଡ଼ିବ। ସମସ୍ତ ବିଦ୍ୟାଳୟକୁ ସମାନ ଧରଣର ସରକାରୀ ବିଦ୍ୟାଳୟ କରିବା ନିମନ୍ତେ କମିଶନ ଅତ୍ୟନ୍ତ ଉପାଦେୟ ସମୟୋପଯୋଗୀ ପ୍ରସ୍ତାବମାନ ଦେଇଥିଲେ। ଏହାକୁ ଫଳବତୀ କରିବା ନିମନ୍ତେ ଉପଯୁକ୍ତ ପାଣ୍ଠି ତଥା ଦେଶର ବାର୍ଷିକ ଘରୋଇ ଉତ୍ପାଦର ୬% କିମ୍ବା ବାର୍ଷିକ କେନ୍ଦ୍ର ବଜେଟର ୯% ଶିକ୍ଷା ପାଇଁ ବ୍ୟୟବରାଦ କରିବାକୁ କହିଥିଲେ। ୧୯୬୮ ମସିହାରେ ଏହି ବୈପ୍ଳବିକ ଶିକ୍ଷାନୀତି ପ୍ରଣୀତ ହୋଇଥିଲେ ମଧ୍ୟ ଏହାର ଅଧିକାଂଶ ପ୍ରସ୍ତାବ ସରକାର କାର୍ଯ୍ୟକାରୀ କରିନାହାନ୍ତି।

ଉଦାରୀକରଣ ଓ ଘରୋଇକରଣ ନୀତି କାର୍ଯ୍ୟକାରୀ କରିବା ଫଳରେ ଶିକ୍ଷାର ମାନ ଧୀରେ ଧୀରେ ହ୍ରାସ ପାଇ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ୨୦୧୪ ମସିହାରେ ଭାଜପା ସରକାର ଆସିବା ପରେ ୨୦୧୭ ଜୁନ୍‌ରେ ମହାକାଶ ବିଜ୍ଞାନୀ ଡ. କେ. କସ୍ତୁରୀରଙ୍ଗନଙ୍କ ଅଧ୍ୟକ୍ଷତାରେ ଏକ ୧୧ ଜଣିଆ କମିଟି ଗଠନକରି ଦେଶରେ ପ୍ରାକ୍ ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ସମସ୍ତ ପ୍ରକାର ବୈଷୟିକ ଶିକ୍ଷା, ଗବେଷଣା ଓ ତାଲିମ ନିମନ୍ତେ ନୂଆ ଜାତୀୟ ଶିକ୍ଷାନୀତି ଆଣିବାକୁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କମିଟି ଦେଶର କୌଣସି ଜାଗାରେ ଶିକ୍ଷାବିତ୍, ଶିକ୍ଷକ, ଛାତ୍ର, ଅଭିଭାବକ, ରାଜନୈତିକ ଓ ସାମାଜିକ କର୍ମୀଙ୍କ ମତାମତ ନ ନେଇ ତାଙ୍କ ରିପୋର୍ଟ ସରକାରଙ୍କୁ ଗତ ମେ ମାସ ୩୧ ତାରିଖରେ ହସ୍ତାନ୍ତର କରିଛନ୍ତି। ମଧ୍ୟଯୁଗୀୟ ଭାରତୀୟ ଧର୍ମୀୟ ପରମ୍ପରାର ବାର୍ତ୍ତାବହ ପତଞ୍ଜଳି, ପାଣିନି ପ୍ରମୁଖ ବ୍ୟକ୍ତିବିଶେଷଙ୍କ ଉଦାହରଣ ଦିଆଯାଇଥିବା ବେଳେ ନୂତନ ବୈଜ୍ଞାନିକ ଚିନ୍ତାଧାରାକୁ ନିରୁତ୍ସାହିତ କରାଯାଇଛି। ଏଥିରେ ଶିକ୍ଷାକୁ ସମ୍ପୂର୍ଣ୍ଣ କେନ୍ଦ୍ରୀକରଣ, ଗୈରିକୀକରଣ ତଥା ଘରୋଇକରଣ କରିବାକୁ ପ୍ରୋତ୍ସାହିତ କରିବା ନିମନ୍ତେ ସରକାରଙ୍କ ଉଦ୍ଦେଶ୍ୟ ପରିଲକ୍ଷିତ ହେଉଥିବାରୁ ଦେଶର ବିଭିନ୍ନ ଭାଗରୁ ଏହା ବିରୋଧରେ ସ୍ୱର ଉଠିଛି।

ପୂର୍ବ ସୁପରିକଳ୍ପିତ ୪୮୨ ପୃଷ୍ଠାର ଏହି ବୃହତ୍ ଜାତୀୟ ଶିକ୍ଷାନୀତି ଚିଠା ପ୍ରସ୍ତାବକୁ ଗତ ମେ ୩୧ ତାରିଖରେ କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର ହୋଇଛି। ଆରମ୍ଭରୁ ଦେଶ ତମାମ ଏହି ଶିକ୍ଷା ରିପୋର୍ଟରେ ତ୍ରିଭାଷୀ ସୂତ୍ରକୁ ବିରୋଧ କରାଯାଇଥିଲା। ହିନ୍ଦୀକୁ ରାଷ୍ଟ୍ରଭାଷାର ମାନ୍ୟତା ଦେବା ସମେତ ବାଧ୍ୟତାମୂଳକ କରାଯାଇ ୪ର୍ଥ ଶ୍ରେଣୀରୁ ପଢ଼ାଯିବାକୁ ଦକ୍ଷିଣ ଭାରତୀୟ ରାଜ୍ୟ ତାମିଲନାଡୁ ସମେତ ପଶ୍ଚିମବଙ୍ଗ ଓ ବହୁ ସଂଖ୍ୟାରେ ଶିକ୍ଷାବିତ୍, ଭାଷାବିତ୍ ଓ ବୁଦ୍ଧିଜୀବୀ ବିରୋଧ କରିବା ପରେ ସରକାର ମୂଳ ଚିଠା ରିପୋର୍ଟରୁ ତାହା କାଟିଦେଇଛନ୍ତି। ୧ ମାସ ଜାଗାରେ ମାତ୍ର ୨ମାସ ସମୟ ଦେଇ ଜୁଲାଇ ୩୧ ତାରିଖ ମଧ୍ୟରେ ମତାମତ ଲୋଡ଼ିଛନ୍ତି, ଯାହା ଆଦୌ ଗ୍ରହଣୀୟ ନୁହେଁ। ସର୍ବନିମ୍ନ ୬ ମାସ ସମୟ ନ ହେଲେ ଦେଶର ସମସ୍ତ ବର୍ଗର କୋଟି କୋଟି ଲୋକ ଚିଠା ରିପୋର୍ଟ ଉପରେ ନିଜର ମତାମତ ରଖିପାରିବେ ନାହିଁ।

ଏକବିଂଶ ଶତାବ୍ଦୀ ନିମନ୍ତେ ବିଶ୍ୱରେ ଗଠିତ ଆନ୍ତର୍ଜାତିକ ଶିକ୍ଷା କମିଶନର ଅଧ୍ୟକ୍ଷ ଯାକୁଇସ୍, ଡେଲରସ ତାଙ୍କର ରିପୋର୍ଟ ୧୯୯୬ ମସିହାରେ ଜାତିସଂଘର 'ୟୁନେସ୍କୋ'କୁ ହସ୍ତାନ୍ତର କରିଥିଲେ। ଏହି ଐତିହାସିକ କମିଶନ ପ୍ରସ୍ତାବ ଦେଇଥିଲେ ଯେ, ଜୀବନକାଳ ମଧ୍ୟରେ ଶିକ୍ଷା ସମାଜର ଚାରୋଟି ସ୍ତମ୍ଭକୁ ନେଇ ପର୍ଯ୍ୟବସିତ, ଯଥା ୧. ସମସ୍ତ କଥା ଜାଣିବା ନିମନ୍ତେ ଶିକ୍ଷା, ୨. ସମସ୍ତ କାର୍ଯ୍ୟ କରିବା ନିମନ୍ତେ ଶିକ୍ଷା, ୩. ସମସ୍ତେ ମିଳିମିଶି ଚଳିବା ନିମନ୍ତେ ଶିକ୍ଷା, ୪. ଶିକ୍ଷା ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ କରେ ଏବଂ ବ୍ୟକ୍ତିକୁ ସ୍ୱାତନ୍ତ୍ର୍ୟ ପ୍ରଦାନ ସହ ନ୍ୟାୟ ଓ ଦାୟିତ୍ୱବାନ କରାଏ। ଶିକ୍ଷା କୌଣସି ବ୍ୟକ୍ତିର ମାନସିକ ସନ୍ତୁଳନତା, ନୈତିକ ମୂଲ୍ୟବୋଧ ଓ ଶାରୀରିକ ସାମର୍ଥ୍ୟକୁ ଅସମ୍ମାନ କରେ ନାହିଁ। ଦେଶବାସୀଙ୍କ ସମ୍ମୁଖରେ ମୁଖ୍ୟ ପ୍ରଶ୍ନ କିଭଳି ସମସ୍ତେ ଶିକ୍ଷାଲାଭ କରିବେ, ସମାନ ଭାବରେ ଗୁଣାତ୍ମକ ଶିକ୍ଷା କିଭଳି ସମସ୍ତଙ୍କ ନିକଟରେ ପହଞ୍ଚିବ, ପ୍ରଶାସନ, ଶିକ୍ଷକ, ସମାଜ କିଭଳି ପରସ୍ପର ପ୍ରତି ଉତ୍ତରଦାୟୀ ରହିବେ ଓ ଶିକ୍ଷାପ୍ରାପ୍ତି ନିମନ୍ତେ ସମସ୍ତଙ୍କର କିଭଳି ଆର୍ଥିକ ସାମର୍ଥ୍ୟ ବୃଦ୍ଧି ପାଇବ ତାହା ଏହି ପ୍ରସ୍ତାବରେ ନାହିଁ। ଦେଶରେ ଜାତୀୟ ଶିକ୍ଷା ଆୟୋଗ ଗଠନର ସୁପାରିସ କରାଯାଇଛି ଯାହାର ମୁଖ୍ୟ ନିଜେ ପ୍ରଧାନମନ୍ତ୍ରୀ ରହିବେ ଯାହା ଦେଶର ସଂଘୀୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି। ପ୍ରଶାସନିକ ଆବଶ୍ୟକତା ଓ ସାମ୍ବିଧାନିକ ନିୟମ ଅନୁସାରେ ଶିକ୍ଷା କେନ୍ଦ୍ର ଓ ରାଜ୍ୟର ଯୁଗ୍ମ ଅଥବା ମିଳିତ ବିଷୟବସ୍ତୁ। ତେଣୁ ଏପରି ପ୍ରସ୍ତାବକୁ ଦେଶବାସୀ ଦୃଢ଼ ବିରୋଧ କରିବା ଉଚିତ। ଜାତୀୟ ଶିକ୍ଷାନୀତି ୨୦୦୯ ଆଧାରରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ପରୀକ୍ଷା କିମ୍ବା ପାସ୍ ଫେଲ୍ ବ୍ୟବସ୍ଥା ନ ଥିଲା। ଛାତ୍ରୀଛାତ୍ର ସମ୍ପୂର୍ଣ୍ଣ ମାଗଣାରେ ୮ମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବାକୁ ଥିବାବେଳେ ଏଥିରେ ୩ୟ, ୫ମ ଓ ୮ମ ଶ୍ରେଣୀରେ ପୁନଃ ପରୀକ୍ଷା ବ୍ୟବସ୍ଥା ଲାଗୁ କରିବା ପାଇଁ ପ୍ରସ୍ତାବ ରହିଛି। ଏହା ଜାତୀୟ ଶିକ୍ଷାନୀତିକୁ ସମ୍ପୂର୍ଣ୍ଣ ବିରୋଧ କରୁଛି। ଶିଶୁ ୩ବର୍ଷ ବୟସରୁ ୫ ବର୍ଷ ପର୍ଯ୍ୟନ୍ତ ପ୍ରାକ୍ ପ୍ରାଥମିକ ଶିକ୍ଷା ଅଙ୍ଗନୱାଡ଼ିରୁ ପାଉଥିଲା। ଏବେ ଅଙ୍ଗନୱାଡ଼ି କେନ୍ଦ୍ରକୁ ବିଦ୍ୟାଳୟ ସହିତ ମିଶାଇବା ପାଇଁ କୁହାଯାଇଛି, ମାତ୍ର ଗୁଣାତ୍ମକ ଅଭିଜ୍ଞ ଶିକ୍ଷକ ନିଯୁକ୍ତି ବିଷୟରେ କିଛି କୁହାଯାଇନାହିଁ। ଛାତ୍ର-ଶିକ୍ଷକ ଅନୁପାତ ୩୦:୧ କଥା କୁହାଯାଇଛି। ମାତ୍ର ଆବଶ୍ୟକ ଥିବା ଲକ୍ଷ ଲକ୍ଷ ଶିକ୍ଷକଙ୍କର ଚାକିରିର ସ୍ଥାୟିତ୍ୱ ସମ୍ପର୍କରେ କିଛି କୁହାଯାଇନାହିଁ।

କୋଠାରୀ କମିଶନଙ୍କ ଭଳି ଏଥିରେ ଶିକ୍ଷା ନିମନ୍ତେ ଘରୋଇ ଉତ୍ପାଦର ୬% ବ୍ୟୟବରାଦ ପାଇଁ ସୁପାରିସ କରାଯାଇଛି, ଯାହା ଏକ ଉତ୍ତମ ପ୍ରସ୍ତାବ। ମାତ୍ର ସରକାର କେତେଦୂର ଦେଶବାସୀଙ୍କ ଏହି ଐତିହାସିକ ଆବଶ୍ୟକତାକୁ ପୂରଣ କରିବେ ତାହା ଦେଖିବାକୁ ଅଛି। କାରଣ କେନ୍ଦ୍ର ସରକାର ୨୦୧୭-୧୮ ବଜେଟରେ ମାତ୍ର ୨.୭% ଖର୍ଚ୍ଚ ବରାଦ କରିଛନ୍ତି। ଠିକ୍ ସେତିକିବେଳେ ବ୍ରାଜିଲ ୬%, ଆମେରିକା ୫%, ଇଂଲଣ୍ଡ ୫.୫% ଶିକ୍ଷା ପାଇଁ ଖର୍ଚ୍ଚ କରୁଛନ୍ତି। ଉଚ୍ଚ ମାଧ୍ୟମିକ ଓ ଉଚ୍ଚ ଶିକ୍ଷାରେ ହେଉଥିବା ମାତ୍ରାଧିକ ଡ୍ରପ୍ ଆଉଟକୁ 'ବ୍ଲାକ୍ ହୋଲ୍' ସହ ସମାନ କରାଯାଇଛି। ମାତ୍ର କାହିଁକି ବ୍ଲାକ୍ ହୋଲ୍ ସୃଷ୍ଟି ହେଉଛି ସେ ସମ୍ପର୍କରେ କିଛି କୁହାଯାଇନାହିଁ। ଦେଶରେ ୧୦୦ଜଣ ଶିଶୁ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଉଥିବା ବେଳେ ଉଚ୍ଚ ପ୍ରାଥମିକ ବେଳକୁ ୮୯, ୮ମ ଶ୍ରେଣୀ ବେଳକୁ ୬୨ ଓ ଉଚ୍ଚଶିକ୍ଷା ବେଳକୁ ମାତ୍ର ୨୩ଜଣ ଶିକ୍ଷା ସମାପ୍ତ କରିବା ଅତ୍ୟନ୍ତ ଚିନ୍ତାଜନକ। ଠିକ୍ ସେତିକିବେଳେ ପଡ଼ୋଶୀ ଚାଇନାରେ ୩୯ଜଣ, ଆମେରିକାରେ ୮୬ଜଣ ଓ ଜର୍ମାନୀରେ ୬୫ଜଣ ଉଚ୍ଚଶିକ୍ଷା ସମାପ୍ତ କରୁଛନ୍ତି। ଏହା ସରକାରୀ ଭାବେ ମାନବସମ୍ବଳ ବିଭାଗ ଦ୍ୱାରା ୨୦୧୬ ଶିକ୍ଷା ସୂଚକାଙ୍କରେ କୁହାଯାଇଛି। ୨୦୩୫ ମସିହା ସୁଦ୍ଧା ଉଚ୍ଚଶିକ୍ଷାରେ ଏବର ୨୩.୮%ରୁ ୫୦% ପହଞ୍ଚିବା ଲକ୍ଷ୍ୟ ରହିଛି। ମାତ୍ର ଏ ଦିଗରେ ଅନ୍ତରାୟ ଦେଶବାସୀଙ୍କ ଚରମ ଦାରିଦ୍ର୍ୟ, ପୁଷ୍ଟିହୀନତା, ଖାଦ୍ୟାଭାବ, ବାସହୀନତା ଇତ୍ୟାଦିର ପରିପୂରଣ ନିମନ୍ତେ ଉପଯୁକ୍ତ କାର୍ଯ୍ୟକ୍ରମର ଅଭାବ ପରିଲକ୍ଷିତ ହେଉଛି। ଏଥିରେ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକର ସ୍ୱତନ୍ତ୍ରତାକୁ କ୍ଷୁଣ୍ଣ କରାଯାଇ କେନ୍ଦ୍ରୀୟ ନୀତି ନିର୍ଦ୍ଧାରଣ ଅନୁଷ୍ଠାନ ଯଥା ଏନ୍‌ଏଚ୍‌ଇଆର୍‌ଏ (ନେହେରା) ଗଠନ କରାଯିବ। ଏହା ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ (ୟୁଜିସି)ର କାର୍ଯ୍ୟ ତୁଲାଇବ। ଏଆଇସିଟିଇ, ବାର୍ କାଉନସିଲ ଇତ୍ୟାଦି ଶିକ୍ଷାର ଗୁଣାତ୍ମକ ମାନ ନିର୍ଦ୍ଧାରଣ କରୁଥିବା ଅନୁଷ୍ଠାନଗୁଡ଼ିକର ଭୂମିକାକୁ ଗୌଣ କରାଯାଇଛି। 'ନାକ୍'କୁ ୟୁଜିସିଠାରୁ ପୃଥକ୍ କରାଯାଇ ୟୁଜିସିକୁ କେବଳ ପାଣ୍ଠି ଯୋଗାଣ ସଂସ୍ଥାରେ ପରିଣତ କରାଯିବା ପାଇଁ କୁହାଯାଇଛି, ଯାହା ଏକ ଭୟଙ୍କର ପଦକ୍ଷେପ।

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ଜାତୀୟ ଉଚ୍ଚଶିକ୍ଷା ନିର୍ଦ୍ଧାରଣ ଅନୁଷ୍ଠାନ ନିଜ ଇଚ୍ଛାରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଅନୁମତି ପ୍ରଦାନ କରିବ ଓ ଗୁଣାତ୍ମକ ମାନ ନିର୍ଦ୍ଧାରଣ କରିବ। ଏହା ଏକ ଅସାମ୍ବିଧାନିକ ପଦକ୍ଷେପ। ପୂର୍ବରୁ ଏହି କାର୍ଯ୍ୟ ସଂସଦ ଏବଂ ବିଧାନସଭା ସମାପନ କରୁଥିଲେ। ଏହାଦ୍ୱାରା ଘରୋଇ ଶିକ୍ଷାନୁଷ୍ଠାନ ପ୍ରୋତ୍ସାହିତ ହେବେ ଓ ସରକାରୀ ପାଣ୍ଠି ୟୁଜିସିରୁ ହାସଲ କରିବେ। ଏହି ଅନୁଷ୍ଠାନଗୁଡ଼ିକ ତାଙ୍କ ଇଚ୍ଛା ମୁତାବକ ପାଠ୍ୟକ୍ରମ ଓ ଶିକ୍ଷଣ ପ୍ରକ୍ରିୟା ଲାଗୁ କରିପାରିବେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦ୍ୱାରା ପରିଚାଳିତ ହଜାର ହଜାର ଘରୋଇ ଓ ଧାର୍ମିକ ସ୍କୁଲ, ବ୍ୟବସାୟିକ ଶିକ୍ଷା ପ୍ରତିଷ୍ଠାନର ନିୟନ୍ତ୍ରଣ ନିମନ୍ତେ ଜାତୀୟ ଶିକ୍ଷାନୀତିରେ କିଛି କୁହାଯାଇ ନାହିଁ। ସରକାରୀ ଶିକ୍ଷାନୁଷ୍ଠାନକୁ ଗୌଣ କରାଯାଇଛି। ଦେଶର ଶିକ୍ଷା, ଶିକ୍ଷାୟତନ ଓ ଶିକ୍ଷା ପ୍ରଶାସନରେ ମୌଳିକତା, ବିକେନ୍ଦ୍ରୀକରଣ, ସଂଘୀୟ ବ୍ୟବସ୍ଥାର ସୁରକ୍ଷା ନିମନ୍ତେ ଦେଶବାସୀ ଚିନ୍ତା ପ୍ରକଟ କରିବା ନିହାତି ଆବଶ୍ୟକ ମନେହେଉଛି।

ଟିକରପଡ଼ା, କାକଟପୁର, ପୁରୀ, ମୋ- ୯୪୩୭୦୫୩୩୨୯

# ଆଇନଜ୍ଞ ରାଜ୍ୟପାଳ

ବ୍ୟକ୍ତିତ୍ୱ



ଜଗଦୀପ ଧାଙ୍ଖର

ରାଷ୍ଟ୍ରପତି ଭବନ ପକ୍ଷରୁ ଜୁଲାଇ ୨୦ରେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ନାଗାଲାଣ୍ଡ ଏବଂ ତ୍ରିପୁରାରେ ରାଜ୍ୟପାଳଙ୍କ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗ ରାଜ୍ୟପାଳ ଭାବେ ସୁପ୍ରିମକୋର୍ଟ ଆଇନଜୀବୀ ତଥା ଭାଜପା ନେତା ଜଗଦୀପ ଧାଙ୍ଖରଙ୍କ ନାମ ସ୍ଥାନ ପାଇଛି। କେନ୍ଦ୍ର ଓ ପଶ୍ଚିମବଙ୍ଗ ସରକାର ମଧ୍ୟରେ ବିଭିନ୍ନ ଦିଗରୁ ଶୀତଳଯୁଦ୍ଧ ଲାଗି ରହିଥିବାରୁ କେଶରୀନାଥ ତ୍ରିପାଠୀଙ୍କ ପରେ କେଉଁ ବ୍ୟକ୍ତିଙ୍କୁ ରାଜ୍ୟପାଳ କରାଯିବ, ସେଥିନେଇ ସବୁ ମହଲରୁ ଉତ୍ସୁକତା ପ୍ରକାଶ ପାଉଥିଲା। ଜଗଦୀପଙ୍କ ନାମ ଘୋଷଣା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟୁଇଟ୍ କରି ତାଙ୍କୁ ସ୍ୱାଗତ କରିଛନ୍ତି। ଜୁଲାଇ ଶେଷରେ କେଶରୀନାଥଙ୍କ କାର୍ଯ୍ୟକାଳ ପୂରିବା ପରେ ଜଗଦୀପ ଦାୟିତ୍ୱ ଗ୍ରହଣ କରିବେ।

ଜଗଦୀପ ଧାଙ୍ଖର ରାଜସ୍ଥାନର ଝୁନ୍‌ଝୁନୁ ଜିଲା କିଥାନା ଗ୍ରାମରେ ୧୮ ମେ ୧୯୫୧ରେ ଜନ୍ମଗ୍ରହଣ କରିଥିଲେ। ଜୟପୁରସ୍ଥିତ ୟୁନିଭର୍ସିଟି ଅଫ୍ ରାଜସ୍ଥାନରୁ ବିଜ୍ଞାନ ଓ ଆଇନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଉଚ୍ଚଶିକ୍ଷା ସମାପ୍ତ ପରେ ସେ ଆଇନ ବ୍ୟବସାୟ ପ୍ରତି ମନ ବଳାଇଥିଲେ। ୧୯୭୭ରେ ରାଜସ୍ଥାନ ହାଇକୋର୍ଟରେ ସେ ପ୍ରାକ୍ଟିସ୍ ଆରମ୍ଭ କରି ଖୁବ୍‌ଶୀଘ୍ର ଜଣେ ପେସାଦାର ଆଇନଜୀବୀ ପାଲଟିଥିଲେ। ୧୯୮୬ରେ ସେ ରାଜସ୍ଥାନ ହାଇକୋର୍ଟ ବାର୍ ଆସୋସିଏଶନର ସର୍ବକନିଷ୍ଠ ସଭାପତି ହେବାର ମଧ୍ୟ ଗୌରବ ଅର୍ଜନ କରିଥିଲେ। ଆଇସିସି ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଆର୍ବିଟ୍ରେଶନର ସଦସ୍ୟ ଥିବା ଜଗଦୀପ ସୁପ୍ରିମକୋର୍ଟର ସିନିୟର ଓକିଲ ଭାବେ ଜଣାଶୁଣା। ତେବେ ପିଲାଟି ବେଳୁ ନେତୃତ୍ୱ ନେବାର ଦକ୍ଷତା ତାଙ୍କୁ ରାଜନୀତି ପ୍ରତି ଆକୃଷ୍ଟ କରିଥିଲା। ୧୯୮୯ରୁ ୯୧ ଯାଏ ସେ ଜନତା ଦଳ ଟିକେଟରୁ ରାଜସ୍ଥାନର ଝୁନ୍‌ଝୁନୁ ଲୋକ ସଭା କ୍ଷେତ୍ରରୁ ପ୍ରତିନିଧିତ୍ୱ କରି କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ସେ ମଧ୍ୟ କିଶାନଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରୁ ଜିତି ରାଜସ୍ଥାନ ବିଧାନସଭାରେ ସଦସ୍ୟ ହୋଇଥିଲେ। ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଭାରତର ମର୍ଯ୍ୟାଦାକୁ ଅନ୍ତର୍ଜାତୀୟ ସ୍ତରରେ ବୃଦ୍ଧି କରିଥିବାରୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୨୦୦୩ରେ ଧାଙ୍ଖର ଭାଜପାରେ ଯୋଗ ଦେଇଥିବା କହିଥାଆନ୍ତି। ଏଥିସହିତ ମରୁଭୂମିପୂର୍ଣ୍ଣ ରାଜ୍ୟରେ ଜଣେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ପ୍ରଦର୍ଶନ କରାଯିବା ତାଙ୍କୁ ଭାଜପା ପ୍ରତି ଆକୃଷ୍ଟ କରିଥିବା ଅନେକ ସମୟରେ କହିଆସିଛନ୍ତି।

ରାଜସ୍ଥାନରେ ଜାଠଙ୍କ ସଂରକ୍ଷଣ ପ୍ରସଙ୍ଗରେ ଜଗଦୀପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଜାଠ ମହାସଭା ସଂରକ୍ଷଣ କମିଟିର ପୂର୍ବତନ ମୁଖପାତ୍ର ଥିବା ବେଳେ ସମ୍ପ୍ରଦାୟର ଉତ୍ଥାନ ଦିଗରେ ତାଙ୍କର ଅନେକ ଅବଦାନ ରହିଆସିଛି। ତେଣୁ ଜାଠ ସମ୍ପ୍ରଦାୟକୁ ଖୁସି କରିବା ଉଦ୍ଦେଶ୍ୟରେ ତାଙ୍କୁ ରାଜ୍ୟପାଳ ପଦବୀରେ ଅବସ୍ଥାପିତ କରାଯାଇଛି ବୋଲି ଆଲୋଚନା ହେଉଛି। ତେବେ ପଶ୍ଚିମବଙ୍ଗର ରାଜ୍ୟପାଳ ଦାୟିତ୍ୱ ତାଙ୍କ ପାଇଁ ଚ୍ୟାଲେଞ୍ଜ ଆଣିଦେବ ବୋଲି ସମୀକ୍ଷକମାନେ ମତ ଦେଲେଣି। ସେଠାକାର ତୃଣମୂଳ କଂଗ୍ରେସ ସରକାର ସହ ତାଙ୍କ ସମନ୍ୱୟ ଆଗକୁ କିଭଳି ରହିବ ତାହା ଦାୟିତ୍ୱ ଗ୍ରହଣ ପରେ ଜଣାପଡ଼ିବ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଏକ ପରିବାର ଅଦାଲତ ସ୍ତ୍ରୀଙ୍କୁ ଭରଣପୋଷଣ ଦେବା ପାଇଁ ରାୟ ଦେବା ପରେ ସ୍ୱାମୀ କୋର୍ଟରେ ୫ ବସ୍ତା କଏନ୍ ନେଇ ପହଞ୍ଚିଥିଲେ। ଏଭଳି ଏକ ରୋଚକ ଘଟଣା ଛତିଶଗଡ଼ର ରାୟପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ପାମ୍‌ଗଡ ଥାନା ଅଞ୍ଚଳରେ ବାସକରୁଥିବା ପୁନିରାମ ସାହୁ ଏବଂ ତାଙ୍କ ସ୍ତ୍ରୀ ଯଶୋଧାରାଙ୍କ ମଧ୍ୟରେ ଛାଡ଼ପତ୍ର ମାମଲାର ବିଚାର ଦୀର୍ଘ ୨୦ ବର୍ଷ ଧରି ଚାଲିଛି। ପୁନିରାମ ଜଣେ ପରିବା ବେପାରୀ। ପରିବାର କୋର୍ଟ ପକ୍ଷରୁ ଯଶୋଧାରାଙ୍କୁ ୩୩ ହଜାର ୮ଶହ ଟଙ୍କା ଭରଣପୋଷଣ ଦେବାକୁ ପୁନିରାମଙ୍କୁ ଆଦେଶ ଦିଆଯାଇଥିଲା। ପୁନିରାମ ନିଜ ପାଖରେ ଥିବା ଟଙ୍କିକିଆ, ୨ ଟଙ୍କିଆ, ୫ ଟଙ୍କିଆ ଏବଂ ୧୦ ଟଙ୍କିଆ କଏନ୍ ଥିବା ୫ଟି ବସ୍ତା ନେଇ ପହଞ୍ଚିଥିଲେ। ତେବେ ବିଚାରପତି କିରଣ ଚତୁର୍ବେଦୀ ଏହାକୁ ଗଣିବାକୁ ପୁନିରାମଙ୍କୁ କହିଥିଲେ। ସେ କୋର୍ଟ ଚଟାଣରେ ବସି ୩୩ ହଜାର ଟଙ୍କାର କଏନ୍ ଗଣିଗଣି ଯଶୋଧାରାଙ୍କୁ ଦେଇଥିଲେ। ଅବଶିଷ୍ଟ ୮ଶହ ଟଙ୍କା ୨୨ ଜୁଲାଇରେ ଦେବାକୁ କୋର୍ଟ ପୁନିରାମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କଏନ୍ ବସ୍ତା ଯଶୋଧାରା ନେବାକୁ ମନାକରିବାରୁ ପୁନିରାମ ଏହାକୁ ବୋହିନେଇ ତାଙ୍କ ଘରେ ଦେଇଥିବା କୁହାଯାଉଛି। ଏହି ଘଟଣା ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ


ବିରାଜିଲ ଧରାଧାମେ ଅଭିରାମ
ଅଦ୍ୱିତୀୟ ସତ୍ୟ
ମାନବର ବୁଦ୍ଧି ପରେ ବଢ଼ାଇଲ
ଆପଣା ମହତ୍ତ୍ୱ।
କର୍ମର ପ୍ରେରଣା ତୁମେ ବିଶ୍ୱର
ଆଳସ୍ୟହାରୀ ସୁଧା
କ୍ଷୁଦ୍ରର ଆକାଶ-ଚାନ୍ଦ କ୍ଷୁଧିତର
ହେ ଚରମ କ୍ଷୁଧା !
(ସୁନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଜୁଲାଇ ୧୯୯୪

- ବାଂଲାଦେଶର ବିବାଦୀୟ ଲେଖିକା ତସ୍‌ଲିମା ନସ୍‌ରିନଙ୍କୁ ୟୁରୋପୀୟ ୟୁନିୟନ ରାଜନୈତିକ ଆଶ୍ରୟ ଦେବା ନେଇ ଘୋଷଣା କରିଛି।
- ସ୍ୱାଧିକାର ଭଙ୍ଗ ଅଭିଯୋଗରେ ତାମିଲନାଡୁ ବିଧାନସଭା ପକ୍ଷରୁ ଏକ ତାମିଲ ଦୈନିକ ଖବରକାଗଜ ସମାଚାର ସମ୍ପାଦକଙ୍କ ଉପରେ ଜାରି ହୋଇଥିବା ଏକ ସପ୍ତାହ ଜେଲଦଣ୍ଡକୁ ମାଡ୍ରାସ ହାଇକୋର୍ଟ ଖାରଜ କରିଦେଇଛନ୍ତି।
- କର୍ଣ୍ଣାଟକରେ ଜିପ୍ ସହ ଏକ ତୈଳବାହୀ ଟ୍ୟାଙ୍କରର ଧକ୍କା ହେବାଫଳରେସେଥିରେନିଆଁଲାଗି୧୬ଜଣଜୀବନ୍ତଦଗ୍ଧ।

su | do | ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧନୀ ଲୋକଙ୍କ ଟଙ୍କିକିଆ ଚାଉଳ ହଡ଼ପ

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନଙ୍କର କୌଣସି ମାପଦଣ୍ଡ ନାହିଁ। ଯିଏ ଯେକୌଣସି ଉପାୟରେ ଟଙ୍କିକିଆ ଚାଉଳ ହଡ଼ପ କରିବାରେ ବ୍ୟସ୍ତ। ଏହି ଟଙ୍କିକିଆ ଚାଉଳ ଯୋଜନାର ହିତାଧିକାରୀଙ୍କ ମଧ୍ୟରୁ କାହାର ଗାଡି, ମୋଟର ଅଛି ତ ପୁଣି କାହାର ୫/୬ ଏକର ଜମି ଅଛି। ଅନ୍ୟ କାହାର ୨/୩ ମହଲା କୋଠାଘର ଅଛି ତ ପୁଣି କିଏ ପେନ୍‌ସନଭୋଗୀ, ସରକାରୀ ଚାକିରିଆ। କେନ୍ଦ୍ର ସରକାର କହନ୍ତି ଯେ, ଏହି ଚାଉଳର ୨୯ ଟଙ୍କା କେନ୍ଦ୍ର ବହନ କରୁଥିବା ବେଳେ ରାଜ୍ୟ ସରକାର ମାତ୍ର ୨ ଟଙ୍କା ବହନ କରି ବାହାବା ନେଉଛନ୍ତି। ଯଦି ଏ କଥା ସତ୍ୟ, ତେବେ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଯିଏ ପ୍ରକୃତରେ ଗରିବ ଓ ଯୋଗ୍ୟ ଏହି ଚାଉଳ ସେମାନଙ୍କୁ ପ୍ରଦାନ କରିବା ବ୍ୟବସ୍ଥା କରନ୍ତୁ। କେତେକ ସ୍ଥଳେ ପରିବାର ପିଛା ୪/୫ଟା କାର୍ଡ ନେଇ କୁଇଣ୍ଟାଲ କୁଇଣ୍ଟାଲ ଚାଉଳ ଲୁଟ୍ କରୁଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ମାନଦଣ୍ଡ ନିର୍ଦ୍ଧାରଣ କରି ଚାଉଳ ପ୍ରଦାନ କରନ୍ତୁ।

ଧନେଶ୍ୱର ସାମଲ, ଦଶରଥପୁର, ଯାଜପୁର

### ବସି ବୁଲି ଦରମା ନେଉଛନ୍ତି

କଳାପଟା ଓ ସର୍ବଶିକ୍ଷା ଅଭିଯାନରେ ଛତୁ ଫୁଟିଲା ପରି ବିଦ୍ୟାଳୟ/ଅଙ୍ଗନୱାଡି କେନ୍ଦ୍ର ଖୋଲିଗଲା। ଅନେକ ବିଦ୍ୟାଳୟ/ଅଙ୍ଗନୱାଡି କେନ୍ଦ୍ରରେ ଆଶାନୁରୂପ ଛାତ୍ରୀଛାତ୍ର ହେଉନାହାନ୍ତି। ଛାତ୍ରୀଛାତ୍ର ନ ଥିବାରୁ ଜଣେ ବା ଦୁଇଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି, ସେମାନେ ବସି ବୁଲି ଦରମା ନେଉଛନ୍ତି। କେତେକ ସ୍ଥାନରେ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଅଙ୍ଗନୱାଡି ପିଲାମାନେ ଖାଉଛନ୍ତି ଏବଂ ଅଙ୍ଗନୱାଡିର ଚାଉଳ ଆଦି ବାଟମାରଣା ହେବାର ଦେଖାଯାଉଛି। କେତେକ ବିଦ୍ୟାଳୟରେ ଅତି କମ୍ ଛାତ୍ରୀଛାତ୍ର ଥିବାବେଳେ ଉପସ୍ଥାନ ଅଧିକ ଦେଖାଯାଉଛି। ବାସ୍ତବତା କ'ଣ, ତାହା ତଦନ୍ତ ହେଲେ ଜଣାପଡ଼ିବ।

ଶ୍ରୀରାମଚନ୍ଦ୍ର ଦାଶ, ଭୋଇନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଛାତ୍ରୀଙ୍କୁ ବଳାତ୍କାର

ଉମରକୋଟ,୨୦।୭(ଡି.ଏନ୍.ଏ)- ଉମରକୋଟ ଥାନା ଅଧୀନ ଏକମ୍ଭା ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ଶନିବାର ଅଭିଯୋଗ ହୋଇଛି। ଛାତ୍ରୀ ଜଣକ ନବରଙ୍ଗପୁର ଜିଲାର ଏକ ଆଶ୍ରମ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢନ୍ତି। ସେ କିଛି ଦିନ ତଳେ ନିଜ ଘରକୁ ଆସିଥିଲେ। ଗତ ୧୬ ତାରିଖ ରାତିରେ ଶୋଇବା ନିମନ୍ତେ ନିଜ ବଡ ମା'ଙ୍କ ଘରକୁ ଯାଇଥିଲେ। ରାତି ୯ଟାରେ ବାହାରକୁ ପରିସ୍ରା କରିବାକୁ ଆସିଥିବା ବେଳେ ନିକଟସ୍ଥ ଗ୍ରାମର କିଷ୍ଟା କଲାର ତାଙ୍କୁ ନିକଟସ୍ଥ ନୀଳଗିରି ଜଙ୍ଗଲକୁ ଟେକି ନେଇ ବଳାତ୍କାର କରିଥିଲେ। ଛାତ୍ରୀ ଜଣକ ଘରକୁ ଆସି ଘଟଣା ସମ୍ପର୍କରେ କହିଥିଲେ। ପରିବାର ଲୋକ କ୍ରିଷ୍ଟାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଗଣ୍ଡଗୋଳ କରିବା ସହ ମାଡ ମାରିବାକୁ ଧମକ ଦେଇଥିଲେ। ପୀଡିତାଙ୍କ ପରିବାର ଲୋକ ଏ ସମ୍ପର୍କରେ ସାମାଜିକ କର୍ମୀ ହାରାବତୀ ଗଣ୍ଡଙ୍କୁ ଜଣାଇଥିଲେ। ତାଙ୍କ ସହାୟତାରେ ପୀଡିତା ଉମରକୋଟ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରିଥିଲା। ପାପଡାହାଣ୍ଡି ଡିଏସପି ବିଜୟ କୁମାର ନାୟକ ମାମଲାର ତଦନ୍ତ କରୁଛନ୍ତି। ପୀଡିତାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ମାଇନା କରାଯାଇଛି।

### ପୋଖରୀରେ ବୁଡ଼ି ନାବାଳକ ମୃତ

ରାଇଘର,୨୦।୭(ଡି.ଏନ୍.ଏ)- ନବରଙ୍ଗପୁର ଜିଲା ରାଇଘର ପଞ୍ଚାୟତ କୋଦଭଙ୍ଗା ସାହିର ଶିବା ଯାଦବ (୭) ଶନିବାର ପୋଖରୀରେ ବୁଡିଯିବାରୁ ମୃତ୍ୟୁ ଘଟିଛି। ଶିବା ସ୍କୁଲରୁ ଫେରିବା ପରେ ପୋଖରୀ ନିକଟକୁ ଖେଳିବାକୁ ଯାଇଥିଲେ। କୌଣସି କାରଣରୁ ପାଣିରେ ବୁଡି ଯାଇଥିଲେ। ବାପା ଓ ମା' ଦୁହେଁ କୁଲୀ କାମ କରିବା ଯାଇ ଫେରିବା ପରେ ଘରେ ଶିବା ନ ଥିବା ଦେଖି ଖୋଜଖୋଜି କରିଥିଲେ। ସାହିକୁ ଲାଗି ରହିଥିବା ପୋଖରୀରେ ଶିବାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ରାତି ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇ ପାରି ନାହିଁ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

### ବିଧାୟକଙ୍କ ପାପଡାହାଣ୍ଡି ଡାକ୍ତରଖାନା ପରିଦର୍ଶନ

ପାପଡାହାଣ୍ଡି, ୨୦।୭(ଡି.ଏନ୍.ଏ)- ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଶନିବାର ପାପଡାହାଣ୍ଡି ବ୍ଲକ ଗସ୍ତ କରିଥିଲେ। ଏହି ସମୟରେ ସେ ଅଚାନକ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ତେବେ ଡାକ୍ତରଖାନାରେ ଜଣେ ମାତ୍ର ଡାକ୍ତର ଉପସ୍ଥିତ ଥିବା ବେଳେ ଡାକ୍ତରଖାନା ଭିତର ପରିବେଶ ଦେଖି କର୍ମଚାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ରୋଗୀମାନଙ୍କୁ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ରୋଗୀଙ୍କ ବେଡରେ ପକାଯାଇଥିବା ବେଡ଼ସିଟ ଗୁଡିକ କାହିଁକି ବଦଳାଯାଉନି ବୋଲି କହି ତାଗିଦ କରିଥିଲେ। ଶୀଘ୍ର ମେଡିକାଲ ପରିବେଶକୁ ସଫା ସୁତରା ରଖିବାକୁ ପରାମର୍ଶ ଦେଇଥିଲେ। ରୋଗୀଙ୍କ ସେବାରେ ଯେପରି କୌଣସି ପ୍ରକାର ଅସୁବିଧା ନ ହୁଏ ସେ ଦିଗରେ ଦୃଷ୍ଟି ଦେବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ।

■ ବୃକ୍ଷରୋପଣ ନିଶା

# ରାସ୍ତାକଡ଼ ସବୁଜିମାରେ ଭରୁଛନ୍ତି ଲିଙ୍ଗରାଜ

ନବରଙ୍ଗପୁର,୨୦।୭(ବି.ପ୍ର.)

ଗଛର ମହତ୍ତ୍ୱ ଲୋକମାନେ ବୁଝି ନ ପାରି ଏହାକୁ ଅନାୟସରେ କାଟି ପକାଉଛନ୍ତି। ଏପରିକି ଦିନକୁ ଦିନ ଜଙ୍ଗଲ ମଧ୍ୟ ନଷ୍ଟ ହେଉଛି। କିନ୍ତୁ ଗଛ ଯେ କେତେ ଉପକାରୀ ଏବଂ ମାନବ ସମାଜ ବଞ୍ଚିବାରେ ଏହା କେତେ ସହାୟକ ତାହା ବୁଝିଛନ୍ତି ଲିଙ୍ଗରାଜ ମିଶ୍ର। ବୃକ୍ଷରୋପଣ କରିବା ତାଙ୍କର ଏକପ୍ରକାର ନିଶା ପାଲଟିଛି। କେବଳ ଯେ ଗଛ ଲଗାଇ କର୍ତ୍ତବ୍ୟ ସାରି ଦେଇ ନ ଥାନ୍ତି, ଗଛଟି କିଭଳି ବଞ୍ଚିବ ସେଥିପାଇଁ ସେ ଉଦ୍ୟମ କରିଥାନ୍ତି। ବିଶେଷ କରି ରାସ୍ତା ପାର୍ଶ୍ୱରେ ଗଛ ଲଗାଇ ସବୁଜିମା ବଳୟ ସୃଷ୍ଟି କରି ପାରିଛନ୍ତି।

ନବରଙ୍ଗପୁର ବ୍ଲକ ଭତରାସିଉନୀ ପଞ୍ଚାୟତ ସଦର ମହକୁମାର ସ୍ୱର୍ଗତ ରମେଶ ଚନ୍ଦ୍ର ମିଶ୍ରଙ୍କ ସାନପୁଅ ତଥା ଗ୍ରାମ ରୋଜଗାର ସେବକ ଲିଙ୍ଗରାଜ ମିଶ୍ର (୪୦) ରାସ୍ତା କଡରେ ଗଛ ଲଗାଇଥାନ୍ତି । ନବରଙ୍ଗପୁର-କୋଷାଗୁମୁଡା ୭ କିମି ରାସ୍ତା କଡ ସମେତ ମୁଖ୍ୟ ରାସ୍ତାରୁ ପଞ୍ଚାୟତ ସଦର ମହକୁମାକୁ ସଂଯୋଗ କରୁଥିବା ରାସ୍ତା, ଭତରା ଗାଁ ରାସ୍ତା, ଏସଏସଡି ହାଇସ୍କୁଲ ରାସ୍ତାର ଉଭୟ ପାର୍ଶ୍ୱରେ ବଟ, ଅଶ୍ୱତଥ ଓ କୃଷ୍ଣ ଚୂଡା ଗଛ ଲଗାଇଛନ୍ତି । ସେହିଭଳି ଭତରା ସିଉନି ପଞ୍ଚାୟତର ବିଭିନ୍ନ ଗାଁର ରାସ୍ତା ଛକରେ ବୃକ୍ଷ ରୋପଣ କରି ସମସ୍ତଙ୍କ ନିକଟରେ ଜଣେ ପରିବେଶବିତ ଭାବେ ଜଣାଶୁଣା । ବୃକ୍ଷ ରୋପଣ ମଧ୍ୟରେ ୧୨୦ଟି ବଟ ଓ ୨୦ଟି ଅଶ୍ୱତଥ ଗଛ ଲଗାଇଛନ୍ତି । ପ୍ରତିବର୍ଷ ଜୁନ ୧୫ ତାରିଖରୁ ଗଛ ଲଗାଇବା ଆରମ୍ଭ କରିଥାନ୍ତି। ଲଗାଯାଇଥିବା ଗଛ ଗୁଡିକ କିଭଳି ରହିଛି ତହାର ଯତ୍ନ ମଧ୍ୟ ୩ ବର୍ଷ ପର୍ଯ୍ୟନ୍ତ ସେ ନେଇ ଥାଆନ୍ତି। ପିଲାଟି ଦିନରୁ ବାପାଙ୍କ ସହ ଗଛ ଲଗାଇବା ଦେଖି ସେଥିରୁ ପ୍ରେରଣା ପାଇଥିଲେ ଲିଙ୍ଗରାଜ । ବାପା ରମେଶ ଗାଁ ନିକଟରେ ରହିଥିବା ପାହାଡ ଉପରେ ଅନେକ ମିଶ୍ରିତ ଗଛ ଲଗାଇବା ସହ ପାହାଡ ତଳେ ଥିବା ପଞ୍ଚାୟତ ଜାଗାରେ ମିଶ୍ରିତ ଫଳ ଗଛ ଲଗାଇଥିଲେ । ଯାହାକି ଏବେ ଆମ୍ବ, ପିଜୁଳି, ପଣସ ଭଳି ଅନ୍ୟାନ୍ୟ ମିଶ୍ରତ ଫଳ ଫଳୁଛି । ଏହି ଉପାଦେୟତାକୁ ପାଥେୟ କରି ବାପାଙ୍କ ଠାରୁ ପ୍ରେରଣା ପାଇ ୨୦୦୨ରୁ ଲିଙ୍ଗରାଜ ପ୍ରତିବର୍ଷ ଚାରା ସଂଗ୍ରହ କରିବା ସହ ତାହାକୁ ଘରକୁ ଆଣି ଯତ୍ନରେ ରଖି ବଢିବା ପରେ ବିଭିନ୍ନ ରାସ୍ତାକଡ ଓ ଛକରେ ଲଗାଇଥାନ୍ତି । ଲିଙ୍ଗରାଜ ବିବାହ ହେବା ପରେ ତାଙ୍କ ସ୍ତ୍ରୀ ଲିଲି ମିଶ୍ର ମଧ୍ୟ ବୃକ୍ଷ ରୋପଣରେ ତାଙ୍କୁ ସହାୟତା କରୁଛନ୍ତି। । ୨୦୦୨ରୁ ଲଗାଯାଇଥିବା ବଟ ଓ ଅଶ୍ୱତଥ ବୃକ୍ଷ ପଥିକଙ୍କୁ ଛାୟା ପ୍ରଦାନ କରିବା ସହ ମନଲୋଭା ସୌନ୍ଦର୍ଯ୍ୟ ଭରା ଲାଗୁଛି । ପକ୍ଷୀ ଗୁଡିକ ବସା ବାନ୍ଧିବା ସହ ସକାଳର ସୂର୍ଯ୍ୟକିରଣ ଓ ଅସ୍ତ ପୂର୍ବରୁ ପକ୍ଷୀଙ୍କ ମଧୁର ରାବ ସମସ୍ତଙ୍କୁ ଖୁବ ଆନନ୍ଦିତ କରି ଆସୁଛି । ତାଙ୍କ ବାପାଙ୍କ ବିୟୋଗ ପରେ ପ୍ରତ୍ୟେକ ଶ୍ରାଦ୍ଧ ଦିବସରେ ସ୍ଥାନୀୟ ଲୋକଙ୍କୁ ୨ ହଜାର ବିଭିନ୍ନ ମିଶ୍ରିତ ଚାରା ବଣ୍ଟନ କରି ଆସୁଛନ୍ତି। ଯେଉଁ ଚାରା ଗୁଡିକ ସେ ନିଜ ଖର୍ଚ୍ଚରେ ନବରଙ୍ଗପୁରରୁ କିଣିକିଆଣି ପ୍ରଦାନ କରୁଛନ୍ତି। ପରିବେଶକୁ ଭଲ ପାଉଥିବା ଏହି ଭଳି ଜଣେ ଯୁବକ ପ୍ରଶାସନର ଅନ୍ତୁଆଳରେ ରହି ଯାଇଛନ୍ତି। ଲିଙ୍ଗରାଜଙ୍କ ପରିବେଶ ପ୍ରତି ଯେତିକି ଶ୍ରଦ୍ଧା ରହିଛି ସେତିକି ପଶୁ ପକ୍ଷୀ ପାଳନରେ ମଧ୍ୟ ଆଦର ରହିଛି । ପଞ୍ଚାୟତରେ ଜଳ ସଂରକ୍ଷଣ କିଭଳି ହେବ ସେ ନେଇ ମଧ୍ୟ ଚିନ୍ତା କରି ଆସିଛନ୍ତି ଲିଙ୍ଗରାଜ ।



ଭତରାସିଉନୀ ପଞ୍ଚାୟତ ସଦର ମହକୁମା ଯିବା ରାସ୍ତାକଡରେ ସେ ଲଗାଇଥିବା ଗଛ ବଡ ହୋଇ ଛାୟା ପ୍ରଦାନ କରୁଛି।



ଗ୍ରାମ ରୋଜଗାର ସେବକ ଲିଙ୍ଗରାଜ ମିଶ୍ର ଓ ତାଙ୍କ ପତ୍ନୀ ଲିଲି ବଟ ବୃକ୍ଷ ଲଗାଉଛନ୍ତି ।

■ ଗଛ ଲଗାଇବା ପରେ ୩ ବର୍ଷ ପର୍ଯ୍ୟନ୍ତ ଏହାର ଯତ୍ନ ନେଇଥାନ୍ତି

■ ୨୦୦୨ରୁ ଲଗାଇଆସୁଛନ୍ତି ଗଛ

# ବ୍ୟାଙ୍କ ଅଫ ବରୋଦାର ୧୧୨ତମ ସ୍ଥାପନା ଦିବସ

ଚନ୍ଦାହାଣ୍ଡି, ୨୦।୭(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମାଠାରେ ବ୍ୟାଙ୍କ ଅଫ ବରୋଦା ଚନ୍ଦାହାଣ୍ଡି ଶାଖାର ୧୧୨ତମ ସ୍ଥାପନା ଦିବସ ଧୁମଧାମରେ ପାଳନ କରାଯାଇଛି । ପ୍ରଥମେ ଅତିଥିମାନଙ୍କ ଦ୍ୱାରା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନଭୋଜନ ଖାଇବା ନିମନ୍ତେ ଥାଳି ଏବଂ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଏହା ପରେ ବ୍ୟାଙ୍କ ଶାଖାଠାରେ କେକ କାଟି ସ୍ଥାପନା ଦିବସ ପାଳନ କରାଯାଇଥିଲା । ଏହା ପରେ ସଭାର ଆୟୋଜନ କରାଯାଇ ଅତିଥିମାନେ ବ୍ୟାଙ୍କ ଅଫ ବରୋଦାର ବିଭିନ୍ନ ଯୋଜନା ଉପରେ କହିଥିଲେ। ଏଥିରେ ସଭାପତି ଭାବେ ବ୍ୟାଙ୍କର ଶାଖା ପରିଚାଳକ ତରଣୀସେନ ରଉତିଆ, ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ, ମୁଖ୍ୟବକ୍ତା ତହସିଲଦାର ହୃଦାନନ୍ଦ ମାଝି, ସମ୍ମାନିତ ଅତିଥି ପୁରୁଷୋତ୍ତମ ପାରୀ, ପଦ୍ମଲୋଚନ ସାହୁ, ଦୂତିବାହାନ ଖମାରୀ, ନିଳମଣି ଗୌଡ, ପ୍ରଦୀପ ପାଢି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜଏଣ୍ଟ ମ୍ୟାନେଜର ଅଭିଷେକ ଗୌର, ବ୍ୟାଙ୍କ କୃଷି ଅଧିକାରୀ ଯୋଗେନ୍ଦ୍ର କୁମାର ନାହାକ, ସତ୍ୟପ୍ରକାଶ ମେହେର, ପ୍ରସାଦ ପ୍ରଧାନ, ନରେନ୍ଦ୍ର କଶ୍ୟପ, ରୁକମଣି ହାତୀ, ବିଜୟକତିମ, ଗିରିଧାରୀ ପଟେଲ ଗଜପତି ନାଗେଶ, ରୋହିତ ବାଘ, ହେମନ୍ତ କୁମାର କିଶୋର ପ୍ରମୁଖ ପରିଚାଳନା କରିଥିଲେ। ବ୍ୟାଙ୍କରେ ପ୍ରାୟ ୩୦୦ ଗ୍ରାହକ ଜମା ହୋଇଥଲେ ।



ବ୍ୟାଙ୍କ ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି ଓ ବ୍ୟାଙ୍କ କର୍ମଚାରୀ ।

# ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଛାତ୍ରୀଙ୍କ ସଫଳତା

ଡାବୁଗାଁ, ୨୦।୭ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ସରକାରୀ ଉଚ୍ଚ ମାଧମିକ ବାଳିକା ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ସସ୍ମିତା ଜାନୀ ଓ ରଶ୍ମିତା ସାନ୍ତା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗୀତାରେ ସଫଳତା ହାସଲ କରି ପୁରସ୍କୃତ ହୋଇଛନ୍ତି। ଓଡିଶା ଲଳିତ କଳା ଏକାଡେମୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୁଲ୍ୟରେ ଜନଜାତି ଶିଶୁମାନଙ୍କ କଳା ଓ ସଂସ୍କୃତିର ବିକାଶ ନିମନ୍ତେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗୀତାରେ ସେମାନେ ପୁରସ୍କୃତ ହୋଇଥିଲେ। ଭୁବନେଶ୍ୱର ଭଞ୍ଜ କଳା ମଣ୍ଡପରେ ଅନୁଷ୍ଠିତ ପୁରସ୍କାର ପ୍ରଦାନ ଉତ୍ସବରେ ଓଡିଶା ଲଳିତ କଳା ଏକାଡେମୀ ସଚିବ ମାନସ୍ୱିନୀ ସାହୁଙ୍କ ଠାରୁ ଛାତ୍ରୀମାନେ ପୁରସ୍କାର ଗ୍ରହଣ କରିଛନ୍ତି ।



ସଚିବ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି।

# ଅଙ୍ଗନୱାଡି କେନ୍ଦ୍ରରେ ଚାରାରୋପଣ

ଉମରକୋଟ,୨୦।୭(ଡି.ଏନ୍.ଏ)

ଉମରକୋଟ ବ୍ଲକ ଅନ୍ତର୍ଗତ ବୁର୍ଜା ପଞ୍ଚାୟତର ପୂଜାରୀପାରା ଅଙ୍ଗନୱାଡି କେନ୍ଦ୍ରଠାରେ ଶନିବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଶିଶୁ ଗଛଟିଏ ଲଗାଇବାର ଆବଶ୍ୟକ ରହିଛି। ଶିଶୁମାନଙ୍କ ବୃକ୍ଷରୋପଣ କରିବା ପାଇଁ ମା' ମାନେ ଆଗ୍ରହ ସୃଷ୍ଟି କରିବା ସହ ପ୍ରକୃତିକୁ ଭଲ ପାଇବାର ଶିକ୍ଷାଦାନ କରିବା ସକାଶେ ଅଙ୍ଗନୱାଡି କେନ୍ଦ୍ରରେ ଉପସ୍ଥିତ ମହିଳାମାନଙ୍କୁ ଅଙ୍ଗନୱାଡି କେନ୍ଦ୍ରର ନୀରିକ୍ଷକ ସରିତା ଜେନା ପରାମର୍ଶ ଦେଇଥିଲେ। ପୂଜାରିପାରା ଅଙ୍ଗନୱାଡି କେନ୍ଦ୍ର ପରିସରରେ ୫୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୟନ୍ତ ସାରଥୀ, ଅଙ୍ଗନୱାଡି କର୍ମୀ ବିଳାସପତି ପୂଜାରୀ ଓ ଗ୍ରାମର ବହୁ ମହିଳା ଓ ଶିଶୁ ସାମିଲ ଥିଲେ।



ଚାରା ରୋପଣ କରାଯାଉଛି ।

# ବିଧବା ବୃଦ୍ଧା ପାଇଲେ ବର୍ଦ୍ଧିତ ଭତ୍ତା

ତେନ୍ତୁଳିଖୁଣ୍ଟି,୨୦।୭(ଡି.ଏନ୍.ଏ)

ଧରିତ୍ରୀ ପ୍ରଭାବ

ତେନ୍ତୁଳିଖୁଣ୍ଟି ବ୍ଲକ ସଦର ପଞ୍ଚାୟତର ଖଣ୍ଡିଆଗୁଡା ଗ୍ରାମର ବିଧବା ବଇଦୀ ଜାନୀ (୮୨)ଙ୍କୁ ବର୍ଦ୍ଧିତ ଭତ୍ତା ମିଳୁ ନଥିଲା। ଏ ସମ୍ପର୍କରେ ଜୁନ ୨୩ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବଇଦୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି। ରାଜ୍ୟ ସରକାର ୭୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କ ପାଇଁ ବର୍ଦ୍ଧିତ ଭତ୍ତା ଲାଗୁ କରିଛନ୍ତି। କିନ୍ତୁ ବଇଦୀଙ୍କୁ ୮୦ ବର୍ଷ ହୋଇଥିଲେ ମଧ୍ୟ ବର୍ଦ୍ଧିତ ଭତ୍ତା ମିଳୁ ନଥିଲା। ସେ ବର୍ଦ୍ଧିତ ଭତ୍ତା ପାଇବା ପାଇଁ ବ୍ଲକ କାର୍ଯ୍ୟାଳୟରୁ ତାଲିକା ବାହାରିବା ସତ୍ତ୍ୱେ ବର୍ଦ୍ଧିତ ଭତ୍ତା ପଞ୍ଚାୟତ ସ୍ତରରେ ପାଉ ନଥିଲେ। ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ବିଡିଓ ଅକ୍ଷମିତା କାର୍ତ୍ତିକ, ଏସଇଓ ବଳରାମ ସୁନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବଇଦୀଙ୍କ ଘରକୁ ଯାଇ ବର୍ଦ୍ଧିତ ଅର୍ଥ ପ୍ରଦାନ କରିଛନ୍ତି। ତେବେ ୧୦୦୦ ଟଙ୍କା ମାସିକ ଭତ୍ତା ବଦଳରେ ୭୦୦ ହିସାବରେ ୭ ମାସର ଏରିୟର ୧୪୦୦ ଟଙ୍କା ପ୍ରଦାନ କରିଛନ୍ତି। ବର୍ଦ୍ଧିତ ଭତ୍ତା ୧୦୦୦ ଟଙ୍କା ହୋଇଥିବା ବେଳେ କେବେ ଉକ୍ତ ବର୍ଦ୍ଧିତ ଟଙ୍କା ମିଳିବ ବୋଲି ମତପ୍ରକାଶ ପାଇଛି।



ବଇଦୀ ଜାନିଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରୁଛନ୍ତି।

# ଆମ ପୋଲିସ ସଭା କାର୍ଯ୍ୟକ୍ରମ

ଚନ୍ଦାହାଣ୍ଡି,୨୦।୭(ଡି.ଏନ୍.ଏ)- ଚନ୍ଦାହାଣ୍ଡି ସ୍ଥିତ ଧୋଡିପାଣିଠାରେ ଥାନା ଅଧିକାରୀ ଅଭୟ ବେହେରାଙ୍କ ନେତୃତ୍ୱରେ ଆମ ପୋଲିସ ସଭା ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ସରପଞ୍ଚ, କାର୍ତ୍ତିକ ବାଘ, ବଳରାମ ପଟ୍ଟନାୟକ, ଓ୍ୱାର୍ଡମେମ୍ବର ପ୍ରମୁଖ ଯୋଗ ଦେଇଥିଲେ। ଜନସାଧାରଣଙ୍କୁ କୌଣସି ଗଣ୍ଡଗୋଳ ନ କରିବା ପାଇଁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଜୁଆ ଖେଳ, ଗ୍ରାମରେ କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତି ହେଲେ ପୋଲିସକୁ ସୂଚନା ଦେବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ ରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରତି ପଞ୍ଚାୟତରେ ପ୍ରତ୍ୟେକ ମାସରେ କରାଯାଇ ଲୋକଙ୍କ ସହ ଭାଇଚାରା ସୃଷ୍ଟି କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇନ୍ତି। ଗଣେଶ ବେହେରା, ବିଦ୍ୟା ନେତାମ, ତରୁଣ ତ୍ରିପାଠୀ, କନଷ୍ଟେବଳ ନାରାୟଣ ଗୌଡ ପ୍ରମୁଖ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ

ଡାବୁଗାଁ, ୨୦।୭ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ହାଟପଦା ଠାରେ ରାସ୍ତା କଡରେ ଗତ ୭ ଦିନ ତଳେ ବିପିଏଲ ହିତାଧିକାରୀଙ୍କୁ ବିଦ୍ୟୁତ ଯୋଗାଇ ଦେବା ପାଇଁ ୧୦ଟି ଖୁଣ୍ଟ ପୋତାଯାଇଥିଲା। ବିଦ୍ୟୁତ ଖୁଣ୍ଟ ଗୁଡିକ ୨ଫୁଟ ଗାତ ଖୋଳି ପୋତା ଯାଇ ତାର ଟଣା ଯାଇଛି । ଖୁଣ୍ଟ ପୋତିବା ବେଳେ କଂକ୍ରିଟ କରାଯାଇନାହିଁ। ଯାହାକି ବର୍ଷା ହେବାରୁ ମାଟି ଦବି ଯାଇ ଖୁଣ୍ଟ ଗୁଡିକ ନଇଁ ପଡିଛି। ଖୁଣ୍ଟ ଗୁଡିକ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଖୁଣ୍ଟ ଗୁଡିକ କେତେବେଳେ କାହା ଉପରେ ପଡିଯିବାର ଆଶଙ୍କା ରହୁଛି। ଖୁଣ୍ଟ ଗୁଡିକ ଠିକ ଭାବେ ପୋତାଯିବା ପାଇ ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ କୁମାର ବେହେରା, ଓ୍ୱାର୍ଡ ସଭ୍ୟ ପ୍ରଶାନ୍ତ କୁମାର ପଣ୍ଡା, ସୁବାସ ଚନ୍ଦ୍ର ଜେନା , ଶଙ୍କର ଗୌଡ ଓ ଗ୍ରାମବାସୀ ଦାବି କରିଛନ୍ତ।



ଅଳ୍ପ ଖାଲ କରି ପୋତାଯାଇଥିବା ବିଦ୍ୟୁତ ଖୁଣ୍ଟକୁ ଗ୍ରାମବାସୀ ଦେଖାଉଛନ୍ତି।

■ ଯୁକ୍ତ ୩ରେ ନାମଲେଖା ପାଇଁ ସ୍ପଟ୍ ଆଡମିଶନ

# ସାଇବର ଜୋନରେ ଶୋଷିତ ହେଉଛନ୍ତି ଛାତ୍ରୀଛାତ୍ର

ନବରଙ୍ଗପୁର,୨୦।୭(ବି.ପ୍ର.)

ଯୁକ୍ତ ତିନ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ସ୍ପଟ୍ ଆଡମିଶନ କରିବା ପାଇଁ ସରକାର ନିୟମ କରିଛନ୍ତି । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ଦିନ ଧାର୍ଯ୍ୟ କରାଯାଇଥିବାରୁ ଛାତ୍ରୀଛାତ୍ରମାନେ ସାଇବର ଜୋନରେ ଭିଡ ଜମାଇଛନ୍ତି । ନବରଙ୍ଗପୁର ଭଳି ଆଦିବାସୀ ଅଧ୍ୟୁଷିତ ତଥା ପଛୁଆ ଜିଲାରେ ସମସ୍ତଙ୍କ ପାଖରେ ଏଟିଏମ କାର୍ଡ ନଥିବା ଓ ଖାତା ଥିଲେ ମଧ୍ୟ ସଞ୍ଚୟ ସେତିକି ନଥିବା ଲାଗି ବିଭିନ୍ନ ସମସ୍ୟା ଭୋଗୁଛନ୍ତି । ଅନ୍ୟ ପକ୍ଷେ ନବରଙ୍ଗପୁର ଜିଲାରେ ଗୋଟିଏ ମଧ୍ୟ ଯୁକ୍ତ ତିନି ସରକାରୀ ମହାବିଦ୍ୟାଳୟ ନଥିବାରୁ ଛାତ୍ରୀଛାତ୍ର ମାନେ ଘରୋଇ ମହାବିଦ୍ୟାଳୟରେ ନାମ ଲେଖା ପାଇଁ ଅନଲାଇନରେ ଆବେଦନ କରିଛନ୍ତି । ଯେଉଁ ଛାତ୍ରୀଛାତ୍ର ଚୟନ କରିଥିବା ମହାବିଦ୍ୟାଳୟ ମାନଙ୍କରେ ନାମ ଲେଖା ପାଇଁ ଆବେଦନ କରିଛନ୍ତି ସେହି ମହାବିଦ୍ୟାଳୟ ଧାର୍ଯ୍ୟ କରିଥିବା ଡୋନେସନ ତଥା ଫି ଅନଲାଇନ ମାଧ୍ୟମରେ ଜମା କରିବାକୁ ନିର୍ଦ୍ଦେଶ ରହିଛି । ଏହା ଦ୍ୱାରା ଗରିବ ଛାତ୍ରୀଛାତ୍ର ସମସ୍ୟା ଭୋଗୁଛନ୍ତି । ସାଇବର ଜୋନ ମାନଙ୍କୁ ଗଲେ ସେମାନେ ତାଙ୍କ ଆକାଉଣ୍ଟରୁ ମହାବିଦ୍ୟାଳୟ ଆକାଉଣ୍ଟକୁ ଟଙ୍କା ଜମା କରୁଛନ୍ତି । ଧାର୍ଯ୍ୟ ଡୋନେସନରୁ ଅଧିକ ୫ଶହରୁ ୧ ହଜାରଟଙ୍କା ପର୍ଯ୍ୟନ୍ତ ନେଉଛନ୍ତି । ଏହାର ମୁଖ୍ୟ କାରଣ ହେଲା ଗରିବ ପରିବାରଙ୍କ ଜମା ଖାତାରେ ଟଙ୍କା ଓ ଏଟିଏମ ନାହିଁ । ପୂର୍ବରୁ ମହାବିଦ୍ୟାଳୟ ମାନଙ୍କରେ ଆବେଦନ ପରେ ତାଲିକା ପ୍ରକାଶ ପାଇବା ପରେ ଛାତ୍ରୀଛାତ୍ର ଆଡମିଶନ କରିବାକୁ ଗଲେ ପରିଚାଳନା କମିଟି, ଜିଲାପାଳ, ଉପଜିଲାପାଳ, ବିଧାୟକ ଓ ମନ୍ତ୍ରୀ ମାନଙ୍କ ଚିଠି କ୍ରମେ କିଛି ଡୋନେସନ କମ ଦେଇ ଆଡମିଶନ କରି ପାରୁ ଥିଲେ । ଏପରିକି ଗରିବ ଛାତ୍ରୀ ଛାତ୍ରଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଡୋନେସନ ମଧ୍ୟ ଛାଡ କରାଯାଇ ଆସୁଥିଲା । ଏଥର ଏହି ସୁବିଧା ନଥିବାରୁ ସିଧାସଳଖ ଟଙ୍କା ଜମା କରିବା ପରେ ସ୍ଲିପ ଧରି ଆସିବା ପରେ ମହାବିଦ୍ୟାଳୟ ଗୁଡିକ ଜଏନ କରୁଛନ୍ତି । ଏହା ଦ୍ୱାରା ଜିଲାରେ ଅନେକ ଗରିବ ଓ ନିସହାୟ ଛାତ୍ରୀ ଛାତ୍ର ଶୋଷଣ ଶିକାର ହେବା ସହ ଖର୍ଚ୍ଚାନ୍ତ ହେଉଛନ୍ତି । ଏଥିପ୍ରତି ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A GOVERNMENT OF ODISHA UNDERTAKING)
E.H.T. (O&M) DIVISION, BHADRAK, PO: Gelpur, Dist: Bhadrak- 756181
Telephone: (06784) 240269 E-mail: ehtm.div.bhdrak@optcl.co.in

TENDER CALL NOTICE NO.-BDK/01/2019

Sealed tenders are invited by the undersigned from registered order suppliers/ Manufacturers/ their authorized dealers for procurement of 150 W LED based flood light in complete outdoor fitting for 220/132/33 KV Grid s/s BHADRAK under EHT (O&M) Division, BHADRAK .Cost of tender paper is Rs.2240/-, EMD = Rs 5000/-. Sale of tender documents is from **Dt:-22.07.2019 to Dt:-07.08.2019** (during office hours). Last date of submission of tender is **Dt:-08.08.2019** upto 01:00PM. Date of opening of tender is **Dt:-08.08.2019** at 4.00 PM. For details visit our website **www.optcl.co.in**.
Corrigendum if any will be published in the website only.

**Sd./- Dy. General Manager Elect),**
**EHT(O&M) Division, Bhadrak**

OCAC
ODISHA COMPUTER APPLICATION CENTRE
**REQUEST FOR PROPOSAL**
Enq. No. : OCAC-SEGP-INFRA-0001-2019-19028

**RFP for Development & Implementation of Web Portal for CERT-O**

OCAC invites Request for Proposal (RFP) for selection of Software Development Firm for Development and Implementation of **Web Portal for CERT-O.**

The interested firms may download the RFP document from **www.ocac.in** & **www.odisha.gov.in**. Last date for submission of proposal is **13.08.2019, 02:00 P.M.**

**General Manager (Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.: 0674-2567280/2567064/2567295

ORISSA WATER SUPPLY & SEWERAGE BOARD
(A Govt. of Orissa Undertaking)
OFFICE OF THE CHIEF ENGINEER, OISIP, JICA
At : Mahanadi Vihar, P.O. : Naya Bazar, Cuttack-753004
Phone No.:0671-2444511, Fax No. : 0671-2441616, E-mail ID : ce_jica@owssb.in
**Notification No. 18** **Date : 19.07.2019**

**ODISHA INTEGRATED SANITATION IMPROVEMENT PROJECT**

**Invitation of applications from retired persons for engagement as Contractual Divisional Accounts Officer/Junior Stenographer in OISIP, JICA, OWSSB, Cuttack**

The Odisha Integrated Sanitation Improvement Project (OISIP) intends to engage 1 No. Divisional Accounts Officer and 1 No. Junior Stenographer on contractual basis against the vacancy for its project at Cuttack and Bhubaneswar.

| Name of the Contractual Post | Wages | No. of Posts | Qualification, Experience & Age Limit |
|---|---|---|---|
| Divisional Accounts Officer (Contractual) | As per Finance Department Circular No.7022 dtd 17.03.2018, the Contractual DAO is entitled to get consolidated remuneration of Rs.30,000/- per month, which may change from time to time by Govt. | 01 (One) | 1. He should have retired after working as Senior Divisional Accounts Officer / Divisional Accounts Officer in any Engineering office of Odisha State Govt. 2. The candidate should be below 64 years of age as on 31.08.2019. **Computer knowledge** 3. Proficiency in M.S. Office application (M.S word, Excel Power point, Internet Application). |
| Junior Stenographer (Contractual) | As per Finance Department Circular No.7022 dtd 17.03.2018, the Contractual Junior Stenographer is entitled to get consolidated remuneration of Rs.13,000/- per month, which may change from time to time by Govt. | 01 (One) | 1. He should have retired after working as Junior Stenographer/ Senior Stenographer in any office of Odisha State Govt. 2. The candidate should be below 64 Years of age as 31.08.2019. **Computer knowledge** 3. Proficiency in M.S. Office application (M.S word, Excel Power point, Internet Application). |

Interested eligible candidates may apply in plain paper, along with their updated CV, Matriculation Certificate along with **copy of pension payment order of final pension issued by A,G., Odisha / Provisional pension order / copy of proof of retirement from Govt. of Odisha** in the above address **by speed post only.** so as to reach this office on or before 05.08.2019. The candidates should clearly furnish their correspondence address, contact phone no. and E-mail ID for further communication.OISIP Authority reserves the right to reject any or all the candidatures without assigning any reason thereof .

Sd/-
Chief Engineer, OISIP, JICA, OWSSB, Cuttack

## ସଂକ୍ଷେପରେ

### ମଦ ଜବତ, ୩ ଗିରଫ

କୋରାପୁଟ,୨୦।୭(ସ୍ୱ.ପ୍ର.): କୋରାପୁଟ ଅବକାରୀ ବିଭାଗ ଓ ଟାଉନ ଥାନା ପକ୍ଷରୁ କୋରାପୁଟ ସହର ସମେତ ଡୁମୁରିପୁଟ ଅଞ୍ଚଳରେ ଚଢ଼ାଉ କରି ୧୬ ଲିଟର ଦେଶିମଦ ଜବତ କରିବା ସହ ଏଥିରେ ସଂପୃକ୍ତ ଥିବା ୩ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। କୋରାପୁଟ ସହର ଅଞ୍ଚଳରେ ବେଆଇନ ଦେଶୀମଦ ବିକ୍ରି କରୁଥିବା ଗୋବିନ୍ଦ ଖେମୁଣ୍ଡୁଙ୍କୁ ଗିରଫ କରାଯାଇ ତାଠାରୁ ୬ ଲିଟର ବେଆଇନ ମଦ ଜବତ କରାଯାଇଛି। ସେହିପରି ଡୁମୁରିପୁଟ ପଞ୍ଚାୟତର ପଦ୍ମପୁର ଗ୍ରାମରେ ଚଢ଼ାଉ କରାଯାଇ ୧୦ ଲିଟର ଦେଶୀମଦ ଜବତ ସହ ଏଥିରେ ସଂପୃକ୍ତ ଧନିଆ ଖରା ଓ ମଙ୍ଗଳା ନାୟକଙ୍କୁ ଗିରଫ କରାଯାଇଥିବା କୋରାପୁଟ ଅବକାରୀ ବିଭାଗ ସୂଚନା ଦେଇଛି।

### ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ, ନିର୍ଯାତନା ଦେଇ ସ୍ୱାମୀ ଗିରଫ

ଜୟପୁର,୨୦।୭(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁର ସଦରଥାନାର ଡିମଳା ଗ୍ରାମ ସ୍ଥିତ ଅଭିଯୁକ୍ତ ସ୍ୱାମୀ ନିଜର ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଓ ନିର୍ଯାତନା ଦେଉଥିବା ଅଭିଯୋଗରେ ଗିରଫ ହୋଇଥିବା ବେଳେ ଶନିବାର କୋର୍ଟ ଚାଲାଣ ହୋଇଛନ୍ତି। ଅଭିଯୁକ୍ତ ହେଲେ ୟୁ. ବିକ୍ରମ କୁମାର (୩୨)। ଅଭିଯୁକ୍ତ ଜଣକ ୮ ବର୍ଷ ତଳେ ମହିଳାଙ୍କୁ ବିବାହ କରିଥିବା ବେଳେ କିଛିଦିନ ହେବ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ବେଳେ ହତ୍ୟା ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ୪୯୮, ୩୦୭ ଏବଂ ୩୨୩, ୫୦୬ ଦଫାରେ ଗିରଫ କରାଯିବା ସହ କୋର୍ଟ ଚାଲାଣ କରାଯାଇଥିବା ନେଇ ତଦନ୍ତକାରୀ ଅଧିକାରୀ ଏସ୍.କେ. ସ୍ୱାଇଁ ପ୍ରକାଶ କରିଛନ୍ତି।

### କୁକୁଡ଼ା ଚିଆଁ ବାଣ୍ଟିଲା ପ୍ରାଣୀ ଚିକିତ୍ସା ବିଭାଗ

ଦାମନଯୋଡ଼ି,୨୦।୭(ସ୍ୱ.ପ୍ର.): ସେମିଲିଗୁଡ଼ା ପ୍ରାଣୀ ଚିକିତ୍ସା ବିଭାଗ ବ୍ଲକର ରେଙ୍ଗା, ପାକଝୋଲା ଓ ହାଟଗୁଡ଼ା ପଞ୍ଚାୟତର ଚକଡ଼ା ପୋକ ଦ୍ୱାରା ଆକ୍ରାନ୍ତ ୪୯ ଜଣ ଚାଷୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟ କ୍ଷତିପୂରଣ ବାବଦରେ ୨୮ ଦିନିଆ ବାଡ଼ି ଅଗଣାରେ ପାଳନ ପାଇଁ କୁକୁଡ଼ା ଚିଆଁ ବଣ୍ଟନ କରିଛି। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସାରଙ୍ଗଧର ଶତପଥୀ,ବିଡିଓ ତ୍ରିନାଥ ମାଝି, ସେମିଲିଗୁଡ଼ା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଅରବିନ୍ଦ ସେଠୀ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ପ୍ରଶାନ୍ତ ସିକା, ବ୍ଲକ ଉପାଧକ୍ଷା ବାସନ୍ତୀ ଛେଦ ନାୟକ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ମାୟାଧର ସାହୁ, ଡାକ୍ତର ରଚିତା ସେଠୀ ଯୋଗ ଦେଇଥିଲେ।

### କଳା ସଂସ୍କୃତି ନେଇ ଆଲୋଚନାଚକ୍ର

#### ଯୁବ ସମାଜ ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ଗୁରୁଦାୟିତ୍ୱ ନେଉ

ମାଲକାନଗିରି/ମାଥିଲି,୨୦।୭ (ଡି.ଏନ.ଏ.): ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡାଠାରେ ଇର୍ମା ବାକା ସ୍ମରଣୀୟ ଜିଲା ସ୍ୱତନ୍ତ୍ର ଦିବ୍ୟାଙ୍ଗ ବିଦ୍ୟାଳୟରେ କଳା ଓ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରିୟାଜ୍ ଫାଉଣ୍ଡେଶନ ପକ୍ଷରୁ ହୋଇଥିବା ଏହି ଆଲୋଚନାଚକ୍ରରେ ସରପଞ୍ଚ ଲକ୍ଷ୍ମୀଧର ବାକା, ପ୍ରଧାନଶିକ୍ଷକ ପ୍ରକାଶ ନନ୍ଦି, ଅବସରପ୍ରାପ୍ତ ଶିକ୍ଷକ ଭିମ ପୃଷ୍ଟି, ସମାଜସେବୀ ବିଷ୍ଣୁପ୍ରିୟା ପାତ୍ର ଅତିଥି ରୂପେ ଯୋଗଦେଇ ଓଡିଶାର କଳା ସଂସ୍କୃତି ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ଆମର କଳା ଓ ସଂସ୍କୃତି ସମାଜ ସହିତ କିଭଳି ଅଙ୍ଗାଙ୍ଗୀ ଭାବେ ଜଡିତ ଏବଂ ଶିକ୍ଷା ସ୍ତରରେ ପ୍ରାଥମିକରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଏହାର କେତେ ଗୁରୁତ୍ୱ ରହିଛି ସେ ସମ୍ପର୍କରେ ଆଲୋଚକମାନେ ନିଜ ମତ ରଖିଥିଲେ। ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ ଶିକ୍ଷା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ନେଇ ଗୁରୁ ଦାୟିତ୍ୱ ଯୁବ ଓ ଛାତ୍ର ସମାଜ ଉପରେ ରହିଛି ବୋଲି ପ୍ରକାଶ କରିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ର ପ୍ରମୋଦ କୁମାର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରିୟାଜ୍ ଫାଉଣ୍ଡେଶନର ଯୁଗ୍ମ ସମ୍ପାଦକ ଶୁଭ୍ରଜିତା ବିଶ୍ୱାଳ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟର ୨୬ଟି ଜିଲାରେ ୨୦୧୨ରୁ ସରକାର ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ କଳା ଶିକ୍ଷକ ନିଯୁକ୍ତି ଦେଉଛନ୍ତି। ମାତ୍ର ମାଲକାନଗିରି ଜିଲାରେ ଏଯାବତ କଳା ଶିକ୍ଷକ ନିଯୁକ୍ତି ହୋଇନାହାନ୍ତି।

# ଶ୍ରାବଣ ପାଇଁ ଜମୁଛି ବୋଲବମ୍ ବଜାର

ଜୟପୁର,୨୦।୭(ଡି.ଏନ୍.ଏ.)


ଜୟପୁର ସହରରେ ଖୋଲିଥିବା ବୋଲ୍‌ବମ୍ ସାମଗ୍ରୀ ଦୋକାନ।

ଶ୍ରାବଣ ମାସରେ ଶିବଙ୍କୁ ଉପାସନା ଏବଂ ଜଳାଭିଷେକ କଲେ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏବେ ଶ୍ରାବଣ ଛୁଇଁବା ପରେ ବୋଲବମ ଭକ୍ତ ବିଭିନ୍ନ ନଦୀ, ଜଳାଶୟରୁ ଜଳ କଳସ ଉଠାଇ କାଉଡ଼ି ଧରି ଚାଲିଚାଲି ଶୈବପୀଠକୁ ଯିବା ଆରମ୍ଭ କରିଛନ୍ତି। କୋରାପୁଟ ଜିଲାର ମୁଖ୍ୟ ଶୈବପୀଠ ଗୁପ୍ତେଶ୍ୱର, ଜୟପୁର ସହରରେ ରହିଥିବା ନୀଳକଣ୍ଠେଶ୍ୱର, ପଞ୍ଚାନନ, କପିଳେଶ୍ୱର, ହଟକେଶ୍ୱର ଓ ଅନ୍ୟ ଶୈବପୀଠକୁ ଭକ୍ତମାନେ ଜଳାଭିଷେକ ପାଇଁ ଆସିବେ। ଏନେଇ ଆବଶ୍ୟକ କାଠରେ ନିର୍ମିତ କାଉଡି, ନାରଙ୍ଗି ରଙ୍ଗର ପ୍ୟାଣ୍ଟ, ସାର୍ଟ, ପିତ୍ତଳ, ପ୍ଲାଷ୍ଟିକ, ମାଟି ନିର୍ମିତ ଡାଲ ଓ ଅନ୍ୟ ସାଜସଜ୍ଜା ସାମଗ୍ରୀ ପାଇଁ ଜୟପୁରରେ ବୋଲବମ୍ ବଜାର ଜମିଲାଣି। ଜୟପୁର ସହରରେ ଏଥିପାଇଁ ୧୦ରୁ ଅଧିକ ଦୋକାନ ଖୋଲିଛି। ବୋଲବମ୍‌ର ସମସ୍ତ ସାମଗ୍ରୀ ଥିବା ସେଟ୍‌ର ଦାମ୍ ୪୦୦ରୁ ଅଧିକ ଟଙ୍କା ରହିଛି। ସେହିପରି ସାର୍ଟ ଓ ପ୍ୟାଣ୍ଟ ଯୋଡ଼ି ୮୦ରୁ ୨୦୦ ଟଙ୍କା ରହୁଛି। ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱରକୁ ବୋଲବମ ଯାତ୍ରା ପାଇଁ ଜିଲା, ରାଜ୍ୟ ଓ ବାହାରର ଭକ୍ତମାନେ ଜୟପୁର ସହରରେ ପହଞ୍ଚିବା ପରେ ଏଠାରେ ସମସ୍ତ ପ୍ରସ୍ତୁତି ଶେଷକରି ସ୍ଥାନୀୟ ପାତ୍ରପୁଟ ନିକଟସ୍ଥ କୋଲାବନଦୀରୁ ଜଳ କାଉଡ଼ି ନେଇ ୪୭ କିଲୋମିଟର ଚାଲିଚାଲି ଜଳାଭିଷକ କରିଥାଆନ୍ତି। ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ଗୁପ୍ତେଶ୍ୱରଠାରେ ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥାଏ।

## ବିଜେଡିର ବ୍ଲକ କମିଟି ଚୟନ

ଲମତାପୁଟ,୨୦।୭(ଡି.ଏନ୍.ଏ.): କୋରାପୁଟ ଜିଲା ଲମତାପୁଟ ବ୍ଲକ ବିଜେଡିର କମିଟି ଚୟନ କରାଯାଇଛି। ଶନିବାର ପୂର୍ବାହ୍ନରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବିଜେଡି କର୍ମୀଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ଶ୍ୟାମସୁନ୍ଦର ନାୟକଙ୍କ ନେତୃତ୍ୱରେ ଏହି ବୈଠକ ହୋଇଥିବା ବେଳେ ଦଳକୁ ମଜଭୁତ୍ କରିବା ସହ ରାଜ୍ୟ ସରକାରଙ୍କ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଏକ କମିଟି ଗଠନ କରାଯାଇଥିଲା। କମିଟିରେ ଧନୁର୍ଜୟ ଦାର୍ଲି,ସୋମନାଥ ମୁଦୁଲି, ଆକବର ଖାନ୍, ଲକ୍ଷ୍ମଣ ସାହୁ, ମୁକୁନ୍ଦ ପଡ଼ାଲ, ଜଗତ କିର୍ସାନି, ଡମ୍ବୁ ଖିଲ, ସୁନାଧର ମୁଦୁଲି, ଭଗବାନ ଖିଲ, ରମେଶ ବିଶୋଇ, ସହଦେବ ପଡ଼ାଲ, ସୋମନାଥ ମାଝିଙ୍କୁ ରଖାଯାଇଛି। ସମ୍ପାଦକ ଭାବେ ବାଲାନାଟ, ମାଧବ ଦୋରା, ଉଦ୍ଧବ ଅଙ୍ଗେଲ, ତାପସ ଚାଲାନ ଓ ବୁଲୁ ମୁଦୁଲିଙ୍କୁ ଚୟନ କରାଯାଇଥିଲା। ସୁନାଧର ଅଡ଼ାରୀ, ଲଳିତ ଦାର୍ଲି ଓ ମୁକୁନ୍ଦ ସାହୁଙ୍କୁ ଉପଦେଷ୍ଟା ଭାବେ ରଖାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା କେତେ ମାରଗରେ ଯାଉଛି**
**ଗଞ୍ଜେଇ ଗଛକୁ ଚଡ଼କ ମାଇଲେ**
**ଗୁଆ ଗଛ ଜଳିଯାଉଛି।**

ଗଞ୍ଜେଇ ଗଛକୁ ଚଡ଼କ ମାରିଲେ ଗୁଆ ଗଛ ଜଳିଯିବା ମନରେ ଦ୍ୱନ୍ଦ୍ୱଭାବ ସୃଷ୍ଟି କରିଥାଏ। ବେଳେବେଳେ କିଛି ବ୍ୟକ୍ତି ରହସ୍ୟ କରି କଥାକୁ ଏପରି କହିଥାନ୍ତି ଯେ ଶୁଣିବା ଲୋକ ଆଚମ୍ବିତ ହୋଇଯାଇଥାଏ। କଥାକୁ ଚଞ୍ଚକତା କରି ବର୍ଣ୍ଣନା କରିବା ଦ୍ୱାରା ମୂଳ କଥାର ଟେର୍ କେହି ପାଇପାରି ନ ଥାନ୍ତି। ଚାତୁରୀ ମାରି କଥା କହି ଲୋକଙ୍କୁ ଭ୍ରମିତ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କ୍ରୋଧଠାରୁ ଶତ୍ରୁ ନାହିଁ**
**ବୋଧଠାରୁ ମିତ୍ର ନାହିଁ।**

କ୍ରୋଧ ମଣିଷର ପରମଶତ୍ରୁ। କ୍ରୋଧ କଲେ ବା ରାଗିଗଲେ ମଣିଷ ନିଜ ଉପରୁ ନିୟନ୍ତ୍ରଣ ହରାଇବସେ। ହିତାହିତ ଜ୍ଞାନ ଭୁଲି ସେ ଯାହା ବି କରିବସେ ତା'ର ପରିଣାମ ଶେଷକୁ କେବଳ ମନ୍ଦ ହିଁ ହୋଇଥାଏ। ସେହିପରି ବୋଧଶକ୍ତି ବ୍ୟକ୍ତିକୁ ଭଲମନ୍ଦ ବିଷୟରେ ଜ୍ଞାତ କରାଇଥାଏ। ବୁଦ୍ଧି, ଜ୍ଞାନ, ଜାଗରଣ, ଅନୁଭୂତି ବ୍ୟକ୍ତିକୁ ସଫଳଗାମୀ କରାଇଥାଏ। ଫଳସ୍ୱରୂପ ବ୍ୟକ୍ତି ସମାଜରେ ସୁପ୍ରତିଷ୍ଠିତ ହେବା ସହ ଉନ୍ନତି ପଥରେ ଅଗ୍ରସର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୟୁପିରେ ଆଦିବାସୀଙ୍କୁ ହତ୍ୟାର ପ୍ରତିବାଦ

ବୈପାରୀଗୁଡ଼ା,୨୦।୭(ଡି.ଏନ୍.ଏ.)

ଉତ୍ତରପ୍ରଦେଶରେ ଚାଷଜମିକୁ କେନ୍ଦ୍ରକରି ଆଦିବାସୀଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାର ନିନ୍ଦା ସହ ଶନିବାର ସ୍ଥାନୀୟ ଏସ୍‌ୟୁସିଆଇ ପକ୍ଷରୁ ଏକ ପ୍ରତିବାଦ ସଭା କରାଯାଇଛି। ଉକ୍ତ ସଭାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦାୟୀ କରାଯାଇଥିଲା। କମ୍ରେଡ ରାମଚନ୍ଦ୍ର ବାରିକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ବ୍ଲକ ସଂପାଦକ ସୂର୍ଯ୍ୟନାରାୟଣ ବିଶୋୟୀ, ଲକ୍ଷ୍ମୀ ବାରିକ, ଲଳିତା ଖିଲ, ଦଶରଥ ଖିଲ ଉଦ୍‌ବୋଧନ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ୧୮ ତାରିଖ ଉତ୍ତରପ୍ରଦେଶର ସୋନଭଦ୍ରା ଜିଲାର ଘରଓ୍ୱାଇ ଅଞ୍ଚଳର ଜଣେ ଗାଁ ମୁଖିଆଙ୍କ ସମର୍ଥକମାନେ ପୁରୁଷାନୁକ୍ରମେ ଚାଷଜମି ଭୋଗ କରି ଆସୁଥିବା କେତେକ ଗଣ୍ଡ ସଂପ୍ରଦାୟର ଆଦିବାସୀଙ୍କୁ ବେଦଖଲ କରିବା ପାଇଁ ଆଖିବୁଜା ଗୁଳି ଚଳାଇଥିଲେ। ଏଥିରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୮ ଜଣ ଆହତ ହୋଇଥିଲେ।



ଏସ୍‌ୟୁସିଆଇ ପକ୍ଷରୁ ଆୟୋଜିତ ପ୍ରତିବାଦ ସଭା।

# ପରିବେଶ ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା

ମାଲକାନଗିରି,୨୦।୭(ଡି.ଏନ.ଏ.)


ସଚେତନତା ଶୋଭାଯାତ୍ରାରେ ବାହାରିଥିବା ଛାତ୍ରୀଛାତ୍ରମାନେ।

- ଆମ ହାତରେ ରହିଛି ସୁସ୍ଥ ସମାଜ
- ବିଭିନ୍ନ ସାହି, ସହର ବୁଲିଲେ
- ବିଦ୍ୟାଳୟ ପରିସରରେ ହେଲା ଚାରା ରୋପଣ
- ଦିନକୁ ଦିନ ବଢ଼ୁଛି ପରିବେଶ ପ୍ରଦୂଷଣ

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ବୁଟିଗୁଡ଼ା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଶନିବାର ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ ଓ ପଲିଥିନ ବର୍ଜନ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବିଦ୍ୟାଳୟଠାରୁ ବାହାରି ବିଭିନ୍ନ ସାହି ଓ ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାକୁ ମାଲକାନଗିରି ସହକାରୀ ବନ ସଂରକ୍ଷକ ଶ୍ରୀକାନ୍ତ ନାୟକ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ବନକର୍ମଚାରୀ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ସଚେତନ କରିଥିଲେ। ପରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ କିସମର ଚାରା ବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିଲା। ପ୍ରଧାନଶିକ୍ଷକ ପ୍ରକାଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ସହକାରୀ ବନ ସଂରକ୍ଷକ ନାୟକ, ବ୍ଲକ ଶିକ୍ଷା ଅଧିକାରୀ ହିଂମାଂଶୁ ଭୂଷଣ ସାମଲ, ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ, ଅଧ୍ୟାପକ ଡ.ରଞ୍ଜନ କୁମାର ସ୍ୱାଇଁ, ପରିବେଶବିତ ଦୁର୍ଯ୍ୟୋଧନ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲଳିତା ପଣ୍ଡା ପ୍ରମୁଖ ଯୋଗଦେଇ ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ ଓ ପଲିଥିନ ବର୍ଜନ ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି କହିଥିଲେ। ଏହା ହେଲେ ପରିବେଶ ପ୍ରଦୂଷଣକୁ ରୋକାଯାଇ ଏକ ସୁନ୍ଦର ଓ ସୁସ୍ଥ ସମାଜ ଗଠନ ହୋଇପାରିବ। ଏହା ଆମ ହାତରେ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ସୁକାନ୍ତ କୁମାର ସାହୁ, ଦେବରାଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
A to Z ସମସ୍ୟାର ସମାଧାନ ଘରେ ବସି।
ବାବା ଆମିଲ ସୁଫି
9540938429
9903852257

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
8765256101
B-36/7 A-Block Vijay Enclave Burari, New Delhi-74


ASTROLOGY

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
ସତ୍ୟପ୍ରେମ ନିରାଶ କାହିଁକି ?
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ମିଆଁ ମଲଖାନ ଜୀ
09870155846

ଫ୍ରି ସେବା କୌଣସି ଫିସ୍ ନାହିଁ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୂଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସ ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ।

-ସକ୍ରେଟିସ



## ସଂକ୍ଷେପରେ

### ବିଦ୍ୟାଳୟରେ ଶିକ୍ଷଣ କାର୍ଯ୍ୟକ୍ରମ

ଜୟପୁର,୨୦।୭(ନି.ପ୍ର.): ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ର ତାରା ପ୍ରସାଦ ଦାସ ଯୋଗଦେଇ ଗଳ୍ପ ମାଧମରେ ସୁନାଗରିକ ହେବା ପାଇଁ ପିଲାଙ୍କୁ ମାର୍ଗଦର୍ଶନ କରାଇଥିଲେ। ଶିକ୍ଷକ ପ୍ରଭାତ ରଥ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଶେଷରେ ଶିକ୍ଷକ ଏମ୍. ଯୋଗେଶ୍ୱରୀ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଯଜ୍ଞେଶ୍ୱର ପଣ୍ଡା, ବିଶ୍ୱରଞ୍ଜନ ଗୌଡ଼, ନରେଶ ଷଡ଼ଙ୍ଗୀ, ଦିଲୀପ ପଣ୍ଡା, ଜୟ ପ୍ରକାଶ ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପର୍ଯ୍ୟଟନ ଓ ସେବା ବିଭାଗ ପକ୍ଷରୁ ଅନୁଷ୍ଠିତ ଶିକ୍ଷଣ କାର୍ଯ୍ୟକ୍ରମରେ ଜୟପୁର ସ୍ଥିତ ଲୋଟସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟର ଅଧାପକ ମଙ୍ଗଳ ପ୍ରସାଦ ପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରାଇଥିଲେ। ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ ଓ ବୈଷୟିକ ପ୍ରଶିକ୍ଷିକା ସୁବର୍ଣ୍ଣ କୁମାରୀ ଖିଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଏକମ୍ବା ସ୍କୁଲରେ ଚାରାରୋପଣ

ଜୟପୁର,୨୦।୭(ନି.ପ୍ର.): ଜୟପୁର ବ୍ଲକ ଅନ୍ତର୍ଗତ ଏକମ୍ବା ପଞ୍ଚାୟତ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କାଳୀକୃଷ୍ଣ ସଂଘ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସଂଘର ସଭ୍ୟମାନେ ବିଦ୍ୟାଳୟକୁ ସବୁଜ ସୁନ୍ଦର କରିବା ପାଇଁ ପ୍ରଚେଷ୍ଟା କରିଥିଲେ। ବିଦ୍ୟାଳୟର ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ୪୦ଟି ଚାରା ରୋପଣ କରାଯାଇଥିଲା। ଏଥିରେ ଇକୋ କ୍ଲବ ଦାୟିତ୍ୱରେ ଥିବା ସୁନୀଲ କୁମାର ପାଢ଼ୀଙ୍କ ସହାୟତାରେ ପିଲାଙ୍କୁ ବୃକ୍ଷର ଉପକାରିତା ଉପରେ ସଚେତନ କରାଇଥିଲେ।

### ରାଜସ୍ୱ ସଚିବଙ୍କୁ ଭେଟିଲା ସିଟିଜେନ କମିଟି

ଜୟପୁର,୨୦।୭(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁର ସିଟିଜେନ କମିଟିର ଏକ ତିନି ଜଣିଆ ପ୍ରତିନିଧି ଦଳ ଭୁବନେଶ୍ୱର ସଚିବାଳୟରେ ରାଜସ୍ୱ ସଚିବଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜୟପୁର ସହରରେ ରହିଥିବା ଜମି ହସ୍ତାନ୍ତର ଯୋଗ୍ୟ ନୁହେଁ ପ୍ରଥାକୁ ଉଚ୍ଛେଦ କରିବା ଏବଂ ଐତିହାସିକ ଜଗନ୍ନାଥ ସାଗର ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ପାଇଁ ଏଥିରେ ଦାବି କରାଯାଇଥିଲା। ବିଭାଗୀୟ ସଚିବ ନିକୁଞ୍ଜ ଧଳ ଏହି ଦୁଇଟି ଦାବି ନେଇ ସମସ୍ତ ବିଷୟ ଅଧୀନସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଐତିହାସିକ ଜଗନ୍ନାଥ ସାଗରର ପାର୍ଶ୍ୱରେ ରହିଥିବା ୧୩୨ଟି ପରିବାର ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ଜଗନ୍ନାଥ ସାଗରର ପୁନରୁଦ୍ଧାର ଓ ସଫେଇ କାର୍ଯ୍ୟ ଜଳସେଚନ ବିଭାଗ ପକ୍ଷରୁ କରାଯିବା ନେଇ ଆଗାମୀ ଦିନରେ ପ୍ରତିନିଧି ଦଳ ଜଳସଂପଦ ସଚିବଙ୍କୁ ସାକ୍ଷାତ କରିବେ ବୋଲି ସାଧାରଣ ସଂପାଦକ ପଣ୍ଡିତ ଗୀତୀ ପ୍ରକାଶ ମିଶ୍ର ସୂଚନା ଦେଇଛନ୍ତି। ଏହି ପ୍ରତିନିଧି ଦଳରେ କମିଟିର ସଭାପତି ମୀନକେତନ ଦାଶ ଓ ସହର ସଂପାଦକ ଯାଦବ ସୁବୁଦ୍ଧି ଉପସ୍ଥିତ ଥିଲେ।

### ମହିଳାଙ୍କୁ ପଣସ ଚିପ୍ସ ତିଆରି ପ୍ରଶିକ୍ଷଣ

କୋରାପୁଟ,୨୦।୭(ସ୍ୱ.ପ୍ର.): ସ୍ଥାନୀୟ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟରେ ଶୁକ୍ରବାରରୁ ଚାଲିଥିବା ପଣସ ଚିପ୍ସ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ କୋରାପୁଟ ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପି. ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋରାପୁଟ ଭଳି ଆଦିବାସୀ ଅଞ୍ଚଳରେ ବହୁଳ ପରିମାଣରେ ପଣସ ଅମଳ ହେଉଥିବାବେଳେ ଏହାର ବିକ୍ରିବଟା ସଠିକ ଭାବେ କରାଯାଇପାରୁ ନ ଥିବାରୁ ଏହା ନଷ୍ଟ ହୋଇଯାଉଛି। ଏହାକୁ ଦୃଷ୍ଟିରେ ରଖି କୋରାପୁଟ ବନ ବିଭାଗ ଓ ଓରମାସ୍‌ର ମିଳିତ ସହଯୋଗରେ କୋରାପୁଟ ବନଖଣ୍ଡର ସମସ୍ତ ରେଞ୍ଜରୁ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ କିପରି ପଣସର ଚିପ୍ସ କରାଯାଇ ନିଜର ଆର୍ଥିକ ବିକାଶ କରିହେବ, ସେ ଉପରେ କନ୍ଧମାଳ ଜିଲାରୁ ଆସିଥିବା ଶିବରାମ ଦିଗାଲ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ କୋରାପୁଟ ଏସିଏଫ୍ ଉମା ମହେଶ, କୋରାପୁଟ ରେଞ୍ଜର ସୁବାସ ଚନ୍ଦ୍ର ଖୁଣ୍ଟିଆ ଓ ଓରମାସ୍‌ର ଜିଲା ସଂଯୋଜକ ଶ୍ରୀ କାର୍ତ୍ତିକ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିଲେ।

■ ଗଞ୍ଜେଇ କାରବାର ରୋକିବା ପାଇଁ ଅପରେଶନ ଗ୍ରୀନ କ୍ଲିନ ୨.୦

# ୭ ମାସରେ ଧରାପଡ଼ିଲେଣି ୧୦୮ ଚାଲାଣକାରୀ

**ପବନ ପାଣିଗ୍ରାହୀ**
ଜୟପୁର,୨୦।୭

କୋରାପୁଟ ଜିଲାରେ ଗଞ୍ଜେଇ କାରବାରକୁ ରୋକିବା ପାଇଁ ପୋଲିସ ଆରମ୍ଭ କରିଥିଲା ଅପରେସନ ଗ୍ରୀନ କ୍ଲିନ ୨.୦ । ଏହା ଜରିଆରେ ପୋଲିସ ୭ ମାସ ଭିତରେ ୪୧ଟି ଚଢ଼ାଉ କରି ୭ ହଜାର ୬୬୨ କେଜି ଗଞ୍ଜେଇ ଜବତ କରିଛି। ଚାଲାଣରେ ସମ୍ପୃକ୍ତ ଥିବା ୧୦୮ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରୁ ୭୦ରୁ ଅଧିକ ଦିଲ୍ଲୀ, ଉତ୍ତର ପ୍ରଦେଶ, ହରିୟାଣା, ଛତିଶଗଡ଼ର ବାସିନ୍ଦା। ଚାଲାଣ ବେଳେ ବ୍ୟବହୃତ ଆମ୍ବୁଲାନ୍ସ,ଟ୍ୟାଙ୍କର, କାର୍ ଭଳି ୪୫ଟି ଗାଡ଼ି ଜବତ ହୋଇଛି। ଗତ ୩ ବର୍ଷ ଭିତରେ ଓଡ଼ିଶା-ଆନ୍ଧ୍ର ପୋଲିସ ପ୍ରାୟ ୫ ହଜାର ଟନ୍ ଗଞ୍ଜେଇ ଜବତ କରିଛି।

ଓଡ଼ିଶା ସୀମାନ୍ତ କୋରାପୁଟ, ମାଲକାନଗିରିର ପ୍ରାୟ ୧୦ ହଜାର ଏକର ଅଞ୍ଚଳରେ ଗଞ୍ଜେଇ ଚାଷ କରାଯାଉଛି। ଓଡ଼ିଶା-ଆନ୍ଧ୍ର ସୀମାରେ ଚାଲିଥିବା ଗଞ୍ଜେଇ ଚାଷରେ ବାର୍ଷିକ ୨୦ ହଜାର କୋଟି ଟଙ୍କାର କାରବାର ହେଉଛି। ମାଓବାଦୀଙ୍କ ରାଜସ୍ୱ ଆୟର ଏହା ଏକ ପ୍ରମୁଖ ସ୍ରୋତ ପାଲଟିଛି। ସେମାନେ ଗଞ୍ଜେଇ ଉତ୍ପାଦନକାରୀ ତଥା ଚାଲାଣକାରୀଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରୁଛନ୍ତି। ମାଲକାନଗିରି ଜିଲାର କାଳିମେଳା,

**୨ ଜିଲାକୁ ଗଞ୍ଜେଇ ଚିନ୍ତା**

- ■ସୀମାନ୍ତରେ ବାର୍ଷିକ ୨୦ ହଜାର କୋଟି ଟଙ୍କାର କାରବାର
- ■ପ୍ରାୟ ୧୦ ହଜାର ଏକର ଜମିରେ ଚାଲିଛି ଗଞ୍ଜେଇ ଚାଷ
- ■ମାଓବାଦୀଙ୍କ ରାଜସ୍ୱ ଆୟର ପ୍ରମୁଖ ସ୍ରୋତ ଏହି କାରବାର

ଚିତ୍ରକୋଣ୍ଡା ଭଳି ଦୁର୍ଗମ ଅଞ୍ଚଳରେ ମାଓବାଦୀଙ୍କ ଛତ୍ରଛାୟା ତଳେ ଗଞ୍ଜେଇ ଚାଷ ଚାଲିଛି। ମାଓବାଦୀମାନେ ଗୋଟିଏ ବିଡ଼ା ଗଞ୍ଜେଇ ପିଛା ୧୫ ଟଙ୍କା ଆଦାୟ କରୁଥିବା ବେଳେ ଚାଲାଣକାରୀଙ୍କଠାରୁ କିଲୋ ପିଛା ଶହେ ଟଙ୍କା ନେଉଛନ୍ତି। ପୋଲିସ ମଧ୍ୟ ଚାଲାଣକାରୀଙ୍କଠାରୁ ହାତଗୁଞ୍ଜା ନେଇ ସହଯୋଗ କରୁଛି। ଗତ ଦିନରେ ବୋରିଗୁମ୍ମା ପୋଲିସର ୨ କର୍ମଚାରୀ ଗଞ୍ଜେଇ ଚାଲାଣ ବେଳେ ସହଯୋଗ କରି ଧରାପଡ଼ିଥିଲେ।

ଅବିଭକ୍ତ କୋରାପୁଟର ବିଭିନ୍ନ ରୁଟ୍ ଦେଇ ଅବାଧରେ ଗଞ୍ଜେଇ ଚାଲାଣ ଚାଲିଛି। ମାଲକାନଗିରିରୁ ବୈପାରିଗୁଡ଼ା, ଜୟପୁର, ଜଗଦଲପୁର ଦେଇ ଛତିଶଗଡ଼ ଚାଲାଣ ହେଉଛି ଗଞ୍ଜେଇ। ସେହିପରି ଚିତ୍ରକୋଣ୍ଡାରୁ ମାଛକୁଣ୍ଡ, ନନ୍ଦପୁର, ଦଶମନ୍ତପୁର, ଇନ୍ଦ୍ରାବତୀ ଦେଇ ଭବାନୀପାଟଣା କଳାହାଣ୍ଡି ଯାଉଛି ଗଞ୍ଜେଇ। ଅନ୍ୟପକ୍ଷରେ ଚିତ୍ରକୋଣ୍ଡାରୁ ଲମତାପୁଟ, କୋଲାବନଗର ଦେଇ ବରଗଡ଼ ତଥା କୋରାପୁଟ ଜିଲାରୁ ପଶ୍ଚିମବଙ୍ଗ, ଆନ୍ଧ୍ର, ଆଲ୍ଲାହାବାଦ, ଉତ୍ତରପ୍ରଦେଶ, ହରିୟାଣା, ଦିଲ୍ଲୀରେ ପହଞ୍ଚୁଛି ଗଞ୍ଜେଇ। କେତେବେଳେ ଆମ୍ବୁଲାନ୍ସ କିମ୍ବା ଟ୍ୟାଙ୍କର ତ କେତେବେଳେ ଟ୍ରେନ୍‌ରେ ପଠାଯାଉଛି ଗଞ୍ଜେଇ। ନଚେତ୍ ଜଙ୍ଗଲ ରାସ୍ତାରେ ଆଦିବାସୀ ଶ୍ରମିକଙ୍କ କାନ୍ଧରେ ଭାର କରି ସୁରକ୍ଷିତ ଭାବେ ଚାଲାଣ କରାଯାଉଛି। ଏଠାକାର ଆଦିବାସୀଙ୍କୁ ଗଞ୍ଜେଇ ଚାଷରେ ଲଗାଯିବା ସହ ଶିକ୍ଷିତ ଅଥଚ ବେକାର ଥିବା ଯୁବଗୋଷ୍ଠୀଙ୍କୁ ଅର୍ଥର ଲୋଭ ଦେଖାଇ ଗଞ୍ଜେଇ ଚାଲାଣରେ ସାମିଲ କରାଯାଉଛି। କୋରାପୁଟ ଓ ମାଲକାନଗିରି ଜିଲାରେ ବିଭିନ୍ନ ଏଜେଣ୍ଟ ନିଯୁକ୍ତ କରି ଆଡ୍ଡା ଜମାଇଛନ୍ତି ମାଫିଆ। ଜୟପୁର ସହରର ବହୁ ଯୁବକ ଗଞ୍ଜେଇ ଚାଲାଣକାରୀଙ୍କ ସ୍କାଡ୍ ଭାବେ ନିୟୋଜିତ ରହିଛନ୍ତି। ଗଞ୍ଜେଇ ଚାଷୀଙ୍କଠାରୁ କିଲୋ ପ୍ରତି ୫ ହଜାର ଟଙ୍କା ଦରରେ କିଣିବା ପରେ ତାହାକୁ ମାଫିଆମାନେ କଲିକତା, ମୁମ୍ବାଇରେ ୪୦ରୁ ୬୦ ହଜାର ଟଙ୍କାରେ ବିକୁଛନ୍ତି। ସେଠାରୁ ଅନ୍ତର୍ଜାତୀୟ ବଜାରରେ ପହଞ୍ଚୁଛି ଏଠାକାର ଗଞ୍ଜେଇ। ଅପରେସନ ଗ୍ରୀନ କ୍ଲିନ ୨.୦ ଦାୟିତ୍ୱରେ ଥିବା ଜୟପୁର ଏସ୍‌ଡିପିଓ ସାଗରିକା ନାଥ କହିଛନ୍ତି, ଗଞ୍ଜେଇ ଚାଲାଣ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି।

■ ପାଠପଢ଼ା ପାଇଁ ବିପଦକୁ ବରଣ

## ଭରାନଈ ପାରହୋଇ ସ୍କୁଲ ଯାଉଛନ୍ତି ପିଲା

ଦଶମନ୍ତପୁର,୨୦।୭(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନସ୍ଥ ଡୁମ୍ବାଗୁଡ଼ା ପଞ୍ଚାୟତ କାଳିଆମ୍ବ ଗ୍ରାମରେ ରହିଛି ଏକ ପ୍ରାଥମିକ ବିଦ୍ୟାଳୟ। ଏଠାରେ ଆଖପାଖ ଗାଁର ଛୋଟପିଲା ପ୍ରଥମରୁ ପଞ୍ଚମ ଯାଏ ପଢ଼ନ୍ତି। କିନ୍ତୁ ପାଠ ପଢ଼ିବା ପାଇଁ ସେମାନଙ୍କୁ ନାଗ୍ରା ନଦୀ ପାର ହୋଇ ସ୍କୁଲକୁ ଯିବାକୁ ପଡ଼େ। ନଦୀର ଗୋଟିଏ ପାର୍ଶ୍ୱରେ ଡୁମ୍ବାଗୁଡ଼ା ପଞ୍ଚାୟତର ଆଖପାଖ ଗାଁ ଓ ଆରପାଖରେ ରାୟଗଡା ଜିଲା କାଶୀପୁର ବ୍ଲକ କୋଚେଇପଦର ପଞ୍ଚାୟତ କସକଟା ଗ୍ରାମ। ସେଠାକାର



ଜଣେ ଅଭିଭାବକ ନିଜ ପିଲାକୁ ସ୍କୁଲ ନେବା ପାଇଁ ନାଗ୍ରା ନଦୀ ପାର କରାଉଛନ୍ତି।

ପିଲା ଏହି ନାଗ୍ରା ନଦୀ ପାର ହୋଇ ବିଦ୍ୟାଳୟକୁ ଆସିଥାନ୍ତି। ଶୀତ ଓ ଖରାଦିନରେ ବିଶେଷ ସମସ୍ୟା ନଥିବା ବେଳେ ବର୍ଷାଦିନେ ନଦୀରେ ପାଣି ଭର୍ତ୍ତି ହୋଇଗଲେ ପିଲାମାନେ ଜୀବନକୁ ବାଜି ଲଗାଇ ନଦୀ ପାର ହୋଇ ସ୍କୁଲରେ ପହଞ୍ଚନ୍ତି। ଏହି ନଦୀରେ ସ୍ଥାୟୀ ପୋଲ ନିର୍ମାଣ କରିବା ପାଇଁ ବହୁବାର ଦାବି ହୋଇଆସୁଥିଲେ ମଧ ପ୍ରଶାସନ ଶୁଣୁନଥିବା ବନମାଳି ବିଶୋଇ, ଶେଖର ଚୌଧୁରୀ, ଗୋବର୍ଦ୍ଧନ ବିଶୋଇ, ବଳରାମ ଚୌଧୁରୀ, ପଦ୍ମ କବି, ଜୟରାମ ଚୌଧୁରୀ, ବିଶ୍ୱନାଥ ବିଶୋଇଙ୍କ ସମେତ ଅନେକ ଅଭିଭାବକ କହିଛନ୍ତି। ନାଗ୍ରା ନଦୀରେ କେହି ପାଠପଢୁଆ ପିଲା ପାର ହେଉଥିବାବେଳେ ଯଦି ଭାସିଯାନ୍ତି, ତେବେ ପ୍ରଶାସନ ଦାୟୀ ରହିବ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି।



ଜିଲା କୃଷି ଅଧିକାରୀ ପତାକା ଦେଖାଇ ରଥର ଶୁଭାରମ୍ଭ କରୁଛନ୍ତି।

## ଗଡ଼ିଲା ଫସଲ ବୀମା ଯୋଜନା ରଥ

କୋରାପୁଟ,୨୦।୭(ସ୍ୱ.ପ୍ର.)

କୋରାପୁଟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଶନିବାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରଥର ଶୁଭାରମ୍ଭ ହୋଇଯାଇଛି । କୋରାପୁଟ ଜିଲା କୃଷି ଅଧିକାରୀ ସୁବ୍ରତ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିବା ସହିତ କେନ୍ଦ୍ର ସରକାରଙ୍କ ଏହି ବୀମା ଯୋଜନାର ଲାଭ ନେବା ପାଇଁ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ । ଚଳିତ ଖରିଫ ଋତୁରେ ଏହି ରଥ ଜିଲାର ବିଭିନ୍ନ ବ୍ଲକ ପରିଭ୍ରମଣ କରି କୃଷକମାନଙ୍କୁ ଫସଲ ବୀମା ଯୋଜନା ସଂପର୍କରେ ସଚେତନ କରାଇବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ଅବସରରେ ସହକାରୀ କୃଷି ଅଧିକାରୀ ମୃତ୍ୟୁଞ୍ଜୟ ମହାରଣା, ବୀମା କମ୍ପାନୀର କ୍ଷେତ୍ର ପର୍ଯ୍ୟବେକ୍ଷକ ଅନାଦି ଚରଣ ସାହୁ ଓ ବ୍ଲକ ସଂଯୋଜକ ବିଭୁ ମହାପାତ୍ରଙ୍କ ସମେତ ବିଭାଗୀୟ ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

■ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିମ୍ନମାନର କାମ

## ଭିଜିଲାନ୍ସ ତଦନ୍ତ ଦାବିକଲେ ବ୍ଲକ ଉପାଧ୍ୟକ୍ଷ

ବୈପାରୀଗୁଡ଼ା,୨୦।୭(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ବୈପାରୀଗୁଡ଼ା ବ୍ଲକରେ ଏନ୍‌ବିସିସି ସଂସ୍ଥା ଦ୍ୱାରା ନିର୍ମାଣ କରାଯାଉଥିବା ରାସ୍ତାକାମ ଅତି ନିମ୍ନମାନ ହେଉଛି । ବର୍ଷା ପୂର୍ବରୁ ନିର୍ମାଣ ସରିଥିବା ରାସ୍ତାରେ ଏବେ ପ୍ରଥମ ଅସରା ବର୍ଷା ପରେ ପିଚୁ ଧୋଇହୋଇ କାଦୁଅ ବାହାରି ପଡ଼ିଛି। ରାସ୍ତାକୁ ଦେଖିଲେ ଚାଷଜମିର ଭ୍ରମ ସୃଷ୍ଟି ହେଉଛି । ଦଣ୍ଡାବାଡ଼ିଠାରୁ ଜଙ୍ଗଲଯୋଡି ଏବଂ ତେନ୍ତୁଳିଗମ୍ମାଠାରୁ ଅଁଳାଯୋଡ଼ି ପର୍ଯ୍ୟନ୍ତ ରାସ୍ତା ଏପରି ଶୋଚନୀୟ ଅବସ୍ଥାରେ ରହିଛନ୍ତି ଯେ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ରାସ୍ତା ନିର୍ମାଣ ବେଳେ ସ୍ଥାନୀୟ ଲୋକେ ପ୍ରତିବାଦ କଲେ ମଧ ସଂପୃକ୍ତ ସଂସ୍ଥାର ଅଣଓଡ଼ିଆ କର୍ମଚାରୀ ଏହାକୁ ଖାତିର କରୁନାହାନ୍ତି। ଉକ୍ତ ସଂସ୍ଥା ଦ୍ୱାରା ବ୍ଲକରେ ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କର ଅନୁରୂପ ଅବସ୍ଥା ରହିଛି। ନିମ୍ନମାନର ରାସ୍ତା କରାଯାଇ ସଂସ୍ଥା ପକ୍ଷରୁ ସରକାରୀ ଅର୍ଥ ଆତ୍ମସାତ୍ କରାଯାଇଥିବା ଅଭିଯୋଗ କରିବା ସହ ଏସବୁର ଭିଜିଲାନ୍ସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବ୍ଲକ ଉପାଧ୍ୟକ୍ଷ ତ୍ରିଲୋଚନ ଜେନା ଶନିବାର ଜୟପର ଭିଜିଲାନ୍ସ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରଛନ୍ତି।



ଦଣ୍ଡାବାଡ଼ିରେ ଜଙ୍ଗଲଯୋଡି ପର୍ଯ୍ୟନ୍ତ ସଦ୍ୟ ନିର୍ମିତ ରାସ୍ତାର ଦୁରବସ୍ଥା।

## ପିଇଓ, ଯୋଗାଣ ସହାୟକଙ୍କୁ ନୋଟିସ

ଜୟପୁର,୨୦।୭(ନି.ପ୍ର.)

- ■ କାର୍ଯ୍ୟରେ ଅବହେଳା ପାଇଁ ନୋଟିସ ଜାରିକଲେ ଉପଜିଲାପାଳ
- ■୭ ଦିନ ଭିତରେ ଉତ୍ତର ଦେବାକୁ ନିର୍ଦ୍ଦେଶ

ଜୟପୁର ବ୍ଲକ ଅନ୍ତର୍ଗତ କଙ୍ଗା ଓ ଜାମୁଣ୍ଡା ପଞ୍ଚାୟତରେ କାର୍ଯ୍ୟରତ ପିଇଓ ଏବଂ ଯୋଗାଣ ସହାୟକଙ୍କୁ କାର୍ଯ୍ୟରେ ଅବହେଳା ପାଇଁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି । ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା ଏହି ନୋଟିସ ଜାରି କରିଛନ୍ତି । ଜାମୁଣ୍ଡା ପଞ୍ଚାୟତର ପିଇଓ ଚନ୍ଦ୍ରଶେଖର ମହାପାତ୍ର, ଯୋଗାଣ ସହାୟକ କୃଷ୍ଣ ମାଳି ଓ କଙ୍ଗା ପଞ୍ଚାୟତର ପିଇଓ ଅଜିତ କୁମାର ନାୟକ, ଯୋଗାଣ ସହାୟକ ଆଶିଷ ପାତ୍ର ଗୌଡ଼ାଙ୍କୁ ଏହି ନୋଟିସ ହୋଇଛି। ଗତ ୧୮ ତାରିଖରେ ସହକାରୀ ଯୋଗାଣ ଅଧିକାରୀ ରବି ନାରାୟଣ ନନ୍ଦ ଓ ଯୋଗାଣ ନିରୀକ୍ଷକ ତଦାରଖରେ ଯାଇଥିବା ବେଳେ କଙ୍ଗା ଓ ଜାମୁଣ୍ଡା ପଞ୍ଚାୟତର ଗୋଦାମ ଘରେ ତାଲା ପଡ଼ିଥିଲା। ହିତାଧିକାରୀମାନେ ଗୋଦାମ ଆଗରେ ଚାଉଳ, କିରୋସିନ୍ ପାଇଁ ଅପେକ୍ଷା କରି ଫେରିଥିଲେ। ଅନ୍ୟପକ୍ଷରେ ଉଭୟ ପଞ୍ଚାୟତରେ ହିତାଧିକାରୀଙ୍କ ଖାଉଟି କାର୍ଡ଼ ସହ ଆଧାର ସଂଯୋଗ ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ସେଥିରେ ମଧ ଅବହେଳା ହୋଇଛି। ଏଥିପାଇଁ ଉପଜିଲାପାଳ ନୋଟିସ ଜାରି କରି ୭ ଦିନ ଭିତରେ ଉତ୍ତର ରଖିବାକୁ କହିଛନ୍ତି।

■ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

## ୨୪ରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଭେଟିବ କ୍ରିୟାନୁଷ୍ଠାନ କମିଟି

ଜୟପୁର,୨୦।୭(ଡି.ଏନ୍.ଏ./ନି.ପ୍ର.)

ଅବିଭକ୍ତ କୋରାପୁଟରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ପ୍ରସଙ୍ଗରେ ୨୪ ତାରିଖ ଜିଲା ଆଇନଜୀବୀ ସଂଘର ପ୍ରତିନିଧି ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଭେଟିବେ। ହାଇକୋର୍ଟର ରେଜିଷ୍ଟ୍ରାର ଚିଠିକରି ସଂଘର ସଂପାଦକଙ୍କୁ ଏଥିପାଇଁ ଆମନ୍ତ୍ରଣ କରିଛନ୍ତି । ଅବିଭକ୍ତ କୋରାପୁଟର ୪ ଜିଲା ଅଧୀନ ୧୩ଟି ଆଇନଜୀବୀ ସଂଘକୁ ନେଇ ଗଠିତ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଭାପତି ଏବଂ ସଂପାଦକଙ୍କୁ ନେଇ ଗଠିତ ପ୍ରତିନିଧି ଦଳ ସହ ଜିଲା ଆଇନଜୀବୀ ସଂଘର ବରିଷ୍ଠ ସଦସ୍ୟମାନେ ସକ୍ଷାତ ବେଳେ ଉପସ୍ଥିତ ରହିବେ। ହାଇକୋର୍ଟର ମୁଖ୍ୟ ବିଚାରପତି କଲ୍ଲେଶ ସତେନ୍ଦ୍ର ଜାଭେରୀଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ସାକ୍ଷାତ ଆଲୋଚନା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଗତ ୧୫ ତାରିଖରେ କ୍ରିୟାନୁଷ୍ଠାନ କମିଟି ତାଙ୍କୁ ବେଞ୍ଚ ପ୍ରସଙ୍ଗରେ ଦାବିପତ୍ର ଦେଇ ଆଲୋଚନା ପାଇଁ ଅନୁରୋଧ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ସ୍ଥାୟୀ ବେଞ୍ଚ ଦାବିରେ ୮ମାସ ହେଲାଣି କୋର୍ଟ ବର୍ଜନ ଓ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଛି। ଗତ ୧୦ ତାରିଖରୁ ଜିଲା ଜଜ୍ ଓ ଅନ୍ୟ ବିଚାରପତିମାନଙ୍କୁ କୋର୍ଟ ଭିତରକୁ ପ୍ରବେଶ କରାଇ ଦିଆଯାଉନାହିଁ। ଉପଜିଲାପାଳ, ତହସିଲ, ସ୍ୱତନ୍ତ୍ର ରେଜିଷ୍ଟ୍ରାର, ବାଣିଜ୍ୟକର କାର୍ଯ୍ୟାଳୟ କୋର୍ଟରେ ମଧ ତାଲା ପଡ଼ିଛି।

## ଶ୍ରମିକଙ୍କ ସହ ଧାନ ରୋଇଲେ କୃଷି ଅଧିକାରୀ


କୁନ୍ଦୁରା,୨୦।୭(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶି ପଞ୍ଚାୟତ ସଦରରେ ଜଣେ ଚାଷୀଙ୍କ ଜମିରେ କାମ କରୁଥିବା ଶ୍ରମିକଙ୍କ ସହ ମିଶି ପଞ୍ଚାୟତ କୃଷି ଅଧିକାରୀ ଲକ୍ଷ୍ମୀକାନ୍ତ କର ଧାନ ରୋଇଛନ୍ତି। ଡଙ୍ଗରପାଉଁଶି ଉପକଣ୍ଠ ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱରେ ରହିଥିବା ପ୍ରଧାନୀପୁଟ ଗ୍ରାମର ଜଣେ ଚାଷୀଙ୍କ ଧାନରୁଆ ସମୟରେ ମହିଳା ଓ ପୁରୁଷ ଶ୍ରମିକ କାମ କରୁଥିବା ବେଳେ ଜମି ଭିତରକୁ ଓହ୍ଲାଇପଡ଼ି ଗ୍ରାମ୍ୟ କୃଷି ଅଧିକାରୀ ଧାନ ରୋଇବା ଆରମ୍ଭ କରିଥିଲେ। କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶି ଗ୍ରାମପଞ୍ଚାୟତ ସବୁବେଳେ ଧାନରୁଆ ଓ ଅମଳ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇ ଆସିଛି। ଏଠାରେ ଖରିଫ୍ ଓ ରବିଋତୁରେ କୋଲାବ ନଦୀରୁ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ଚାଷ ପାଇଁ ଚାଷୀ ଭରସା କରନ୍ତି। ଏହି ଅଞ୍ଚଳର କେତେକ ଚାଷୀ ସାଧାରଣ ରୁଆ କରୁଥିବା ବେଳେ ଆଉ କେତେକ ଧାଡ଼ିରୁଆ ପଦ୍ଧତି ଆପଣାଇଥିବା ଦେଖିବାକୁ ମିଳିଛି। ରାସ୍ତାପାର୍ଶ୍ୱରେ ଥିବା ଜମିରେ ଡମ୍ବୁ ପୂଜାରୀ ଧାଡ଼ିରୁଆ କାମ କରୁଥିବା ବେଳେ ଶନିବାର ସେଠାକୁ କୃଷି ଅଧିକାରୀ ଯାଇ ସେହି ପ୍ରଣାଳୀ ଶିଖାଇବା ପାଇଁ ଶ୍ରମିକଙ୍କ ସହ ମିଶି ପ୍ରାୟ ଗୋଟିଏ ଏକରରେ ଧାନରୁଆ କାମ କରିଥିଲେ। ତାଙ୍କରି ପ୍ରଭାବରେ ଏବେ ଡମ୍ବୁ ଗୋଟିଏ ହେକ୍ଟର ଜମିରେ ସେହିଭଳି ଚାଷ କରିବା ପାଇଁ ଉତ୍ସାହିତ ହୋଇଛନ୍ତି।

**ଶିଖାଇଲେ ଧାଡ଼ିରୁଆ ପ୍ରଣାଳୀ ଚାଷ**



ଜମିରେ ଧାନରୁଆ ପଦ୍ଧତି ଶିଖାଉଛନ୍ତି କୃଷି ଅଧିକାରୀ।



# ଇ-ବ୍ୟାକ୍ଅପ୍







ବେଳେ ବେଳେ ମୋବାଇଲର ମେମୋରି କାର୍ଡ କରପ୍ଟ ହେବା, ହଜିଯିବା, କମ୍ପ୍ୟୁଟରର ହାର୍ଡ ଡ୍ରାଇଭ୍ କ୍ରାଶ୍ ହେବା କିମ୍ବା ଭୁଲ୍‌ବଶତଃ କୌଣସି ଫୋଲ୍ଡର ଡିଲିଟ ହୋଇଯିବା ଦ୍ୱାରା ଅନେକଙ୍କର ଡକ୍ୟୁମେଣ୍ଟ, ଫଟୋ, ଭିଡିଓ ଭଳି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଡାଟା ନଷ୍ଟ ହୋଇଯିବା ନଜିର ରହିଛି। ଏହାଦ୍ୱାରା ନା କେବଳ ସେମାନଙ୍କ ମନଦୁଃଖ ହୋଇଛି ବରଂ ଆବଶ୍ୟକ ସମୟରେ ଡାଟା ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେବାକୁ ବି ପଡ଼ିଛି। ହେଲେ ଏହି ସମସ୍ୟାର ସମାଧାନର ବାଟ ଖୋଲିଛି ବିଭିନ୍ନ ଅନ୍‌ଲାଇନ୍ ବ୍ୟାକ୍ଅପ୍ ସର୍ଭିସ। ଏହାକୁ ବ୍ୟବହାରକରି ଡାଟାଗୁଡ଼ିକୁ ସୁରକ୍ଷିତ ରଖାଯାଇପାରୁଛି। ତେବେ କୌଣସି ଭଲ ବ୍ୟାକ୍ଅପ୍ ସର୍ଭିସ୍ ବାଛିବାକୁ ହେଲେ ପ୍ରଥମେ ଆପଣଙ୍କୁ କେତେ ଟଙ୍କାରେ କେତେ ଷ୍ଟୋରେଜ ସାଇଜ ଦରକାର, ଏଥିରେ କ'ଣ ସବୁ ଆଡ୍‌ଭାନ୍ସ ବ୍ୟାକ୍ଅପ୍ ଫିଚର୍ସ ରହିଛି ଏବଂ ତାହାର ବ୍ୟବହାର ସମ୍ପର୍କରେ ଜାଣିବାକୁ ହେବ। କେବଳ ଏତିକି ନୁହେଁ, ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୁରକ୍ଷା ଦୃଷ୍ଟରୁ ଏହାକୁ ବ୍ୟବହାର କରିବା ସମୟରେ ମଧ୍ୟ ସତର୍କ ରହିବା ଆବଶ୍ୟକ। ଆସନ୍ତୁ, ଜାଣିବା ନିଜ ଡାଟାଗୁଡ଼ିକୁ ସୁରକ୍ଷିତ ରଖିବା ଲାଗି କେଉଁ ଅନ୍‌ଲାଇନ୍ ବ୍ୟାକ୍ଅପ୍ ସର୍ଭିସ୍ ନିରାପଦ...

**ବର୍ତ୍ତମାନ ମୋବାଇଲ ଫୋନ୍ ଏବଂ କମ୍ପ୍ୟୁଟରରେ ଆସୁଥିବା ଏକ୍ସପାଣ୍ଡେଡ୍ ମେମୋରି ସପୋର୍ଟ ସିଷ୍ଟମ ଯୋଗୁ ଡାଟା ଷ୍ଟୋରେଜ୍ ଖୁବ୍ ସହଜ ହେଉଥିବାରୁ ପୂର୍ବଭଳି ବିଭିନ୍ନ ଜରୁରୀ ଡାଟା ସାଇତି ରଖିବା ଲାଗି ନା ଲୋଡ଼ା ହେଉଛି ଗଦା ଗଦା ଫାଇଲ୍ ନା ଫଟୋ ଲାଗି ଆଲବମ୍। ହେଲେ ଏହି ଡିଜିଟାଲ ଡାଟା ଷ୍ଟୋରେଜ ଯେତିକି ସୁବିଧାଜନକ, ବିଭିନ୍ନ କାରଣରୁ ସବୁ ଡାଟା ନଷ୍ଟ ହୋଇଯିବା ଆଶଙ୍କା ବି ସେତିକି ଅଧିକ। ତେବେ ବର୍ତ୍ତମାନ ଏହି ସମସ୍ୟାର ସମାଧାନ କରୁଛି ଅନ୍‌ଲାଇନ୍ ବ୍ୟାକ୍ଅପ୍ ସର୍ଭିସ୍...**

**ଆଇଡ୍ରାଇଭ୍ :** ଏହା ଅନ୍ୟ ସମସ୍ତ ଅନ୍‌ଲାଇନ୍ ବ୍ୟାକ୍ଅପ୍ ସର୍ଭିସ୍ ତୁଳନାରେ ଶସ୍ତା ଏବଂ ଏହାର ଷ୍ଟୋରେଜ୍ କାପାସିଟି ହେଉଛି ୨(ଟିବି)ଟେରା ବାଇଟ୍ ୨୦୦୦ ଜିବି(ଗିଗା ବାଇଟ୍)। ଏହା ଡେସ୍କଟପ୍, ଲାପ୍‌ଟପ୍, ମୋବାଇଲ ଏବଂ ୱେବ୍ ପ୍ଲାଟ୍‌ଫର୍ମରେ ଭଲ କାମ କରିଥାଏ। ଏହାର ପ୍ରାଇଭେସି ପଲିସି ଅନୁସାରେ ଆପଣଙ୍କ ପର୍ସନାଲ ଡାଟା, ସେସନ୍ ରିପୋର୍ଟ ଆଦି ସୁରକ୍ଷିତ ରହିଥାଏ। ଏଥିରେ ରିଷ୍ଟୋର କରିବା ଲାଗି ମଧ୍ୟ ଅନେକ ଅପ୍ସନ ରହିଛି ଯାହାକି ଖୁବ୍ ୟୁଜର ଫ୍ରେଣ୍ଡଲି।

**ଲାଇଭ୍ ଡ୍ରାଇଭ୍:** ଯଦିଓ ଏଥିରେ ଟପ୍ ଟିୟର ଫିଚସ ଭଳି ଫାଇଲ୍ ଏକ୍ସପ୍ଲୋରର ଇଣ୍ଟିଗ୍ରେସନ୍ ତଥା ଲଗାତର ବ୍ୟାକ୍ଅପ୍ ନେବାର ବିକଳ୍ପ ନାହିଁ ତଥାପି ଏଥିରେ ଥିବା ଆପ୍ଲିକେଶନ୍ ସିଧାସଳଖ ବ୍ୟାକ୍ଅପ୍ ଅପ୍ସନ ଯୋଗାଉଥିବାରୁ ଉଭୟ କମ୍ପ୍ୟୁଟର ଏବଂ ମୋବାଇଲ ଉପଭୋକ୍ତାଙ୍କ ଲାଗି ସୁବିଧାଜନକ ହୋଇଥାଏ।

**କାବ୍ରୋନାଇଟ୍:** ଏହା ଏକ ପ୍ରତିଷ୍ଠିତ ଅନ୍‌ଲାଇନ୍ କ୍ଲାଉଡ୍ ବ୍ୟାକ୍ଅପ୍ ସର୍ଭିସ। ଏହା ବ୍ୟକ୍ତିଗତ, ଘରୋଇ ତଥା ବିଜନେସ୍ ଡାଟା ବ୍ୟାକ୍ଅପ୍ ଲାଗି ବ୍ୟବହାର କରାଯାଇଥାଏ। ଏଥିରେ ଅନ୍‌ଲିମିଟେଡ୍ ଷ୍ଟୋରେଜ ସୁବିଧା ରହିଛି। ବିଶେଷକରି ଏଥିରେ ବେଶ୍ ଭଲ ମୋବାଇଲ ଆପ୍ ଉପଲବ୍ଧ। ଏଥିରେ ପ୍ରିମିୟମ୍ ଆକାଉଣ୍ଟ ଲାଗି ଏକ୍ସଟର୍ନାଲ ଏବଂ ନେଟ୍‌ୱର୍କ ଡ୍ରାଇଭ୍ ବ୍ୟାକ୍ଅପ୍ ଅପ୍ସନରେ ପ୍ରତିବନ୍ଧକ ରହିଛି।

**ବ୍ଲାକ୍‌ବ୍ଲେଜ୍:** ଏହାର ଫିଚର୍ସ ଅନ୍ୟ ସମସ୍ତ ଅନ୍‌ଲାଇନ୍ ବ୍ୟାକ୍ଅପ୍ ସର୍ଭିସ୍‌ଠାରୁ ନିଆରା, ଯାହାକି ଖୁବ୍ ୟୁଜର ଫ୍ରେଣ୍ଡଲି। ଏହାର ଲାଟେଷ୍ଟ ଏଡିଶନ ଫାଇଲ୍ ଶେୟାରିଂ ଅପ୍ସନ ବେଶ୍ କାମରେ ଆସୁଛି।

**ସ୍ପାଇଡରଓକ୍‌ୱାନ୍:** ନିଜ ଡାଟାର ଅନ୍‌ଲାଇନ୍ ସୁରକ୍ଷାକୁ ନେଇ ଚିନ୍ତିତ ଥିଲେ ଏହି ସର୍ଭିସ ଆପଣଙ୍କ ଲାଗି ବେଷ୍ଟ ଅପ୍ସନ। କାରଣ ଏଥିରେ ସିକ୍ୟୁରିଟି ଏବଂ ପ୍ରାଇଭେସି ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିରେ ଫୋଲ୍ଡରଗୁଡ଼ିକ ଇନ୍‌କ୍ରିପ୍ଟେଡ୍ ରହିଥାଏ ଏବଂ ରିଷ୍ଟୋର ସମୟରେ ମଧ୍ୟ ଡାଟା ସୁରକ୍ଷିତ ରହିଥାଏ।

**ଆକ୍ରୋନିକ୍ ଟ୍ରୁ ଇମେଜ୍:** ଏହା ଉଭୟ ଅନ୍‌ଲାଇନ୍ ଏବଂ ଲୋକାଲ ବ୍ୟାକ୍ଅପ୍‌ର କମ୍ବିନେଶନ ସର୍ଭିସ୍ ଯୋଗାଇଥାଏ, ଯାହାର ଲଗାତର ଚାଲିଥିବା ବ୍ୟାକ୍ଅପ୍ ସିଙ୍କିଙ୍ଗ୍ ଅପ୍ସନ ଏବଂ ଆଡଭାନ୍ସ ଶେୟାରିଂ ଫିଚର ଖୁବ୍ ଭଲ। ଏହାର ଲାଟେଷ୍ଟ ଏଡିଶନରେ ବ୍ୟାକ୍ଅପ୍ ଡାଟାଗୁଡ଼ିକର ସୁରକ୍ଷା ଲାଗି ବିଶେଷ ଧ୍ୟାନ ଦିଆଯାଇଛି।

**ଏସ୍‌ଓଏସ୍ ଅନ୍‌ଲାଇନ୍ ବ୍ୟାକ୍ଅପ୍:** ଏହା ଖୁବ୍ ତୀବ୍ର ଏବଂ ସମସ୍ତ ପ୍ରତିଯୋଗୀ ଆପ୍ ତୁଳନାରେ ଭଲ ସର୍ଭିସ୍ ଯୋଗାଇଥାଏ। ଏଥିରେ ଥିବା ସ୍ମୋଶାଲ ଫିଚର ଅନ୍‌ଲାଇନ୍ ସହିତ କେତେକ ଲୋକାଲ ଫୋଲ୍ଡରରେ ମଧ୍ୟ ବ୍ୟାକ୍ଅପ୍ ଅଫର କରିଥାଏ।

## କ'ଣ କରନ୍ତି ଏମାନେ...



ପୁଷ୍ପାଞ୍ଜଳି

**ପୁଷ୍ପାଞ୍ଜଳି ନାୟକ** (ପିଜି ଛାତ୍ରୀ, ପାଣିକୋଇଲି, ଯାଜପୁର)- ବର୍ତ୍ତମାନ ସୁଦ୍ଧା କେବେ କୌଣସି ଡାଟାର ଅନ୍‌ଲାଇନ୍ ବ୍ୟାକ୍ଅପ୍ ରଖୁ ନ ଥିଲି। କିନ୍ତୁ ଜଣେ ସାଙ୍ଗର ମୋବାଇଲ ଏସ୍‌ଡି କାର୍ଡ ହଠାତ୍ କରପ୍ଟ ହୋଇଗଲା। ସେ ସାଇତି ରଖିଥିବା କେତେଦିନର ଫଟୋ ଏବଂ ଅନ୍ୟ ଡାଟା ସବୁ ରିଷ୍ଟୋର କରି ନ ପାରି ଖୁବ୍ ମନଦୁଃଖ କରିଥିଲା। ନିଜେ ଏଭଳି ଅସୁବିଧାର ସମ୍ମୁଖୀନ ଯେପରି ନ ହୁଏ, ତେଣୁ ଯଥାଶୀଘ୍ର ଅନ୍‌ଲାଇନ୍ କ୍ଲାଉଡ୍ ବ୍ୟାକ୍ଅପ୍ ସର୍ଭିସ୍ ବ୍ୟବହାରକରି ନିଜ ସବୁ ଡାଟା ଷ୍ଟୋର କରିନେଇଛି।



ନୀତେଶ

**ନୀତେଶ ଗୋପାଳ** (କମିଶନରେଟ ପୋଲିସ, ଫୁଲନଖରା, କଟକ)- ମୋବାଇଲ ହେଉ କି କମ୍ପ୍ୟୁଟର ଇଲେକ୍ଟ୍ରୋନିକ୍ ଡିଭାଇସ୍ ଉପରେ ଭରସା ନାହିଁ। କାରଣ ଏହା କେତେବେଳେ ହଠାତ୍ ଖରାପ ହୋଇଯାଇପାରେ। ତେଣୁ ମୋ ମତରେ ଏଥିରେ ଷ୍ଟୋର କରି ରଖୁଥିବା ଡାଟାର ସୁରକ୍ଷା ଲାଗି ଯଥା ସମୟରେ ଅନ୍‌ଲାଇନ୍ ବ୍ୟାକ୍ଅପ୍ ନେଇଯିବା ହିଁ ବୁଦ୍ଧିମତ୍ତାର କାମ।

## ଏ ସପ୍ତାହର ପ୍ରଶ୍ନ

୧- ନ୍ୟାଶନାଲ ସ୍କିଲ୍ ଡେଭେଲପମେଣ୍ଟ କର୍ପୋରେଶନର ବର୍ତ୍ତମାନ ମୁଖ୍ୟ .... ?
୨-କାର୍‌ଗିଲ ଶ୍ରଦ୍ଧାଞ୍ଜଳି ସଙ୍ଗୀତ........... ରଚନା କରିଛନ୍ତି ?
୩- 'ୱାର୍ ଓଭର ୱାର୍ଡ୍ସ: ସେନ୍ସରଶିପ୍ ଇନ୍ ଇଣ୍ଡିଆ,୨୦୩୦-୨୦୬୦' ପୁସ୍ତକର ଲେଖକ .......... ?
୪- ୨୧ତମ କମନୱେଲ୍‌ଥ ଟେବୁଲ ଟେନିସ୍ ଚାମ୍ପିୟନଶିପ୍...... ରାଜ୍ୟରେ ଆୟୋଜନ କରାଯାଇଛି ?
୫- ସେଣ୍ଟର ଫର୍ ଡିଏନ୍ଏ ଫିଙ୍ଗରପ୍ରିଣ୍ଟିଂ ଆଣ୍ଡ ଡାଏଗ୍ନୋଷ୍ଟିକ୍ସର ହେଡ୍‌କ୍ୱାର୍ଟର୍ସ ....... ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଷ୍ଟେପ୍ ୱିଥ୍ ରେଫ୍ୟୁଜିସ୍
୨ ରଶିଦ ଖାନ୍
୩ ପଞ୍ଜାବ
୪ ଅରବିନ୍ଦ କୁମାର
୫ ସୁଇଜରଲାଣ୍ଡର ଲୌସାନେ

## ଉତ୍ତର ଦାତା



କିରନ୍ କୁମାର ମହାନ୍ତି, ଫୁଲବାଣୀ



ରନିଶା ଦାସ, ଭୁବନେଶ୍ୱର



ଲିପିପ୍ରଭା ବେହେରା, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

ଯୁବ ପ୍ରତିଭା

# ସଙ୍ଗୀତ ହିଁ ଜୀବନ



ବିଦିଶା ପାତ୍ର

ପ୍ରତ୍ୟେକଙ୍କ ଜୀବନର ଏକ ଲକ୍ଷ୍ୟ ଥାଏ, ଯାହାକି ସଫଳ ହୁଏ ସାଧନା ଏବଂ କଠିନ ପରିଶ୍ରମ ଦ୍ୱାରା। ସେଭଳି ଏକ ଲକ୍ଷ୍ୟ ନେଇ ଜୀବନଯାତ୍ରାରେ ଆଗକୁ ଆଗକୁ ବଢୁଛନ୍ତି ସେ। ପିଲାବେଳୁ ସଙ୍ଗୀତ ପ୍ରତି ରହିଥିବା ଦୁର୍ବଳତା ଆଜି ତାଙ୍କୁ ଦେଇଛି ସଫଳତା ପରେ ସଫଳତା। ଆଉ ମାତ୍ର ୧୯ ବର୍ଷ ବୟସରେ ରାଜ୍ୟର କୋଣ ଅନୁକୋଣରେ ଜଣେ କଣ୍ଠଶିଳ୍ପୀ ଭାବେ ସୃଷ୍ଟି କରିପାରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ ଆଉ ଢେର ସାଉଁଟିଛନ୍ତି ପ୍ରଶଂସା। ସେ ହେଉଛନ୍ତି ବ୍ରହ୍ମପୁରର ଯୁବ କଣ୍ଠଶିଳ୍ପୀ ବିଦିଶା ପାତ୍ର। ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନର ଆନ୍ଥ୍ରୋପୋଲୋଜି ପାଠ୍ୟକ୍ରମରେ ତୃତୀୟ ବର୍ଷରେ ଅଧ୍ୟୟନରତ ଏହି କଣ୍ଠଶିଳ୍ପୀ ଏବେ ରାଜ୍ୟ ସଙ୍ଗୀତ ଦୁନିଆର ଏକ ପରିଚିତ ଚେହେରା। ବି. ସୁନୀତା ପାତ୍ର ଓ ବି. ନିରଞ୍ଜନ ପାତ୍ରଙ୍କ କନ୍ୟା ବିଦିଶା ମାତ୍ର ୩ ବର୍ଷ ବୟସରୁ ସଙ୍ଗୀତ ଦୁନିଆରେ ପାଦ ଥାପିଥିଲେ। ପିଲାବେଳୁ ହିଁ ତାଙ୍କ ସଙ୍ଗୀତ ଗାନ ଶୈଳୀ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରୁଥିଲା ଏବଂ ସେ ବିଭିନ୍ନ ସ୍କୁଲ ସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିଲେ। ତେବେ ପ୍ରଥମ ଥର ପାଇଁ ୨୦୧୭ରେ ଶ୍ରେଷ୍ଠ ବ୍ରହ୍ମପୁର କାର୍ଯ୍ୟକ୍ରମ ମଞ୍ଚରେ ସଙ୍ଗୀତ ପରିବେଷଣକରି ଚର୍ଚ୍ଚିତ ହୋଇଥିଲେ। ୟୁଟ୍ୟୁବ୍‌ରେ ମେରେ ଢୋଲନା, ୟେ ତୋ ସଚ୍ ହେ କି ଭଗବାନ ହେ... ଭଳି ଗୀତକୁ ପୁନର୍ବାର ଗାଇ ସେ ସାରା ରାଜ୍ୟରେ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଏହାପରେ ସେ ପଛକୁ ଫେରିନାହାନ୍ତି। ଗଞ୍ଜାମ ଜିଲା ଲୋକକଳା ମହୋତ୍ସବ, ମହାନଗର ମହୋତ୍ସବ ଭଳି ବହୁ ଜିଲାସ୍ତରୀୟ ମହୋତ୍ସବରେ ସଙ୍ଗୀତ ପରିବେଷଣକରି ଦର୍ଶକଙ୍କୁ ବିଭୋର କରିଛନ୍ତି। ୨୦୧୮ରେ ଭଦ୍ରକର ଓଡ଼ିଶା ରାଜ୍ୟ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ରଜ ମହୋତ୍ସବରେ ପ୍ରଥମ କରି ଜଜ୍ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଚଳିତବର୍ଷ ଭଞ୍ଜନଗରଠାରେ ଅନୁଷ୍ଠିତ ଘୁମୁସର ଟାଲେଣ୍ଟସ କାର୍ଯ୍ୟକ୍ରମରେ ଜଜ୍ ଭାବେ ଯୋଗଦେବାର ସୁଯୋଗ ଲାଭ କରିଥିଲେ। ଏଥିସହ ବ୍ରହ୍ମପୁରର ଏକଲବ୍ୟ କଳାନିକେତନର ଏକ ଉତ୍ସବରେ ଅଶ୍ୱିନୀ କୁମାର ମହାପାତ୍ର ସ୍ୱର ସଂଯୋଜନା ଏବଂ ପ୍ରଭାତ କୁମାର ପାତ୍ରଙ୍କ ରଚିତ ଏକ ସଙ୍ଗୀତରେ କଣ୍ଠଦାନ କରିଛନ୍ତି। ସରକାରଙ୍କ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ରଚିତ 'ସ୍ୱଚ୍ଛ ମୋ ଭାରତ ବର୍ଷ' ସଙ୍ଗୀତରେ ମଧ୍ୟ କଣ୍ଠଶିଳ୍ପୀ ଚନ୍ଦନ ଗନ୍ତାୟତ, ପ୍ରଭାତ ପାତ୍ରଙ୍କ ସହ ସେ କଣ୍ଠଦାନ କରିଛନ୍ତି। ସ୍ୱଳ୍ପ ବୟସରେ ନିଜସ୍ୱ ପ୍ରତିଭା ପାଇଁ ୨୦୧୫-୧୬ ଏବଂ ୨୦୧୬-୧୭ରେ ମୁଖ୍ୟମନ୍ତ୍ରୀ ଟ୍ରଫି ହାସଲ କରିଛନ୍ତି। ଭଦ୍ରକର ଓଡ଼ିଶା ରାଜ୍ୟ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ୨୦୧୮ରେ ଆୟୋଜିତ ରାଜ୍ୟସ୍ତରୀୟ ରଜ ମହୋତ୍ସବରେ ଶ୍ରେଷ୍ଠ ଗାୟିକା ଭାବେ କଳାଶ୍ରୀ ସମ୍ମାନ, ୨୦୧୯ରେ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ, ଭଦ୍ରକରେ ଓଡ଼ିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ(ଓୟୁଜେ) ପକ୍ଷରୁ ସମ୍ମାନିତ ହୋଇଛନ୍ତି। ବର୍ତ୍ତମାନ ଭୁବନେଶ୍ୱର ସଙ୍ଗୀତ ଆଚାର୍ଯ୍ୟ ସମ୍ମାନପ୍ରାପ୍ତ ଗୁରୁ ରଜନୀକାନ୍ତ ପାଢ଼ୀଙ୍କ ନିକଟରେ ହିନ୍ଦୁସ୍ଥାନୀରେ ଭୂଷଣ-୧ରେ ସଙ୍ଗୀତ ଶିକ୍ଷା ଲାଭ କରୁଥିବା ବିଦିଶା ହଜିଯାଉଥିବା ଶାସ୍ତ୍ରୀୟ ସଙ୍ଗୀତକୁ ପୁନର୍ଜୀବିତ କରିବା ଲକ୍ଷ୍ୟ ରଖିଛନ୍ତି। ସଙ୍ଗୀତ ବ୍ୟତୀତ ଆଗାମୀ ଦିନରେ ଫୋରେନ୍ସିକ ଆନ୍ଥ୍ରୋପୋଲୋଜି ଉପରେ ରିସର୍ଚ୍ଚ କରିବାକୁ ଥିବା କହିଛନ୍ତି। କୌଶିକ ଚକ୍ରବର୍ତ୍ତୀ, କେ.ଏସ୍. ଚିତ୍ରାଙ୍କୁ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ନିଜର ଆଦର୍ଶ ଭାବେ ଗ୍ରହଣ କରୁଥିବା ବେଳେ ନିଜ ମାତାପିତା ଏବଂ ଭାଇଙ୍କ ସମର୍ଥନ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଉଛି ବୋଲି ସେ ପ୍ରକାଶ କରିଛନ୍ତି।

**-ଆଶୀର୍ବାଦ ରାଉତ**

ଜାଣନ୍ତୁ ଦୁନିଆ

# ପ୍ରଜାପତି


**ପ୍ରକୃତିର ଏକ ଅନନ୍ୟ ସୃଷ୍ଟି ହେଉଛି ପ୍ରଜାପତି। ଏହାର ରଙ୍ଗବେରଙ୍ଗ ସୌନ୍ଦର୍ଯ୍ୟରେ ଯେ କେହି ବି ଆକର୍ଷିତ ହୋଇଯାଏ। ତେବେ ଏହା ବିଷୟରେ ଏଭଳି ଅନେକ ତଥ୍ୟ ରହିଛି ଯାହା ସମ୍ପର୍କରେ ହୁଏତ ସଭିଏଁ ଅବଗତ ନ ଥିବେ। ଆସନ୍ତୁ, ଜାଣିବା ସେ ସମ୍ପର୍କରେ...**





- ପ୍ରଜାପତି ପାଦରେ ସ୍ୱାଦଗ୍ରନ୍ଥି ଥିବାରୁ ସେମାନେ ନିଜ ପାଦ ସାହାଯ୍ୟରେ ସ୍ୱାଦ ଚାଖିପାରନ୍ତି। ମାଈ ପ୍ରଜାପତି ପାଦ ତଳେ ଛୋଟ ଛୋଟ କଣ୍ଟା ରହିଛି, ଯେଉଁଥିରେ ସେ ଗଛରେ ଥିବା କେମିକାଲକୁ ଚିହ୍ନଟ କରି ଠିକ୍ ଗଛ ପାଇବା ପରେ ସେଥିରେ ଅଣ୍ଡା ଦିଅନ୍ତି। କେବଳ ଏତିକି ନୁହେଁ, ସେମାନେ ପାଦ ସାହାଯ୍ୟରେ ନିଜ ଖାଦ୍ୟ ପାଇଁ କେଉଁ ଗଛରେ ଅଧିକ ସର୍କରା ରହିଛି ମଧ୍ୟ ସନ୍ଧାନ କରନ୍ତି।
- ସେମାନେ କେବଳ ତରଳ ଖାଦ୍ୟ ଖାଇଥାନ୍ତି। ସେମାନଙ୍କ ମୁହଁରେ ଏକ ଶୁଣ୍ଢ ପରି ଗଠନ ରହିଛି ଯାହାଦ୍ୱାରା ସେମାନେ ଫୁଲ, ଫଳ ଆଦିରୁ ମହୁ ସଂଗ୍ରହ କରି ଖାଇଥାନ୍ତି।
- ପ୍ରଜାପତିଙ୍କୁ ବଞ୍ଚିବା ଲାଗି ଖଣିଜ ପଦାର୍ଥ ଏବଂ ଲବଣର ଆବଶ୍ୟକତା ହେଉଥିବାରୁ ସେମାନେ ପୋଖରୀରୁ କିମ୍ବା କାଦୁଅ ଥିବା ସ୍ଥାନରୁ ପାଣି ପିଅନ୍ତି।
- ପ୍ରଜାପତିର ପକ୍ଷୀ ରଙ୍ଗିନ ହୋଇଥିବାରୁ ମୋଟା ତଥା ଅସ୍ୱଷ୍ଟ ଲାଗିଥାଏ । କିନ୍ତୁ ବାସ୍ତବରେ ଏହାର ପକ୍ଷୀ ଟ୍ରାନ୍ସପରେଣ୍ଟ ବା ସ୍ୱଚ୍ଛ।
- ୫୫° ଫାରେନହିଟ୍‌ରୁ କମ୍ ତାପମାତ୍ରାରେ ପ୍ରଜାପତି ଥଣ୍ଡା ହୋଇଯାଆନ୍ତି ଏବଂ ଉଡ଼ିପାରନ୍ତି ନାହିଁ। ତେଣୁ ସେମାନେ ନିଜ ଉଡ଼ିବାରେ ସାହାଯ୍ୟ କରୁଥିବା ମାଂସପେଶୀକୁ ଗରମ କରିବା ଲାଗି ଖୁବ୍ ଜୋରରେ ଥରିଥାନ୍ତି କିମ୍ବା ସୂର୍ଯ୍ୟକିରଣର ସାହାଯ୍ୟ ନେଇଥାନ୍ତି।
- ପ୍ରଜାପତି ଖୁବ୍ କ୍ଷୁଦ୍ର ଆକାରର ଅର୍ଥାତ୍ ମାତ୍ର ୧-୮ଇଞ୍ଚରୁ ଆରମ୍ଭ କରି ୧୨ ଇଞ୍ଚ ପର୍ଯ୍ୟନ୍ତ ଅଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ, ଏହି କ୍ଷୁଦ୍ରଜୀବ ଘଣ୍ଟା ପ୍ରତି ୧୨ କି.ମି. ପର୍ଯ୍ୟନ୍ତ ବେଗରେ ଉଡ଼ିପାରେ।
- ଆଣ୍ଟାର୍କଟିକା ମହାଦେଶରେ ପ୍ରଜାପତି ଦେଖାଯାଆନ୍ତି ନାହିଁ।
- ପ୍ରଜାପତିର ବୟସସୀମା ଖୁବ୍ କମ୍ ଅର୍ଥାତ୍ ମାତ୍ର ୧-୨ ସପ୍ତାହ। ହେଲେ ବ୍ରିମ୍‌ଷ୍ଟୋନ୍ ପ୍ରଜାପତି ୯-୧୦ ମାସ ପର୍ଯ୍ୟନ୍ତ ବଞ୍ଚିଥାଏ।

# ବିଶ୍ୱଭୂଷଣଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ଭୁବନେଶ୍ୱର,୨୦।୭(ବ୍ୟୁରୋ)

ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଥିବା ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବାସଭବନରେ ଭେଟି ଅଭିନନ୍ଦନ ଜଣାଇଛନ୍ତି। ବିଶ୍ୱଭୂଷଣଙ୍କୁ ଭେଟିବା ପରେ ଧର୍ମେନ୍ଦ୍ର ନିଜ ଟୁଇଟରରେ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ବିଶ୍ୱଭୂଷଣ ବାବୁ ସବୁବେଳେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ସ୍ୱାଭିମାନର ପ୍ରତୀକ ଭାବରେ ସାଲିସବିହୀନ ସଂଗ୍ରାମ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଗଞ୍ଜେଇ ସହ ପିକ୍‌ଅପ୍ ଜବତ, ୨ ଗିରଫ

ବାଲିଗୁଡା,୨୦।୭ (ଡି.ଏନ୍.ଏ.)

ଗଞ୍ଜେଇ ବୋଝେଇ ଏକ ପିକ୍‌ଅପ ଜବତ କରିଛି କ.ନୂଆଗାଁ ପୋଲିସ। ଘଟଣାରେ ୨ଜଣ ଚାଲାଣକାରୀଙ୍କୁ ଗିରଫ କରାଯାଇଥିବାବେଳେ ଚାଲାଣକାରୀଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଓ ନଗଦ ୧୫ହଜାର୨୦ଟଙ୍କା ଜବତ ହୋଇଛି। କ.ନୂଆଗାଁ ପୋଲିସ ଥାନା ସମ୍ମୁଖରେ ଗାଡିମୋଟର ଯାଞ୍ଚ କରୁଥିଲା। ଗୋଟିଏ ପିକଅପ ଭ୍ୟାନକୁ ଯାଞ୍ଚବେଳେ ସେଥିରୁ ୨୯କେଜି ଗଞ୍ଜେଇ ମିଳିଥିଲା। ଭ୍ୟାନକୁ ଜବତ କରିବା ସହ ଦୁଇଜଣ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କ.ନୂଆଗାଁ ପୋଲିସ। ସେମାନେ ହେଲେ ମହାସିଙ୍ଗି ଅଞ୍ଚଳର ଜହନ ଦିଗାଳ ଓ ପ୍ରଶାନ୍ତ ପ୍ରଧାନ ବୋଲି କ.ନୂଆଗାଁ ଥାନା ଅଧିକାରୀ ଚାନ୍ଦମଣି ସିଂ କହିଛନ୍ତି।

# ଟାଉନ୍ ଥାନାରୁ ଅଭିଯୁକ୍ତଙ୍କ ଚମ୍ପଟ ଉଦ୍ୟମ

ବଲାଙ୍ଗୀର ଅଫିସ, ୨୦।୭

ବଲାଙ୍ଗୀର ଟାଉନ୍ ଥାନା ପରିସରରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରୁଥିଲେ। ତେବେ ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ସମ୍ପୃକ୍ତ ଅଭିଯୁକ୍ତ ପୋଲିସ ହାତରେ ଧରାପଡିଥିଲେ। ଶନିବାର ସକାଳେ ଭୀମଭୋଇ ମେଡିକାଲ କଲେଜ ହସପିଟାଲ ଓପିଡି ଭିତରେ ଦୁଇ ଜଣ ଯୁବକ ଶୋଇଥିବା ଦେଖାଯାଇଥିଲା। ସମ୍ପୃକ୍ତ ଦୁଇ ଯୁବକ ହସପିଟାଲ ଓପିଡିର କବାଟ ଖୋଲି ଶୁକ୍ରବାର ରାତିରେ ପଶି ସେଠାରେ ନିଶାସକ୍ତ ଅବସ୍ଥାରେ ଶୋଇପଡିଥିଲେ। ଶନିବାର ସକାଳୁ ଓପିଡିକୁ ଗଲାବେଳେ ଜଣେ ଡାକ୍ତର ଓପିଡି ଖୋଲାଥିବା ଦେଖିବାକୁ ପାଇଥିଲେ ଓ ଭିତରେ ଉକ୍ତ ଦୁଇ ଜଣ ଯୁବକ ଶୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ଟାଉନ୍ ଥାନା ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳକୁ ଆସି ଅଭିଯୁକ୍ତଦ୍ୱୟଙ୍କୁ ନେଇଥିଲେ। ସେମାନଙ୍କୁ ସମ୍ବଲପୁର କ୍ଷେତରାଜପୁର ଅଞ୍ଚଳର ପଞ୍ଚାନନ ସାହୁ ଓ ଡୁଙ୍ଗଉରିପାଲି ଅଞ୍ଚଳର ପାରଶ ଅଗ୍ରୱାଲ ବୋଲି ଚିହ୍ନଟ କରାଯାଇଥିଲା। ଶନିବାର ମେଡିକାଲ ଟେଷ୍ଟ କରିବା ପାଇଁ ଉକ୍ତ ଦୁଇ ଜଣଙ୍କୁ ନିଆଯାଉଥିବାବେଳେ ସେମାନଙ୍କ ମଧ୍ୟରୁ ପଞ୍ଚାନନ ଟାଉନ୍ ଥାନାରୁ ଦୌଡି ପଳାଇଥିଲେ। ତେବେ ସେଠାରେ ଉପସ୍ଥିତ ଥିବା ପୋଲିସ ଫୋର୍ସ ତାଙ୍କୁ ଗୋଡାଇ ପୁରୁଣା ରାଜବାଟୀ ନିକଟରେ କାବୁ କରିଥିଲେ। ଏ ନେଇ ଏକ ମାମଲା (ନଂ.୩୫୭/୧୯) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

### ସାପଫଣାକୁ ଚୁମ୍ବନ ଦେବା ଭିଡିଓ ଭାଇରାଲ ଘଟଣା

# ଜେଲ୍ ଗଲେ ରୋହିତ

ବରଗଡ଼ ଅଫିସ /ଭଟଲି, ୨୦।୭(ଡି.ଏନ.ଏ.)

ବିଷଧର ସାପଫଣାକୁ ଚୁମ୍ବନ ଦେବା ଭିଡିଓ ଭାଇରାଲ ଘଟଣାରେ ବନବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବରଗଡ଼ ସହର ଉପକଣ୍ଠ ପ୍ରଧାନପାଲି ଅଞ୍ଚଳର ରୋହିତ ମେହେରଙ୍କୁ ଶନିବାର ବନବିଭାଗ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ଥାନୀୟ ସବଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଯୁବକଙ୍କ ବିରୋଧରେ ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନ ନେଇ ଏକ ମାମଲା ରୁଜୁ ହୋଇଛି ବୋଲି ବରଗଡ଼ ବନଖଣ୍ଡ ଅଧିକାରୀ ପି. ସନ୍ଦୀପ କହିଛନ୍ତି। ତେବେ ଭାଇରାଲ ଭିଡ଼ିଓରେ ବିଷଧର ସାପକୁ ଯେଉଁ ଯୁବତୀମାନେ ଚୁମ୍ବନ ଦେଇ ଖେଳୁଥିଲେ, ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ପଚାରିବାରୁ ତା'ର ତଦନ୍ତ ପାଇଁ ସ୍ୱତନ୍ତ୍ର ଜଣେ ତଦନ୍ତକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଡିଏଫ୍‌ଓ କହିଥିଲେ।

ସାପଫଣାକୁ କେତେଜଣ ଯୁବତୀ ଚୁମ୍ବନ ଦେବା, କାଖେଇବା ଭଳି ଭିଡ଼ିଓ କ୍ଲିପିଂ ଗତ କିଛିମାସ ତଳୁ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇ ଆସୁଥିଲା। ସେଭଳି ଭିଡ଼ିଓ କ୍ଲିପିଂ ଭାଇରାଲ କରିବା ବନ୍ୟପ୍ରାଣୀ ଆଇନକୁ ଉଲ୍ଲଂଘନ କରୁଥିବା ଅଭିଯୋଗ କରି ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କୁ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାପରେ ବନ୍ୟପ୍ରାଣୀ ତଥା ବନ ବିଭାଗ ତନାଘନା ଚଳାଇଥିଲା। ସେହି ଭିଡ଼ିଓକୁ ରୋହିତ ସୋସିଆଲ ମିଡ଼ିଆରେ ଛାଡ଼ିଥିବା ଜଣାପଡ଼ିବା ପରେ ବନ ବିଭାଗ ତାଙ୍କୁ ଧରି ଖୋଳତାଡ଼ ଆରମ୍ଭ କରିଥିଲା। ତନାଘନା ପରେ ସେହି ଭିଡ଼ିଓ କ୍ଲିପିଂ ସେ ଭାଇରାଲ କରିଥିବା ସ୍ୱୀକାର କରିବା ପରେ ବନ ବିଭାଗ ତାଙ୍କୁ ଗିରଫ କରିଥିବା ସୂଚନା ଦେଇଛି।

# କୂଅ ଖୋଳି ବକେୟା ଟଙ୍କା ପାଇଲେନି

### ପ୍ରଶାସନର ଦ୍ୱାରସ୍ଥ ହେଲେ ଖୁରୁଜି ପଞ୍ଚାୟତର ହିତାଧିକାରୀ

କୋରାପୁଟ,୨୦।୭(ସ୍ୱ.ପ୍ର.)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଖୁରୁଜି ପଞ୍ଚାୟତର ଖିରଖୋଲା, ଛାପରାମ, ଖମରଗୁଡ଼ା, ଝାଡିପୁଟ ଗ୍ରାମରେ କୂଆ ଖୋଳି ମାସ ମାସ ଧରି ବକେୟା ଟଙ୍କା ପାଇନାହାନ୍ତି ୪ ଜଣ ହିତାଧିକାରୀ। ଶନିବାର ସେମାନେ ଏହି ଅଭିଯୋଗ ନେଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବା ସହ ଦାବିପତ୍ର ଦେଇଛନ୍ତି। ନନ୍ଦପୁର ବ୍ଲକ ଖୁରୁଜି ପଞ୍ଚାୟତର ଝାଡ଼ିପୁଟ ଗ୍ରାମର ଜଗୁ ଖିଲ, ଛାପରାମ ଗ୍ରାମର ରାମଚନ୍ଦ୍ର ହନ୍ତାଳ, ଖମରଗୁଡ଼ା ଗ୍ରାମର ରଘୁନାଥ ଖରା, ଖିରଖୋଲା ଗ୍ରାମର ଅର୍ଜୁନ ମୁଣ୍ଡଗଡିଆ ଚାଷକାର୍ଯ୍ୟ ପାଇଁ ନିଜ ଜମିରେ ୨୦୧୬-୧୭ ଆର୍ଥିକ ବର୍ଷରେ ବ୍ଲକରୁ ଆଦେଶନାମା ପାଇ କୂଅ ଖୋଳିଥିଲେ। ସେଥିରୁ ଅର୍ଜୁନଙ୍କୁ କେବଳ ୭୦ ହଜାର ଟଙ୍କା, ରାମଚନ୍ଦ୍ରଙ୍କୁ ୭୦ ହଜାର ଟଙ୍କା, ରଘୁନାଥ ଖରାଙ୍କୁ ମାତ୍ର ୪୨ ହଜାର ଟଙ୍କା ଓ ଜଗୁ ଖିଲ ୭୦ ହଜାର ଟଙ୍କା ମିଳିଥିଲା। କିନ୍ତୁ ବଳକା ଟଙ୍କା ଦୀର୍ଘ ଦିନ ହେଲା ପାଇ ନ ଥିବାରୁ ବାରମ୍ବାର ବଳକା ଟଙ୍କା ପାଇଁ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେଠାରେ ବିଫଳ ହେବାରୁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

# ବିଷ ପିଇ ବୃଦ୍ଧାଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୦।୭

ବିଷ ପିଇ ଗୁରୁତର ଥିବା ଜଣେ ବୃଦ୍ଧାଙ୍କର ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଉଛନ୍ତି କଳ୍ପନା କହଁର (୬୨) ଓ ତାଙ୍କ ଘର ଫୁଲବାଣୀ ସଦର ଥାନା ଅନ୍ତର୍ଗତ ପିଶୁପଦର ଗାଁରେ। ମେଡିକାଲ ଫାଣ୍ଡି ପୋଲିସ ଶନିବାର ବୃଦ୍ଧାଙ୍କ ମୃତଦେହ ଜବତ କରି ନଂ.୩୮୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। କଳ୍ପନାଙ୍କ ୨ ପୁଅ ଓ ବୋହୂ ଅଛନ୍ତି। ତାଙ୍କୁ କେହି ପଚରାଉଚରା କରୁ ନ ଥିଲେ। ଏଣୁ ସେ ମାନସିକ ଭାରସାମ୍ୟ ହରାଇ ଗତ ୧୫ ତାରିଖ ସକାଳେ ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ପଠାଇ ଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଶୁକ୍ରବାର ରାତି ପ୍ରାୟ ୧୦ଟାରେ ମୃତ୍ୟୁ ଘଟିଥିଲା।


**PARADIP PORT TRUST**

**e-TENDER CALL NOTICE**

E-tenders are invited on behalf of Paradip Port Trust for the work **"Establishment of 400 bedded super specialty hospital with an option to further develop a medical college and further expand the capacity of hospital on PPP basis"**. The last date & time of submission of tender **16.09.2019 at 14.00 Hrs.** For details, please refer website **http://eprocure.gov.in/eprocure/app.**

**Chief Medical Officer**

PPT/PR/196/19-20 Dt.20.07.2019

GOVERNMANT OF ODISHA, OFFICE OF THE PANCHAYAT SAMITI, G.UDAYAGIRI, DIST.-KANDHAMAL, PIN-762100

**No.2117** **INVITATION FOR BIDS (IFB)** **Date:19.07.19**

1. The Block Development Officer, G.Udayagiri, Dist.-Kandhamal on behalf of Governor of Odisha invites Percentage rate bids in Single Cover System for construction of civil works as detailed below from eligible contractor registered with State Government / Central Government / M.E.S. / Railways for which agreement to be drawn up in the standard P.W.D. P-1 Agreement Format.

| Sl. No. | Name of work | Approximate value of work (in Rs.) | Security (E.M.D. 1%) (in Rs.) | Cost of tender paper (in Rs.) | Class of Contractor | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Auditorium at G.Udayagiri | 19,80,000/- | 19,800/- | 6000/- (Non refundable) | 'C' or 'B' Class | 06 (Six) calendar months |

2. The sale of tender paper will be started from 22.07.19 to 02.08.19 (excluding holidays) in office hour, 3. Bidders submitting downloaded bid documents from official website www.kandhamal.nic.in are requested to deposit the requisite non-refundable fees as mentioned in Column No.5 in shape of demand draft prepared on or before last date of sale of tender paper and submit the same along with the bid keeping in a separate envelope marks "Cost of tender documents" downloaded from the internet or else tender paper will be rejected., 4. The sealed bid documents will be received from 22.07.19 to 02.08.19(excluding holidays) up to 10.00 A.M. by dropping the sealed bid documents in the Tender Box having identification No.PSGUD-01 / 2019-20 put in the Office of the B.D.O., G.Udayagiri, Dist. Kandhamal. The Tender Paper received after the stipulated time will not be considered., 5. All the bids received by the office will be opened on dated 03.08.19 at 11.00 A.M. in the office of the undersigned in presence of Tender Committee and Bidders or the Authorized Representatives of bidders., 6. For other details you can visit the website www.kandhamal.nic.in or in the office of the B.D.O, G.Udayagiri, during office hour.

Sd./- Block Development Officer, G.Udayagiri, Dist.- Kandhamal

**DISTRICT PROJECT OFFICE, RTE-SSA, SUNDARGARH**

No. 2162 Date. 20/7/19

**QUOTATION CALL NOTICE**

Sealed quotations are invited in the prescribed application from the book sellers/ Publishers having GSTN and PAN for supply of Hindi script Text Books(Except Hindi language books) from Class-I to Class- VIII for Govt. and Govt. aided Hindi medium primary and Upper Primary schools of Sundargarh district in Speed post/ regd. Post only. The terms and conditions along with the book list are available in the district website **www.sundergarh.nic.in**. The quotation completed in all respect should reach to the office of the District Project Coordinator, Sarva Sikshya Abiyan, Sundargarh on or before 2/8/19 by 5.00 P.M. and the same will be opened on 03-08-19 at 3 AM/PM in the office chamber of Collector-Cum-Chairman, SSA, Sundargarh in presence of bidders and their authorized representatives. The intending bidders will have to submit the sample copy of Hindi script books under proper seal and signature of the firm at the time of opening of tender. The authority reserves the rights to amend, alter, modify and cancel any part or all the tender notice without assigning any reason thereof.

Collector-Cum-Chairman
RTE- SSA, Sundargarh

**TENDER CALL NOTICE**

**CSO-CUM-DISTRICT MANAGER ODISHA STATE CIVIL SUPPLIES CORPORATION LIMITED, DEOGARH**

COLLECTORATE ROAD, DEOGARH

Website: www.deogarh.nic.in

**No.: 767** **Dt.: 19.07.2019**

No.: 04-H: With reference to this Office Tender Call Notice No. 233 Dt.20.02.2019 and consequent upon qualification of single tenderer after scrutiny of Technical Bid, the CSO-cum-District Manager, OSCSC Ltd., Deogarh invites sealed tenders from reputed firms/companies/persons for appointment as Level-I Transport Contractor for transportation of food grains from FSD, FCI to Rice Receiving Centre-cum-Departmental Storage Centres (RRC-cum-DSC).

Interested firms/companies/persons may obtain tender document from the Office of the CSO-cum-District Manager from 20.07.2019 to 05.08.2019 upto 2.00 P.M. The interested firm/ companies/persons may also download the tender document from the district website **www.deogarh.nic.in**.

Interested firms/companies/persons will have to submit the tender documents through **Registered Post/Speed Post/ Courier Service only** as per the procedure prescribed in the tender document to the following address. Tender document send other than the above mode shall not be entertained in any circumstances. **The Corporation shall not be responsible for any Postal/Courier delay. Tender paper received after the schedule date & time shall not be considered.**

**Address for submission of Tender document:**
District Manager, OSCSC Ltd., Deogarh District
At/P.O.- Deogarh
District - Deogarh, PIN - 768108

**Programme of Tender Schedule**

| | | |
|---|---|---|
| 01 | Period of Sale of Tender Document | From 20.07.2019 to 05.08.2019 upto 2.00 P.M. during office hours |
| 02 | Last date of receipt of Tender Document | By 05.08.2019 upto 3.00 P.M. |
| 03 | Date of Opening of Technical Bid | 05.08.2019 at 4.00 P.M. |
| 04 | Date of Opening of Price Bid | 06.08.2019 at 4.00 P.M. |

**Sd./- CSO-cum-District Manager**
**OSCSC Ltd., Deogarh**

07021/11/0002/1920

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଆଠମଲ୍ଲିକ**

ପତ୍ର ସଂଖ୍ୟା: ୧୬୪୬ ତାରିଖ:୧୯।୦୭।୨୦୧୯

ଏତଦ୍ୱାରା ପଞ୍ଚାୟତ ସମିତି ଅଧୀନସ୍ଥ ସମସ୍ତ ୨୪ ଗୋଟି ଗ୍ରାମପଞ୍ଚାୟତର ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ NSAPର ୨୦୧୮-୧୯ ଆର୍ଥିକ ବର୍ଷର ତା୦୧।୦୪।୨୦୧୮ରିଖ ଠାରୁ ତା୩୧।୦୩।୨୦୧୯ରିଖ ମଧ୍ୟରେ ଆଠମଲ୍ଲିକ ପଞ୍ଚାୟତ ସମିତି ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ମନରେଗା ଯୋଜନା ମାଧ୍ୟମରେ ସମ୍ପାଦିତ ହେଉଥିବା ସମସ୍ତ କାର୍ଯ୍ୟଗୁଡ଼ିକର ଏବଂ NSAP ର ସାମାଜିକ ସମୀକ୍ଷା OSSAAT ତତ୍ତ୍ୱାବଧାନରେ V.R.P.ଙ୍କ ଦ୍ୱାରା ଅନୁଷ୍ଠିତ ହେବ। ଏଣୁ ସମ୍ପୃକ୍ତ ଗ୍ରାମପଞ୍ଚାୟତର ଜନସାଧାରଣ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭ୍ୟ/ସଭ୍ୟା ବୃନ୍ଦ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ/ସଭ୍ୟା, ଜବ୍‌କାର୍ଡଧାରୀ ଓ ଗ୍ରାମର ମେଟ୍‌ମାନେ ଅଂଶଗ୍ରହଣ କରିବାକୁ ଅନୁରୋଧ।

**କାର୍ଯ୍ୟସୂଚୀ**

| କ୍ର. ନଂ. | ଗ୍ରାମପଞ୍ଚାୟତର ନାମ | ତାରିଖ | ସମୟ | ସ୍ଥାନ |
|---|---|---|---|---|
| ୧ | ଅଏଡ଼ା, ଟୁସର, ନଅଗାଁ, କମ୍ପଲା, ଆମ୍ବସରମୁଣ୍ଡା, ଠାକୁରଗଡ଼, ଟାପଢୋଲ, ସାନହୁଲା | ୨୯।୦୭।୨୦୧୯ | ପୂର୍ବାହ୍ନ ୧୦.୦୦ | ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ |
| ୨ | ସାପଘରା, ପାଇକସାହି, ମଇମୁରା, କୁରୁମଟାପ, ଲୁହାସିଙ୍ଗା, କୁନ୍ଦଗାଁ, ବାସୁଦେବପୁର, ଲୁଣହାଣ୍ଡି | ୧୩।୦୮।୨୦୧୯ | ପୂର୍ବାହ୍ନ ୧୦.୦୦ | ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ |
| ୩ | ମାଧପୁର, କନ୍ଧପଡ଼ା, କିଆକଟା, ଜାମୁଡୋଲି, କୃତ୍ତିବାସପୁର, କନ୍ତପଡ଼ା, ପୋଡ଼ିପଥର, ପୁରୁଣାମାଣତ୍ରୀ | ୩୦।୮।୨୦୧୯ | ପୂର୍ବାହ୍ନ ୧୦.୦୦ | ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆଠମଲ୍ଲିକ

**OFFICE OF THE NOTIFIED AREA COUNCIL, BALLIGUDA, KANDHAMAL,**

**Email Id.-eonacballiguda@yahoo.in**

No.1185, Date.20.07.2019

**TENDER CALL NOTICE**

Sealed tenders are invited from the registered firms / Entrepreneurs / Authorized Dealers/ Authorized Distributors / Private Companies in two bid systems towards providing, installing & finishing of Air Crush Wooden Sports Flooring for indoor badminton court in Biju Pattnaik Indoor Stadium, Balliguda as per specification given in DTCN to the Office of the NAC, Balliguda, so as to reach before the undersigned by 5.00 PM on dated 30.07.2019 through speed post / regd. Post/ courier/ hand, which will be opened on dt. 31.07.2019 in the Office of the NAC, Balliguda in the presence of available bidders or their authorized representatives. Detailed Tender Call Notice can be obtained from the Office of the NAC, Balliguda by submitting Rs.4,000/-(Rupees Four Thousands only) by way DD drawn in favour of "Executive Officer, NAC, Balliguda" payable at Balliguda.
The authority reserves the right to cancel any or all tenders without assigning any reason thereof.

**Executive Officer,**
**NAC, Balliguda**

**OFFICE OF THE DEAN & PRINCIPAL**
**PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA**

RANGAMATIA, BARIPADA - 757107, DISTRICT- MAYURBHANJ, ODISHA
Telephone: 06792-240400
E-mail: prmmchbaripada@gmail.com

**NOTICE INVITING TENDER (NIT)**
**Reference: Tender No. I-27/2019-20/ PRMMCH/1410 Dated 16.07.2019**

No.: 140-E: Sealed tenders (bids) in two-bid format are invited from eligible and capable Original Equipment Manufacturers (OEMs) or their authorized distributors **for supply of Desktop Computers, UPS & Laser Printers during the F.Y 2019-20**, as per the T&C and other details given the tender document to be downloaded from the official website **www.mayurbhanj.nic.in** & College website **www.prmmchbaripada.in** from **01.08.2019**. The last date of submission of bid documents is 22.08.19 by 5.00 P.M.

**Sd./- Dean & Principal**
**PRMMCH, Baripada**

10120/11/0003/1920


See Career Appointment on every Wednesday & Saturday


**DIRECTORATE OF ANIMAL HUSBANDRY & VETERINARY SERVICES, ODISHA, MANGALABAG, CUTTACK-753001**

**Phone No.0671-2414629, Fax No.0671-2414739**
**Email : dahvsorissa@gmail.com**

**Order No.11393 / Vet II-149/2012** **Dt: 21.06.19**

No.24-M:- Whereas a Departmental Proceeding was drawn up against Sri Ramesh Chandra Behera, Ex-L.I LAC, Bhagatpur under SDVO, Cuttack vide this Directorate Order No.9391/Vet. Dt.08.05.2014 with the following charges due to unauthorised absence exceeds more than five years as per the Rule 72 of OSC.

i) **Unauthorised absence from Govt. duty**
ii) **Disobedience of Orders**
iii) **Gross Misconduct,**
iv) **Negligence in Government duty.**

And whereas, the Memorandum could not be served on the delinquent officer as he was not made available at his permanent address when the special messenger arrived at his place time & again.

And whereas, due to non-receipt of the Memorandum and non-response of the Delinquent Officer of any kind to his Authorities, a notice. was published in local odia daily the 'Sambad' on Dt.14.08.2014, informing the Delinquent Officer to furnish his written statement of defense within 7 days from the date of publication of the notice failing which, the proceeding will be finalised by the undersigned ex-parte on merit as per Rule.

And whereas, the delinquent neither turn up to the notice for submission of written statement of defense nor met his Authorities in this matter within the stipulated time.

And whereas Inquiring Officer & Marshaling Officer were appointed in pursuance of Sub- rule-4&5 of Rule-15 of OCS (CCA) Rules-1962 to enquire in to the charges leveled against the delinquent officer vide this Directorate Order No.891/Vet. Dt.16.01.2016

And whereas, the Inquiring Officer intimated Sri Behera to conduct enquiry vide his Memo No. 7305/Vet, Dt. 16.04.2016 by Registered Post with AD. The delinquent officer did not attend the enquiry on the stipulated date i.e. on 06.05.2016 at 11 AM in the O/o SDVO, Cuttack.

And whereas, the Inquiring Officer Dr. Tapan Kumar Beura, Ex-Asst. Director (PD) enquired the charges 'as contemplated against the delinquent officer ex-parte and submitted the enquiry report. As per the findings of the Inquiring Officer, all the charges leveled against the delinquent officer are established.

And whereas, the 1st & 2nd show cause notice were issued to Sri Ramesh Ch. Behera, the delinquent officer on the inflict punishment for dismissal from Govt. service basing on the Inquiry report of the Inquiring Officer vide this 'office order No.20208/Vet, Dt.27.12.2018 and 3677/Vet, dt.19.02.2019 respectively.

And whereas, the delinquent officer submitted his reply on the 1st & 2nd show cause notice to tne undersigned on Dt. 21.01.2019 & 16.03.2019 respectively.

And whereas, after going through the replies of the delinquent officer, it was found not satisfactory because the self same facts were repeated in his replies and no new facts are there to substantiate his claim and thus the replies submitted by the Delinquent Officer are hereby rejected as they deserve no merit for further consideration.

And whereas, the undersigned being the Disciplinary Authority after careful consideration of the enquiry report of the Inquiring Officer and show cause replies of the Delinquent Officer Sri Ramesh Chandra Behera, Ex-L.I, LAC, Bhagatpur under SDVO, Cuttack is dismissed from Govt. service as per Rule-13(ix) of OCS (CCA) Rules-1962 w.e.f 16.08.2009.

06014/11/0006/1920 Sd./- DIRECTOR

**ODISHA HYDRO POWER CORPORATION LIMITED**

BALIMELA HYDRO ELECTRIC PROJECT:,POST: BALIMELA: DIST: MALKANGIRI (ODISHA); PIN: 764051:
Phones: 06861-232581 (O)/232659 (O) : FAX:06861-232541
E-mail:unit.head_balimela@yahoo.comCIN :U40101OR1995SGC003963

No. CAD-211

**TENDER CALL NOTICE NO: BHEP-18/ 2019-20; DATED-19.07.2019.**

Sealed Tenders are invited in two part i.e. (i) Techno Commercial bid & (ii) Price bid from the registered Firms having valid Registration Certificate issued by Govt. Authority & fulfilling the eligibility criteria as per the tender specification for the work as mentioned below.

| Sl. No | Description of Services | Cost of tender paper in Rs. | EMD in shape of DD only(Refundable) | Period of availability of tender at OHPC website. | Last date & Time of receipt of Tender. | Date & Time of opening of Techno Commercial bid. |
|---|---|---|---|---|---|---|
| 1. | Design, Supply, Installation, Testing and commissioning of Bus bar Protection Scheme &breaker failure Protection Relay (LBB) of BHEP, Balimela including supply of Spares under PSDF Scheme of Government of India. | Rs 11800/- (Rs 10000/- +GST@18%) (Non Refundable) | Rs 72400/- | 24.07.2019 to 13.00 Hrs of 07.08.2019 | 16.00 Hrs of 07.08.2019 | 16.30 Hrs of 07.08.2019 |

The due date of opening of price bid will be intimated later on to the technically qualified bidders.
For details of the tender documents, terms & conditions please visit our website www.ohpcltd.com

CHIEF GENERAL MANAGER (EL) BHEP, BALIMELA.

04019/11/0022/1920

GOVERNMENT OF ODISHA
DEPARTMENT OF SCHOOL AND MASS EDUCATION

**Notice**

**NO.24-n**

***Advertisement for obtaining of certificate of recognition from the academic session 2019-20 to 2023-24 by Privately Managed Elementary Schools***

| | | |
|---|---|---|
| 1. | Publication of advertisement in daily newspaper | 20.07.2019 |
| 2. | Opening of Private School, Management Portal. for on-line application for obtaining of COR/Permission for opening of new Private Schools by Private School Authorities | 30.07.2019 |
| 3. | Last date for submission of on-line application by Private School Authorities | 15.09.2019 |
| 4. | Date of closure of Private School Management Portal for Private Schools | 15.09.2019 |
| 5. | Submission of on-line Inspection report for COR/Permission for opening of new Private Schools by the DEOs to DEE, Odisha | 31.10.2019 |
| 6. | Issue of approval order by the D. E. E. to the D. E. Os | 25.01.2020 |
| 7. | Last date for issue of COR/ Opening Permission by DEOs | 10.02.2020 |

Sd./-
Director, Elementary Education
Odisha, Bhubaneswar

27005/11/0002/1920

**ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଟପାଡ଼**

ପତ୍ର ସଂଖ୍ୟା: 4118 /2019 ତାରିଖ: 20.07.2019

**ଘରୋଇକରଣ ନିମନ୍ତେ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଟପାଡ଼ ଅଧୀନସ୍ଥ ପରିଷଦର **ଉଦ୍ୟାନ (ପାର୍କ) ତଥା ଖୋଲା ବ୍ୟାୟାମଶାଳା** ତା୧୧।୦୮।୨୦୧୯ରିଖ ଠାରୁ ୩୦।୦୭।୨୦୨୨ରିଖ (୩ବର୍ଷ) ପର୍ଯ୍ୟନ୍ତ ଲିଜ୍ ଆକାରରେ ଦିଆଯିବା ସକାଶେ ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଟପାଡ଼ ନିର୍ଦ୍ଦିଷ୍ଟ ଫର୍ମରେ ଜଉମୁଦା ଟେଣ୍ଡର ଆହ୍ୱାନ କରୁଅଛନ୍ତି। ଉକ୍ତ ଟେଣ୍ଡର ନିମନ୍ତେ ଧାର୍ଯ୍ୟ ଫର୍ମ ମୂଲ୍ୟ (ଅଣଫେରସ୍ତ) ପରିଷଦର କ୍ୟାସିୟରଙ୍କ ନିକଟରେ ତା୨୨।୦୭।୨୦୧୯ରିଖଠାରୁ ତା୦୬।୦୮।୨୦୧୯ ଅପରାହ୍ନ ୦୫.୦୦ ଘଟିକା ମଧ୍ୟରେ ନିର୍ବାହୀ ଅଧିକାରୀ, କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଟପାଡ଼ଙ୍କ ନାମରେ ଟ.୫,୦୦୦/-ର ବ୍ୟାଙ୍କ ଡ୍ରାଫ୍ଟ ଦାଖଲ କରି ଫର୍ମ କ୍ରୟ କରି ତା୨୨।୦୭।୨୦୧୯ରିଖଠାରୁ ତା୦୭।୦୮।୨୦୧୯ ଅପରାହ୍ନ ୨.୦୦ ଘଟିକା ମଧ୍ୟରେ କେବଳ ଡାକ ରେଜିଷ୍ଟ୍ରି/ ସ୍ପିଡ ପୋଷ୍ଟ ଦ୍ୱାରା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। ତା୦୭।୦୮।୨୦୧୯ରିଖ ଅପରାହ୍ନ ୩.୩୦୦ ଘଟିକା ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ଟେଣ୍ଡରଗୁଡ଼ିକ ଖୋଲାଯିବ। ଟେଣ୍ଡର ପକାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ନିମ୍ନରେ ଲେଖାଥିବା ଅମାନତ ଟଙ୍କା ନିର୍ବାହୀ ଅଧିକାରୀ, କୋଟପାଡ଼ଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ କରି ଟେଣ୍ଡର ଫର୍ମ ସହିତ ଦାଖଲ କରିବେ। ଲଫାପା ଉପରେ ଟେଣ୍ଡର ଦାଖଲ କରୁଥିବା ସୈରାତ ନାମ ଉଲ୍ଲେଖ କରିବେ। ଟେଣ୍ଡରଦାତାମାନେ ନୋଟିସ୍‌ରେ ଲିଖିତ ସର୍ତ୍ତାବଳୀମାନ ପାଳନ କରିବେ ନଚେତ ଟେଣ୍ଡରଟି ଅଗ୍ରାହ୍ୟ ହେବ। ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ୍ୟ ସର୍ତ୍ତାବଳୀ ପରିଷଦ କାର୍ଯ୍ୟାଳୟରେ ତା୨୨।୦୭।୨୦୧୯ରିଖ ଠାରୁ ତା୦୬।୮।୨୦୧୯ ମଧ୍ୟରେ କାର୍ଯ୍ୟ ଦିବସଗୁଡ଼ିକରେ ପୂର୍ବାହ୍ନ ୧୦.୩୦ ମି.ଠାରୁ ଅପରାହ୍ନ ୦୪.୩୦ମି. ମଧ୍ୟରେ ଦେଖିପାରିବେ। ଇସ୍ତାହାର ସମ୍ପୂର୍ଣ୍ଣ ବିବରଣୀ ପରିଷଦର ନିଜସ୍ୱ ୱେବ୍‌ସାଇଟ୍ www.kotpadnac.in ଦେଖିପାରିବେ।

କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ଏବଂ ସମସ୍ତ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ ଏଥିପାଇଁ କୌଣସି କାରଣ ଦର୍ଶାଇବାକୁ ବାଧ୍ୟ ନୁହନ୍ତି। ଏହାଛଡ଼ା କର୍ତ୍ତୃପକ୍ଷ ଚାହିଁଲେ, କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ/ନାକଚ କରିପାରିବେ।

**ଇସ୍ତାହାର ବିବରଣୀ**

| କ୍ରମିକ ନଂ | ସୈରାତର ନାମ | ଅଫସେଟ୍ ମୂଲ୍ୟ ବାର୍ଷିକ | ଅମାନତ ମୂଲ୍ୟ (ଅଫସେଟ ଦର ସ୍ଥିରୀକୃତ)ର ୨୫ ଶତାଂଶ | ସଲ୍‌ଭେନ୍‌ସି ସାର୍ଟିଫିକେଟ (ତହସିଲଦାର, ଉପଜିଲ୍ଲାପାଳଙ୍କଠାରୁ) | ଟେଣ୍ଡର ପେପରର ମୂଲ୍ୟ |
|---|---|---|---|---|---|
| ୦୧ | ଉଦ୍ୟାନ (ପାର୍କ) ତଥା ଖୋଲା ବ୍ୟାୟାମଶାଳା | ୫୦,୦୦୦/- | ୨୦,୦୦୦/- | ୨,୦୦,୦୦୦/- | ୫୦୦୦/- |

ସ୍ୱା./- ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଟପାଡ଼

# SUNDAY classifieds



## MATRIMONIAL

### BRIDE WANTED

ତେଲିପାତ୍ର 55 1/2, ମାଟ୍ରିକ୍, କମ୍ପାନି ଚାକିରିଙ୍କ ପାଇଁ ସହୃଦୟା ପାତ୍ରୀ ଆବଶ୍ୟକ। 7377316197. D-13496

ଗୁଡ଼ିଆ ପାତ୍ର MBA, ଗୌରବର୍ଣ୍ଣ, 5'5", 36 ବର୍ଷ, ବାଙ୍ଗାଲୋରରେ ଚାକିରି, ଭୁବନେଶ୍ୱର ବାସିନ୍ଦା ଓ ଏକ ପୁତ୍ର ସନ୍ତାନ ଥିବା ପାତ୍ର ପାଇଁ ଗୌରବର୍ଣ୍ଣା, ଉଚ୍ଚଶିକ୍ଷିତା, 5'2", 25-35 ବର୍ଷ ମଧ୍ୟରେ ଥିବା ପାତ୍ରୀ ଆବଶ୍ୟକ। ଯୋଗାଯୋଗ: 7978322364, 9437230729. D-58100

### GROOM WANTED

Professional qualified matches for Muslim Girl, DOB: 1986, 5'4", working as Software Engineer. Mobile: 9437121410, 9937339699. D-37371

Khandayat girl 1993, 5'6", MBA, serving MNC, Bangalore. Sunasansar: 9937512659. D-66741

BBSR ସ୍ଥିତ Nurse 40k ପାଉଥିବା 28 ବୟସ୍କା divorcee ବ୍ରାହ୍ମଣଙ୍କ ପାଇଁ any caste ପୁଅ ଦରକାର। 9658674636. D-13516

Divorcee bride Lecturer 38, Engineer 35, Bank 43 (Caste-no-bar). 7873374269. D-67016

Bhubaneswar ବାସିନ୍ଦା 36 ବୟସ୍କା ଗରିବ ସୁନ୍ଦର, +2 pass ବ୍ରାହ୍ମଣ ଝିଅଙ୍କ ପାଇଁ ପୁଅ ଦରକାର। 7381366108. D-13434

Now Matrimonial ads. only on Wednesday & Sunday Book 1 Get 1 FREE

## real estate

### SALE

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

**Gharabari boundary plot Tamando MCL boundary side, direct owner: 8144391451.** D-66739

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

**ଭୁବନେଶ୍ୱର KIIT ଜଗନ୍ନାଥ ମନ୍ଦିରଠାରେ ଘରବାରୀ plot 30' ରାସ୍ତା, ଇଲେକ୍ଟ୍ରି ଥାଇ ବିକ୍ରିହେବ। 6372824177.** D-66742

**11000sqft. boundarywall plot for sale near Hanspal NH-5, best for godown. 9040059669.** D-67014

ପିତାପଲ୍ଲୀ ଛକ NH ପାଖରେ sqft-399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

**2400sqft. BDA plot for sale at K9/A Patrapada. Contact: 8114860043.** D-64987

Plot for sale near SUM, Nuagaon, Ghatikia, Pitapali. 6371209927, 9337008959. D-64981

Flat for sale of 2BHK flat at NH road side Khordha 1km. from Khordha Hospital. 9439778849, 7381883881. D-64983

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67305

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m. ବାସୋପଯୋଗୀ plot 1200sqft. 5,40,000/- immediate possession/ registration. 9937032327, 9583328312. D-66730

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66927

SUM hospital ନିକଟରେ ଏବଂ Tamando ବଜାର Infocity-2 ପାଖରେ plot ମିଳୁଅଛି। 9439864322. D-66715

**Conversion demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରୋଡ଼ sideରେ 1200sqft. 6,60,000/-. 9437306208.** D-66728

Book a duplex Aiginia, Bhubaneswar, land area 1500 construction 2000, Price 72 lakh. 9078151122. D-67310

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66729

1BHK simplex 15,00,000/- finishing Hanspal, duplex Nakhara Road- 8093465134, 9668194157. D-67013

**ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ BDA yellowzone plot 30'road, ଇଲେକ୍ଟ୍ରିସିଟି ଥାଇ sqft 999/-, ପିପିଲି bypass ପାଖରେ 399/- ରେ ବିକ୍ରିହେବ। 8917502591.** D-66732

Corporate office space in DLF, Patia and Esplanade, Rasulgarh, Bhubaneswar: 9861066949, 8018595307. D-67203

**SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938991256, 9090556060.** D-66731

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ Viswass +2 Science କଲେଜକୁ ଲାଗି yellowzone ପ୍ଲଟ ମିଳୁଅଛି। 9348261968.** D-66738

2400sqft. commercial plot at Bomikhal near Ekamratalkies, Bhubaneswar: 9861066949, 8018595307. D-67201

**Bhubaneswar Pitapalliର BDA plot sqft. 549/-ରେ ମିଳୁଅଛି। 9090963952, 9937605788.** D-66737

645sqft. commercial space in Basudha tradecentre, Mastercanteen, Bhubaneswar: 9861066949, 8018595307. D-67202

**ଭୁବନେଶ୍ୱର ଗୀତା କଲେଜରୁ 4k.m ମେଣ୍ଢାଶାଳ ମୌଜାରେ satellitecity ପାଖରେ Demarcated Plot sqft.300/-ରେ ମିଳୁଅଛି। 9439857581.** D-66733

Yellowzone gharabari plots 3,166 sqft Badagada canalroad, simplex BJEM-(2) 12,80,000/- finance available, 7735738102. D-13481

Bhubaneswar- Pitapalli Chhaka ଠାରୁ 100 ମିଟର ଦୂରରେ BDA plot, Road, Electric, ପାଚେରି ସହିତ ଶସ୍ତାରେ କିଣନ୍ତୁ। Contact: 9348330874, 8144328828. D-13424

**Bhubaneswar AIIMS Medical ନିକଟରେ Govt. roadକୁ ଲାଗି BDA approved yellowzone gharabari plot- 1499/- 9777553622.** D-66736

Rathayatra special: Book BDA and bank approved flat nearly ready to move having all luxurious amenities. Few remain at Patrapada, Bhubaneswar, 500 meters from NH. 9238326233 / 9040072544. D-38559

**Bhubaneswar Mount Literazee School ଲାଗିକି ଘରବାରି ପ୍ଲଟ ନେଇ ଘର କରନ୍ତୁ। 9438859527.** D-66740

**2600 sft corner plot sale at CET College (SUM Hospital) near Durga Mandap, Bhubaneswar. Contact Deepak: 9937329999.** D-66262

15 Gunth land on NH near NICCO factory, Baripada. Contact: 8249204856. D-59863

**4000 sft plot sale at Satya Nagar, Bhubaneswar. Directly buyer contact Deepak: 9937329999 (Broker excuse).** D-66264

**2Bedroom ready to move flat at Pokhariput, Bhubaneswar, genuine buyers directly contact Deepak: 9937329999.** D-66265

2BHK flat near Garage chhak NH Bhubaneswar-2, Contact mob: 8763449127. D-65669

**4BHK ready to move duplex independent house at Khandagiri (Aiginia), Bhubaneswar (200 meters from NH-5) for immediate sale. Contact Deepak: 9937329999.** D-66263

**2/3 BHK ready to move flats for sale at DHPL Pride, Kalinga near DAV Kalinga Nagar, starting at Rs.32Lakhs, Contact 9937059891, 8908292617.** D-13507

GA plot 2700sqft. with building 4300sqft. at Ghatikia, Bhubaneswar. Price 2crores, buyer please contact: 9178518254. D-67015

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13500

**5000 Plus sqft. residential plot for sale in Sishu Vihar, Patia. Ideal for Tutorials also. Contact directly 9871155802, 8240107574.** D-13515

**Ready to move 2BHK flat at Damana square, 3BHK flat at Nayapalli, Beherasahi next NH plot 2700 sqft at Sailashree Vihar back side of Jagannath temple, Chaturbuja Nirman Construction. Contact Mob- 7750072200, 8249222916.** D-13487

Bhubaneswar 3500 sqft clean freehold plot close to Jagamara bazar and main road for sale. Genuine buyers contact: 8114926011. D-13520

### LEASE

**Offering 8000 sqft. open land for lease @ Nuagaon Square, Puri Road, adjacent to NH-203, suitable for warehouse/ garage. Contact: 9611131676, 9437081529.** D-13302

## business

Offering immediate stitching contract for Bedsheet, Pillow covers on monthly basis. 9438804164. D-13465

## construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech 9040008777.** D-13499

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

## to-let

3500sqft. godown space with an outhouse at Nayapalli, Bhubaneswar: 9861066949, 8018595307. D-67204

1700sqft. furnished office-godown near Railway Station, Kharvelnagar, Bhubaneswar- 9178577306. D-66734

Open space with boundary for rent of 30000sqft. for godown/ stockyard available opposite Synergy College, Nakhara, Bhubaneswar. Call: 9337122452. D-13476

**1BRK in Chakeisiani, Plot- 3256, Near VSS Nagar. 6370138828, 7894435400.** D-13522

3000 sqft. 3rd floor and 1300 sqft. 4th floor adjacent to BMC mall, Sahid Nagar, Bhubaneswar for rent to Bank/ Office/ Corporates. Call: 9337122452. D-13477

Residential building 2BHK having 390 sqft. drawing / dining space & 2 toilets available to let at Lingipur, BBSR for Govt., corporate,bank officers / officials. Contact: 9437550247, 6371310370. D-13432

Showroom (semi furnished) 400sqft .at prime location (Indradhanu market, Nayapalli) to be given on rent Rs. 25000/-. No brokers. Contact: 7798442743, 9853878489. D-35845

2BHK, 2bathroom, drawing, dining, balcony, Gandamunda near ITER, BBSR, rent 9000/-. 8763216428. D-64989.

To let for others and previlage for old age. 9437764734. D-63953

Accommodation available for rent for banks, government, companies employees family only. 9337120003. D-36461

Luxurious air- conditioned official accomodation near Ravitalkies. Contact: 8249204856. D-59862

3BHK & 2BHK flats at mainroad, Unit-8, Soubhagya Nagar. 9000004523. D-64990

### ACCOMMODATION

Free & paid accommodation for senior citizens & mentally ill persons with all facilities. Contact: Help Line- 7609820341, 9337160036. D-13497

## healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-67312

Rejuvenate and ayurvedic full body massage by smart therapist: 9114402304. D-67311

Full body herbal massage with refreshment, expert therapist. 7381239385, 0674-2540855. D-67313

Experience full body massage with us (expert). Call: 7377048581, 0674-2597822. D-67314

Summer special mesmerizing offer expert therapeutic refreshing massage appointment: 9668374480. D-67307

Ayurvedic full body massage ladies & gents smart therapist. 9040900385. D-66926

Herbal full body massage by smart/expert therapist. Contact: 8338067247. D-67315

Newly opening Ayurvedic body massage smart therapist, Shree herbal, 775 0020754. D-67317

Kajal ayurvedic massage club fully relaxed by smart lady, home service available. 9937637219. D-66930

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### LOST

ମୁ ଶ୍ରୀମତି କାବେରି ପଟ୍ଟନାୟକ, pp-୧୬, ପାଣ୍ଡବ ନଗର, ଭୁବନେଶ୍ୱର ଜଣାଉଅଛି ଯେ ମୋର ଜାଗା ଦଲିଲ ନଂ- 1131114001, ଗତ ୧୫ ଜୁଲାଇ ୨୦୧୯ ରେ ଉତ୍ତରା ମାର୍କେଟ, ଭୁବନେଶ୍ୱରଠାରେ ହଜିଯାଇଅଛି। ଯଦି କୌଣସି ବ୍ୟକ୍ତି ପାଇଥାନ୍ତି ତେବେ ଫୋନ: 79781637686 ରେ ଜଣାଇବାକୁ ଅନୁରୋଧ। D-67017

### AFFIDAVIT

By an affidavit before Notary Public, Nuapada, I Ganesh Sahu, R/o- Salebhata, Po/Dist- Nuapada, declared that my name is Ganesh Sahu but in the R.O.R. my name is entered as Guneswar Sahu. That, both the names is the same and one person. D-37372

### CLASSIFIED BOOKING STATIONS

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

### 25th Marriage Anniversary



Alekh & Sangita

True love never dies, it only grows stronger and truer with the passing of time. It's clear to see that your love is the strongest and truest kind.

Happy Marriage Anniversary

Best wishes from: Avinash, Aryan, relatives and friends, all brother and sweet sisters.

D-13530

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859


**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭଜ ମୋହନ ସାହୁ

ଆବିର୍ଭାବ: ୦୩।୦୧।୧୯୩୭
ତିରୋଧାନ: ୧୦।୦୭।୨୦୧୯

ଆଜି ତୁମର ଦ୍ୱାଦଶାହ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଶୋକସନ୍ତପ୍ତ:
ନାତି- ପିଙ୍କୁ, ଓମ୍, ନାତୁଣୀ: ରୋଜି, ସ୍ୱହା, ପୁଅ: ଟଙ୍କଧର, ରମେଶ, ବୋହୂ: ସବିତା, ସୁଜାତା, ଝିଅ: ମଞ୍ଜୁ, ସଞ୍ଜୁ, ରଞ୍ଜୁ, ବିଜୁ, ପରିବାର ଓ ବନ୍ଧୁବର୍ଗ।

ଧ-୧୩୫୧୭

### ତୃତୀୟ ବାର୍ଷିକ ସ୍ମୃତି ଦିବସ



ସ୍ୱର୍ଗତ କମ୍ରେଡ ବନମାଳୀ ଜେନା

ଆବିର୍ଭାବ: ୦୫।୦୪।୧୯୨୧
ତିରୋଧାନ: ୨୧।୦୭।୨୦୧୬
(ପଟିଆ)

ଆପଣଙ୍କ ପାଦ ପଦ୍ମରେ ଚିର ନମସ୍ୟ। ଆପଣ ସବୁ ଦେଇ ଯାଇଛନ୍ତି। ସୁପରିଚାଳନା କରିବା ଆମ୍ଭମାନଙ୍କର ଦାୟିତ୍ୱ।

ଶ୍ରଦ୍ଧାଞ୍ଜଳି ସହ:
କମ୍ରେଡ ବନମାଳୀ ଜେନା ସ୍ମୃତି କମିଟି ପଟିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର।

ଧ-୧୩୪୮୬

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ବିଦ୍ରୁମଣୀ ଜେନା

ଆବିର୍ଭାବ - ୦୫.୦୧.୧୯୪୨
ତିରୋଧାନ - ୧୩.୦୭.୨୦୧୭
ଶ୍ରାବଣ ମାସ କୃଷ୍ଣପକ୍ଷ ଚତୁର୍ଥୀ
ମାର୍କଣ୍ଡେଶ୍ୱର ସାହି, ମାଟିତୋଟା ରୋଡ, ପୁରୀ

ବୋଉ ତୁ ଗଲାପରେ ଏଠି ସବୁଲାଗେ ଖାଁ ଖାଁ ଆଉ ଶୁଭୁନାହିଁ ତୋ ଗେଲ ବସରର ଡାକ ପାଗେଲା, ପାଗେଲା। ତୋବିନା ଶୂନ୍ୟ ଏଠି ତୋ କୋଠରିଟା ତୋ ସ୍ମୃତିକୁ ସାଉଁଟି ବାପା ବସୁଛନ୍ତି ଏକା ଏକା। ମିଳୁନାହିଁ ସେ କୋଠରିର କାନ୍ଥବାଡରୁ ସେଇ ଆତ୍ମୀୟତା। ଆମେ ହଜାଇ ବସିଛୁ ତୋରି ମମତା। ତୁ ଯାଇପାରୁ ଏ ପୃଥିବୀରୁ ତୋର ପାର୍ଥିବ ଶରୀରଟି ନେଇ। କିନ୍ତୁ ଯାଇ ପାରିବୁ ନାହିଁ ତୋ ପିଲାମାନଙ୍କ ହୃଦୟକୁ ଡେଇଁ। ଶୋକସନ୍ତପ୍ତ ପରିବାର ବର୍ଗ ସ୍ୱାମି-ଶ୍ରୀବତ୍ସ ଜେନା, ପୁତ୍ର-କାହ୍ନୁଚରଣ, ବଟକୃଷ୍ଣ, ନାରାୟଣ ବୋହୂ-ମାନସୀ,ନିନା,ମାମିନା, ଝିଅ- ଦମୟନ୍ତି,ଭାନୁ,ରୁନୁ ଜ୍ୱାଇଁ-ଭଜମନ, ପୂର୍ଣ୍ଣଚନ୍ଦ୍ର,ମାନଗୋବିନ୍ଦ ନାତି, ନାତୁଣୀ, ଅଣନାତି,ଅଣନାତୁଣୀ ପରିବାର ବର୍ଗ।

ଧ-୫୯୯୩୭

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମଞ୍ଜୁଲତା ମିଶ୍ର

ସ୍ୱାମୀ: ସୀତାକାନ୍ତ ମିଶ୍ର
ଶାସନ ଦାମୋଦରପୁର, ପୁରୀ ସଦର, ପୁରୀ-୨
ଆବିର୍ଭାବ: ୨୫।୦୨।୧୯୭୦
ତିରୋଧାନ: ୧୩।୦୭।୨୦୧୯


ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଭାବ ଆମର ପ୍ରେରଣାର ଉତ୍ସ ହେଉ। ଆଜି ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ:
ପରିବାରବର୍ଗ ତଥା ଆତ୍ମୀୟସ୍ୱଜନ।

ଧ-୧୩୪୩୭

**“** ଦେଶର ବ୍ୟାଙ୍କିଙ୍ଗ ସେକ୍ଟର ଏବେ ଖରାପ ସମୟ ଦେଇ ଗତିକରୁଛି। ଏହାକୁ ଏବେ ବହୁ ସମସ୍ୟା ଓ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡୁଛି।

– ନୀତିନ ଗଡ଼କରୀ, କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ



**“** ବିମାନ ଯାତ୍ରୀଙ୍କ ସୁରକ୍ଷା ସହ କୌଣସି ସାଲିସ୍ କରାଯିବ ନାହିଁ। ଯାତ୍ରୀ ଭଡ଼ା ବୃଦ୍ଧି ଅଭିଯୋଗ ମିଥ୍ୟା।

– ହରଦୀପ ସିଂ ପୁରୀ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ



## ସଂକ୍ଷେପରେ

### ବନ୍ଦ ହେବ ଆଦିତ୍ୟ ବିର୍ଲା ପେମେଣ୍ଟସ ବ୍ୟାଙ୍କ

**ନୂଆଦିଲ୍ଲୀ,୨୦-୭:** ନୂଆ ଯୁଗର ପେମେଣ୍ଟ ବ୍ୟାଙ୍କ ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିଛି। ଭୋଡ଼ାଫୋନର ଏମ୍ ପୈସା ପରେ ଆଦିତ୍ୟ ବିର୍ଲା ଆଇଡିଆ ପେମେଣ୍ଟସ ବ୍ୟାଙ୍କ ବନ୍ଦ ହୋଇଯିବ। ମାତ୍ର ୧୭ ମାସ ପୂର୍ବେ ଆରମ୍ଭ ହୋଇଥିବା ଏହି ବ୍ୟାଙ୍କ ଆସନ୍ତା ୨୬ରୁ ସମସ୍ତ ନେଣଦେଣ ବନ୍ଦ କରିବାକୁ ଘୋଷଣା କରିଛି। ଗ୍ରାହକ ନିଜ ଆକାଉଣ୍ଟରେ ଥିବା ଟଙ୍କାକୁ ଅନ୍ୟ ବ୍ୟାଙ୍କକୁ ସ୍ଥାନାନ୍ତର କରିବାକୁ ଆଇଡିଆ ପେମେଣ୍ଟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

### ପିଏମ୍ କିଷାନରେ ଯୋଡ଼ି ହେବେ ୭୦ ମିଲିୟନ ଚାଷୀ

**ନୂଆଦିଲ୍ଲୀ,୨୦-୭:** କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଘୋଷଣା ହୋଇଛି। ତେବେ ଏହି ଯୋଜନାରେ ଏବେ ଅଧିକ ଜମି ଥିବା ଚାଷୀ ମଧ ଯୋଡି ହେଉଛନ୍ତି। ଫଳରେ ଏହି ଯୋଜାନରେ ସାମିଲ ହେବା ଲାଗି ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ଜୋର୍ ଧରିଛି। କେନ୍ଦ୍ର ସରକାର ଦେଶର ୧୪୫ ମିଲିୟନ ଚାଷୀଙ୍କ ପଞ୍ଜୀକରଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିବା ବେଳେ ଜୁଲାଇ ଶେଷ ସୁଦ୍ଧା ଏହାର ଅଧା ଅର୍ଥାତ୍ ପ୍ରାୟ ୭୦ ମିଲିୟନ ଏଥିରେ ଯୋଡି ହେବେ ବୋଲି ପିଏମ୍ କିଷାନ ସିଇଓ ବିବେକ ଅଗ୍ରୱାଲ ପ୍ରକାଶ କରିଛନ୍ତି। ଡିସେମ୍ବର ୨୦୧୮ରୁ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ପ୍ରଥମ କିସ୍ତି ପ୍ରଦାନ କରାଯାଇସାରିଲାଣି। ଅଦ୍ୟାବଧି ୫୪.୧ ମିଲିୟନ ଚାଷୀ ଉକ୍ତ ଯୋଜନାରେ ନିଜକୁ ପଞ୍ଜୀକରଣ କରିଛନ୍ତି।

### ଦରମା ବଢ଼ାଇଲେନି ମୁକେଶ

**ନୂଆଦିଲ୍ଲୀ,୨୦-୭:** ଦେଶର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀ କ୍ରମାଗତ ୧୧ ବର୍ଷ ଧରି ନିଜ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜରେ ନିଜର ଦରମା ନ ବଢ଼ାଇ ୧୫ କୋଟି ଟଙ୍କାରେ ସ୍ଥିର ରଖିଛନ୍ତି। ତେବେ ଚଳିତବର୍ଷ ମାର୍ଚ୍ଚରେ ଶେଷ ହେଉଥିବା ଆର୍ଥିକ ବର୍ଷରେ କମ୍ପାନୀର ଡାଇରେକ୍ଟରମାନଙ୍କର ବେଶ୍ ଦରମା ବଢ଼ିଛି। ସେଥିରେ ତାଙ୍କର ନିକଟ ସମ୍ପର୍କୀୟ ନିଖିଲ ଓ ହିତଲ ମେସୱାନୀ ମଧ ସାମିଲ ରହିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ ପ୍ରକାଶିତ ବାର୍ଷିକ ରିପୋର୍ଟରୁ ଏହା ଜଣାପଡିଛି। ଆର୍ଆଇଏଲ୍ର ସିଏମ୍ଡି ଭାବେ ମୁକେଶ ଆର୍ଥିକ ବର୍ଷ ୨୦୧୮-୧୯ରେ ପାରିଶ୍ରମିକ ଓ ଭତ୍ତା ବାବଦରେ ୪.୪୫ କୋଟି ଟଙ୍କା ନେଇଛନ୍ତି। ୨୦୧୭-୧୮ରେ ଏହା ୪.୪୯ କୋଟି ଟଙ୍କା ଥିଲା। ୨୦୦୯ ଅକ୍ଟୋବରରୁ ମୁକେଶ ନିଜ ଦରମା ୧୫ କୋଟି ଟଙ୍କାରେ ସୀମିତ ରଖିବାକୁ ଘୋଷଣା କରିଥିଲେ।

### ଆମେରିକା ବାଦାମ ଉପରୁ ସୀମାଶୁଳ୍କ କମିବନି

**ନୂଆଦିଲ୍ଲୀ,୨୦-୭:** ଆମେରିକାରୁ ଆସୁଥିବା ଆଲ୍ମଣ୍ଡ(ବାଦାମ) ଉପରୁ ସୀମାଶୁଳ୍କ ହ୍ରାସ କରିବାକୁ ଆମେରିକାର ଅନୁରୋଧକୁ ଭାରତ ପ୍ରତ୍ୟାଖ୍ୟାନ କରିଦେଇଛି। ଗତ ମାସରେ ଆମେରିକାରୁ ଆସୁଥିବା ଆଲମଣ୍ଡ, ଅଖରୋଟ ଉପରେ ଭାରତ ସୀମାଶୁଳ୍କ ବୃଦ୍ଧି କରିଛି। ଗତ ସପ୍ତାହରେ ବାଣିଜ୍ୟ ପ୍ରତିନିଧିଙ୍କ ଭାରତ ଗସ୍ତ କାଳରେ ଆଲ୍ମଣ୍ଡ ଉପରୁ ସୀମାଶୁଳ୍କ ହ୍ରାସ କରିବାକୁ ଆମେରିକା ପକ୍ଷରୁ ଅନୁରୋଧ କରାଯାଇଥିଲା।

# ଭାରତ ହାତ ଧରିବାକୁ ଚାଇନା ରାଜି

**ନୂଆଦିଲ୍ଲୀ,୨୦-୭**

### ଆମେରିକା ସହ ଟ୍ରେଡ୍ ୱାର୍




- ଆହ୍ୱାନ ଦେଲେ ନବନିଯୁକ୍ତ ଚାଇନା ରାଷ୍ଟ୍ରଦୂତ
- ବାଣିଜ୍ୟ ଅସମାନତା ନେଇ ଭାରତ ସହ ଆଲୋଚନା ହେବ
- ଭାରତ-ଚାଇନା ବାଣିଜ୍ୟ ନିଅଣ୍ଟ ୫% କମିଛି
- ସଂରକ୍ଷଣବାଦ, ଏକପକ୍ଷବାଦିତା ବିରୋଧରେ ଲଢ଼ିବାକୁ ହେବ

ଆତଙ୍କବାଦ୍ ଓ ସୀମା ବିବାଦ ସମେତ ବହୁ ପ୍ରସଙ୍ଗରେ ଭାରତ ବିରୋଧୀ ମନୋଭାବ ପୋଷଣ କରୁଥିବା ଚାଇନା ଏବେ ଆମେରିକା ବିରୋଧରେ ଟ୍ରେଡ୍ ୱାର୍ରେ ସାମିଲ ହେବାକୁ ଆହ୍ୱାନ ଦେଇଛି। ଏଥିଲାଗି ଭାରତ ସହିତ ଥିବା ନିଜର ବାଣିଜ୍ୟ ଅସନ୍ତୁଳନକୁ ଦୂର କରିବା ନେଇ ଆଲୋଚନା କରିବାକୁ ରାଜି ଥିବା ପଡୋଶୀ ଦେଶ କହିଛି।

ଚାଇନା ପକ୍ଷରୁ କୁହାଯାଇଛି ଯେ, ଏହା ବାଣିଜ୍ୟ ଅସନ୍ତୁଳନକୁ ନେଇ ଭାରତର ଚିନ୍ତାକୁ ବୁଝୁଛି ଏବଂ ଏଥିଲାଗି ଆଲୋଚନା ଟେବୁଲକୁ ଆସିବାକୁ ଚାହେଁ। ଏଥିସହିତ ବାଣିଜ୍ୟରେ ଥିବା ଏକପକ୍ଷବାଦିତା ଏବଂ ସଂରକ୍ଷଣବାଦ୍ ବିରୋଧରେ ଲଢ଼େଇରେ ଭାରତ ସହଯୋଗ କରୁ ବୋଲି ଚାଇନା ଆହ୍ୱାନ ଦେଇଛି।

ଭାରତରେ ଚାଇନାର ନବନିଯୁକ୍ତ ରାଷ୍ଟ୍ରଦୂତ ସନ୍ ୱେଇଡଙ୍ଗ କହିଛନ୍ତି ଯେ, ବାଣିଜ୍ୟ ଅସମାନତା ଦୂର ନେଇ ତାଙ୍କ ଦେଶ ଗମ୍ଭୀର। ଭାରତ ସହ ଟ୍ରେଡ୍ ସରପ୍ଲସ ନେଇ ଚାଇନା କେବେ ହେଲେ ଯୋଜନାବଦ୍ଧ ରଣନୀତି ଆପଣାଇନାହିଁ। ଚାଇନାକୁ ଭାରତରୁ ଚାଉଳ ଓ ଚିନି ଆମଦାନୀ ବୃଦ୍ଧି ପାଇଛି। ଏହାବ୍ୟତୀତ ଭାରତୀୟ ଔଷଧ ଓ କୃଷି ଉତ୍ପାଦର ଆମଦାନୀ ବୃଦ୍ଧି ଉପରେ ଏବେ ଚାଇନା ସରକାର ବିଚାର କରୁଛନ୍ତି ବୋଲି ସନ୍ କହିଛନ୍ତି। ନିକଟରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଚାଇନାକୁ ଭାରତୀୟ ଉତ୍ପାଦ ଆମଦାନୀ ୧୫% ବୃଦ୍ଧି ପାଇଛି। ଏହାବ୍ୟତୀତ ଗତବର୍ଷ ଚାଇନା ବଜାରରେ ଭାରତୀୟ କୃଷି ଉତ୍ପାଦ ରପ୍ତାନି ମଧ୍ୟ ଦ୍ୱିଗୁଣା ହୋଇଛି। ନିଜର ଫାର୍ମାସ୍ୟୁଟିକାଲ ବଜାରରେ ପ୍ରବେଶ ପାଇଁ ଚାଇନା ଭାରତୀୟ ଔଷଧ କମ୍ପାନୀଙ୍କୁ ଅନୁମତି ଦେଉ ବୋଲି ଭାରତ ଦୀର୍ଘଦିନ ହେଲା ଦାବି କରିଆସୁଛି। ଆମେରିକା ସହ ଟ୍ରେଡ ୱାର୍ ଆରମ୍ଭ ହେବା ପରେ ଚାଇନା ପକ୍ଷରୁ ଭାରତୀୟ ଉତ୍ପାଦ ଆମଦାନୀ ବଢ଼ାଯିବା ଯୋଗୁ ଦୁଇ ଦେଶ ମଧ୍ୟରେ ଥିବା ବାଣିଜ୍ୟ ଅସନ୍ତୁଳନ ୯୫.୫ ବିଲିୟନ ଡଲାରରୁ ହ୍ରାସ ପାଇ ୫୭ ବିଲିୟନ ଡଲାରରେ ପହଞ୍ଚିଛି। ଭାରତରେ ଚାଇନାର ରାଷ୍ଟ୍ରଦୂତ ସନ୍ କହିଛନ୍ତି ଯେ, ଚଳିତ ବର୍ଷର ପ୍ରଥମ ୬ ମାସରେ ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ପରିମାଣ ୫% ହ୍ରାସ ପାଇଛି। ଏଣୁ କ୍ରମାଗତ ପ୍ରୟାସ କରାଗଲେ ଦୁଇ ଦେଶର ବାଣିଜ୍ୟ ସମ୍ପର୍କରେ ସନ୍ତୁଳନ ଆସିପାରିବ ଏବଂ ଏହାକୁ ନିୟନ୍ତ୍ରିତ କରାଯାଇପାରିବ। ସୂଚନାଥାଉ କି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଆମେରିକା ଫାଷ୍ଟ' ନୀତି ଆପଣାଇଛନ୍ତି। ଫଳରେ ଏହା ଚାଇନା ସହ ଟ୍ରେଡ୍ ୱାର୍ରେ ସାମିଲ ହୋଇଛି। ଚାଇନାରୁ ଆମଦାନୀ ହେଉଥିବା ପ୍ରାୟ ୨୫୦ ବିଲିୟନ ଡଲାର ଉତ୍ପାଦ ଉପରେ ଆମେରିକା ୨୫% ଶୁଳ୍କ ବଢ଼ାଇ ଦେଇଛି। ଚାଇନା ସହ ବାଣିଜ୍ୟ ନିଅଣ୍ଟ ପରିମାଣ ୫୩୯ ବିଲିୟନ ଡଲାର ଥିବା ବେଳେ ଏହାକୁ ହ୍ରାସ କରିବା ଲାଗି ଆମେରିକା କ୍ରମାଗତ ଚାପ ସୃଷ୍ଟି କରିଚାଲିଛି। ଅନ୍ୟପକ୍ଷରେ ଆମେରିକାକୁ ମଧ ଚାଇନା ଯେସାକୁ ତେସା ନୀତିରେ ଜବାବ ଦେଇ ଚାଇନା ସେଦେଶର ଉତ୍ପାଦ ଉପରେ ଟାରିଫ ବୃଦ୍ଧି କରିଛି। ଅନ୍ୟପକ୍ଷରେ ଭାରତରୁ ଆମଦାନୀ କରୁଥିବା ଷ୍ଟିଲ୍ ଓ ଆଲୁମିନିୟମ ଉପରେ ଆମେରିକା ଟାରିଫ୍ ବୃଦ୍ଧି କରିବା ପରେ ଭାରତ ମଧ ଆମେରିକାର ୨୮ ଉତ୍ପାଦ ଉପରେ ଶୁଳ୍କ ବଢ଼ାଇ ଦେଇଛି। ପରୋକ୍ଷରେ କହିବାକୁ ଗଲେ ଆମେରିକା ଏବେ ଉଭୟ ଚାଇନା ଓ ଭାରତ ସହ ଟ୍ରେଡ୍ ୱାର୍ରେ ସାମିଲ ହୋଇଛି। ଭାରତ ଓ ଚାଇନା ଏକାଠି ହୋଇ ଟ୍ରେଡ ୱାର୍ର ମୁକାବିଲା କରିବା ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ବାଣିଜ୍ୟ କ୍ଷେତ୍ର ନିୟନ୍ତ୍ରିତ ହେବ ଏବଂ ଏହା ଏକ ଧାରାକୁ ଫେରିପାରିବ। ଏହାଦ୍ୱାରା ବିକାଶଶୀଳ ଦେଶଗୁଡ଼ିକର ସ୍ୱାର୍ଥରକ୍ଷା ହୋଇପାରିବ ବୋଲି ସନ୍ ଯୁକ୍ତି ଦର୍ଶାଇଛନ୍ତି। ଭାରତ ଓ ଚାଇନା ସହ ଆମେରିକାର ଟ୍ରେଡ ୱାର୍ ସମ୍ପର୍କରେ ସିଧାସଳଖ ଉଲ୍ଲେଖ ନ କରି ସେ କହିଛନ୍ତି ଯେ, ଏକ ଦଶନ୍ଧି ମଧ୍ୟରେ ଆମେ ଏବେ ଅଭୁତପୂର୍ବ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛୁ। ଉଭୟ ଭାରତ ଓ ଚାଇନା ସଂରକ୍ଷଣବାଦ୍ ଓ ଏକପକ୍ଷବାଦିତା ଚ୍ୟାଲେଞ୍ଜର ସାମ୍ନା କରୁଛି। ତେଣୁ ଉଭୟ ଦେଶ ଏକତ୍ର ମିଶି ବହୁପକ୍ଷବାଦିତା ଓ ଆର୍ଥିକ ବୈଶ୍ୟକରଣ ପାଇଁ ଲଢ଼େଇ କରିବାକୁ ହେବ। ନେପାଳ, ବାଂଲାଦେଶ ଏବଂ ଶ୍ରୀଲଙ୍କାରେ ଚାଇନାର ବିଶାଳ ପୁଞ୍ଜିନିବେଶ ସମ୍ପର୍କରେ ଉଲ୍ଲେଖ ନ କରି ସନ୍ କହିଛନ୍ତି ଯେ, ଚାଇନା-ଭାରତ ପ୍ଲସ୍ ନୀତି ଆପଣାଇବାକୁ ହେବ।



## ରାଜ୍ୟର ଛାତ୍ରୀଛାତ୍ରଙ୍କ ସହ 'ସୁପର-୩୦' ଦେଖିବେ ଆନନ୍ଦ କୁମାର

**ଭୁବନେଶ୍ୱର, ୨୦-୭**

ସୁପର-୩୦ର ପ୍ରତିଷ୍ଠାତା ଆନନ୍ଦ କୁମାର ରାଜ୍ୟର ଛାତ୍ରୀଛାତ୍ରଙ୍କ ସହ ରବିବାର ସ୍ଥାନୀୟ ଏକ ସିନେମା ହଲ୍ରେ ଏହି ଚଳଚ୍ଚିତ୍ରକୁ ଦେଖିବେ। ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ, ଆକାଶ ଭୁବନେଶ୍ୱର ସେଣ୍ଟରର ନିର୍ଦ୍ଦେଶକ ତଥା ଜିନ୍ଦେଗୀ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଜୟ ବାହାଦୂର ସିଂ ସୁପର-୩୦ ଚଳଚ୍ଚିତ୍ର ପ୍ରଦର୍ଶନ ନେଇ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିରେ ଆନନ୍ଦ କୁମାରଙ୍କ ଭାଇ ପ୍ରଣବ କୁମାର ମଧ୍ୟ ଉପସ୍ଥିତ ରହିବେ। ସିନେମାଟି ଆନନ୍ଦ କୁମାରଙ୍କ ସୁପର-୩୦ ପ୍ରତିଷ୍ଠାନ ସହ ଜଡିତ। ଆନନ୍ଦ କୁମାରଙ୍କ ଭୂମିକାରେ ହୃତିକ ରୋଶନ ଅଭିନୟ କରିଛନ୍ତି। ସିନେମାଟି ୭୦ କୋଟି ବ୍ୟବସାୟ କରିସାରିଛି। ସୁପର-୩୦ ଦ୍ୱାରା ଅନୁପ୍ରାଣିତ ହୋଇ ଓଡ଼ିଶାରେ ଗରିବ ମେଧାବୀଙ୍କ ଲାଗି ଜିନ୍ଦେଗୀ ଫାଉଣ୍ଡେଶନ ପ୍ରତିଷ୍ଠା କରିଥିବା ଏ.ବି. ସିଂ କହିଛନ୍ତି। ଏହା ଦ୍ୱାରା ଗରିବ ମେଧାବୀଙ୍କୁ ମାଗଣାରେ ରହିବା,ଖାଇବା ବ୍ୟବସ୍ଥା ସହ ମେଡିକାଲ କୋଚିଂ ପ୍ରଦାନ କରାଯାଉଥିବା ସିଂ ସୂଚନା ଦେଇଛନ୍ତି। ଆନନ୍ଦ କୁମାର ଏହି ଚଳଚ୍ଚିତ୍ର ଶିକ୍ଷକତାକୁ ନିଜର କ୍ୟାରିୟର ଭାବେ ଅନୁପ୍ରାଣିତ କରିବ। ଏହି ଚଳଚ୍ଚିତ୍ରର ବିଶେଷ ଆୟୋଜନ ସରକାରୀ ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଆକାଶ ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି।

# ଫାଷ୍ଟଟାଗ ନ ଥିଲେ ଲାଗିବ ଦୁଇଗୁଣ ଜରିମାନା

**ନୂଆଦିଲ୍ଲୀ,୨୦-୭**




ଜାତୀୟ ରାଜପଥ ବ୍ୟବହାର କରୁଥିବା ଗାଡ଼ିଚାଳକଙ୍କ ଜରୁରୀ ଖବର। ଡିସେମ୍ବର ପହିଲା ପୂର୍ବରୁ ଗାଡ଼ିରେ ଫାଷ୍ଟଟାଗ୍ ଲଗାଇ ନେବା ଭଲ ହେବ। ନଚେତ୍ ଡିସେମ୍ବର ପହିଲା ପରେ ଗାଡିରୁ ଦୁଇଗୁଣା ଜରିମାନା ଆଦାୟ କରାଯିବ। ଦେଶରେ ଇଲେକ୍ଟ୍ରୋନିକ ପେମେଣ୍ଟ ଓ ଇଲେକ୍ଟ୍ରୋନିକ ଟୋଲ୍ ଅସୁଲ କରିବା ଉଦ୍ଦେଶ୍ୟରେ ସରକାର ଏହି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ଡିସେମ୍ବର ପହିଲାରୁ ଦେଶର ସମସ୍ତ ଜାତୀୟ ରାଜପଥର ଟୋଲ୍ ଲେନ୍ ଫାଷ୍ଟଟାଗ୍ଯୁକ୍ତ ହେବ। କେବଳ ଗୋଟିଏ ଲେନ୍କୁ ହାଇବ୍ରିଡ ଲେନ୍ ଭାବେ ବ୍ୟବହାର କରାଯିବ। ଏହି ହାଇବ୍ରିଡ ଲେନ୍ରେ ଗାଡ଼ିଚାଳକ ନଗଦ ଅଥବା ଡିଜିଟାଲ ପେମେଣ୍ଟ ମାଧ୍ୟମରେ ଟୋଲ୍ ଟିକସ ଦେଇପାରିବେ। ଫାଷ୍ଟାଗ ଲାଗି ନ ଥିବା ଗାଡ଼ି ଯଦି ଏହି ଲେନ୍ରେ ପ୍ରବେଶ କଲେ ତାଙ୍କଠାରୁ ଡବଲ ଜରିମାନା ଆଦାୟ କରାଯିବ। ସୂଚନାଥାଉ କି, ଗତ ୩/୪ ବର୍ଷ ହେବ କେନ୍ଦ୍ର ସରକାର ଫାଷ୍ଟଟାଗ୍କୁ ପ୍ରୋତ୍ସାହିତ କରୁଛନ୍ତି। ଏହାଦ୍ୱାରା ଟୋଲ୍ ଗେଟ୍ରେ ଗାଡ଼ି ରହଣି ସମୟ ବହୁଳ ଭାବେ ହ୍ରାସ ପାଇଛି। ୨୦୧୮-୧୯ରେ ଜାତୀୟ ରାଜପଥରୁ ସରକାର ପ୍ରାୟ ୨୪ ହଜାର କୋଟି ଟଙ୍କା ଟୋଲ୍ ଆଦାୟ କରିଛନ୍ତି। କିନ୍ତୁ ଇ-ଟୋଲ୍ ଆଦାୟ ମାତ୍ର ୨୫%ରେ ସୀମିତ ରହିଥିଲା। ଇ-ଟୋଲ୍ ଆଦାୟ ହ୍ରାସ ପାଉଥିବାରୁ ସରକାର ଶେଷରେ ବାଧହୋଇ ଉକ୍ତ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ଏ ସମ୍ପର୍କରେ ବିଜ୍ଞପ୍ତି ଜାରି ହୋଇସାରିଛି। ସୂଚନାଥାଉ କି, ଫାଷ୍ଟଟାଗ୍ ଏଭଳି ଏକ ଡିଭାଇସ୍ ଯାହାକୁ ଗାଡ଼ିର ସାମ୍ନା କାଚରେ ଲଗାଇବାକୁ ପଡିଥାଏ। ଆର୍ଏଫ୍ଆଇଡି ଟେକ୍ନୋଲୋଜି ଆଧାରିତ ଫାଷ୍ଟାଗ୍ ଲାଗିଥିବା ଗାଡ଼ି ଟୋଲ୍ ଦେଇ ଯାଉଥିବା ବେଳେ ରେଡିଓ ଫ୍ରିକ୍ୱେନ୍ସି ଜରିଆରେ ଫାଷ୍ଟାଗ୍ ସ୍କାନ୍ ହୋଇଯାଇଥାଏ ଏବଂ ଟୋଲ୍ରେ ପେମେଣ୍ଟ ଅଟୋମେଟିକ ହୋଇଯାଏ। ଏଥିଯୋଗୁ ଟୋଲ୍ଗେଟରେ ଅଧିକ ସମୟ ରହିବାକୁ ପଡେ ନାହିଁ। ଏହି ଫାଷ୍ଟଟାଗ୍କୁ ବ୍ୟାଙ୍କ, ଇ-କମର୍ସ ପୋର୍ଟାଲ ଅଥବା ନିକଟସ୍ଥ ପେଟ୍ରୋଲ ପମ୍ପରୁ କିଣି ହେବ। ଫାଷ୍ଟଟାଗ୍କୁ ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ୍ କରିହେବ।

# କାମ ନ କରି ଏୟାର ଇଣ୍ଡିଆରୁ ନେଇଛନ୍ତି ଦରମା

**ନୂଆଦିଲ୍ଲୀ,୨୦-୭:** ଋଣରେ ବୁଡ଼ି ରହିଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ କ୍ରମାଗତ ଏଭଳି ଜଣେ ଅଧିକାରୀଙ୍କୁ ପ୍ରତିବର୍ଷ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦରମା ଦେଇଛି ଯିଏକି କମ୍ପାନୀରେ କାମ କରୁ ନ ଥିଲେ। ଏ ସମ୍ପର୍କରେ ତଥ୍ୟ ପ୍ରଘଟ ହେବା ପରେ ଏୟାର ଇଣ୍ଡିଆ ପକ୍ଷରୁ ସମ୍ପୃକ୍ତ ଅଧିକାରୀଙ୍କୁ ନୋଟିସ ଜାରି କରାଯାଇଛି। ବର୍ତ୍ତମାନ ସେହି ଅଧିକାରୀ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ)ରେ ମୁଖ୍ୟ ଫ୍ଲାଇଟ୍ ଅପରେଶନ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କ୍ୟାପଟେନ୍ ଅତୁଲ ଚନ୍ଦ୍ରା ଏୟାର ଇଣ୍ଡିଆରେ ଯୁଗ୍ମ ଜେନେରାଲ ମ୍ୟାନେଜର ଭାବେ ନିଯୁକ୍ତି ପାଇଥିଲେ। ତେବେ ତାଙ୍କୁ ୨୦୧୭ରେ ଡିଜିସିଏକୁ ଡେପୁଟେଶନରେ ପଠାଯାଇଥିଲା। ସେଠାରେ ସେ ମୁଖ୍ୟ ଫ୍ଲାଇଟ୍ ଅପରେଶନ ଇନ୍ସପେକ୍ଟର ଭାବେ ଦାୟିତ୍ୱ ଗ୍ରହଣ କଲେ। ପୂର୍ବରୁ ମଧ ସେ ଡିଜିସିଏରେ ଫ୍ଲାଇଟ ଅପରେଶନ୍ସ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରିଥିଲେ। ନିୟମ ଅନୁସାରେ ଜଣେ ବ୍ୟକ୍ତି ଦୁଇଟି ସରକାରୀ ପ୍ରତିଷ୍ଠାନରୁ ଦରମା ନେଇପାରିବେ ନାହିଁ କି କାମ କରିପାରିବେ ନାହିଁ। ତେବେ ଅତୁଲ ଚନ୍ଦ୍ରା ଏୟାର ଇଣ୍ଡିଆରୁ ଦରମା ନେଉଥିବା ବେଳେ ଏ ସମ୍ପର୍କରେ ସେ କାହାକୁ କିଛି ଜଣାଇ ନ ଥିଲେ।




ରେନୋ ପକ୍ଷରୁ ସମ୍ବଲପୁରରେ ନୂଆ ଡଷ୍ଟର ମଡେଲର ବଜାର ପ୍ରବେଶ କରାଯାଇଛି। ରେନଲ୍ଟ ଅଟୋମୋବାଇଲ୍ସ ସେଲ୍ସ ଡିଜିଏମ୍ ଅମୂଲ୍ୟରତ୍ନ ଦାସ ଏବଂ ଅନ୍ୟ କର୍ମଚାରୀମାନେ ଏହି ଅବସରରେ ଉପସ୍ଥିତ ଅଛନ୍ତି।

## 'ଓଡ଼ିଶାର ୨୦% ଲୋକ ବୀମାଭୁକ୍ତ'



**କଟକ, ୨୦-୭**

ଓଡିଶାର ୨୦% ଲୋକ ବୀମାଭୁକ୍ତ ଅଛନ୍ତି। ଏଠାରେ ଆହୁରି ୮୦% ଲୋକଙ୍କୁ ବୀମାଭୁକ୍ତ କରାଇବାର ଆବଶ୍ୟକତା ରହିଛି। ଏ ଦିଗରେ ଅଂଶୀଦାରମାନେ କାର୍ଯ୍ୟ କରିବା ଉଚିତ ବୋଲି ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି) ଅଧ୍ୟକ୍ଷ ଏମ୍ .ଆର୍. କୁମାର ଶନିବାର ଏହା କହିଛନ୍ତି। କଟକରେ କମ୍ପାନୀର ଅଧିକାରୀ ଏବଂ ଅଂଶୀଦାରଙ୍କୁ ଆହ୍ୱାନ ଜଣାଇ କୁମାର କହିଛନ୍ତି ଯେ, ପଲିସି ଧାରକଙ୍କ ଆବଶ୍ୟକତାକୁ ଦେଖିବାକୁ ହେବ। ସେହି ଅନୁଯାୟୀ ବୀମା ବିକ୍ରି ଏବଂ ଏନ୍ଏସିଏଚ୍ ମାଧ୍ୟମରେ ଅଧିକ ସଂଖ୍ୟାରେ ପ୍ରିମିୟମ ଦେୟ ସଂଗ୍ରହ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

କଟକ ମଣ୍ଡଳ କାର୍ଯ୍ୟାଳୟର ଆଧୁନିକୀକରଣ କାର୍ଯ୍ୟକୁ କୁମାର ଉଦ୍ଘାଟନ କରିଥିଲେ। ସେ ଅଧିକାରୀ, କର୍ମଚାରୀ, ଯନ୍ତ୍ରୀ ଏବଂ ଅଭିକର୍ତ୍ତାଙ୍କୁ ଉଦ୍ବୋଧନ ସହ ଶୁଭେଚ୍ଛା ପ୍ରଦାନ କରିଥିଲେ। ସେହିଭଳି ଏକ କାର୍ଯ୍ୟକ୍ରମରେ କୁମାର କଟକ ସମେତ ଭୁବନେଶ୍ୱର, ବ୍ରହ୍ମପୁର ଏବଂ ସମ୍ବଲପୁର ମଣ୍ଡଳର ସଫଳ ବିକାଶ ଅଧିକାରୀ, ସିଏଲ୍ଆଇଏ, ଅଭିକର୍ତ୍ତାଙ୍କୁ ଭେଟିଥିଲେ। କାର୍ଯ୍ୟକ୍ରମରେ ଇଡି ଡି.କେ.ବାନାର୍ଜି, ପୂର୍ବ ମଧ୍ୟକ୍ଷେତ୍ରୀୟ ପାଟନା କାର୍ଯ୍ୟାଳୟର ପ୍ରବନ୍ଧକ ମହେନ୍ଦ୍ର କୁମାର, ଆଞ୍ଚଳିକ ବିପଣନ ପ୍ରବନ୍ଧକ ଆର୍.ପି. ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅଶୋକ କୁମାର ରାଉତରାୟଙ୍କୁ ଅଧ୍ୟକ୍ଷ ସମ୍ମାନିତ କରିଥିଲେ।

# ଇ-ଯାନ ନିର୍ମାଣ କରିବ ଓମ୍ ଜୟ୍ ଇଭି

**ଭୁବନେଶ୍ୱର, ୨୦-୭(ବ୍ୟୁରୋ)**

ଓମ୍ ଜୟ ଇଭି ଲିମିଟେଡ ରାଜ୍ୟରେ ବ୍ୟାଟେରି ଚାଳିତ ସ୍କୁଟର ନିର୍ମାଣ କରିବ। ଯାଜପୁର ଜିଲାର ବଡଚଣାଠାରେ ୧୦ ଏକର ପରିମିତ ସ୍ଥାନରେ କମ୍ପାନୀ ଏଥି ଲାଗି ଏକ ଷ୍ଟେଟ୍ ଅଫ୍ ଆର୍ଟ ମାନୁଫାକଚରିଂ ଫାସିଲିଟି ନିର୍ମାଣ କରୁଛି। ଏଥିରେ ବ୍ୟାଟେରି ଏବଂ ଚେଚିସ୍ ମଧ ପ୍ରସ୍ତୁତ କରାଯିବ। ବର୍ତ୍ତମାନ ସୁଦ୍ଧା ୟୁନିଟ୍ରେ ୮୦ କୋଟି ଟଙ୍କା ବିନିଯୋଗ କରାଯାଇଛି। ଆଗାମୀ ଦିନରେ ଏଥିରେ ୧୨୦ କୋଟି ଟଙ୍କା ନିବେଶ ହେବ ବୋଲି କମ୍ପାନୀର ନିର୍ଦ୍ଦେଶକ ହର୍ଷବର୍ଦ୍ଧନ ଦିଦ୍ୱାନିଆ ସୂଚନା ଦେଇଛନ୍ତି।

ଶନିବାର କମ୍ପାନୀ ପକ୍ଷରୁ ପ୍ରସ୍ତୁତ ୪ ମଡେଲକୁ ବଜାର ପ୍ରବେଶ କରାଇ ସେ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨୦,୦୦୦ ଯାନ ବିକ୍ରି କରିବାକୁ ଯୋଜନା ରହିଛି। ସେହିଭଳି ଶୀଘ୍ର ଆଉ ୧୦ ନୂଆ ମଡେଲ୍ ଆସିବ। ୟୁନିଟ୍ରୁ ଶୀଘ୍ର କମର୍ସିଆଲ ଉତ୍ପାଦନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଗଣେଶ ପୂଜା ବେଳକୁ ଯାନଗୁଡିକ ବଜାରକୁ ଆସିବ। ୟୁନିଟର ବାର୍ଷିକ ଉତ୍ପାଦନ କ୍ଷମତା ୨.୫ ଲକ୍ଷ ୟୁନିଟ ରହିଛି। ପ୍ରାଥମିକ ପର୍ଯ୍ୟାୟରେ ୮୦



ଲୋକଙ୍କୁ ନିଯୁକ୍ତ କରାଯାଇଛି। ପ୍ଲାଣ୍ଟ ପୂର୍ଣ୍ଣ କ୍ଷମତା ବ୍ୟବହାର ସ୍ଥିତିକୁ ଆସିଲେ ୪୫୦ ପ୍ରତ୍ୟକ୍ଷ ଏବଂ ୩ ହଜାର ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଡିଲର ନେଟୱର୍କ ସମ୍ପ୍ରସାରଣ ଉପରେ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି,ପ୍ରାଥମିକ ପର୍ଯ୍ୟାୟରେ ୨୫୦ ଡିଲର ନିଯୁକ୍ତି କରାଯିବାକୁ ଯୋଜନା ରହିଛି। ପଶ୍ଚିମବଙ୍ଗ, ଝାଡଖଣ୍ଡ, ଓଡ଼ିଶା, ଆସାମ ଏବଂ ମେଘାଳୟ ଭଳି ଅନ୍ୟ ରାଜ୍ୟରେ ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡିଶାରେ ୮ ଡିଲର ନିଯୁକ୍ତ କରାଯାଇଛି। ଏବେ ମଡେଲଗୁଡିକର ଘଣ୍ଟାପ୍ରତି ବେଗ ୨୫ କିମି ରହିଛି। ଏହା ଲିଡ୍ ଏସିଡ ଏବଂ ଲିଥିୟମ ଆୟନ ବ୍ୟାଟେରି ସହ ଆସୁଛି। ଲିଥିୟମ ଆୟନ ବ୍ୟାଟେରି ମଡେଲର ବଜାର ଦର ୫୫-୬୫ ହଜାର ଏବଂ ଲିଡ୍ ଏସିଡ ମଡେଲର ବଜାର ଦର ୪୫-୫୦ ହଜାର ରହିବ ବୋଲି ଅନୁମାନ କରାଯାଉଛି। ନୂଆ ମଡେଲଗୁଡିକ ଦ୍ୱାରା ଗ୍ରାହକ ବାର୍ଷିକ ୩୦ ହଜାର ଟଙ୍କା ସଞ୍ଚୟ କରିପାରିବେ। ଏହାର ମେଣ୍ଟେନାନ୍ସ ଖର୍ଚ୍ଚ ମଧ କମ୍ ବୋଲି ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ କମ୍ପାନୀର ନିର୍ଦ୍ଦେଶକ ଜୟପ୍ରକାଶ ଦିଦୱାନିଆ ଉପସ୍ଥିତ ଥିଲେ।

- ୨୦୦ କୋଟି ଟଙ୍କାର ନିବେଶ ଯୋଜନା
- ସୃଷ୍ଟି ହେବ ୪୫୦ ପ୍ରତ୍ୟକ୍ଷ ନିଯୁକ୍ତି

### କମ୍ପାନୀର ବିଭିନ୍ନ ମଡେଲ...

**ଫୋରୟୁ**
ମୋଟର ୨୫୦ ୱାଟ, ୬୦ ଭୋଲଟ ୨୦ ଏଏଚ୍ ଲିଥିୟମ ବ୍ୟାଟେରି, ଟପ୍ ସ୍ପିଡ ୨୫ କିମି, ରେଞ୍ଜ ୬୦-୭୦ କିମି ; ଚାର୍ଜିଂ ସମୟ ୪ରୁ ୬ ଘଣ୍ଟା, ବୋସ୍ ମୋଟର, କିଲେସ୍ ଏଣ୍ଟ୍ରି, ଆଣ୍ଟି ଥେଫ୍ଟ ଲକ୍, ୟୁଏସ୍ବି ପୋର୍ଟ, ଡିଟାଚେବଲ ବ୍ୟାଟେରି, ଏଚ୍ଏଲ୍ ଏଲ୍ଇଡି ଲାଇଟିଂ, ଡୁଆଲ ଡିସ୍କ ବ୍ରେକ।

**ଜେନିଆ**
ବୋସ ମୋଟର, କିଲେସ ଏଣ୍ଟ୍ରି, ଆଣ୍ଟି ଥେଫ୍ଟ ଲକ୍, ୟୁଏସ୍ବି ପୋର୍ଟ, ଡିଟାଚେବଲ ବ୍ୟାଟେରି, ଏଚ୍ଏଲ୍ ଏଲଇଡି ଲାଇଟିଂ, ଡୁଆଲ ଡିସ୍କ ବ୍ରେକ,ମୋଟର ୨୫୦ ୱାଟ, ୬୦ ଭୋଲଟ ୨୦ ଏଏଚ୍ ଲିଥିୟମ ବ୍ୟାଟେରି, ଟପ୍ ସ୍ପିଡ ୨୫ କିମି, ରେଞ୍ଜ ୬୦-୭୦ କିମି; ଚାର୍ଜିଂ ସମୟ ୪ରୁ ୬ ଘଣ୍ଟା।

**ୱିଣ୍ଡ୍**
ମୋଟର ୨୫୦ ୱାଟ, ୬୦ ଭୋଲଟ ୨୦ ଏଏଚ୍ ଲିଡ ଏସିଡ, ଟପ୍ ସ୍ପିଡ ୨୫ କିମି, ରେଞ୍ଜ ୫୦-୬୦ କିମି ; ଚାର୍ଜିଂ ସମୟ ୭ରୁ ୮ ଘଣ୍ଟା, କିଲେସ ଏଣ୍ଟ୍ରି, ଆଣ୍ଟି ଥେଫ୍ଟ ଲକ୍, ୟୁଏସ୍ବି ପୋର୍ଟ, ଡିସ୍କ ବ୍ରେକ, ଏଚ୍ଏଲ୍ ଏଲ୍ଇଡି ଲାଇଟିଂ।

**ୟୋର୍**
କିଲେସ ଏଣ୍ଟ୍ରି, ଆଣ୍ଟି ଥେଫ୍ଟ ଲକ୍, ୟୁଏସ୍ବି ପୋର୍ଟ, ଡିସ୍କ ବ୍ରେକ, ଏଚ୍ଏଲ୍ ଏଲ୍ଇଡି ଲାଇଟିଂ, ମୋଟର-୨୫୦ ୱାଟ, ୬୦ ଭୋଲଟ ୨୦ ଏଏଚ୍ ଲିଡ ଏସିଡ ବ୍ୟାଟେରି, ଟପ୍ ସ୍ପିଡ ୨୫ କିମି, ରେଞ୍ଜ ୫୦-୬୦ କିମି ; ଚାର୍ଜିଂ ସମୟ ୭ରୁ ୮ ଘଣ୍ଟା।

“ ପ୍ରିମିୟର ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ପ୍ରଥମ ଥର ‘ଭିଡିଓ ରେଫରି ସିଷ୍ଟମ’ ବ୍ୟବହାର ବେଳେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପରେ ।

–ରିଚାର୍ଡ ମାଷ୍ଟର୍ସ, ପ୍ରିମିୟର ଲିଗ୍‌ର କାମଚଳା ମୁଖ୍ୟ କାର୍ଯ୍ୟନିର୍ବାହୀ



“ ଗତ ସିଜନରେ ନୈରାଶ୍ୟଜନକ ପ୍ରଦର୍ଶନକୁ ଭୁଲି ଏଥର କିପରି ବିଜୟ ମନୋଭାବ ନେଇ ଖେଳିବାକୁ ହେବ ତାହାର ପନ୍ଥା ଆମକୁ ବାହାର କରିବାକୁ ହେବ ।

–ଏଡୁ, ଆର୍ସେନାଲ ଫୁଟ୍‌ବଲ କ୍ଲବ ବୈଷୟିକ ନିର୍ଦ୍ଦେଶକ



## ସଂକ୍ଷେପରେ

### ପେସ୍-ଡାନିଏଲ୍ ସେମିଫାଇନାଲରେ

**ନ୍ୟୁପୋର୍ଟ, ୨୦।୭ (ପି.ଟି.):** ଭାରତର ଭେଟେରାନ ଟେନିସ ଖେଳାଳି ଲିଆଣ୍ଡର ପେସ୍ ଏଟିପି ହଲ୍ ଅଫ୍ ଫେମ୍ ଓପନ ଟେନିସ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପେସ୍ ଓ ତାଙ୍କ ନ୍ୟୁଜିଲାଣ୍ଡ ପାର୍ଟନର ମାର୍କସ ଡାନିଏଲ୍ ୬-୪, ୫-୭, ୧୪-୧୨ ସେଟ୍‌ରେ ଅଷ୍ଟ୍ରେଲିଆ-ସ୍ୱିଡେନ ଯୋଡ଼ି ମାଥ୍ୟୁ ଏବ୍‌ଡେନ୍ ଓ ରବର୍ଟ ଲ୍ୟାଣ୍ଡଷ୍ଟେଡ୍ ଯୋଡ଼ିଙ୍କୁ ହରାଇ ଦେଇଛନ୍ତି। ୪୬ ବର୍ଷୀୟ ପେସ୍ ୧୯୯୫ରେ ପ୍ରଥମ ଥର ହଲ୍ ଅଫ୍ ଫେମ୍ ଓପନ୍‌ରେ ଖେଳିଥିଲେ। ଏଠାରେ କ୍ୱାର୍ଟର ଫାଇନାଲ ଜିତିବା ପରେ ୨୦୦୬ରେ ସାନ୍‌ଜୋସ୍‌ଠାରେ ଜନ୍ ମ୍ୟାକନୋର (୪୭ବର୍ଷ)ଙ୍କ ପରେ ସେ ସବୁଠାରୁ ବୟୋଜ୍ୟେଷ୍ଠ ଏଟିପି ଟୁର୍ ସେମିଫାଇନାଲିଷ୍ଟ ବିବେଚିତ ହୋଇଛନ୍ତି। ପେସ୍ କହିଛନ୍ତି, କଠିନ ପରିଶ୍ରମ ଯୋଗୁ ଏ ବୟସରେ ମଧ ମୁଁ ଖେଳରେ ତିଷ୍ଠି ରହିପାରିଛି। ଜ୍ୱରରେ ପୀଡ଼ିତ ଥିବା ଅବସ୍ଥାରେ ମୁଁ ଖେଳିଛି। ଯେଉଁ ସମୟରେ ଜଣେ ଚାହିଁବ ନାହିଁ ସେ ସମୟରେ ମୁଁ ଜିମ୍‌କୁ ଯାଇଛି।

### ଐଶ୍ୱର୍ଯ୍ୟଙ୍କ ବିଶ୍ୱରେକର୍ଡ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ,୨୦।୭ (ପି.ଟି.):** ଭାରତର ଉଦୀୟମାନ ଯୁବ ଶୁଟର ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର ପୁରୁଷ ରାଇଫଲ ୩ ପୋଜିଶନରେ ଜୁନିୟର ବିଶ୍ୱରେକର୍ଡ ପ୍ରତିଷ୍ଠା କରିବା ସହ ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ ଶୁଟିଂରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହିତ ଜର୍ମାନୀର ସୁଲ୍‌ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରତୀୟ ଶୁଟରମାନେ ୧୦ ସ୍ୱର୍ଣ୍ଣ, ୯ ରୌପ୍ୟ ଏବଂ ୫ ବ୍ରୋଞ୍ଜ୍ ପଦକ ସହ ମୋଟ ୨୪ ପଦକ ସହ ଅଭିଯାନ ଶେଷ କରିଛନ୍ତି। ମଧ୍ୟପ୍ରଦେଶର ଖାରର୍ଗୋନର ଏହି ଯୁବ ଶୁଟର ୧୨୦ ଶଟ କ୍ୱାଲିଫିକେଶନ ରାଉଣ୍ଡରେ ମୋଟ ୧୧୭୧ ପଏଣ୍ଟ ହାସଲ କରିଥିଲେ। ଏହି ପର୍ଯ୍ୟାୟରେ ସେ ନିଲିଂ, ପ୍ରୋନ୍ ଏବଂ ଷ୍ଟାଣ୍ଡିଂ ପୋଜିଶନରେ ୪୦ଟି ଲେଖାଏଁ ଶୁଟ କରିଥିଲେ। ସେହିପରି ଫାଇନାଲ ରାଉଣ୍ଡରେ ଐଶ୍ୱର୍ଯ୍ୟ ୪୫ଟି ଶୁଟ୍‌ରୁ ୪୫୯.୩ ପଏଣ୍ଟ ହାସଲ କରି ନୂଆ ଜୁନିୟର ବିଶ୍ୱ ରେକର୍ଡ଼ ପ୍ରତିଷ୍ଠା କରି ସ୍ୱର୍ଣ୍ଣ ପଦକ ଜିତିପାରିଥିଲେ।

### ଆଲଜେରିଆକୁ ଦ୍ୱିତୀୟ ଆଫ୍ରିକାନ କପ୍

**କାଇରୋ,୨୦।୭(ଏଏଫ୍‌ପି):** ଦୀର୍ଘ ୨୯ ବର୍ଷ ପରେ ଆଲଜେରିଆ ପ୍ରଥମ ଥର ପାଇଁ ଆଫ୍ରିକାନ କପ୍ ହାତେଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ସେନେଗାଲକୁ ୧-୦ ଗୋଲରେ ହରାଇ ଆଲଜେରିଆ ଏହି ସଫଳତା ପାଇଛି। ଚାମ୍ପିୟନ ଦଳ ଲାଗି ବାଗଦାଦ ବୌନେଡଜା ଏକମାତ୍ର ଗୋଲ ଦେଇଥିଲେ। ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ହୋଇଥିବା ଗୋଲ ଫଳାଫଳ ନିର୍ଣ୍ଣୟ କରିବା ପାଇଁ ଯଥେଷ୍ଟ ସାବ୍ୟସ୍ତ ହୋଇଥିଲା। ତେବେ ଆଲଜେରିଆ ମୋଟ ଉପରେ ଦ୍ୱିତୀୟ ଓ ବିଦେଶୀ ମାଟିରେ ପ୍ରଥମ ଥର ପାଇଁ ଆଫ୍ରିକାର ସବୁଠୁ ବଡ଼ ଟୁର୍ନାମେଣ୍ଟ ଜିତିଛି। ଦଳ ପ୍ରଥମ ଥର ୧୯୯୦ରେ ଆୟୋଜକ ଦଳ ଭାବେ ଚାମ୍ପିୟନ ହୋଇଥିଲା।




ଭାରତ ଓ ସିଙ୍ଗାପୁର ମଧ୍ୟରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ମ୍ୟାଚ୍।




ମହିଳା ସିଙ୍ଗଲ୍ସରେ ଭାରତ-ସାଇପ୍ରସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ■ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ
# ସିଙ୍ଗଲ୍ସ ମୁଖ୍ୟ ଡ୍ର’ରେ ଭାରତର ୨୪

**କଟକ ଅଫିସ,୨୦।୭**

ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ୨୧ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶନିବାର ସିଙ୍ଗଲ୍ସ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳାଯାଇଛି। ଆୟୋଜକ ଭାରତର ମୋଟ ୨୪ଜଣ ଖେଳାଳି ମୁଖ୍ୟ ଡ୍ର’କୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିମଧ୍ୟରୁ ୮ଜଣ ସିଡେଡ୍ ଖେଳାଳି ସିଧାସଳଖ ମୁଖ୍ୟ ଡ୍ର’ରେ ସାମିଲ ହୋଇଥିବା ବେଳେ ୧୬ଜଣ ବିଜୟୀ ହୋଇ ଯୋଗ୍ୟତା ହାସଲ କରିଛନ୍ତି। ପୂଜା ସହସ୍ରବୁଦ୍ଧି, ରୀଥ ସିୟା, ସୁରଭି ପଟୱାରୀ ଭଳି ପ୍ରମୁଖ ଖେଳାଳି ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ପରାଜୟବରଣ କରି ଭାରତ ପାଇଁ ନିରାଶାଜନକ ସ୍ଥିତି ସୃଷ୍ଟି କରିଛନ୍ତି। କିନ୍ତୁ ଡବଲ୍ସ ଇଭେଣ୍ଟରେ ଏମାନଙ୍କ ପାଇଁ ଏବେ ବି ସୁଯୋଗ ରହିଛି। ରୀଥ ସିୟା ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାର ଚାମଥସାରାଙ୍କୁ ୧୧-୪, ୧୧-୭, ୧୧-୯ ଗେମରେ ପରାସ୍ତ କରିଥିଲେ। ମାତ୍ର ଦ୍ୱିତୀୟ ଗେମରେ ସିଙ୍ଗାପୁରର ଜୋଇ ଲିମଙ୍କଠାରୁ ୧୧-୯, ୧୦-୧୨, ୧୧-୭, ୯-୧୧, ୧୩-୧୫ରେ ପରାସ୍ତ ହୋଇଥିଲେ। ସେହିପରି ପୂଜା ସହସ୍ରବୁଦ୍ଧି ସ୍କଟଲ୍ୟାଣ୍ଡର ଲାରା ଷ୍ଟିରଲିଂଙ୍କୁ ୧୧-୫, ୧୧-୮, ୧୧-୮ରେ ହରାଇଥିବା ବେଳେ ନାଇଜେରିଆର ଆଜୋକ ଓଜୋମୁଙ୍କ ଠାରୁ ୬-୧୧, ୭-୧୧, ୧୧-୧୩ରେ ଓ ସିଙ୍ଗାପୁରର ଟ୍ୟାନଲିନ ଜେସିଙ୍କ ଠାରୁ ୩-୧୧, ୧୩-୧୧, ୫-୧୧, ୧୨-୧୦, ୬-୧୧ ଗେମରେ ପରାସ୍ତ ହୋଇଥିଲେ। ସୁରଭି ପଟୱାର ମାଲେସିଆ ବିପକ୍ଷରେ ବିଜୟୀ ହୋଇଥିବା ବେଳେ ସିଙ୍ଗାପୁରର ଖେଳାଳିଙ୍କଠାରୁ ପରାସ୍ତ ହୋଇଛନ୍ତି। ଯୋଗ୍ୟତା ହାସଲ କରିଥିବା ଖେଳାଳିମାନେ ହେଲେ ସାନିଲ ସେଠୀ, ସୁସ୍ମିତ ଶର୍ମା, ମାନୁଷ ସାହା, ଜିତ ଚନ୍ଦ୍ର, ରୋନିତ ଭଞ୍ଜ, ସୁଧାଂଶୁ ଗ୍ରୋଭର, କ୍ରୀତିକା ସିହ୍ନା ରୟ, ସୁତୀର୍ଥ ମୁଖାର୍ଜୀ, ଶ୍ରୀଜା ଆକୁଲା, ମୌସୁମୀ ପଲ, ପ୍ରପତି ସେନ, ଏସ୍.ଶୈଳନ୍ଦୀପତି, ଦିବ୍ୟା ଦେଶପାଣ୍ଡେ, ସାଗରିକା ମୁଖାର୍ଜୀ ଓ କେ. ଅନୁଶା।



ସାଇପ୍ରସ୍ ବିପକ୍ଷ ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ରିଟର୍ନ ଶଟ୍ ଖେଳୁଛନ୍ତି ଭାରତୀୟ ପ୍ରତିଯୋଗୀ।

# ନଜରରେ ଭାରତୀୟ ବରିଷ୍ଠ କ୍ରିକେଟର

**ନୂଆଦିଲ୍ଲୀ,୨୦।୭ (ପି.ଟି.)**

ବିଶ୍ୱକପ୍ ଖେଳିବାର ଅବସରରେ ଜଣେ ବରିଷ୍ଠ ଭାରତୀୟ କ୍ରିକେଟର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ‘ଫ୍ୟାମିଲି କ୍ଲଜ୍’ ବା ପାରିବାର ଅନୁଚ୍ଛେଦ ଉଲ୍ଲଂଘନ କରି ନରଜକୁ ଆସିଛନ୍ତି। ସେମିଫାଇନାଲରେ ଭାରତ ପରାସ୍ତ ହୋଇ ବିଶ୍ୱକପ୍‌ରୁ ବିଦାୟ ନେଇଥିଲା। ଖେଳାଳି ଜଣକ ନିଜ ପତ୍ନୀଙ୍କୁ ସାଥିରେ ରହିବା ପାଇଁ ଅନୁରୋଧ କରିଥିଲେ। ନିୟମ ଦୃଷ୍ଟିରୁ ୧୫ଦିନ ରହିଥିବା ବେଳେ ସେ ଅଧିକ ଦିନ ପାଇଁ ପତ୍ନୀଙ୍କୁ ସାଥିରେ ରଖିବା ପାଇଁ ଅନୁରୋଧ କରିଥିଲେ ଓ ରଖିଥିଲେ ମଧ। ପ୍ରଶାସକ କମିଟି (ସିଓଏ) ଏ ନିୟମ ଲାଗୁ କରିଥିଲା।

ସମ୍ପୃକ୍ତ ଖେଳାଳି ଜଣକ ବିନା ଅନୁମତିରେ ପୂରା ୭ ସପ୍ତାହ ପତ୍ନୀଙ୍କୁ ସାଥିରେ ରଖିଥିଲେ। ଅଧିକ ଦିନ ରହିବା ପାଇଁ ସେ ଅଧିନାୟକ କିମ୍ବା କୋଚ୍‌ଙ୍କଠାରୁ ଅନୁମତି ନେଇ ନ ଥିଲେ। ମେ ୩ ତାରିଖରେ ଅନୁଷ୍ଠିତ ବୈଠକରେ ସିଓଏ ଅଧିକ ଦିନ ପତ୍ନୀଙ୍କୁ ସାଥିରେ ରଖିବାର ନିୟମକୁ ବାତିଲ କରିଥିଲା। ଏହି ବୈଠକରେ ସମ୍ପୃକ୍ତ ଖେଳାଳିଙ୍କ ଅନୁରୋଧକୁ ସିଓଏ ପ୍ରତ୍ୟାଖାନ କରିଥିଲା। ଏପର୍ଯ୍ୟନ୍ତ ଏ ନେଇ ଘଟଣା ସମ୍ପର୍କରେ ସିଓଏକୁ

**ଫ୍ୟାମିଲି କ୍ଲଜ୍ ଉଲ୍ଲଂଘନ**


ଅବଗତ କରାଯାଇ ନାହିଁ। ଏ ସଂକ୍ରାନ୍ତରେ ପ୍ରଶାସନିକ ପ୍ରବନ୍ଧକ ବା ଆଡମିନିଷ୍ଟ୍ରେଟିଭ୍ ମ୍ୟାନେଜର ସୁନୀଲ ସୁବ୍ରମନିୟମ୍ କାହିଁକି ଉଚିତ୍ ପଦକ୍ଷେପ ଗ୍ରହଣ କଲେ ନାହିଁ ବୋଲି ପ୍ରଶ୍ନ ଉଠିଛି। ଏ ନେଇ ସିଓଏ ସୁବ୍ରମନିୟମ୍‌ଙ୍କଠାରୁ ରିପୋର୍ଟ ମାଗିବ ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି। ତେବେ ସୁବ୍ରମନିୟମ ଏ ନେଇ ଏପର୍ଯ୍ୟନ୍ତ କିଛି ମନ୍ତବ୍ୟ ଦେଇ ନାହାନ୍ତି।

### ଭାରତର ମିକ୍ସଡ ରିଲେ ରୌପ୍ୟ ସ୍ୱର୍ଣ୍ଣରେ ପରିଣତ ହେବ

**ନୂଆଦିଲ୍ଲୀ, ୨୦।୭ (ପି.ଟି.):** ଡୋପ୍ ଟେଷ୍ଟରେ ଧରାପଡ଼ିବାରୁ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ବାହାରିନ୍‌ର କେମି ଆଦେକୋୟାଙ୍କୁ ୪ ବର୍ଷ ବାସନ୍ଦ ଦଣ୍ଡରେ ଦଣ୍ଡିତ କରିଛି। ଫଳରେ ଭାରତ ଏସିଆନ ଗେମ୍ସରେ ୪x୪୦୦ ମିକ୍ସଡ ରିଲେ ସ୍ୱର୍ଣ୍ଣ ପଦକ ପାଇବା ସ୍ପଷ୍ଟ ହୋଇଛି। ଗତବର୍ଷ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ମହମ୍ମଦ ଆନାସ, ହିମା ଦାସ, ଆରୋକିଆ ରାଜୀବ ଏବଂ ଏମ୍.ଆର. ପୁଭାମାଙ୍କୁ ନେଇ ଭାରତର ମିକ୍ସଡ ରିଲେ ଟିମ୍ ରୌପ୍ୟ ଜିତିଥିଲା। ମାତ୍ର ଆଦେକୋୟା ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ବାହାରିନ୍ ଦଳର ଅନ୍ୟତମ ସଦସ୍ୟା ହୋଇଥିବାରୁ ଭାରତ ସ୍ୱର୍ଣ୍ଣ ପାଇବା ଲାଗି ହକ୍‌ଦାର ହୋଇଛି। ୨୦୧୮ ଅଗଷ୍ଟ ୨୪ରୁ ୨୦୧୮ ନଭେମ୍ବର ୨୬ ପର୍ଯ୍ୟନ୍ତ ଆଦେକୋୟାଙ୍କ ସମସ୍ତ ଫଳାଫଳକୁ ଏଆଇୟୁ ଅଯୋଗ୍ୟ ଘୋଷଣା କରିଛି। ସୂଚନାଯୋଗ୍ୟ, ମିକ୍ସଡ ରିଲେ ରେସ୍ ବେଳେ ବାହାରିନ ବାଧା ସୃଷ୍ଟି କରିଥିଲା ବୋଲି ଭାରତ ପକ୍ଷରୁ ବିଧିବଦ୍ଧ ଅଭିଯୋଗ ହୋଇଥିଲା ମାତ୍ର ତାହା ଅଗ୍ରାହ୍ୟ ହୋଇଯାଇଥିଲା। ଆଦେକୋୟା ୪୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ଜିତିଥିବାବେଳେ ଭାରତର ଅନୁ ରାଘବନ ୪ର୍ଥ ହୋଇଥିଲେ। ଫଳରେ ବର୍ତ୍ତମାନ ରାଘବନ ବ୍ରୋଞ୍ଜ ପଦକ ପାଇବା ସମ୍ଭାବନା ସୃଷ୍ଟି ହୋଇଛି।

### ଏଏଫ୍‌ସି ଯୋଗ୍ୟତା ପ୍ରଥମ ଲକ୍ଷ୍ୟ: ମେମୋଲ

**ନୂଆଦିଲ୍ଲୀ,୨୦।୭(ପି.ଟି.):** ଭାରତୀୟ ମହିଳା ଫୁଟବଲ ଟିମ୍ ଆଗାମୀ ଏଏଫ୍‌ସି କ୍ୱାଲିଫାୟର୍ସ ଉପରେ ଅଧିକ ଗୁରୁତ୍ୱ ଦେଉଛି ବୋଲି ମୁଖ୍ୟ କୋଚ୍ ମେମୋଲ ରକି ଶନିବାର କହିଛନ୍ତି। ଏହି ପ୍ରତିଯୋଗିତା ଭାରତୀୟ ଦଳକୁ ଆଗକୁ ଯିବା ଲାଗି ସହାୟତା କରିବ। ଏବେ ଆମକୁ ଏକ ହୋଇ ଆଗକୁ ବଢ଼ିବାକୁ ପଡ଼ିବ। ଆମେ ଅଲିମ୍ପିକ କ୍ୱାଲିଫାୟର୍ସର ଦ୍ୱିତୀୟ ରାଉଣ୍ଡରେ ପହଞ୍ଚି ମଧ ବିଫଳ ହୋଇଛୁ। ମାତ୍ର ଆମର ପରବର୍ତ୍ତୀ ଲକ୍ଷ୍ୟ ଏଏଫ୍‌ସି କ୍ୱାଲିଫାୟର୍ସ ଉପରେ ରହିବ। ଏସିଆନ ଚାମ୍ପିୟନଶିପ ଲାଗି ଯୋଗ୍ୟତା ହାସଲ କରିବା ଦଳ ପାଇଁ ବଡ଼ ସଫଳତା ହେବ। ଏଥିଲାଗି ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି ମେମୋଲ କହିଛନ୍ତି। ଶନିବାର ଭାରତୀୟ ଦଳ କୋଟିଫ କପ୍‌ରେ ଅଂଶଗ୍ରହଣ କରିବାକୁ ସ୍ପେନ ଅଭିମୁଖେ ଯାତ୍ରା କରିଛି। ଟୁର୍ନାମେଣ୍ଟରେ ଭାରତ ପ୍ରଥମ ମ୍ୟାଚରେ ଅଗଷ୍ଟ ୧ରେ ଗିନିକୁ ଭେଟିବ। **ଭାରତୀୟ ଦଳ:** ଲିଛୋଇନଗାମ୍ବି ଦେବୀ, ଅଦିତି ଚୌହ୍ୱାନ, ସୌମ୍ୟା ନାରାୟଣସ୍ୱାମୀ (ସମସ୍ତେ ଗୋଲକିପର), ସ୍ୱିଟି ଦେବୀ, ଯବାମଣି ଟୁଡୁ, ଆଶାଲତା ଦେବୀ, ମିଚେଲ କାଷ୍ଟାହ୍ନା, ପାକପି ଦେବୀ(ସମସ୍ତେ ଡିଫେଣ୍ଡର), ସଂଗୀତା ବାସଫୋର, ସଞ୍ଜୁ ଯାଦବ, ରତ୍ନବାଳା ଦେବୀ, ମନିଷା, ରିତୁ ରାଣୀ, ଗ୍ରେସ ଲାଲରାମପରି, ରଞ୍ଜନା ଚାନୁ(ସମସ୍ତେ ମିଡଫିଲ୍ଡର), ଅନୁଷ୍କା ସାମୁଏଲ, ଡାଙ୍ଗମେୟୀ ଗ୍ରେସ, ଅଞ୍ଜୁ ତମାଙ୍ଗ, ବାଲା ଦେବୀ, ରେଣୁ, ରୋଜା ଦେବୀ ଓ ଦୟା ଦେବୀ(ସମସ୍ତେ ଫରୱାର୍ଡ)।



ଦକ୍ଷିଣ କୋରିଆର ଗ୍ୱାଙ୍ଗ୍‌ଜୁଠାରେ ଚାଲିଥିବା ବିଶ୍ୱ ସୁଇମିଂ ଚାମ୍ପିୟନଶିପ୍‌ରେ ଶନିବାର ଫ୍ରି ଆର୍ଟିଷ୍ଟିକ୍ ସୁଇମିଂ ଫାଇନାଲରେ ଅଂଶଗ୍ରହଣ ପୂର୍ବକ ଇଟାଲୀ ଟିମ୍।

# ଉଦ୍‌ଘାଟନୀ ଜିତିଲା ୟୁ ମୁମ୍ବା

**ହାଇଦ୍ରାବାଦ,୨୦।୭**

**ପ୍ରୋ-କବାଡ଼ି ଲିଗ ସିଜନ-୭**

ସ୍ଥାନୀୟ ଗୋଚିବାଓ୍ୱଲି ଇନ୍‌ଡୋର ଷ୍ଟାଡ଼ିୟମରେ ପ୍ରୋ-କବାଡ଼ି ଲିଗ୍‌ର ସିଜନ-୭ ଶନିବରଠାରୁ ଆରମ୍ଭ ହୋଇଛି। ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚରେ ୟୁ ମୁମ୍ବା ୬ ପଏଣ୍ଟରେ ତେଲଗୁ ଟାଇଟାନ୍ସକୁ ପରାସ୍ତ କରି ବିଜୟରୁ ଅଭିଯାନ ଆରମ୍ଭ କରିଛି। ଫାଜଲ ଆତ୍ରାଚାଲିଙ୍କ ନେତୃତ୍ୱାଧୀନ ୟୁ ମୁମ୍ବା ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରିଥିଲା। ଶେଷରେ ୟୁ ମୁମ୍ବା ଟିମ ୩୧-୨୫ ପଏଣ୍ଟରେ ତେଲଗୁ ଟାଇଟାନ୍ସକୁ ପରାସ୍ତ କରିବାରେ ସମର୍ଥ ହୋଇଥିଲା। ଅଭିଷେକ ସିଂ ଦଳ ଲାଗି ସର୍ବାଧିକ ୧୦ ପଏଣ୍ଟ ହାସଲ କରିଥିଲେ। ଅଭିଷେକ ସମସ୍ତ ପଏଣ୍ଟ ରେଡ୍ କରି ହାସଲ କରିଥିଲେ। ଅନ୍ୟପକ୍ଷରେ ଗତଥର ୟୁ ମୁମ୍ବାରୁ ଖେଳୁ ଥିବା ସିଦ୍ଧାର୍ଥ ଦେଶାଇ ଚଳିତ ଥର ତେଲଗୁ ଟାଇଟାନ୍ସ ପକ୍ଷରୁ ଖେଳିଥିଲେ ମଧ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ପ୍ରତିଯୋଗିତାର ଦ୍ୱିତୀୟ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ବେଙ୍ଗାଲୁରୁ ବୁଲ୍ସ ପାଟନା ପାଇରେଟ୍ସକୁ ମାତ୍ର ୨ ପଏଣ୍ଟରେ ପରାସ୍ତ କରିଛି। ଉଭୟ ଦଳ ମଧ୍ୟରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ବେଙ୍ଗାଲୁରୁ ୩୪-୩୨ ପଏଣ୍ଟରେ ବିଜୟୀ ହୋଇଥିଲା। ବେଙ୍ଗାଲୁରୁ ପକ୍ଷରୁ ପୱନ କୁମାର ଓ ପାଟନା ପକ୍ଷରୁ ପ୍ରଦୀପ ନରୱାଲ ଦଳ ଲାଗି ୧୦-୧୦ ପଏଣ୍ଟ ଅର୍ଜନ କରିଥିଲେ।

# ବୟସାଧିକ ଆଥଲେଟ୍ ଧରାପଡ଼ିଲେ ରାଜ୍ୟ ସଂଘ ସମ୍ପାଦକ ନିଲମ୍ବିତ ହେବେ

**ଆଗ୍ରା,୨୦।୭(ପି.ଟି.)**

ଜାତୀୟ ପ୍ରତିଯୋଗିତାରେ ଗୋଟିଏ ବର୍ଷରେ ୨ରୁ ଅଧିକ ବୟସାଧିକ ଅଥଲେଟ ଧରାପଡ଼ିଲେ ସେହି ରାଜ୍ୟ ସଂଘର ସମ୍ପାଦକ ନିଲମ୍ବନ ହେବେ ବୋଲି ଭାରତୀୟ ଆଥଲେଟିକ ମହାସଂଘ(ଏଏଫ୍‌ଆଇ) ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ବର୍ଷ ବର୍ଷ ଧରି ବୟସ ଜାଲିଆତି ସମସ୍ୟା ରହି ଆସିଥିବା ବେଳେ ସମ୍ପୃକ୍ତ ରାଜ୍ୟ ସଂଘର ମୁଖ୍ୟଙ୍କୁ ଏଥିଲାଗି ଉତ୍ତରଦାୟୀ କରିବା ପାଇଁ ଏଠାରେ ଅନୁଷ୍ଠିତ ଏଫ୍‌ଆଇର ବାର୍ଷିକ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ନିକଟରେ ରାଜ୍ୟ ସଂଘ ପକ୍ଷରୁ ଜାତୀୟ ପ୍ରତିଯୋଗିତାରେ ବୟସ ଜାଲିଆତି କରିଥିବା କେତେଜଣ ଆଥଲେଟ୍‌ଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ନିଲମ୍ବନ କରାଯାଇଥିଲା। ମାତ୍ର ବର୍ଷ ବର୍ଷ ଧରି ବୟସ ଜାଲିଆତି ବନ୍ଦ ହେଉ ନାହିଁ କି କମୁ ନାହିଁ। ତେବେ ଏଏଫ୍‌ଆଇ ଏହି ଜାଲିଆତି ରୋକିବା ଲାଗି କଡ଼ା ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଛି। ଏହି କ୍ରମରେ ଯଦି ଗୋଟିଏ ବର୍ଷରେ କୌଣସି ରାଜ୍ୟ ସଂଘର ୨ଜଣରୁ ଅଧିକ ଖେଳାଳି ବୟସ ଜାଲିଆତିରେ ଧରାପଡ଼ନ୍ତି ତେବେ ସମ୍ପୃକ୍ତ ରାଜ୍ୟ ସଂଘର ସମ୍ପାଦକଙ୍କୁ ଗୋଟିଏ ବର୍ଷ ନିଲମ୍ବନ କରାଯିବ ବୋଲି ଏଏଫ୍‌ଆଇ ସଭାପତି ଆଦିଲ ସୁମାରିୱାଲା କହିଛନ୍ତି। ସେହିପରି ଏଏଫ୍‌ଆଇ ପ୍ଲାନିଂ କମିଶନ ଅଧକ୍ଷ ଲଳିତ ଭାନତ କହିଛନ୍ତି ଯେ, ଏହି ନିଷ୍ପତ୍ତି ଅନୁଯାୟୀ ମହାସଂଘ ସମ୍ବିଧାନ ପରିବର୍ତ୍ତନ କରାଯିବ।

A.F.I. ATHLETICS FEDERATION OF INDIA

# ସ୍ୱର୍ଣ୍ଣ ଜିତିବାରେ ଶିବ ପ୍ରଥମ ଭାରତୀୟ

**ନୂଆଦିଲ୍ଲୀ, ୨୦।୭**

**ପ୍ରେସିଡେଣ୍ଟ୍ସ କପ୍ ବକ୍ସିଂ**

ଚାରିଥର ଏସିଆନ ପଦକ ବିଜେତା ଶିବ ଥାପ୍ପା ପ୍ରଥମ ଭାରତୀୟ ବକ୍ସର ଭାବେ କାଜାଖସ୍ତାନର ଅଷ୍ଟାନାଠାରେ ଚାଲିଥିବା ପ୍ରେସିଡେଣ୍ଟ୍ସ କପ୍ ବକ୍ସିଂ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ନୂତନଭାବେ ପ୍ରଚଳିତ ଅଲିମ୍ପିକ୍ସ କାଟେଗୋରି ୬୩ କେଜିରେ ତାଙ୍କ ପ୍ରଥମ ପଦାର୍ପଣରେ ସେ ଏହି ସଫଳତା ହାସଲ କରିଛନ୍ତି। ଥାପ୍ପା ଫାଇନାଲ ମୁକାବିଲା ଜାକିର ସାଫିଉଲ୍ଲିନଙ୍କ ସହିତ କରିଥାନ୍ତେ। ମାତ୍ର ଆହତ ଯୋଗୁ ଏହି ବକ୍ସର ଜଣକ ଲଢେଇରୁ ଓହରିଯାଇଥିଲେ। ଫଳର ୱାକଓଭର ଭିତ୍ତିରେ ଥାପ୍ପା ବିଜୟୀ ହୋଇଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ଏସିଆନ ଚାମ୍ପିୟନଶିପ୍ ସେମିଫାଇନାଲରେ ଥାପା କିନ୍ତୁ ସାଫିଉଲ୍ଲିନଙ୍କଠାରୁ ହାରିଯାଇଥିଲେ। ଅନ୍ୟ ଭାରତୀୟ ପ୍ରତିଯୋଗୀଙ୍କ ମଧ୍ୟରେ ମହିଳା ବକ୍ସର ପରବିନ୍ (୬୦କେଜି) ତଙ୍କ ଫାଇନାଲ ବାଉଟ ସ୍ଥାନୀୟ ଆଶାୟୀ ରିମା ଭୋଲୋସୋଙ୍କୋଙ୍କ ନିକଟରୁ ପରାଜିତ ହୋଇ ରୌପ୍ୟ ପାଇଛନ୍ତି। ଅଲିମ୍ପିକ ଡିଭିଜନରେ ପ୍ରବେଶ କରିବ ପୂର୍ବରୁ ଥପା ଜଣେ ୬୦ କେଜି କାଟେଗୋରି ବକ୍ସର ଥିଲେ। ସେ କହିଛନ୍ତି ନୂଆ ୱେଟ୍ କାଟେଗୋରି ସହ ଖାପ ଖୁଆଇବା ତାଙ୍କ ପକ୍ଷେ କଷ୍ଟକର ହୋଇ ନ ଥିଲା। ସୂଚନାଯୋଗ୍ୟ, ଟ୍ରାଏଲ୍‌ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା ମନିଷ କୌଶିକ୍‌ଙ୍କଠାରୁ ହାରିଯିବା ଯୋଗୁ ଥାପା ଗତ ସେପ୍ଟେମ୍ବରରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିପାରି ନ ଥିଲେ। ଏଠାରେ ସେମିଫାଇନାଲ ପର୍ଯ୍ୟାୟରେ ସେ ଆର୍ଗନ କାଡିରିବେକୁଲୁଙ୍କୁ ସେ ୪-୧ରେ ପରାସ୍ତ କରିଥିଲେ। ପୂର୍ବରୁ ସ୍ୱିଟି ବୋରା (୮୧କେଜି) ଏବଂ ଦୁର୍ଯ୍ୟୋଧନ ସିଂ ନେଗି (୬୯କେଜି) ସେମାନଙ୍କ କାଟେଗୋରିରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି।



ପଦକ ସହ ଶିବ ଥାପ୍ପା।

"ବିଜେନ୍ଦର ସିଂ ମୋତେ ଛୋଟ ପିଲା ବୋଲି କହୁଛନ୍ତି, କିନ୍ତୁ ନଭେମ୍ବରରେ ତାଙ୍କ ସହିତ ଫାଇଟ୍ କରିବା ଲାଗି ଆହ୍ୱାନ ଦେଉଛି ।
—ନୀରଜ ଗୋୟତ୍, ଭାରତୀୟ ବକ୍ସର



"ପୂର୍ବରୁ ମୁଁ ସିନିୟର ଖେଳାଳିଙ୍କଠାରୁ ଶିଖିବାକୁ ଚେଷ୍ଟା କରୁଥିଲି, କିନ୍ତୁ ବର୍ତ୍ତମାନ ଜୁନିୟରଙ୍କଠାରୁ ଶିଖିବାକୁ ଚେଷ୍ଟା କରୁଛି ।
—ଲିଆଣ୍ଡର ପେସ୍,ଭାରତୀୟ ଟେନିସ ଖେଳାଳି



## ସଂକ୍ଷେପରେ

### ବଦଳିପାରେ ଓଭରଥ୍ରୋ ନିୟମ

**ଲଣ୍ଡନ,୨୦।୭(ପି.ଟି.):** କ୍ରିକେଟ ନିୟମ ପ୍ରସ୍ତୁତକାରୀ ମାର୍ଲେବର୍ନ କ୍ରିକେଟ କ୍ଲବ (ଏମ୍‌ସିସି) ଓଭରଥ୍ରୋ ନିୟମରେ ପରିବର୍ତ୍ତନ କରିପାରେ। ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ବିଶ୍ୱକପ୍ ଫାଇନାଲରେ ଓଭରଥ୍ରୋ ବିବାଦ ଉପୁଯିବା ପରେ ଏହି ନିୟମ ଉପରେ ବିଚାର କରାଯିବା ନେଇ ଏକ ଖବରକାଗଜ ରିପୋର୍ଟରେ ପ୍ରକାଶ ପାଇଛି। ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ର ଅନ୍ତିମ ଓଭରରେ ହୋଇଥିବା ଓଭରଥ୍ରୋ ନ୍ୟୁଜିଲାଣ୍ଡର ଦୁର୍ଭାଗ୍ୟଜନକ ପରାଜୟର କାରଣ। ମାର୍ଟିନ ଗୁପ୍‌ଟିଲଙ୍କ ଥ୍ରୋ ବେନ ଷ୍ଟୋକ୍ସଙ୍କ ବ୍ୟାଟ୍‌ରେ ବାଜିବା ପରେ ବଲ ବାଉଣ୍ଡରି ସୀମା ଅତିକ୍ରମ କରିଯାଇଥିଲା। ଅନ୍‌ଫିଲ୍ଡ ଅମ୍ପାୟର କୁମାର ଧର୍ମସେନା ଓ ମାରିଅସ ଇରାସମୁସ ଏହାକୁ ଚୌକା ବୋଲି ଘୋଷଣା କରିଥିଲେ। ଯାହାଫଳରେ ମ୍ୟାଚ୍‌ର ଫଳାଫଳ ପାଇଁ ସୁପର ଓଭର ଖେଳାଯାଇଥିଲା ଓ ପରେ ଇଂଲଣ୍ଡ ଟ୍ରଫି ହାତେଇ ନେଇଥିଲା। କିନ୍ତୁ ଆଇସିସି ଏଲାଇଟ ପ୍ୟାନେଲ ଅମ୍ପାୟର ସାଇମନ ଟଫେଲ କହିଛନ୍ତି, ନିୟମ ଅନୁଯାୟୀ ଅମ୍ପାୟରମାନେ ଇଂଲଣ୍ଡକୁ ୬ ରନ୍ ପରିବର୍ତ୍ତେ ୫ ରନ୍ ଦେବା କଥା। କାରଣ ଡିପ୍ ଅଞ୍ଚଳରୁ ଗୁପ୍‌ଟିଲ ଥ୍ରୋ କରିବା ପୂର୍ବରୁ ବ୍ୟାଟ୍ସମ୍ୟାନମାନେ ଦ୍ୱିତୀୟ ରନ୍ ପୂରଣ କରି ନ ଥିଲେ।

### ପୁଣି ପ୍ରଶଂସକଙ୍କୁ ଚକିତ କଲେ ଅଶ୍ୱିନ



**ଚେନ୍ନାଇ,୨୦।୭:** ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ପୁଣି ଥରେ ପ୍ରଶଂସକଙ୍କୁ ଚକିତ କରିଛନ୍ତି। ଏଠାରେ ଅଶ୍ୱିନ ଡିଣ୍ଡିଗୁଲ ଡ୍ରାଗନ୍ସ ଓ ଚେପକ ସୁପର ଗିଲ୍‌ସ ମଧ୍ୟରେ ଶୁକ୍ରବାର ଖେଳାଯାଇଥିବା ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ)ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଅଶ୍ୱିନ ଭିନ୍ନ ଶୈଳୀରେ ବୋଲିଂ କରିଛନ୍ତି। ଏହି ଘଟଣା ମ୍ୟାଚ୍‌ର ଅନ୍ତିମ ଓଭରର ୪ର୍ଥ ବଲରେ ଘଟିଥିଲା। ଚେପକ ସୁପର ଗିଲ୍‌ସ ଦଳ ଅନ୍ତିମ ଦୁଇ ବଲରେ ୧୭ ରନ୍ ଦରକାର ଥିବାବେଳେ ଅଶ୍ୱିନ ସ୍ୱତନ୍ତ୍ର ବୋଲିଂ କରିଥିଲେ। ଛୋଟିଆ ରନ ଅପ୍ ନେବା ସହ ସେ ନିଜ ବୋଲିଂ ଷ୍ଟାଇଲ ସମ୍ପୂର୍ଣ୍ଣ ନ କରି ବଲ ପକାଇଥିଲେ। ତେବେ ଏହି ବଲରେ କୌଣସି ଉଇକେଟ ନେଇପାରି ନ ଥିଲେ। ବ୍ୟାଟିଂ ପ୍ରଥମେ କରିଥିବା ଅଶ୍ୱିନ ୩ୟ କ୍ରମରେ ବ୍ୟାଟିଂ କରିଥିଲେ। ସେ ୧୯ ବଲରେ ୩୭ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ। ଏହା ହିଁ ଦୁଇ ଦଳ ମଧ୍ୟରେ ବ୍ୟବଧାନ ଥିଲା। ୧୧୬ ରନ୍‌ର ବିଜୟଲକ୍ଷ୍ୟ ପିଛା କରୁଥିବା ଚେପକ ସୁପର ଗିଲସ ୧୦ ରନ୍‌ରେ ମ୍ୟାଚ୍ ହାରିଯାଇଥିଲା। ଉଲ୍ଲେଖଥାଉ କି, କିଛି ମାସ ପୂର୍ବେ ଅଶ୍ୱିନ ଆଇପିଏଲରେ ରାଜସ୍ଥାନ ରୟାଲ୍ସ ଦଳର ଜୋସ ବଟଲରଙ୍କୁ ମଙ୍କଡ ଆଉଟ୍ କରିଥିଲେ। ଏହା ପ୍ରଶଂସକଙ୍କଠାରୁ ଆରମ୍ଭ କରି ପୂର୍ବତନ କ୍ରିକେଟର, ଆଇସିସିକୁ ମଧ୍ୟ ଚକିତ କରିଥିଲା।

### ରଷିଆନ ଓପନ ବ୍ୟାଡ୍‌ମିଣ୍ଟନ
### ଭାରତର ଅଭିଯାନ ଶେଷ

**ଭ୍ଲାଡିଭୋଷ୍ଟକ (ରୁଷିଆ), ୨୦।୭ (ପି.ଟି.):** ଏଠାରେ ଚାଲିଥିବା ରଷିଆନ ଓପନ୍ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଟୁର୍ନାମେଣ୍ଟରେ ଭାରତର ଅଭିଯାନ ଶେଷ ହୋଇଯାଇଛି। ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ମେଘନା ଜାକାମ୍‌ପୁଡିଙ୍କ ପାଇଁ ଶନିବାର ଥିଲା ଖରାପ ଦିବସ। ସେ ତାଙ୍କର ଉଭୟ ମିକ୍ସଡ ଏବଂ ମହିଳା ଡବଲ୍ସ ମ୍ୟାଚରେ ହାରିଯାଇଛନ୍ତି। ପ୍ରତିଯୋଗିତାର ମିକ୍ସଡ ଡବଲ୍ସ ସେମିଫାଇନାଲରେ ୮ମ ସିଡ୍ ମେଘନା ଓ ଧ୍ରୁବ କପିଲା ୭ମ ସିଡ୍ ଆଦନାନ୍ ମୌଲାନା ଓ ମିଚେଲି ଖ୍ରିଷ୍ଟିନେ ବାନ୍ଦାସୋଙ୍କଠାରୁ ୬-୨୧, ୧୫-୨୧ରେ ପରାସ୍ତ ହୋଇଯାଇଛନ୍ତି। ଏହି ମ୍ୟାଚ ମାତ୍ର ୨୭ ମିନିଟରେ ଶେଷ ହୋଇଥିଲା। ୭୫,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏହି ଟୁର୍ନାମେଣ୍ଟର ମହିଳା ଡବଲ୍ସ ସେମିଫାଇନାଲରେ ମେଘନା ଓ ତାଙ୍କ ପାର୍ଟନର ପୂର୍ବିଶା ଏସ୍.ରାମ୍ ଚତୁର୍ଥ ସିଡ୍ ଜାପାନର ମିକି କଶିହାରା ଏବଂ ମିୟୁକି କାଟୋଙ୍କଠାରୁ ୧୦-୨୧, ୮-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ୩୩ ମିନିଟ୍‌ରେ ଶେଷ ହୋଇଯାଇଥିଲା।

# ଓ୍ୱେଷ୍ଟଇଣ୍ଡିଜ ଗସ୍ତରୁ ଓହରିଲେ ଧୋନୀ

## ■ ୨ ମାସ କ୍ରିକେଟରୁ ଦୂରେଇ ରହିବେ ■ ଆଜି ଦଳ ଚୟନ

**ନୂଆଦିଲ୍ଲୀ,୨୦।୭ (ପି.ଟି.)**



ଆଗାମୀ ଓ୍ୱେଷ୍ଟଇଣ୍ଡିଜ ଗସ୍ତରୁ ଓହରି ଯାଇଛନ୍ତି ଅଭିଜ୍ଞ ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀ। ରବିବାର ଏହି ଗସ୍ତ ପାଇଁ ମୁମ୍ବାଇରେ ଚୟନକର୍ତ୍ତା ବୈଠକରେ ବସି ଦଳ ଚୟନ କରିବେ। ଏପରିସ୍ଥଳେ ଧୋନୀ ଗସ୍ତରୁ ଓହରିବା ବିଶେଷ ଭାବେ ମହତ୍ତ୍ୱ ରଖୁଛି। ବିଶ୍ୱକପ୍‌ରେ ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେବା ପରେ ତାଙ୍କ ଅବସର ନେଇ ଚର୍ଚ୍ଚା ଚାଲିଥିବା ବେଳେ ଧୋନୀ ଏପରି ନିଷ୍ପତ୍ତି ନେଇଛନ୍ତି। ପାରାମିଲିଟାରୀ ରେଜିମେଣ୍ଟରେ ନିଯୁକ୍ତି ପାଇଥିବାର ଧୋନୀ ବିଭିନ୍ନ କାର୍ଯ୍ୟପାଇ ୨ ମାସର ବ୍ରେକ୍ ନେବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଲିଖିତ ଭାବେ ଜଣାଇଛନ୍ତି। ଧୋନୀ ପାରଚ୍ୟୁଟ୍ ରେଜିମେଣ୍ଟ ଅଫ୍ ଦି ଟେରିଟୋରିଆଲ ଆର୍ମିରେ ସମ୍ମାନଜନକ ଲ୍ୟୁଟନାଣ୍ଟ କୋଲୋନେଲ ଭାବେ ନିଯୁକ୍ତି ପାଇଥିଲେ।

ବର୍ତ୍ତମାନ ଧୋନୀ କ୍ରିକେଟରୁ ଅବସର ନେଉନାହାନ୍ତି ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ସ୍ପଷ୍ଟ କରିଛନ୍ତି। ପାରାମିଲିଟାରୀ ରେଜିମେଣ୍ଟରେ କାର୍ଯ୍ୟ କରିବା ପାଇଁ ସେ ଦୁଇମାସ ପାଇଁ ବିଶ୍ରାମ ନେଉଛନ୍ତି। ଏ ସଂକ୍ରାନ୍ତରେ ଧୋନୀ ଅଧିନାୟକ ବିରାଟ କୋହଲି ଓ ମୁଖ୍ୟ ଚୟନକର୍ତ୍ତା ଏମ୍.ଏସ୍.କେ. ପ୍ରସାଦଙ୍କୁ ଅବଗତ କରାଇଛନ୍ତି ବୋଲି ଅଧିକାରୀ ଜଣକ କହିଛନ୍ତି। ୩୮ ବର୍ଷରେ ପଦାର୍ପଣ କରିଥିବା ଧୋନୀ ଏବେ ଅବସର ନେବେ ନାହିଁ ବୋଲି କହିଛନ୍ତି। ଓ୍ୱେଷ୍ଟଇଣ୍ଡିଜ୍ ଗସ୍ତରୁ ଓହରିଯାଇଥିବାରୁ ଧୋନୀ ଘୋଷିତ ହେବାକୁ ଥିବା ଦଳରେ ସ୍ଥାନ ନ ପାଇବା ସ୍ୱାଭାବିକ୍। ଏହି ଗସ୍ତରେ ଭାରତ ୩ଟି ଟି୨୦, ୩ଟି ଦିନିକିଆ ଓ ୨ଟି ଟେଷ୍ଟ ଖେଳିବ।

ଭବିଷ୍ୟତକୁ ଦୃଷ୍ଟିରେ ରଖି ଦଳ ଚୟନ କରାଯିବ ବୋଲି ଆଶା କରାଯାଉଛି। ତେବେ ଧୋନୀଙ୍କ ସମ୍ପର୍କରେ ଅଧିନାୟକ କୋହଲିଙ୍କ ଅଭିମୁଖ୍ୟ ସ୍ପଷ୍ଟ ହେବା ପରେ ଯାଇ ଚୟନ କମିଟି ଯାହା ନିଷ୍ପତ୍ତି ନେବ। କେଉଁ ଖେଳାଳି ଅବସର ନେବେ ସେ ସମ୍ପର୍କରେ ଚୟନକମିଟିର କିଛି କହିବାର ଅଧିକାର ନାହିଁ। ତେବେ ଦଳ ଚୟନ କରିବାରେ କମିଟିର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି ବୋର୍ଡ ଅଧିକାରୀ କହିଛନ୍ତି। ଧୋନୀ ଓହରିଯିବା ଫଳରେ ରିଷଭ ପନ୍ତ ପ୍ରଥମ ଉଇକେଟ କିପର ଭାବେ ଦଳରେ ସ୍ଥାନ ପାଇବା ଆଶା କରାଯାଉଛି। ଟେଷ୍ଟ ପାଇଁ ଉଇକେଟ କିପିଂ ଦୌଡ଼ରେ ଅଭିଜ୍ଞ ରିଦ୍ଧିମାନ ଶାହ ଦୌଡ଼ରେ ରହିଛନ୍ତି। ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଫଳରେ ଏବେ ଟି୨୦ ଫର୍ମାଟ ଉପରେ ଫୋକସ୍ କରାଯିବ ବୋଲି ଆଶା କରାଯାଉଛି।

ବିଶ୍ୱକପ୍ ପୂର୍ବରୁ ଆଗକୁ ଭାରତ ଏକାଧିକ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ପୁଣି ଧୋନୀ ଚେନ୍ନାଇ ସୁପର କିଙ୍ଗ୍ସ




ପାଇଁ ଆଉ ଗୋଟିଏ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସେସନ ଖେଳିବା ଆଶା କରାଯାଉଛି। ଏପରିସ୍ଥଳେ ଚୟନକର୍ତ୍ତାମାନେ କେତୋଟି ପ୍ରଶ୍ନର ସମ୍ମୁଖୀନ ହେବା ସ୍ୱାଭାବିକ୍। ଧୋନୀ ଟି୨୦ ବିଶ୍ୱକପ୍ ଖେଳିବେ କି? ଯଦି ହଁ ତେବେ ଧୋନୀଙ୍କୁ କିପରି- ବ୍ୟାଟ୍ସମ୍ୟାନ ଭାବେ ଅତିକମ୍‌ରେ ୧୫ରୁ ୧୮ଟି ଟି୨୦ ମ୍ୟାଚ୍ ଖେଳାଇବାର ଯଥାର୍ଥତା ରହିଛି।


ଚୟନ କମିଟିର କାର୍ଯ୍ୟକାଳ ଆସନ୍ତା ଅକ୍ଟୋବରରେ ଶେଷ ହେବାକୁ ଯାଉଛି। ଯଦି ଧୋନୀ ଅବସର ନ ନିଅନ୍ତି ତେବେ ବିସିସିଆଇ ନିର୍ବାଚନ ପରେ ନବନିଯୁକ୍ତ ବୋର୍ଡ ସଦସ୍ୟ ଧୋନୀଙ୍କୁ ନେଇ ସ୍ପଷ୍ଟ ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। ଫଳରେ ଆଗାମୀ କିଛମାସରେ ଏ ନେଇ କିଛି ନାଟକୀୟ ପରିସ୍ଥିତି ସୃଷ୍ଟି ହେବା ନିଶ୍ଚିତ ମନେହେଉଛି। ତେବେ ବର୍ତ୍ତମାନ ଚୟନ କମିଟି ଉପରେ ସମସ୍ତଙ୍କ ନଜର ରହିଛି। ଦଳରେ କାହାକୁ ସ୍ଥାନ ମିଳିବ ଓ ନ ମିଳିବ ସେ ନେଇ ସମସ୍ତଙ୍କର ଉତ୍କଣ୍ଠା ରହିଛି। ଉଲ୍ଲେଖଥାଉ କି, ପ୍ରଥମ ଚୟନ କମିଟି ବୈଠକ ଶୁକ୍ରବାର ବସିବାର ଥିଲା। ତେବେ କ୍ରିକେଟ ପ୍ରଶାସକ କମିଟି (ସିଓଏ) ବୋର୍ଡ ସମ୍ପାଦକଙ୍କ ବଦଳରେ ଚୟନ କମିଟି ମୁଖ୍ୟ ବୈଠକ ଡାକିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ଫଳରେ ଏହି ବୈଠକ ରବିବାରକୁ ଘୁଞ୍ଚାଇ ଦିଆଯାଇଥିଲା।

### କେମିତି ବିଦା ହୋଇଥିଲେ ଗାଙ୍ଗୁଲି, ଦ୍ରାବିଡ୍, ସେହ୍ୱାଗ, ଗମ୍ଭୀର

ମହେନ୍ଦ୍ର ସିଂ ଧୋନୀ ଓ୍ୱେଷ୍ଟଇଣ୍ଡିଜ୍ ଗସ୍ତରେ ଯିବେ ନାହିଁ ବୋଲି ନିଜ ଆଡୁ ଘୋଷଣା କରିଛନ୍ତି। ଜଣେ ଅଧିନାୟକ ଭାବେ ଧୋନୀ ବହୁ କଠିନ ନିଷ୍ପତ୍ତି ନେଇଥିଲେ, ଯାହାକି ତାଙ୍କ ସମୟରେ ଖେଳୁଥିବା କିଛି କିମ୍ବଦନ୍ତୀ ଖେଳାଳିଙ୍କ ବିପକ୍ଷରେ ଯାଇଥିଲା। ୨୦୦୮ ଅଷ୍ଟ୍ରେଲିଆରେ ଟ୍ରାଇ ସିରିଜ୍ ପୂର୍ବରୁ ଧୋନୀ ଚୟନକର୍ତ୍ତାଙ୍କୁ କହିଥିଲେ, ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାବିଡ୍ ଭଲ ଫିଲ୍ଡର ନୁହନ୍ତି। ଏଣୁ ଦୁଇଜଣଙ୍କୁ ଦିନିକିଆ ଦଳରୁ ବାଦ୍ ଦେଇଥିଲେ। ଭାରତୀୟ ଦଳ ଉକ୍ତ ସିରିଜ୍ ଜିତିବା ସହ ୨୦୧୧ ବିଶ୍ୱକପ୍ ଲାଗି ମୂଳଦୁଆ ରଖିଥିଲା। ଦଳରେ ସୁରେଶ ରାଇନା ଓ ଗୌତମ ଗମ୍ଭୀର ନିୟମିତ ସ୍ଥାନ ପାଇଥିଲେ। ଏହା ପରେ ଧୋନୀ ୨୦୧୨ ସିବି ସିରିଜ୍‌ରେ ବୀରେନ୍ଦ୍ର ସେହ୍ୱାଗ, ସଚିନ ତେନ୍ଦୁଲକର ଓ ଗୌତମ ଗମ୍ଭୀରଙ୍କ ମଧ୍ୟରେ ଦୁଇଜଣଙ୍କୁ ଓପନର ଭାବେ ଖେଳାଇଥିଲେ। ଏମାନଙ୍କ ବୟସ ୩୦ରୁ ଊର୍ଦ୍ଧ୍ୱ ଓ ଫିଲ୍ଡରେ ଧିମା ଯୋଗୁ ପରବର୍ତ୍ତୀ ସମୟରେ ଦଳରୁ ବାଦ୍ ପଡ଼ିଥିଲେ। ଏ ସମ୍ପର୍କରେ ଧୋନୀ ସେତେବେଳେ କହିଥିଲେ, ଆମେ ସେହି ଖେଳାଳିଙ୍କୁ ସୁଯୋଗ ଦେଉଛୁ, ଯେଉଁମାନେ ୨୦୧୫ ବିଶ୍ୱକପ୍ ଲାଗି ନିଶ୍ଚିତ ଅଷ୍ଟ୍ରେଲିଆ ଫେରିବେ। ପରବର୍ତ୍ତୀ ବିଶ୍ୱକପ୍ ବେଳକୁ ସଚିନ, ସେହ୍ୱାଗ କିମ୍ବା ଗୌତମ ଦଳରେ ଉପଲବ୍ଧ ଥିବେ କି ନାହିଁ କହିହେବ ନାହିଁ। କାରଣ ସମସ୍ତେ ୩୦ରୁ ଊର୍ଦ୍ଧ୍ୱ ବୟସ୍କ। ଏଠାକାର ଆଉଟ୍ ଫିଲ୍ଡ ମଧ୍ୟ ବଡ଼। ଏଣୁ ଯୁବ ଖେଳାଳିଙ୍କୁ ସୁଯୋଗ ଦେଉଛୁ। ତେବେ ଭାରତୀୟ ଦଳ ୨୦୧୫ ବିଶ୍ୱକପ୍ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା।

## ଫାଇନାଲର ଫଳାଫଳ ନ୍ୟାୟୋଚିତ ନ ଥିଲା

**ଲଣ୍ଡନ,୨୦।୭**



ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ।

ଇଅନ ମୋର୍ଗାନଙ୍କ ନେତୃତ୍ୱରେ କ୍ରିକେଟ୍‌ର ଜନକ ଇଂଲଣ୍ଡ ଦୀର୍ଘ ୪୪ ବର୍ଷ ପରେ ପ୍ରଥମ ବିଶ୍ୱକପ ଟାଇଟଲ୍ ଜିତିଛି। ବିଶ୍ୱକପ ଫାଇନାଲ ଲଢ଼େଇରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ସାମାନ୍ୟତମ ପ୍ରଭେଦ ରହି ନ ଥିଲା ବୋଲି ମୋର୍ଗାନ ମତ ଦେଇଛନ୍ତି। ଲର୍ଡ୍ସରେ ଅନୁଷ୍ଠିତ ଫାଇନାଲ ମ୍ୟାଚର ୫୦-୫୦ ଓଭର ଟାଇ ରହିଥିଲା। ସେହିପରି ଫଳାଫଳ ନିର୍ଣ୍ଣୟ ପାଇଁ ସୁପର ଓଭରର ଖେଳା ଯାଇଥିଲେ ବି ଏହା ମଧ୍ୟ ଟାଇରେ ଶେଷ ହୋଇଥିଲା। ଫଳରେ ସୁପର ଓଭର ନିୟମାନୁଯାୟୀ ଅଧିକ ବାଉଣ୍ଡ୍ରୀ ହାସଲ କରିଥିବା ଇଂଲଣ୍ଡକୁ ଶେଷରେ ବିଜେତା ଘୋଷଣା କରାଯାଇଥିଲା। ଯାହା ବିଶ୍ୱକପ ଫାଇନାଲର ପରିଣାମକୁ ବିବାଦୀୟ କରିଥିଲା। ଏଥିଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଟାଇ-ବ୍ରେକର ନିୟମକୁ ପୁନଃ ସମୀକ୍ଷା କରିବା ଲାଗି କ୍ରିକେଟ କମିଟିକୁ କହିଛି। ଏକ ଗଣମାଧ୍ୟମକୁ ମୋର୍ଗାନ କହିଛନ୍ତି ଯେ, ବିଶ୍ୱକପ ଫାଇନାଲରେ ଉଭୟ ଦଳ ମଧ୍ୟରେ କୌଣସି ତଫାତ ନ ଥିଲା। ତେଣୁ ଏଭଳି ପରିଣାମ ତାଙ୍କ ମତରେ ଆଦୌ ନ୍ୟାୟୋଚିତ ନୁହେଁ। ଏହି ମ୍ୟାଚ ସମ୍ପୂର୍ଣ୍ଣ ଭାବେ ସମାନ୍ତରାଳ ରହିଥିଲା। କେଉଁ ସ୍ଥାନରେ ଆମେ ଜିତିଲୁ କି ହାରିଲୁ ତାହା କେହି ନିର୍ଦ୍ଦିଷ୍ଟ ଭାବେ କହିପାରିବେ ନାହିଁ। ତେବେ ଅନ୍ତିମ ଓଭରରେ ମ୍ୟାଚ ବଡ଼ ମୋଡ ନେଇଥିଲା। ନ୍ୟୁଜିଲାଣ୍ଡ ଜିତିବାର ସମ୍ଭାବନା ରହିଥିବାବେଳେ ମାର୍ଟିନ ଗପ୍ଟିଲଙ୍କ ଥ୍ରୋ ବେନ ଷ୍ଟୋକ୍ସଙ୍କ ବ୍ୟାଟରେ ବାଜି ବାଉଣ୍ଡ୍ରି ବାହାରକୁ ଚାଲି ଯାଇଥିଲା ଯାହା ଆୟୋଜକ ଦଳକୁ ଆଗକୁ ନେଇ ଯାଇଥିଲା। ଏହି ମ୍ୟାଚରେ ଆମେ କୌଣସି ସ୍ଥାନରେ କହିପାରିବୁ ନାହିଁ ଯେ, 'ହଁ ଆମେ ଜିତିବାକୁ ହକ୍‌ଦାର ଥିଲୁ'।

## ଡେଲ୍‌ପୋର୍ଟଙ୍କ ୩୮ ବଲ ଶତକ

ଲଣ୍ଡନ, ୨୦।୭- ଟି୨୦ ବ୍ଲାଷ୍ଟ ପ୍ରତିଯୋଗିତାର ଏକ ମ୍ୟାଚ୍‌ରେ ଓପନର୍ କାମେରୁନ ଡେଲ୍‌ପୋର୍ଟଙ୍କ ୩୮ ବଲ୍ ଶତକ ବଳରେ ଏସେକ୍ସ ଦଳ ୫୨ ରନରେ ସରେକୁ ପରାସ୍ତ କରିଦେଇଛି। ବର୍ଷା ବାଧାପ୍ରାପ୍ତ ଯୋଗୁ ମ୍ୟାଚ୍‌କୁ ୧୫ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଏସେକ୍ସ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ୍ ହରାଇ ୨୨୬ ରନ କରିଥିଲା। ମାତ୍ର ୩୮ ବଲରେ ଶତକ କରିଥିବା ଡେଲ୍‌ପୋର୍ଟ ମୋଟ୍ ୪୯ ବଲର ସାମ୍ନା କରି ୧୨୯ ରନ (୭ ଚୌକା, ୧୪ ଛକା) କରିଥିଲେ। ଜବାବରେ ସରେ ଆରୋନ ଫିଞ୍ଚ୍ (୪୦), ରଏ ବୁର୍ନ୍ସ (୪୭*) ଓ ଜୋର୍ଡାନ କ୍ଲାର୍କ (୪୫*)ଙ୍କ ଉପଯୋଗୀ ଇନିଂସ ସତ୍ତ୍ୱେ ୭ ଉଇକେଟ୍ ହରାଇ ୧୭୪ ରନ କରିଥିଲା।

## ହାରିଲା ଭାରତ ଏ'



ଅକ୍ଷର ପଟେଲ

**ଆଣ୍ଟିଗୁଆ, ୨୦।୭:** ଭାରତୀୟ ଅଲରାଉଣ୍ଡର ଅକ୍ଷର ପଟେଲଙ୍କ ବିସ୍ଫୋରକ ୮୧ ରନ୍‌ର ଇନିଂସ ବେକାର ସାବ୍ୟସ୍ତ ହୋଇଛି। ଓ୍ୱେଷ୍ଟଇଣ୍ଡିଜ ଏ' ଦ୍ୱାରା ଧାର୍ଯ୍ୟ ୨୯୯ ରନ୍‌ର ବିଜୟଲକ୍ଷ୍ୟ ପିଛା କରୁଥିବା ଭାରତ ଏ' ୨୯୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ୫ ମ୍ୟାଚ୍ ବିଶିଷ୍ଟ ଅନ୍‌ଅଫିସିଆଲ ସିରିଜ୍‌ରେ ଭାରତ ଏ' ପ୍ରଥମ ପରାଜୟ ବରଣ କରିଛି। ଆଉ ଏକ ମ୍ୟାଚ୍ ବଳକା ଥିବାବେଳେ ଭାରତ ଏ' ୩-୧ ବ୍ୟବଧାନରେ ସିରିଜ୍‌ରେ ଆଗୁଆ ରହିଛି। ଅନ୍ତିମ ମ୍ୟାଚ୍ ୨୧ ତାରିଖରେ ଖେଳାଯିବ। ପ୍ରଥମେ ବ୍ୟାଟିଂ କରି ଓ୍ୱେଷ୍ଟଇଣ୍ଡିଜ ୫୦ ଓଭରରେ ୯ ଉଇକେଟ ହରାଇ ୨୯୮ ରନ୍ କରିଥିଲା। ଦଳ ଲାଗି ରୋଷ୍ଟନ ଚେଜ ୮୪ ଓ ଜୋନାଥନ କାର୍ଟର ୫୦ ରନ୍ କରିଥିଲେ। ଭ୍ରମଣକାରୀ ଦଳ ପାଇଁ ଖଲିଲ ଅହମ୍ମଦ ୪ ଓ ଅଭେଷ ଖାନ ୩ ଉଇକେଟ ନେଇଥିଲେ। ଜବାବରେ ଭାରତ ଏ' ଦଳ ଇନିଂସ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଏକଦା ୩୨ତମ ଓଭର ସୁଦ୍ଧା ଭାରତୀୟ ଦଳ ୬ ଉଇକେଟ ହରାଇ ୧୬୦ ରନ୍ କରିଥିଲା। ଅକ୍ଷର ଓ ଓ୍ୱାଶିଂଟନ ସୁନ୍ଦର ୭ମ ଉଇକେଟ ଲାଗି ୬୦ ରନ୍ କରିଥିଲେ। ଓ୍ୱାଶିଂଟନ ୪୫ ରନ୍ କରି ଆଉଟ ହୋଇଥିଲେ। ଏହାପରେ ଅକ୍ଷର ଏକାକୀ ଘରୋଇ ବୋଲରଙ୍କୁ ଆକ୍ରମଣ କରି ଭାରତ ଏ' ଲାଗି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ହେଲେ ସଫଳ ହୋଇ ପାରି ନ ଥିଲେ। ଫଳରେ ଭାରତ ଏ' ବିଜୟଠାରୁ ୬ ରନ୍ ଦୂରରେ ରହିଯାଇଥିଲା।

## ସୋହିନୀଙ୍କୁ ଟାଇଟଲ୍

**ଭୁବନେଶ୍ୱର, ୨୦।୭ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର ଉଦୀୟମାନ ଟେନିସ ଖେଳାଳି ତଥା ସର୍ବଭାରତୀୟସ୍ତରରେ ୩ୟ ର୍‍ୟାଙ୍କ ମାନ୍ୟତା ପାଇଥିବା ସୋହିନୀ ଏସ୍ ମହାନ୍ତି ଆସାମର

**ଏଆଇଟିଏ ସୁପର୍ ସିରିଜ**



ଗୁଆହାଟୀରେ ଅନୁଷ୍ଠିତ ବାଳିକା ୧୨ ବର୍ଷରୁ କମ୍ ଏଆଇଟିଏ ସୁପର୍ ସିରିଜ ଟେନିସ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ଟୁର୍ନାମେଣ୍ଟରେ ଏକ ନମ୍ବର ସିଡ୍ ମାନ୍ୟତା ପାଇଥିବା ସୋହିନୀ ଫାଇନାଲରେ ୭-୬ (୩), ୩-୬, ୬-୩ ସେଟ୍‌ରେ ତେଲେଙ୍ଗାନା ପ୍ରତିଯୋଗୀ ଟି. ସାରାଇ ଗୋଗୁଲମଣ୍ଡାଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହ ସୋହିନୀ ଟୁର୍ନାମେଣ୍ଟରୁ ୫୦ ଏଆଇଟିଏ ପଏଣ୍ଟ ଅର୍ଜନ କରିଛନ୍ତି।

## ଇଣ୍ଡୋନେସିଆ ଓପନ୍ ବ୍ୟାଡମିଣ୍ଟନ୍
# ଫାଇନାଲରେ ସିନ୍ଧୁ

**ଜାକର୍ତ୍ତା, ୨୦।୭ (ପି.ଟି.)**



ବିଜୟ ହାସଲ ପରେ ଖୁସି ମନାଉଛନ୍ତି ପି.ଭି. ସିନ୍ଧୁ।

ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ୍ ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦୦ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ୍‌ରେ ସେ ଅଲ ଇଂଲଣ୍ଡ ଚାମ୍ପିୟନ ଚାଇନାର ଚେନ୍ ୟୁଫେଇଙ୍କୁ ପରାସ୍ତ କରି ପ୍ରଥମ ଖେଳାଳି ଭାବେ ଫାଇନାଲକୁ ଉଠିଛନ୍ତି। ବିଶ୍ୱର ୩ ନମ୍ବର ଖେଳାଳି ଚେନ୍‌ଙ୍କୁ ହରାଇବା ପାଇଁ ସିନ୍ଧୁଙ୍କୁ ବେଶ୍ କଷ୍ଟ କରିବାକୁ ପଡିଥିଲା। ସିନ୍ଧୁ ୨୧-୧୯, ୨୧-୧୦ରେ ବିଜୟୀ ହୋଇ ଚଳିତ ସେସନର ପ୍ରଥମ ଫାଇନାଲକୁ ଉଠିଛନ୍ତି। ବିଶ୍ୱର ୫ ନମ୍ବର ଖେଳାଳି ସିନ୍ଧୁ ସିଙ୍ଗାପୁର ଟୁର୍ନାମେଣ୍ଟ ଓ ଇଣ୍ଡିଆନ ଓପନ୍‌ର ସେମି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ସିନ୍ଧୁ ଏବେ ଚତୁର୍ଥ ସିଡ ଖେଳାଳି ଜାପାନର ଅକେନ୍ ୟାମାଗୁଚିଙ୍କୁ ଭେଟିବେ। ଚେନ୍ ଚଳିତବର୍ଷ ଅଷ୍ଟ୍ରେଲିଆ, ସୁଇସ୍ ଓ ଅଲ୍ ଇଂଲଣ୍ଡ ଟାଇଟଲ ହାସଲ କରିଥିଲେ। ଚଳିତ ସେସନରେ ସେ ଅସାଧାରଣ ସଫଳତା ହାସଲ କରିଥିଲେ। ପ୍ରଥମ ଗେମ୍‌ରେ ସେ ଭଲ ଲଢ଼େଇ କରିଥିଲେ। ତେବେ ଦ୍ୱିତୀୟ ଗେମ୍‌ରେ ସିନ୍ଧୁ ସହଜରେ ବିଜୟ ହାସଲ କରିନେଇଥିଲେ। ଅପରପକ୍ଷରେ ଦ୍ୱିତୀୟ ସେମିଫାଇନାଲରେ ବିଶ୍ୱର ୪ ନମ୍ବର ଖେଳାଳି ୟାମାଗୁଚି ବିଶ୍ୱର ୧ ନମ୍ବର ଖେଳାଳି ତାଇ ଜୁ ୟିଙ୍ଗ୍‌ଙ୍କୁ ୨୧-୯,୨୧-୧୫ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ୟାମାଗୁଚିଙ୍କ ବିପକ୍ଷରେ ସିନ୍ଧୁଙ୍କ ରେକର୍ଡ ଭଲ ରହିଛି। ଉଭୟ ଖେଳାଳି ଏପର୍ଯ୍ୟନ୍ତ ୧୪ଥର ପରସ୍ପରକୁ ଭେଟିଥିବା ବେଳେ ସିନ୍ଧୁ ୧୦ର ବାଜି ମାରିଛନ୍ତି। ଗତ ୪ଟି ମ୍ୟାଚ୍‌ରେ ସିନ୍ଧୁ କ୍ରମାଗତ ଭାବେ ୟାମାଗୁଚିଙ୍କୁ ହରାଇଛନ୍ତି। ଏଥିସହିତ ସିନ୍ଧୁ କ୍ୟାରିୟରର ୩୧ତମ ଫାଇନାଲ ଖେଳିବାକୁ ଯାଉଛନ୍ତି। ତେବେ ସୁପର ୧୦୦୦ ଇଭେଣ୍ଟରେ ଏହା ତାଙ୍କର ପ୍ରଥମ ଫାଇନାଲ। ବିଜୟୀ ହେଲେ ସିନ୍ଧୁ ପ୍ରଥମଥର ପାଇଁ ଏଭଳି ଟୁର୍ନାମେଣ୍ଟର ଟାଇଟଲ ହାସଲ କରିବେ।

**ସଂକ୍ଷେପରେ**

## ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ



**କୋରୁକୋଣ୍ଡା,୨୦।୭ ( ଡି.ଏନ.ଏ. ):** ମାଲକାନଗିରି ଜିଲା ସଦର ବ୍ଲକ ତମସା ପଞ୍ଚାୟତ ଅନ୍ତର୍ଗତ ବୋଇଲାପାରି ଗ୍ରାମର ମୁଡା କବାସୀଙ୍କ ଝିଅ ଚୁମକୀ କବାସୀ। ଯେଉଁ ବୟସରେ ସେ ସାଙ୍ଗମାନଙ୍କ ସହ ହସି ଖେଳି ପାଠ ପଢି ସମୟ କାଟନ୍ତେ ଏବେ ସେ ରୋଗାକ୍ରାନ୍ତ ହୋଇ ଘରେ ପଡି ରହିଛନ୍ତି। ମାଆବାପା ଡାକ୍ତର ଦେଖାଇବାରୁ ଝିଅକୁ ହୃଦ୍‌ରୋଗ ହୋଇଥିବା ଜାଣିବାକୁ ପାଇଥିଲେ। ଝିଅର ଚିକିତ୍ସା ପାଇଁ ଦରକାର ୫ଲକ୍ଷ ଟଙ୍କା। ମୂଲ ମଜୁରି ଲାଗି ପରିବାର ଚଳାଉଥିବା ମୁଡା ଏତେ ଟଙ୍କା ଅବା ଆଣିବେ କେଉଁଠୁ। ସେବେଠାରୁ ସେ ଆଉ ଝିଅକୁ ନେଇପାରିନାହାନ୍ତି ଡାକ୍ତରଙ୍କ ପାଖକୁ। ୩ ବର୍ଷ ତଳେ ଝିଅ ଚୁମୁକୀଙ୍କ ଶରୀରର ଅଧିକାଂଶ ଅଂଶ ଫୁଲିବାକୁ ଲାଗିଲା। ପରିବାର ଲୋକେ ତାଙ୍କୁ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଝିଅକୁ ହୃଦ୍‌ରୋଗ ହୋଇଥିବା କହିଥିଲେ। ଚିକିତ୍ସା ପାଇଁ ଆନ୍ଧ୍ରର ବିଶାଖାପାଟଣାସ୍ଥିତ ଆପୋଲୋ ଚିକିତ୍ସାଳୟକୁ ନେବାକୁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ଚୁମକୀଙ୍କୁ ଆପୋଲୋ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ପ୍ରାଥମିକ ପରୀକ୍ଷା ପରେ ଅସ୍ତ୍ରୋପଚାରର ଆବଶ୍ୟକତା ରହିଥିବା ମେଡିକାଲ କର୍ତ୍ତୃପକ୍ଷ କହିଥିଲେ। ଏଥିପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ଅର୍ଥାଭାବରୁ ପରିବାର ଲୋକେ ଚୁମକୀଙ୍କୁ ଘରକୁ ନେଇ ଆସିଥିଲେ। ଏବେ ଏକବର୍ଷରୁ ଊର୍ଦ୍ଧ୍ୱ ବିତିଗଲାଣି ବୋଲି ମାଆ ପାଣ୍ଡ୍ରି କବାସୀ କହିଛନ୍ତି। ବର୍ତ୍ତମାନ ଚୁମକୀ ରୋଗ ଶଯ୍ୟାରେ। ମାଆବାପା, ଦୁଇଭାଇ ଓ ବୃଦ୍ଧ ଜେଜେ ବାପାଙ୍କୁ ନେଇ ୬ପ୍ରାଣୀଙ୍କ ପରିବାରକୁ ଚଳାଇବା ମୁଡାଙ୍କ ପକ୍ଷରେ କଷ୍ଟକର ହେଉଥିବା ବେଳେ ଝିଅର ଚିକିତ୍ସା ପାଇଁ ୫ଲକ୍ଷ ଟଙ୍କା କେଉଁଠୁ ଆସିବ ଏହି ଚିନ୍ତାରେ ପରିବାର ଲୋକଙ୍କ ନିଦ ହଜିଯାଇଛି। କେହି ସହୃଦୟ ବ୍ୟକ୍ତି ଅବା ଜିଲା ପ୍ରଶାସନ ସହାୟତାର ହାତ ବଢାଇଲେ ତାଙ୍କ ଝିଅ ଭଲ ହୋଇଯିବ ବୋଲି କହିଛନ୍ତି ମୁଡା।

## ପୋଲିସ ପକ୍ଷରୁ ଅନ୍‌ଲାଇନ୍ ସେବା ନେଇ ସଚେତନତା କାର୍ଯ୍ୟକ୍ରମ




**ମାଲକାନଗିରି,୨୦।୭ (ଡି.ଏନ୍.ଏ.):** ମାଲକାନଗିରି ଜିଲା ପୋଲିସ ଶନିବାର ସାଧାରଣ ନାଗରିକମାନଙ୍କ ପାଇଁ ଅନ୍‌ଲାଇନ ସେବା କାର୍ଯ୍ୟକ୍ରମ ଆରମ୍ଭ କରିଛି। ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସର ଏବଂ ବସ୍ ଷ୍ଟାଣ୍ଡରେ ସେବା କେନ୍ଦ୍ର ଖୋଲି ଏହି ସେବା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଛି। ଜଣେ ନାଗରିକ ଥାନାକୁ ନ ଯାଇ ଏହି ସେବାକେନ୍ଦ୍ରରେ ଥରୁଟିଏ ଅନଲାଇନରେ ନିଜର ନାମ ପଞ୍ଜିକରଣ କରି ଅଭିଯୋଗ କରିପାରିବେ। ନିଖୋଜ, ସମ୍ପତ୍ତି ଚୋରି, ଚାକିରି ସମ୍ପର୍କିତ ଠକେଇ, ଧର୍ମଘଟ, ହରତାଳ, ଚରିତ୍ର ପ୍ରମାଣପତ୍ର, ଶୋଭାଯାତ୍ରା, ଚାର୍ଜ ସିଟ୍, ଅଭିଯୋଗର ନକଲ ସମ୍ପର୍କରେ ଜାଣିପାରିବେ। ଡାକବାଜି ଯନ୍ତ୍ର ଅନୁମତି ସମ୍ବନ୍ଧୀୟ ଯେକୌଣସି ସମସ୍ୟା ସମ୍ବନ୍ଧରେ ଅନଲାଇନରେ ପୋଲିସ ପୋର୍ଟାଲ http:/citizenportal-op.gov.inରେ ଆବେଦନ କରିପାରିବେ। ଥାନା ପଦାଧିକାରୀମାନେ ନାଗରିକ ମାନଙ୍କୁ ଏ ପୋର୍ଟାଲ ସମ୍ପର୍କରେ ବୁଝାଇଥିଲେ।

■ ଜିଲା ଶିକ୍ଷା ବିଭାଗରେ ସୁଧାର ଆସୁନାହିଁ

# ଅନ୍ତେବାସୀ ଛାତ୍ରଙ୍କ ଦ୍ୱାରା ପାଇଖାନା ସଫା

**ଦାୟିତ୍ୱରେ ଥିବା ଶିକ୍ଷକ ନିୟୋଜିତ କରିଥିଲେ**

■ମଙ୍ଗଳ ବିଭାଗ ଆଶ୍ରମ ବିଦ୍ୟାଳୟରେ ଘଟିଛି ଘଟଣା

■ଘଟଣା ସତ୍ୟ ହୋଇଥିଲେ କାର୍ଯ୍ୟାନୁଷ୍ଠାନ

■ସପ୍ତାହେ ତଳେ ଏହି ବିଦ୍ୟାଳୟରେ ଘଟିଥିଲା ଅଘଟଣ




**ମାଲକାନଗିରି,୨୦।୭ (ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ଶିକ୍ଷା ବିଭାଗରେ ସୁଧାର ଆସୁନାହିଁ। କେତେକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବେପରୁଆ ମନୋଭାବ ଯୋଗୁ ଏହି ବିଭାଗ ସବୁବେଳେ ଚର୍ଚ୍ଚାରେ ରହି ଆସୁଛି। ଏବେ ପୁଣି ଏକ ଘଟଣା ବିଭାଗକୁ ଚର୍ଚ୍ଚାକୁ ଆଣିଛି। ଜଣେ ଅନ୍ତେବାସୀ ଛାତ୍ରଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପାଇଖାନା ସଫା କରାଇଛନ୍ତି। ଏପରି ଦେଖିବାକୁ ମିଳିଛି ଜିଲା ସଦର ବ୍ଲକ ଅଧୀନ ଗଙ୍ଗଲା ପଞ୍ଚାୟତରେ ଥିବା ମଙ୍ଗଳ ବିଭାଗର ଆଶ୍ରମ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ଛାତ୍ରମାନଙ୍କୁ ନେଇ ବିଦ୍ୟାଳୟର ପାଇଖାନା ଏବଂ ଚଟାଣ ସଫା କରିବା ଦୃଶ୍ୟ ଏବେ ବିଭିନ୍ନ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଛାତ୍ରମାନେ ସେହି ବିଦ୍ୟାଳୟ ଦାୟିତ୍ୱରେ ଥିବା ଶିକ୍ଷକ ତାଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିଥିବା ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏପରି ଅଭିଯୋଗ ମୋ ଦୃଷ୍ଟିକୁ ଆସିନାହିଁ। ଅଭିଯୋଗ ପାଇଲା ପରେ ଘଟଣା ସତ୍ୟ ହୋଇଥିଲେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ଯେ, ଗତ ସପ୍ତାହରେ ଏହି ବିଦ୍ୟାଳୟରେ ଜଣେ ପ୍ରଥମ ଶ୍ରେଣୀର ଛାତ୍ର ବିଦ୍ୟାଳୟ ନିକଟ ପୋଖରୀକୁ ଶୌଚ ହେବାକୁ ଯାଇ ବୁଡିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ରାମେଶ୍ୱର ପ୍ରଧାନ ଘଟଣାର ତଦନ୍ତ କରି ରିପୋର୍ଟ ଦେବା ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷୟିତ୍ରୀ, ମାଟ୍ରୋନଙ୍କୁ ନିଲମ୍ବିତ କରାଯାଇଥିଲା। ୨ଜଣ ରୋଷେୟାଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଥିଲା।

■ଗ୍ରାବେଟିୟସ୍ ଫାଉଣ୍ଡେଶନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## ସର୍ବଭାରତୀୟ ସ୍ତରରେ ପୁରସ୍କୃତ ହେଲେ ମାଲକାନଗିରିର ଜୟନ୍ତୀ



ଅତିଥିଙ୍କ ଦ୍ୱାରା ପୁରସ୍କୃତ ହେଉଛନ୍ତି ଜୟନ୍ତୀ।

**ମାଲକାନଗିରି,୨୦।୭ (ଡି.ଏନ୍.ଏ.)**

ମହାରାଷ୍ଟ୍ରର ପୁଣେରେ ଥିବା ଗ୍ରାବେଟିୟସ୍ ଫାଉଣ୍ଡେଶନ ପକ୍ଷରୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସର୍ବଭାରତୀୟ ସ୍ତରରେ ମାଲକାନଗିରିର ଜୟନ୍ତୀ ବୁରୁଦା ପୁରସ୍କୃତ ହୋଇଛନ୍ତି। ସଂସ୍ଥା ପକ୍ଷରୁ ପୂର୍ବରୁ ବିଭିନ୍ନ ରାଜ୍ୟରେ ଥିବା ଆଭ୍ୟନ୍ତରୀଣ ଜିଲାଗୁଡିକରୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳାମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିଲା। ଯେଉଁ ମହିଳାମାନେ ଆଭ୍ୟନ୍ତରୀଣ ଅଞ୍ଚଳରେ ଶିଶୁ ସୁରକ୍ଷା, ଶିକ୍ଷା, ପରିବେଶ, ନିଶା ନିବାରଣ, ସ୍ୱାସ୍ଥ୍ୟ ସମ୍ପର୍କରେ ସ୍ଥାନୀୟ ଲୋକମାନଙ୍କୁ ସଚେତନ କରାଇବା ସହ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅଶିକ୍ଷିତ ଲୋକଙ୍କୁ ସହାୟତା କରି ସେମାନଙ୍କ ସମ୍ପର୍କରେ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣି ସେମାନଙ୍କୁ ସ୍ୱାବଲମ୍ବୀ କରାଇଥିଲେ ସେହିମାନଙ୍କୁ ସଂସ୍ଥା ପକ୍ଷରୁ ସମ୍ମାନିତ କରାଯାଇଛି। ଏହି ମହିଳାମାନଙ୍କ ସମାଜସେବା ସମ୍ପର୍କରେ ମଧ୍ୟ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲା। ଏହି ସଂସ୍ଥା ସେହି ସବୁ ମଧ୍ୟ ବିଚାରକୁ ନେଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମହାରଷ୍ଟ୍ର ପୁଣେଠାରେ ୧୭ ଜଣ ମହିଳାମାନଙ୍କୁ ସମ୍ମାନିତ କରିଛି। ସେମାନଙ୍କ ମଧ୍ୟରେ ମାଲକାନଗିରିର ଜୟନ୍ତୀ ଅନ୍ୟତମ। ସେ ସମାଜସେବା କ୍ଷେତ୍ରରେ ପୁରସ୍କୃତ ହୋଇ ମାଲକାନଗିରି ଜିଲା ତଥା ଓଡିଶା ପାଇଁ ସୁନାମ ଆଣିଛନ୍ତି। ଜୟନ୍ତୀ ଏହି ଅବସରରେ କହିଛନ୍ତି ଯେ, ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ସେ ସମାଜସେବାରେ ନିଜକୁ ନିୟୋଜିତ କରିବେ। ସେତେବେଳେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ ଅମୃତା ଫାଡନାବିସ, ସିନେତାରକା ସୋନାଲି କୁଲକର୍ଣ୍ଣି, ଉଷା କାଲକାଡେ, ଦୁରଷ୍ଟେପ ବିଦ୍ୟାଳୟ ନିର୍ଦ୍ଦେଶକ ରଜନୀ ପାର୍ନାକାପେ, ଲେଖିକା ବନ୍ଦନା ଖାରେ ପ୍ରମୁଖ ଉପସ୍ଥିତ ଥିଲେ।

## ଚିତ୍ରକୋଣ୍ଡାରେ କାରଗିଲ ବିଜୟ ଦିବସ ପାଳିତ

**ଚିତ୍ରକୋଣ୍ଡା,୨୦।୭(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡାସ୍ଥିତ ଅଷ୍ଟମ ବିଏସଏଫ ବାଟାଲିୟନ ପକ୍ଷରୁ କାରଗିଲ ବିଜୟ ଦିବସ ଶନିବାର ପାଳିତ ହୋଇଯାଇଛି। ସ୍ଥାନୀୟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ବିଏସଏଫ ଯବାନଙ୍କ ଗହଣରେ ଏହି ବିଜୟ ଦିବସ ପାଳିତ ହୋଇଛି। ବିଏସଏଫର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁସୁଲ ସିଂଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡେପୁଟି କମାଣ୍ଡାଣ୍ଟ ଗୁଞ୍ଜନ ଶାହ ଉପସ୍ଥିତ ରହି କାର୍ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଦେଶ ପାଇଁ ଶହୀଦ ଯବାନମାନଙ୍କ ବଳିଦାନ ଅତୁଳନୀୟ। ସେମାନେ ଆଜି ମଧ୍ୟ ଭାରତର ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଜୀବିତ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

■ଝିପିଝିପି ବର୍ଷାରେ ରାସ୍ତାରେ ପାଣି, କାଦୁଅ

# ଦୁର୍ଦ୍ଦଶା ଭୋଗୁଛନ୍ତି ସହରବାସୀ

**ମାଲକାନଗିରି,୨୦।୭ (ଡି.ଏନ୍.ଏ.)**

ପୌର ପରିଷଦ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର ବିକାଶ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ବହୁ ଅନୁଦାନ ଦେଉଛନ୍ତି। ସେସବୁ ଅର୍ଥ ଠିକ୍ ବିନିଯୋଗ ହୋଇପାରୁ ନ ଥିବାରୁ ଲୋକେ ଏଥିରୁ ସୁଫଳ ପାଉନାହାନ୍ତି। ରାସ୍ତାଘାଟ ନିର୍ମାଣ ଏବଂ ମରାମତି ବାବଦରେ ହେଉଥିବା ଖର୍ଚ୍ଚରୁ ଲୋକେ ଉପକୃତ ହେଉନାହାନ୍ତି। ନିର୍ମିତ ରାସ୍ତା ବର୍ଷକ ମଧ୍ୟରେ ନଷ୍ଟ ହୋଇଯାଉଛି। ମାଲକାନଗିରି ପୌର ପରିଷଦର ରାସ୍ତାଗୁଡିକ ନିର୍ମାଣ କିମ୍ବା ମରାମତି ହେବାର ବର୍ଷକ ମଧ୍ୟରେ ନଷ୍ଟ ହୋଇଯାଉଛି। ବର୍ତ୍ତମାନ ବର୍ଷା ଋତୁରେ ଆବଶ୍ୟକ ପରିମାଣର ବର୍ଷା ହୋଇ ନ ଥିଲେ ମଧ୍ୟ ଝିପିଝିପି ବର୍ଷାରେ ମଧ୍ୟ ରାସ୍ତାରେ ହୋଇଥିବା ଖାଲରେ ପାଣି ଜମି ରହୁଛି। କେତେକ ରାସ୍ତା କାଦୁଅ ହୋଇଯାଉଛି। ମାଲକାନଗିରି ପୌର ପରିଷଦ ମଧ୍ୟ ଦେଇ ରାଞ୍ଚି-ବିଜୟୱାଡା ରାଜପଥର ସୁଭାଷ ବୋଷ ଛକରୁ ପୁରୁଣା ଥାନା ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଦେଇ ଦୈନିକ ବଜାରକୁ ସକାଳୁ ରାତି ପର୍ଯ୍ୟନ୍ତ ଲୋକେ ଯାତାୟାତ କରିଥାନ୍ତି। ଏହା ଏକ ମୁଖ୍ୟ ରାସ୍ତା। ଏହି ରାସ୍ତାରେ ଦେଇ ଗଲେ ଏସ୍.ଡି.ପି.ଓ. କାର୍ଯ୍ୟାଳୟ, ଜିଲା କାରାଗାର, ଆନ୍ଧ୍ର ବ୍ୟାଙ୍କ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ଚିଦାନନ୍ଦ ପ୍ରାଥମିକ ବିଦ୍ୟାଳୟ ସହ ଜେଲ ସାହି, କୁମ୍ଭାର ସାହି, ଚିଦାନନ୍ଦ ସାହି ପଡେ। ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରୁ ମହେଶ୍ୱରୀ କଲୋନୀ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ମଧ୍ୟ ସମାନ। ରାସ୍ତା ଖରାପ ଯୋଗୁ ଲୋକେ ଅସୁବିଧା ଭୋଗୁଛନ୍ତି। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଏମ୍. ନୀଳକଣ୍ଠ ନାଇଡୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସୁଭାଷ ଛକରୁ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ଅଳ୍ପଦିନ ମଧ୍ୟରେ ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହେବ। ସୂଚନାଯୋଗ୍ୟ ଯେ, ମାଲକାନଗିରି ପୌର ପରିଷଦ ଅଧୀନ ରାସ୍ତାଗୁଡିକ ନିର୍ମାଣ ଅବା ମରାମତି ପାଇଁ ଯେଉଁ ଠିକାଦାର ଟେଣ୍ଡର ନେଉଛନ୍ତି ସେମାନେ ସେହି କାମଟିକୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଉଛନ୍ତି। ଫଳରେ ସମ୍ପୃକ୍ତ ବ୍ୟକ୍ତି ଅର୍ଥ ଦେଇ କାମ ନେଇଥିବାରୁ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି।



ଅଳ୍ପ ବର୍ଷାରେ ମାଲକାନଗିରି ସହରରେ ମୁଖ୍ୟ ରାସ୍ତା ଅବସ୍ଥା।

ADMISSION OPEN - 2019
BSC ITM
Duration-3Yr's : ₹. 15,000/-(Per Semester)
BSC with COMP. SC. HONOURS
Duration-3Yr's : ₹. 25,000/-(Per Semester)
Under Utkal University, Govt of Odisha
FACILITIES
- Special Coaching for Banking, Railway, SSC & others.
- Same Campus for Hostel & College.
- Highly Experienced faculty with PHd Qualification.
- A/C Class Rooms & well equipped Laboratory.
- Separate Hostel for Boy's & Girl's.
- Transport facility from door step.
SARASWATI
DEGREE SCIENCE COLLEGE (+3 SCIENCE)
ARUNODOYA MARKET (NEAR CAC), LINK ROAD, CUTTACK-753012
PH.: 0671-2321011, 7609091224, 9437025754

## ବାଲ୍ୟବିବାହ ରୋକିଲା ଚାଇଲ୍ଡ ଲାଇନ

**କାଳିମେଳା,୨୦।୭(ଡି.ଏନ.ଏ.)**


ମାଲକାନଗିରି ଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ଗୁମୁକା ପଞ୍ଚାୟତର ଏମ୍‌ପିଭି-୧୩ ଗ୍ରାମରେ ଜଣେ ନାବାଳିକା ଝିଅର ବିବାହ ଖବର ପାଇ ଚାଇଲ୍‌ଡ ଲାଇନ ରୋକି ଦେଇଛି। ଗ୍ରାମର ଜନୈକା ନାବାଳିକାଙ୍କ ସହିତ ମାନ୍ଦାପାଲି ପଞ୍ଚାୟତର ଏମଭି-୧୧୨ ଗ୍ରାମର ଜଣେ ଯୁବକଙ୍କ ସହିତ ଶୁକ୍ରବାର ବିବାହ ହେବା ପାଇଁ ସ୍ଥିର ହୋଇଥିଲା। ଏନେଇ ଉଭୟ ପରିବାରରେ ସମସ୍ତ ପ୍ରସ୍ତୁତି ସରିଥିଲା। ମାତ୍ର ଝିଅର ବୟସ ୧୮ ବର୍ଷରୁ କମ୍ ହୋଇଥିବାରୁ କୌଣସି ବ୍ୟକ୍ତି ଚାଇଲ୍ଡ ଲାଇନର ୧୦୯୮ ନମ୍ବରକୁ ଫୋନ କରି ଜଣାଇ ଦେଇଥିଲେ। ପରେ ଚାଇଲ୍ଡ ଲାଇନ ମୁଖ୍ୟ କେ. ମିସାଇଲ ରାଜୁଙ୍କ ସମେତ କର୍ମଚାରୀମାନେ ସେଠାରେ ପହଞ୍ଚି ଝିଅର ଜନ୍ମ ପ୍ରମାଣପତ୍ର ମାଗି ଦେଖିଥିଲେ। ଏଥିରୁ ଝିଅକୁ ୧୬ ବର୍ଷ ହୋଇଥିବା ସେମାନେ ଜାଣିବାକୁ ପାଇଥିଲେ। ତୁରନ୍ତ ଏହି ବିବାହ ବନ୍ଦ କରି ନାବାଳିକାଙ୍କୁ ସେହି ଗ୍ରାମରୁ ଆଣି ମାଲକାନଗିରିସ୍ଥିତ ଶିଶୁ ସୁରକ୍ଷା ସମିତି ନିକଟରେ ହାଜର କରିଥିଲେ। ପରେ ନାବାଳିକାଙ୍କୁ ସ୍ୱଧାର ଗୃହରେ ରଖାଯାଇଛି। ଝିଅକୁ ୧୮ ବର୍ଷ ନ ହେବା ଯାଏ ତା'ର ବିବାହ ନ ଦେବାକୁ ନାବାଳିକାଙ୍କ ମାଆବାପାଙ୍କୁ ବୁଝାଯାଇଛି। ସେମାନଙ୍କଠାରୁ ଲିଖିତ ପ୍ରତିଶ୍ରୁତି ଅଣାଯାଇଛି।

## ବଜ୍ରପାତରେ ଯୁବକ ମୃତ

**କାଳିମେଳା,୨୦।୭(ଡି.ଏନ.ଏ.)**

କାଳିମେଳା ବ୍ଲକ ଅନ୍ତର୍ଗତ ତେଲରାଇ ପଞ୍ଚାୟତର କୁଞ୍ଜଗୁଡା ଗ୍ରାମରେ ଶନିବାର ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ଗଙ୍ଗା ମାଡକାମି (୩୫)। ଚାଷ କାମ କରିବାକୁ ଯାଇଥିବା ବେଳେ ଏପରି ଘଟଣା ଘଟିଛି। ଗଙ୍ଗା ନିଜ ଘରଠାରୁ କିଛି ଦୂରରେ ଥିବା ଚାଷଜମିରେ ଚାଷ କରୁଥିବା ବେଳେ ହଠାତ୍ ଘଡଘଡି ମାରି ବର୍ଷା ଆସିଥିଲା। ସେ ନିକଟରେ ଥିବା ଏକ ଗଛ ମୂଳରେ ଆଶ୍ରୟ ନେଇଥିଲେ। ବଜ୍ରପାତ ହେବାରୁ ଗଙ୍ଗାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଗଙ୍ଗାଙ୍କ ସ୍ତ୍ରୀ ମଙ୍ଗଳି ଗଙ୍ଗାଙ୍କ ପାଇଁ ଛତା ନେଇ ବିଲକୁ ଯାଇ ତାଙ୍କୁ ତଳେ ପଡିଥିବା ଦେଖିବାକୁ ପାଇଥିଲେ। ପରେ ସେ ଗ୍ରାମ ଲୋକଙ୍କୁ ଖବର ଦେଇଥିଲେ। ଗଙ୍ଗାଙ୍କୁ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଇଛି। ଗଙ୍ଗା ଚାଷ କରି ପରିବାର ଚଳାଉଥିଲେ। ତାଙ୍କର ୨ ଝିଅ ଏବଂ ଏକ ୫ ବର୍ଷର ପୁଅ ରହିଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ମିଳୁନି ଆବାସ ଯୋଜନାର ବକେୟା ଟଙ୍କା
## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ହିତାଧିକାରୀ

ପାରଳାଖେମୁଣ୍ଡି, ୨୦ା୭ (ସ୍ୱ.ପ୍ର.) - ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଛି, ହେଲେ ବକେୟା କିସ୍ତି ମିଳିନାହିଁ। ଫଳରେ ଗଜପତି ଜିଲା କାଶୀନଗର ୩ ନଂ ୱାର୍ଡ ଅନ୍ତର୍ଗତ ବଡ଼ମାଲା ସାହି ବାସିନ୍ଦା ୱାଇ. କାଲାବତୀ ଶନିବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବାସ ଯୋଜନାରେ ୨୦୧୭ ନଭେମ୍ବର ୨୮ ରେ ତାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବାବେଳେ ୨୦୧୯ ପର୍ଯ୍ୟନ୍ତ ସେ ପାଇବାକୁଥିବା ଘରର ବକେୟା କିସ୍ତି ପୈଠ କରାଯାଇନାହିଁ। କାଲାବତୀ ବାରମ୍ବାର ଏନ୍ଏସି କାର୍ଯ୍ୟାଳୟକୁ ଦୌଡ଼ିଲେ ମଧ ତାଙ୍କ କଥା କେହି ଶୁଣୁ ନ ଥିବା ସେ ଅଭିଯୋଗ କରିଛନ୍ତି। ସେ ଜଣେ ଗରିବ ଓ ଅସହାୟା ମହିଳା ହୋଇଥିବାରୁ ଘର ତିଆରି ସମୟରେ ଋଣ କରି ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ମଧ ଜଣାଇଛନ୍ତି। ସରକାରୀ ଯୋଜନାରେ ଘରଖଣ୍ଡେ ହେଲେ ବର୍ଷା ଦିନରେ ସେ ସୁରକ୍ଷିତ ରହିପାରିବେ। ତେଣୁ ଅବଶିଷ୍ଟ ଅର୍ଥ ଯଥାଶୀଘ୍ର ପ୍ରଦାନ ଦିଗରେ ପଦକ୍ଷେପ ନେବା ପାଇଁ ସେ ଗଜପତି ଜିଲାପାଳ ଅନୁପମ ସାହାଙ୍କୁ ଭେଟି ନିବେଦନ କରଥିବା ଜଣାପଡ଼ିଛି।

## ସୀତାପର୍ବତର ଉନ୍ନତି ପାଇଁ ବୈଠକ



ପାରଳାଖେମୁଣ୍ଡି, ୨୦ା୭ (ସ୍ୱ.ପ୍ର.) -ଗଜପତି ଜିଲା ଗୋଷାଣୀ ବ୍ଲକ ଗାରବନ୍ଧସ୍ଥିତ ସୀତା ପର୍ବତରେ ମହେନ୍ଦ୍ର ଆଶ୍ରମର ଗୁରୁପୂଜନ ଓ ସୀତା ପର୍ବତର ଉନ୍ନତି ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଭାସ୍କରତୀର୍ଥ(ଲକ୍ଷ୍ମୀବାବା) ଯୋଗଦେଇଥିଲେ। ଏଠାରେ ମୁଖ୍ୟତଃ ଗୁରୁପରମ୍ପରା ବିଷୟରେ ଆଲୋକପାତ କରାଯାଇଥିଲା। ପରେ ବୈଠକରେ ସୀତାପର୍ବତରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦେଶ ସ୍ୱାଧୀନ ହେବାର ଦୀର୍ଘ ବର୍ଷ ପରେ ମଧ ମୌଳିକ ଆବଶ୍ୟକତା, ବିଦ୍ୟୁତ୍, ରାସ୍ତା ଓ ଜଳାଭାବକୁ ନେଇ ଅବସରପ୍ରାପ୍ତ ସୈନିକ ପ୍ରଫୁଲ୍ଲ ପ୍ରସାଦ ପାତ୍ର କ୍ଷୋଭ ପ୍ରକାଶ କରିଥିଲେ। ଏଥିରେ କମିଟିର ସଭାପତି ଏସ୍. ରଞ୍ଜିତ ଓ ଗାନ୍ଧି ରାଓ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମହେନ୍ଦ୍ର ଆଶ୍ରମର ବ୍ରହ୍ମଚାରୀ ତେଜମୟ ସ୍ୱରୂପ ପରିଚାଳନା କରିଥିବାବେଳେ ସ୍ୱାମୀ ନୀଳମଣି ତିର୍ଥ ଧନ୍ୟବାଦ ଦେଇଥିଲେ।

## ୨ ଲୁଟେରା ଗିରଫ, ମୋବାଇଲ ଜବତ

**ବ୍ରହ୍ମପୁର ଅଫିସ,୨୦ା୭:** ରେଳବାଇ ଥାନା ପୋଲିସ ଶନିବାର ୨ ଜଣ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ତୁଳସୀପୁରର ପବିତ୍ର ପ୍ରଧାନ (୨୫) ଓ ବଡବଜାର ଅଞ୍ଚଳର ବସନ୍ତ ସାହୁ (୨୪)। ଉଭୟଙ୍କୁ ମାମଲା ନଂ. ୪୯/୧୯ରେ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସୁଶାନ୍ତ ଭୋଇ ସୂଚନା ଦେଇଛନ୍ତି। ଶନିବାର ଅପରାହ୍ନରେ ଗାନ୍ଧୀ ଧାମ ଟ୍ରେନରେ ସୁରଟ ଯିବାକୁ ଥିବା ତାଙ୍କ ଆଇଙ୍କୁ ଛାଡିବା ପାଇଁ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଜରଡ଼ ଗ୍ରାମର ବିଶ୍ୱାମିତ୍ର ତାରିଣୀ ଟ୍ରେନରେ ଚଢୁଥିବା ସମୟରେ ୨ ଜଣ ଦୁର୍ବୃତ୍ତ ତାଙ୍କର ମୋବାଇଲ ଫୋନକୁ ଝାମ୍ପି ନେଇଥିଲେ। ୨ ନମ୍ବର ପ୍ଲାଟଫୋର୍ମରେ କାର୍ଯ୍ୟରତ ପୋଲିସ ଗୋଡ଼ାଇ ୨ ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲେ।

## ଧୂପ ନିଆଁରୁ ପାଇପ୍ ଜଳିଗଲା

**ବ୍ରହ୍ମପୁର ଅଫିସ,୨୦ା୭:** ଟାଉନ ଥାନା ଅନ୍ତର୍ଗତ ଶଶୀଭୂଷଣ ମହିଳା ମହାବିଦ୍ୟାଳୟ ପାର୍ଶ୍ୱରେ ଥିବା ପୁରୁଣା ଖ୍ରୀଷ୍ଟିଆନ ସାହିରେ ଗଦେଇ ହୋଇଥିବା ପିଭିସି ପାଇପ୍‌ରେ ଶୁକ୍ରବାର ରାତିରେ ନିଆଁ ଲାଗି ଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଉକ୍ତ ସାହିରେ ରହୁଥିବା ବ୍ୟବସାୟୀ ବ୍ରହ୍ମାନନ୍ଦ ରାଉତ ତାଙ୍କ ଘର ସମ୍ମୁଖରେ ୧୫୦ଟି ୩୦ ଫୁଟିଆ ପିଭିସି ପାଇପ୍ ଗଦା କରି ରଖିଥିଲେ। ଶୁକ୍ରବାର ରାତି ପ୍ରାୟ ୧୦ଟାରେ ସେଥିରେ ନିଆଁ ଲାଗି ଯାଇଥିବା ସେ ଜାଣିବାକୁ ପାଇଥିଲେ। ଏନେଇ ବ୍ୟବସାୟୀ ଜଣଙ୍କ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ।

### ■ ଆବାସ ଯୋଜନାରେ ମିଳୁନି କିସ୍ତି ଅର୍ଥ
# ପ୍ରଶାସନର ଦ୍ୱାରସ୍ଥ ହେଲେ ସାହି ବାସିନ୍ଦା

**ପାରଳାଖେମୁଣ୍ଡି, ୨ା୭ (ସ୍ୱ.ପ୍ର.)**

ଗଜପତି ଜିଲା କାଶୀନଗର ଏନ୍ଏସି ଅଞ୍ଚଳର ହରିଜନ ସାହି ବାସିନ୍ଦା ଆବାସ ଯୋଜନାରେ ଅର୍ଥ ଠିକ୍‌ଭାବେ ପାଇ ନ ଥିବା ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଆଇନଜୀବୀ ଜେନା ସୁବାଷ ଚନ୍ଦ୍ର ରାଓଙ୍କ ନେତୃତ୍ୱରେ ଅଞ୍ଚଳର ୫ ପରିବାର ଜିଲାପାଳଙ୍କୁ ଭେଟି ଅଭିଯୋଗପତ୍ର ଦେଇଛନ୍ତି। ଅଭିଯୋଗକାରୀଙ୍କ ମଧ୍ୟରୁ କିଛି ଜଣଙ୍କ ଘର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ



ହିତାଧିକାରୀମାନେ ଜିଲାପାଳଙ୍କୁ ଅଭିଯୋଗ ପାଇଁ ଯାଇଛନ୍ତି।

ମାତ୍ର ୨ଟି କିସ୍ତି ଅର୍ଥ ମିଳିଥିବାବେଳେ ଅନ୍ୟ କିସ୍ତି ମିଳିପାରିନାହିଁ। ସେହିପରି ଜଣେ ହିତାଧିକାରୀଙ୍କୁ ଗୋଟିଏ ମଧ କିସ୍ତି ମିଳି ନ ଥିବା ଅଭିଯୋଗପତ୍ର ମାଧ୍ୟମରେ ଜଣାଇଛନ୍ତି। ଆଗକୁ ଅଧିକ ବର୍ଷା ରହିଥିବାବେଳେ ଘର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଅର୍ଥ ବାଧକ ସାଜିଥିବା କହିଛନ୍ତି। ତେଣୁ ଅର୍ଥ ଅଟକାଇ ରଖିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ହିତାଧିକାରୀମାନଙ୍କ ବକେୟା କିସ୍ତି ତୁରନ୍ତ ପ୍ରଦାନ କରିବା ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏହି ସମୟରେ ଅଞ୍ଚଳର ଏମ୍. ଗଣେଶ, ଏସ୍. ବାକେୟା, ପି. ଆପ୍ପାରାଓ, ଆର୍. ରାମା ରାଓ ଉପସ୍ଥିତ ଥିଲେ।

# ଖବର ପ୍ରକାଶ ପରେ ଖବରଦାତାଙ୍କୁ ଧମକ



ଖବରଦାତାମାନେ ଜିଲାପାଳଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

**ପାରଳାଖେମୁଣ୍ଡି, ୨ା୭ (ସ୍ୱ.ପ୍ର.)**

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ସିଆଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ବାରଣ୍ଡାରେ ଚାଉଳ ବସ୍ତା ପଡ଼ିବାକୁନେଇ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ସେହି ବିଦ୍ୟାଳୟର କିଛି ଶିକ୍ଷକ ଖବର ପରିବେଷଣ କରିଥିବା ଜିଲା ପ୍ରତିନିଧି ରଶ୍ମିରଞ୍ଜନ ମିଶ୍ରଙ୍କୁ ଧମକ ଚମକ ଦେଇଥିବାର ଜଣାପଡିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ୧୯ ତାରିଖ ଦିନ ଏହି ଖବର ପ୍ରକାଶ ପାଇବାପରେ କିଛି ବ୍ୟକ୍ତି ଖବରଦାତାଙ୍କୁ ଫୋନ୍ ଦ୍ୱାରା ଧମକ ଦେଇଥିଲେ। ଏହାପରେ ତାଙ୍କୁ ପାରଳାଖେମୁଣ୍ଡି କଲେଜ ଛକକୁ ଡକାଇ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଶିକ୍ଷକ କେ. ସୁଦର୍ଶନ ଏବଂ କେ. କିରଣ ପୁନର୍ବାର ଧମକ ଦେଇଥିଲେ। ଶିକ୍ଷକ କହିଥିଲେ ଯେ, ଆମେ ତୁମପରି କେତେ ଖବରଦାତାଙ୍କୁ ଦେଖିଛୁ, ଏପରି ଖବର ପରିବେଷଣ କରିବାକୁ କିଏ କହିଲା ଏବଂ ତମେ ସେଠାକୁ କ'ଣ ପାଇଁ ଯାଇଥିଲ। ଏଠାରେ ସୂଚନାଯୋଗ୍ୟ, ଶିକ୍ଷକ କେ. ସୁଦର୍ଶନ ରାୟଗଡ଼ା ଜିଲା ବିଷମକଟକରେ ଶିକ୍ଷକତା କରୁଥିବାବେଳେ ଶୁକ୍ରବାର ମଧ୍ୟାହ୍ନ(ବିଦ୍ୟାଳୟ ସମୟରେ) ପାରଳାଖେମୁଣ୍ଡି ସହରକୁ ଆସି ଧମକ ଦେବାକୁ ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଣେ ଶିକ୍ଷକ ଏପରି କରିବା କେତେ ଯୁକ୍ତିଯୁକ୍ତ ତାହା ଆଲୋଚନାର ବିଷୟବସ୍ତୁ ଅଟେ। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଶୁକ୍ରବାର ରାତିରେ ଗଜପତି ଜିଲା ଖବରଦାତା ସଂଘ ପକ୍ଷରୁ ମିଳିତଭାବେ ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ଥନାରେ କେସ୍ ନଂ ୧୪୨/୧୯ ରେ ଏକ ମାମଲା ରୁଜୁ ହୋଇଛି। ଶନିବାର ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗଜପତି ଜିଲାପାଳ ଅନୁପମ ସାହା, ଗଜପତି ଏସ୍‌ପି ସାରା ଶର୍ମାଙ୍କ ନିକଟରେ ମଧ ସଂଘ ପକ୍ଷରୁ ଏକ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ପରେ ସନ୍ଧ୍ୟାରେ ଶିକ୍ଷକ କେ. ସୁଦର୍ଶନ ଓ କେ. କିରଣଙ୍କୁ ପୋଲିସ ଅଟକ ରଖିଥିବା ସୂଚନା ମିଳିଛି। ତେବେ ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କୁ ଖବର ପ୍ରସାରଣ ପାଇଁ ଧମକ ଦେବା ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଗଜପତି ଖବରଦାତା ସଂଘ ପକ୍ଷରୁ ସି.ଏଚ୍. ରତ୍ନମ୍, ଗରୁଡଧ୍ୱଜ ଚୌଧୁରୀ, ଦେବାଶିଷ ପାଢୀ, ତାରିଣୀ ପ୍ରସାଦ ପଣ୍ଡା, ଦ୍ୱିଜେନ ପାଢୀ, ଗଣେଶ ରାଜୁ, ଲୋକନାଥ ପଣ୍ଡା, ଶିଶିର କୁମାର ଗୌଡ଼, ରୁପେଶ ସାହୁ, ପ୍ରଦୀପ ନାୟକ, ଆଦର୍ଶ ଦାସଙ୍କ ସହ ଜିଲା ପ୍ରତିନିଧି ଏବଂ ଖବରଦାତାମାନେ ଉପସ୍ଥିତ ଥିଲେ।

## ଚାରିଦିନ ହେଲା ବିଏସ୍ଏନ୍ଏଲ୍ ସେବା ବନ୍ଦ

**ରାମଗିରି,୨ା୭(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରିରେ ଏକମାତ୍ର ବିଏସ୍ଏନଏଲ ଟାୱାର ଆଜକୁ ଅନେକ ଦିନ ହେବ ଲୋକଙ୍କୁ ଉତ୍ତମ ସେବା ଯୋଗାଇବାରେ ବିଫଳ ହୋଇଥିବା ବେଳେ ୪ ଦିନ ହେବ ସେବା ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ପ୍ରକାଶଯେ, ଏହି ଅଞ୍ଚଳବାସୀଙ୍କ ପାଇଁ ଯୋଗାଯୋଗ ନିମନ୍ତେ ଏକମାତ୍ର ମାଧ୍ୟମ ଭାବେ ୨୦୦୯ରେ ବିଏସ୍ଏନ୍ଏଲ ଟାୱାର ନିର୍ମାଣ କରି ଲୋକଙ୍କୁ କୌଣସି ପ୍ରକାରେ ସେବା ଯୋଗାଇ ଆସୁଛି। କିନ୍ତୁ ଅନେକ ଦିନ ହେବ ବିନା ବ୍ୟାଟେରି ଓ ଜେନେରେଟରରେ ପରିଚାଳିତ ହେଉଥିବା ଯୋଗୁ କେବଳ ବିଦ୍ୟୁତ୍ ଉପରେ ନିର୍ଭର କରି ଆସୁଛି। ଫଳରେ ବିଦ୍ୟୁତ୍ ଯିବା ପରେ ସେବା ପାଇବା କଷ୍ଟକର ହେଉଛି। ଏପରି ଅନେକ ଦିନ ହେଲା ଚାଲିଛି। ଦିନକୁ ପ୍ରାୟ ୧୦ ରୁ ୧୫ ଥର ଯିବା ଆସିବା କରୁଥାଏ। ବର୍ତ୍ତମାନ ଛାତ୍ରୀଛାତ୍ରମାନଙ୍କ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ନାମଲେଖା ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କର ସାର୍ଟିଫିକେଟ ଅନ୍‌ଲାଇନରେ ବାହାରି ପାରୁନାହିଁ। ଆର.ଉଦୟଗିରି, ନୂଆଗାଁ, ରାୟଗଡ଼ ବ୍ଲକର ୧୫ ପଞ୍ଚାୟତର ବାସିନ୍ଦା ଏହି ଟାୱାର ଉପରେ ନିର୍ଭର କରନ୍ତି। କିନ୍ତୁ ସେବା ଯୋଗାଣକାରୀ ସଂସ୍ଥାର ଏପରି ଖାମଖିଆଲ ମନୋଭାବ ଅଞ୍ଚଳବାସୀଙ୍କୁ ବ୍ୟଥିତ କରୁଛି। ତୁରନ୍ତ ଏହାର ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା କେତେ ମାରଗରେ ଯାଉଛି
ଗଞ୍ଜେଇ ଗଛକୁ ଚଡ଼କ ମାଇଲେ
ଗୁଆ ଗଛ ଜଳିଯାଉଛି।**

ଗଞ୍ଜେଇ ଗଛକୁ ଚଡ଼କ ମାରିଲେ ଗୁଆ ଗଛ ଜଳିଯିବା ମନରେ ଦ୍ୱନ୍ଦ୍ୱଭାବ ସୃଷ୍ଟି କରିଥାଏ। ବେଳେବେଳେ କିଛି ବ୍ୟକ୍ତି ରହସ୍ୟ କରି କଥାକୁ ଏପରି କହିଥାନ୍ତି ଯେ ଶୁଣିବା ଲୋକ ଆଚମ୍ବିତ ହୋଇଯାଇଥାଏ। କଥାକୁ ଚଞ୍ଚକତା କରି ବର୍ଣ୍ଣନା କରିବା ଦ୍ୱାରା ମୂଳ କଥାର ଟେର୍ କେହି ପାଇପାରି ନ ଥାନ୍ତି। ଚାତୁରୀ ମାରି କଥା କହି ଲୋକଙ୍କୁ ଭ୍ରମିତ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କ୍ରୋଧଠାରୁ ଶତ୍ରୁ ନାହିଁ
ବୋଧଠାରୁ ମିତ୍ର ନାହିଁ।**

କ୍ରୋଧ ମଣିଷର ପରମଶତ୍ରୁ। କ୍ରୋଧ କଲେ ବା ରାଗିଗଲେ ମଣିଷ ନିଜ ଉପରୁ ନିୟନ୍ତ୍ରଣ ହରାଇବସେ। ହିତାହିତ ଜ୍ଞାନ ଭୁଲି ସେ ଯାହା ବି କରିବସେ ତା'ର ପରିଣାମ ଶେଷକୁ କେବଳ ମନ୍ଦ ହିଁ ହୋଇଥାଏ। ସେହିପରି ବୋଧଶକ୍ତି ବ୍ୟକ୍ତିକୁ ଭଲମନ୍ଦ ବିଷୟରେ ଜ୍ଞାତ କରାଇଥାଏ। ବୁଦ୍ଧି, ଜ୍ଞାନ, ଜାଗରଣ, ଅନୁଭୂତି ବ୍ୟକ୍ତିକୁ ସଫଳଗାମୀ କରାଇଥାଏ। ଫଳସ୍ୱରୂପ ବ୍ୟକ୍ତି ସମାଜରେ ସୁପ୍ରତିଷ୍ଠିତ ହେବା ସହ ଉନ୍ନତି ପଥରେ ଅଗ୍ରସର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

### ■ ଧରିତ୍ରୀର ପ୍ରଭାବ
## ବକେୟା ଭତ୍ତା ପାଇଲେ ଦୃଷ୍ଟିବାଧିତ ଆନନ୍ଦ

**କାଶୀନଗର, ୨ା୭ (ଡିଏନ୍ଏ)-**

କାଶୀନଗର ବ୍ଲକ ଅନ୍ତର୍ଗତ କେ. ସୀତାପୁର ଗ୍ରାମର ଦୃଷ୍ଟିବାଧିତ ବୃଦ୍ଧା ଆନନ୍ଦ କଳିଙ୍ଗ(୮୨) ୧୬ମାସ ହେଲା ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ରହିଥିବା ଅଭିଯୋଗ କରିବା ପରେ ଏ ସମ୍ପର୍କରେ ୧୮ ତାରିଖରେ ଧରିତ୍ରୀ ଖବରକାଗଜରେ ଖବରପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଶୁକ୍ରବାର ସନ୍ଧ୍ୟାରେ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଆନନ୍ଦଙ୍କ ଘରକୁ ଯାଇ ବକେୟା ଭତ୍ତା ବାବଦକୁ ୫୭୦୦ ଟଙ୍କା ଦେଇଛନ୍ତି। ଅନ୍ୟପକ୍ଷରେ ଖବର ପ୍ରକାଶକୁ ନେଇ ସମିତିସଭ୍ୟ ଡି. ରାଜେଶ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଆନନ୍ଦ ଦୀର୍ଘ ୭ ମାସ ଧରି ଭତ୍ତା ପ୍ରଦାନ ଦିନ ଅନୁପସ୍ଥିତ ରହିଥିଲେ। ସେ ସମ୍ପର୍କରେ ଆନନ୍ଦ ଜଣାଇବା ପରେ ଆମେ ପୂର୍ବତନ ବିଡିଓଙ୍କୁ ଜଣାଇଥିଲୁ। ହେଲେ ୬ ମାସ ପରେ ଏହା ମୋ କ୍ଷମତାଧୀନ ନୁହେଁ, ଜିଲା ପ୍ରଶାସନକୁ ମୁଁ ଜଣାଇବି ବୋଲି ସେ କହିଥିଲେ। ଫଳରେ ସରପଞ୍ଚ ଏବଂ ସମିତିସଭ୍ୟ ଏବେ ଦାୟିତ୍ୱରେ ଥିବା ବିଡିଓଙ୍କୁ ଲିଖିତ ଭାବେ ଜଣାଇବା ସହ ବକେୟା ଭତ୍ତା ପ୍ରଦାନ ପାଇଁ ଅନୁମତି ମାଗିଥିଲେ। ବିଡିଓ ୧୯ ତାରିଖରେ ଅନୁମତି ଦେବାପରେ ଆନନ୍ଦଙ୍କୁ ତାଙ୍କ ବକେୟା ଭତ୍ତା ଦିଆଯାଇଥିବା ସମିତିସଭ୍ୟ ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟଯେ, ଆନନ୍ଦ ବହୁବର୍ଷ ହେଲା ୩୦୦ ଟଙ୍କା ଭତ୍ତା ପାଉଥିଲେ। ହେଲେ ତାଙ୍କୁ ୮୦ ବର୍ଷ ବୟସ ହେବାପରେ ୫୦୦ ଟଙ୍କାକୁ ଭତ୍ତା ବୃଦ୍ଧି ହେବ ବୋଲି ତାଙ୍କ ଭତ୍ତା ବହି ସେ ସମିତିସଭ୍ୟଙ୍କୁ ଦେଇଥିଲେ। ହେଲେ ଇତିମଧ୍ୟରେ ଭତ୍ତା ୫୦୦ରୁ ୮୦୦ ଟଙ୍କାକୁ ବୃଦ୍ଧି ପାଇଥିଲେ ମଧ ତାଙ୍କୁ ଭତ୍ତା କି ବହି ଦିଆଯାଉ ନ ଥିବା ବୃଦ୍ଧା ନିଜ ନାତୁଣୀ ଓ ସମ୍ପର୍କୀୟଙ୍କ ସହ ଯାଇ ବିଡିଓଙ୍କୁ ଜଣାଇଥିଲେ। ବିଡିଓ ଘଟଣାର ଅନୁସନ୍ଧାନ କରି କହିବି ଏବଂ ଆବଶ୍ୟକ ସ୍ଥଳେ ନୂଆ ବହି ଦେବି ଏବଂ ଏହିମାସ ଠାରୁ ଭତ୍ତା ପାଇବ ବୋଲି କହିଥିଲେ। ତେବେ ଖବର ପ୍ରକାଶ ପାଇବା ପରେ ଆନନ୍ଦଙ୍କୁ ତାଙ୍କ ବକେୟା ଭତ୍ତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି।



ସରପଞ୍ଚ ଓ ପିଇଓ ଆନନ୍ଦଙ୍କୁ ବକେୟା ଟଙ୍କା ପ୍ରଦାନ କରୁଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ 25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଳବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ବାଇକ୍, ମୋବାଇଲ ଲୁଟ୍

**ଟିକିରି, ୨୦।୭ (ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ସଦରସ୍ଥିତ ଗୋକୁଳମୁଣ୍ଡା ଗ୍ରାମ ନିକଟ ନାଳ ପାଖରେ ଜଣେ ଯୁବକଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ବାଇକ୍ ଓ ମୋବାଇଲ ଲୁଟି ନେଇଛନ୍ତି । ଏନେଇ ସେ ଟିକିରି ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା(୭୪/୧୯) ରୁଜୁ କରି ତଦନ୍ତ ଚଳାଇଛି । ଟିକିରିସ୍ଥିତ ମେନ୍‌ରୋଡ୍‌ରେ ରହୁଥିବା ଲଳିତ ମୋହନ ନାଏକ(୨୬) ଗୁରୁବାର ରାତି ସାଢେ ୮ଟାରେ ଗୋକୁଳମୁଣ୍ଡା ନିକଟସ୍ଥ ନାଳକୁ ଶୌଚ ହେବା ପାଇଁ ଯାଇଥିଲେ । ଏହି ସମୟରେ ଦୁର୍ବୃତ୍ତମାନେ ଆସି ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ପରେ ତାଙ୍କ ବାଇକ୍ ଓ ମୋବାଇଲ ଲୁଟି ନେଇଥିଲେ । ଏହାକୁ ନେଇ ସାଧାରଣ ଲୋକେ ଆତଙ୍କିତ ହୋଇ ରହିଛନ୍ତି। ବାରମ୍ବାର ଟିକିରି ଅଞ୍ଚଳରେ ଚୋରି,ଡକାୟତି ହେଉଥିଲେ ମଧ୍ୟ ଟିକିରି ଓ ଦୋରାଗୁଡା ପୋଲିସ ତରଫରୁ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ପାଇଁ ଦାବି କରାଯାଇଛି ।

### ନାଳରୁ ମୃତଦେହ ଉଦ୍ଧାର

**କାଶୀପୁର,୨୦।୭(ଡ଼ି.ଏନ.ଏ):** ରାୟଗଡା ଜିଲା କାଶୀପୁର ବ୍ଲକ ସୁଙ୍ଗେର ଆଲିଗୁନା ଗ୍ରାମର ନାଳରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି । ସେ ହେଲେ ସଭା ମାଝି । ସେ ବାହାରକୁ ଯାଇ ଦୁଇ ଦିନ ହେଲା ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ପାଇ ନ ଥିଲେ । ଶୁକ୍ରବାର ସନ୍ଧ୍ୟାରେ ନାଳରେ ତାଙ୍କର ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ପରେ ମୃତଦେହ ଉଦ୍ଧାର କରି କାଶୀପୁର ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

### କେନାଲ ଘାଟରେ ପଡି ଯୁବକ ମୃତ

**କଲ୍ୟାଣସିଂହପୁର, ୨୦।୭(ଡି.ଏନ୍.ଏ.):** ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ବୁଢ଼ାଗୁଡା ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରସାହି ଗୁରୁତୁଲି ଗ୍ରାମରେ କେନାଲ ଘାଟରେ ପଡି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି । ସେ ହେଲେ ଉଦ୍ଧବ କାଶୀ(୩୮) । ଶୁକ୍ରବାର ରାତି ପ୍ରାୟ ୩ଟାରେ ସେ ଶୌଚ ହେବାକୁ କେନାଲ ଘାଟକୁ ଯାଇଥିଲେ । ତାଙ୍କୁ ଫିଟ୍‌ସ୍ ମାରିବାରୁ ସେ କେନାଲ ଘାଟରେ ପଡିଯାଇଥିଲେ । ପଥରରେ ତାଙ୍କ ମୁହଁ ଛେଚି ହେବା ସହ ପାଣିରେ ଅଚେତ ହୋଇ ପଡିଯାଇଥିଲେ । ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବରପାଇ କଲ୍ୟାଣସିଂହପୁର ଥାନା ଇନ୍‌ଚାର୍ଜ କୁନି ଶବର, ଇନ୍ସପେକ୍ଟର ସନ୍ତୋଷ ଶିରିକା ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୧୩/୧୯) ରୁଜୁ କରି ତଦନ୍ତ ଚଳାଇଛି ।

### ରୋଗୀ କଲ୍ୟାଣ ସମିତି ବୈଠକ

**ରାମନାଗୁଡ଼ା,୨୦।୭(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସିଥିବା ମୋଟ ୬ ଲକ୍ଷ ୬୮ ହଜାର ଟଙ୍କାରୁ ୪ ଲକ୍ଷ ୨୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ନିଦାନ କାର୍ଯ୍ୟକ୍ରମ ଅନୁସାରେ ରକ୍ତ ପରୀକ୍ଷା, ଅନ୍ୟାନ୍ୟ ପରୀକ୍ଷା ନିମନ୍ତେ ମୁଣ୍ଡପିଛା ୫ ଟଙ୍କା ଲେଖାଏଁ ଅନୁଦାନ ଆସିବ । ସେହି ଅନୁଦାନ କେଉଁ ବାଟରେ ଖର୍ଚ୍ଚ କରାଯିବ, ତାହା ଆଗାମୀ ସାଧାରଣ ବୈଠକରେ ଆଲୋଚନା କରାଯିବ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ମଜୁରୀଭିତ୍ତିରେ ଝାଡୁଦାର ନିଯୁକ୍ତ ଦେବା ନିମନ୍ତେ ଆଲୋଚନା କରାଯାଇଥିଲା। ଡ଼ାଟା ଏଣ୍ଟ୍ରି ଅପରେଟର ନିମନ୍ତେ ସରକାରୀ ପ୍ରାପ୍ୟ ମିଳୁ ନ ଥିବାରୁ ଜିଲା ଚିକିତ୍ସାଧିକାରୀ କହିଥିଲେ ଯେ, ଯଦି ରୋଗୀ କଲ୍ୟାଣ ସମିତିରୁ ପ୍ରାପ୍ୟ ଦେଇ ପାରିଲେ ତାଙ୍କୁ ପୁନଃ ନିଯୁକ୍ତି ଦିଆଯାଇ ପାରିବ । ମାତ୍ର ରୋଗୀ କଲ୍ୟାଣ ସମିତି ଏଥିନିମନ୍ତେ ସହମତି ଦେବାକୁ ମନା କରିଥିଲେ । ଫଳରେ ସେହି ପଦବୀ ଉଚ୍ଛେଦ ହୋଇଗଲା । ଏହି ବୈଠକରେ ଗୋଷ୍ଠୀ ଚିକିତ୍ସାଧିକାରୀ ଭେଙ୍କେଟଶ୍ୱର ପୃଷ୍ଟି, ଭାଗବତ ପ୍ରସାଦ ପାଢୀ, ପିଏଚଇଓ ସଂଘମିତ୍ରା ମହାପାତ୍ର, କମଳାକର ରାଓ, ଗଗନବିହାରୀ ଆଚାର୍ଯ୍ୟ, ଅମିତ୍ କୁମାର ମହାରଣା ପ୍ରମୁଖ ଯୋଗ ଦେଇଥିଲେ ।

ସ୍ୱପ୍ନକୁ ଭାବିଲେ ସତ

# ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଉଦ୍ୟମ

**ରାୟଗଡା ଅଫିସ୍, ୨୦।୭**

ଗୁଣିଗାରେଡ଼ି ସନ୍ଦେହରେ ରାୟଗଡ଼ା ଥାନା ଅନ୍ତର୍ଗତ ତାଡ଼ମା ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା ଉଦ୍ୟମ କରାଯାଇଛି । ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚରା ପରେ ଛାଡ଼ି ଦେଇଛି ।

ଖବରନେବାରୁ ଜଣାପଡିଛି ଯେ, ରାୟଗଡା ଥାନା ଅନ୍ତର୍ଗତ ତାଡମା ଗ୍ରାମର କୃଷ୍ଣ ହିମିରିକାଙ୍କ ଭାଇ ରାଜୁ ହିମିରିକା କିଛି ବର୍ଷ ହେଲା ଯକ୍ଷ୍ମା ରୋଗରେ ପୀଡିତ ଅଛନ୍ତି । ୨ ସପ୍ତାହ ତଳେ କୃଷ୍ଣ ସ୍ୱପ୍ନ ଦେଖିଥିଲେ ଯେ, ତାଙ୍କ ଘର ପାଖରେ ରହୁଥିବା ପୁଲୁ ମେଲେକା ଗୁଣିଗାରେଡ଼ି କରିବା ଫଳରେ ରାଜୁ ରୋଗ କଷ୍ଟ ପାଉଛନ୍ତି । ଏଥିପାଇଁ ସେ କାଶୀପୁର ବ୍ଲକ୍‌ରେ ଜଣେ ଦିଶାରୀଙ୍କ ନିକଟକୁ ଯାଇ ନିଶ୍ଚିତ ହୋଇଥିଲେ । ପରେ ପୁଲୁଙ୍କୁ ହତ୍ୟା କରିବାକୁ କୃଷ୍ଣ ଯୋଜନା କରିଥିଲେ । ଗତ ୧୦ ତାରିଖ ସନ୍ଧ୍ୟାରେ କୃଷ୍ଣ ଗୋଟିଏ ଶାବଳରେ ପୁଲୁଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ । ଶାବଳରେ ପଛପଟୁ ଭୁସିବାକୁ ଚେଷ୍ଟା କରିବା ବେଳେ ପୁଲୁ ଜାଣିପାରି ଶାବଳକୁ ଧରି ପକାଇଥିଲେ । ହତ୍ୟାର କାରଣ ପଚାରିବାରୁ, ନିଜେ ଦେଖିଥିବା ସ୍ୱପ୍ନର କଥା କୃଷ୍ଣ କହିଥିଲେ । ପରେ ଏହି କଥା ଗାଁ ଭାଇଙ୍କ ନିକଟରେ ପହଞ୍ଚିଥିଲା । ନିକଟସ୍ଥ ପୂଜାରୀଗୁଡା ଗାଁକୁ ଯାଇ ଦିସାରୀ ଆଗରେ ଘଟଣାର ମିମାଂସା କରିବାକୁ ସ୍ଥିର କରାଗଲା । ପ୍ରତ୍ୟେକ ଘରର ୨ଜଣ ଲେଖାଏଁ ପୂଜାରୀଗୁଡା ଯାଇ ସେଠାର ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଦିସାରୀଙ୍କୁ ସମସ୍ତ କଥା କହିଥିଲେ । ଆଗାମୀ ୩ ଦିନ ମଧ୍ୟରେ ଗାଁର କୌଣସି ମଣିଷ,ଗୋରୁ,ଛେଳି ,କୁକୁଡାର ମୃତ୍ୟୁ ହୁଏ, ତେବେ ପୁଲୁ ଗୁଣି କରିଛନ୍ତି ବୋଲି ବିଶ୍ୱାସ କରାଯିବ ବୋଲି ଦିଶାରୀ କହିଥିଲେ । ଏଥିରେ ଗାଁ ଲୋକଙ୍କ ସହ ପୁଲୁ ସହମତି ପ୍ରକାଶ କରିଥିଲେ । ଶୁକ୍ରବାର ୩ ଦିନ ପୂରଣ ହେବାପରେ ମଧ ଗାଁରେ କୌଣସି ହାନି ଘଟି ନ ଥିଲା । ନିଜ ଉପରୁ ବିପଦ ଏଡାଇବା ପାଇଁ ପୁଲୁ ପୁଣି ଗାଁରେ ବୈଠକ ଡକାଇ କୌଣସି ଗୁଣି କାର୍ଯ୍ୟରେ ଲିପ୍ତ ନ ଥିବା ସ୍ପଷ୍ଟ କରିଥିଲେ । ଏହି ସମୟରେ କୌଣସି ସୂତ୍ରରୁ ସୂଚନାପାଇ ପୋଲିସ ଗାଁରେ ପହଞ୍ଚି ବୈଠକ ମଝିରୁ କୃଷ୍ଣ ଓ ପୁଲୁଙ୍କୁ ଧରି ଥାନାକୁ ନେଇଥିଲା । ପରେ ଏହାକୁ ନେଇ ଗ୍ରାମର ବୃଦ୍ଧିଜୀବୀଙ୍କ ସହ ରାୟଗଡା ବ୍ଲକ୍ ଅତିରିକ୍ତ ବିଡିଓ ନୃସିଂହ ଚରଣ ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ନାୟକ, ଏସ୍‌ଡିପିଓ ତପନ ନାରାୟଣ ରଥ, ଆଇଆଇସି ନୀହାର ରଞ୍ଜନ ପ୍ରଧାନ, ମଝିଘରିଆଣୀ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ରାଇସିଂ ବିଡିକା ପ୍ରମୁଖ ଉଭୟଙ୍କ ସହ ଦୀର୍ଘ ସମୟଧରି ଆଲୋଚନା କରିଥିଲେ । ଗୁଣିଆ କିଛି ନାହିଁ ଏଭଳି ବିଶ୍ୱାସ ଦେବାପରେ କୌଣସି ମତାନ୍ତର ଆଉ ରହିବ ନାହିଁ ବୋଲି ଲିଖିତ ରୂପେ ଥାନାରେ ଦେଇ କୃଷ୍ଣ ଓ ପୁଲୁ ଗାଁକୁ ଯାଇଥିବା ଏସ୍‌ଡିପିଓ ରଥ କହିଛନ୍ତି ।



ଅଧିକାରୀମାନେ ପୁଲୁ ଓ କୃଷ୍ଣଙ୍କ ସହ ଆଲୋଚନା କରୁଛନ୍ତି ।

## ୨୫ ଦାଦନ ଶ୍ରମିକ ଉଦ୍ଧାର: ମହିଳାଙ୍କ ସମେତ ୬ ଦଲାଲ ଗିରଫ



ଗିରଫ ହୋଇଥିବା ୬ ଦଲାଲ ।

**ରାୟଗଡା ଅଫିସ୍, ୨୦।୭**

ରାୟଗଡା ଷ୍ଟେଶନ୍‌ରୁ ଶନିବାର ସନ୍ଧ୍ୟାରେ ପୋଲିସ ୨୫ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି । ସେମାନଙ୍କୁ ଚାଲାଣ କରୁଥିବା ଜଣେ ମହିଳାଙ୍କ ସମେତ ୬ ଦଲାଲଙ୍କୁ ପୋଲିସ ଗିରଫ କରିଛି । ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ୍‌ର ୨୫ ମହିଳା ଓ ଶିଶୁ ତିରୁପତୀରେ ଏକ ଚିଙ୍ଗୁଡି କାରଖାନାରେ କାମ କରିବାକୁ ଯାଉଥିଲେ । ବିଳାଶପୁର-ତ୍ରିରୁପତୀ ଟ୍ରେନ୍‌ରେ ଯିବା ପାଇଁ ରାୟଗଡ଼ା ଷ୍ଟେଶନରେ ସେମାନେ ଅପେକ୍ଷା କରିଥିଲେ । ଖବରପାଇ ଏସ୍‌ପି ରାୟଗଡା ଓ ଚାନ୍ଦିଲି, ରେଳବାଇ ପୋଲିସକୁ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ । ପୋଲିସ ଚଢ଼ାଉ କରି ସେମାନଙ୍କୁ ଉଦ୍ଧାର କରିଥିଲା

## ଏକମ୍ବା ସ୍କୁଲରେ ଚାରାରୋପଣ

**ଜୟପୁର,୨୦।୭(ନି.ପ୍ର.)**

ଜୟପୁର ବ୍ଲକ ଅନ୍ତର୍ଗତ ଏକମ୍ବା ପଞ୍ଚାୟତ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କାଳୀକୃଷ୍ଣ ସଂଘ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ସଂଘର ସଭ୍ୟମାନେ ବିଦ୍ୟାଳୟକୁ ସବୁଜ ସୁନ୍ଦର କରିବା ପାଇଁ ପ୍ରଚେଷ୍ଟା କରିଥିଲେ। ବିଦ୍ୟାଳୟର ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ୪୦ଟି ଚାରା ରୋପଣ କରାଯାଇଥିଲା । ଏଥିରେ ଇକୋ କ୍ଲବ ଦାୟିତ୍ୱରେ ଥିବା ସୁନୀଲ କୁମାର ପାଢ଼ୀଙ୍କ ସହାୟତାରେ ପିଲାଙ୍କୁ ବୃକ୍ଷର ଉପକାରିତା ଉପରେ ସଚେତନ କରାଇଥିଲେ ।

## ଖବରଦାତାଙ୍କୁ ସୁରକ୍ଷା ନେଇ ସ୍ମାରକପତ୍ର

**ଗୁଣପୁର,୨୦।୭(ଡି.ଏନ.ଏ)**

ରାଜ୍ୟର ବିଭିନ୍ନ ସ୍ଥାନରେ ଖବରଦାତାଙ୍କ ଉପରେ ଆକ୍ରମଣ ହେଉଛି । ଏହାର ପ୍ରତିବାଦରେ ଶନିବାର ଗୁଣପୁର ଖବରଦାତାମାନଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କୁ ପ୍ରଦାନ କରାଯାଇଥିଲା । କାର୍ଯ୍ୟ କ୍ଷେତ୍ରରେ ଖବରଦାତାମାନଙ୍କୁ ସୁରକ୍ଷା ଯୋଗାଇବା ସହ ଆକ୍ରମଣକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେମାନେ ଦାବି କରିଛନ୍ତି । ଖବରଦାତାଙ୍କୁ ବିନା ମୂଲ୍ୟରେ ମେଡିକାଲ ସୁବିଧା ପ୍ରଦାନ ଆଦି ଦାବି କରିଥିଲେ ।



ଖବରଦାତାମାନେ ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

## ଭରାନଈ ପାରହୋଇ ସ୍କୁଲ ଯାଉଛନ୍ତି ପିଲା

**ଦଶମନ୍ତପୁର,୨୦।୭(ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନସ୍ଥ ଡୁମ୍ବାଗୁଡ଼ା ପଞ୍ଚାୟତ କାଳିଆମ୍ବ ଗ୍ରାମରେ ରହିଛି ଏକ ପ୍ରାଥମିକ ବିଦ୍ୟାଳୟ। ଏଠାରେ ଆଖପାଖ ଗାଁର ଛୋଟପିଲା ପ୍ରଥମରୁ ପଞ୍ଚମ ଯାଏ ପଢ଼ନ୍ତି। କିନ୍ତୁ ପାଠ ପଢ଼ିବା ପାଇଁ ସେମାନଙ୍କୁ ନାଗ୍ରା ନଦୀ ପାର ହୋଇ ସ୍କୁଲକୁ ଯିବାକୁ ପଡ଼େ। ନଦୀର ଗୋଟିଏ ପାର୍ଶ୍ୱରେ ଡୁମ୍ବାଗୁଡ଼ା ପଞ୍ଚାୟତର ଆଖପାଖ ଗାଁ ଓ ଆରପାଖରେ ରାୟଗଡା ଜିଲା କାଶୀପୁର ବ୍ଲକ କୋଚେଇପଦର ପଞ୍ଚାୟତ କସକଟା ଗ୍ରାମ । ସେଠାକାର ପିଲା ଏହି ନାଗ୍ରା ନଦୀ ପାର ହୋଇ ବିଦ୍ୟାଳୟକୁ ଆସିଥାନ୍ତି। ଶୀତ ଓ ଖରାଦିନରେ ବିଶେଷ ସମସ୍ୟା ନଥିବା ବେଳେ ବର୍ଷାଦିନେ ନଦୀରେ ପାଣି ଭର୍ତ୍ତି ହୋଇଗଲେ ପିଲାମାନେ ଜୀବନକୁ ବାଜି ଲଗାଇ ନଦୀ ପାର ହୋଇ ସ୍କୁଲରେ ପହଞ୍ଚନ୍ତି । ଏହି ନଦୀରେ ସ୍ଥାୟୀ ପୋଲ ନିର୍ମାଣ କରିବା ପାଇଁ ବହୁବାର ଦାବି ହୋଇଆସୁଥିଲେ ମଧ ପ୍ରଶାସନ ଶୁଣୁନଥିବା ବନମାଳି ବିଶୋଇ, ଶେଖର ଚୌଧୁରୀ, ଗୋବର୍ଦ୍ଧନ ବିଶୋଇ, ବଳରାମ ଚୌଧୁରୀ, ପଦ୍ମ କବି, ଜୟରାମ ଚୌଧୁରୀ, ବିଶ୍ୱନାଥ ବିଶୋଇଙ୍କ ସମେତ ଅନେକ ଅଭିଭାବକ କହିଛନ୍ତି । ନାଗ୍ରା ନଦୀରେ କେହି ପାଠପଢୁଆ ପିଲା ପାର ହେଉଥିବାବେଳେ ଯଦି ଭାସିଯାନ୍ତି, ତେବେ ପ୍ରଶାସନ ଦାୟୀ ରହିବ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି ।

ଜନସ୍ୱାସ୍ଥ୍ୟ ବିଭାଗର ଜଳଯୋଗାଣ

# ଲୋକଙ୍କୁ ମିଳୁଛି ଗୋଳିଆ ପାଣି

**ଗୁଣପୁର,୨୦।୭(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସହରର ବିଭିନ୍ନ ସ୍ଥାନରେ ଦୁଇ ଦିନ ହେବ ଜଳଯୋଗାଣରେ ଗୋଳିଆ ପାଣି ଆସୁଛି, ଯାହା ବ୍ୟବହାର ଉପଯୋଗୀ ନୁହେଁ । ଏପରି ଜଳଯୋଗାଣକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଜଳ ବିଶୋଧନାଗାର ରହିଥିଲେ ମଧ୍ୟ ଗୋଳିଆ ପାଣି ଆସିବା ପରିତାପର ବିଷୟ ହୋଇଛି। ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ କୋଟି କୋଟି ଟଙ୍କା ବ୍ୟୟରେ ୨୦୧୩ରେ ଗୁଣପୁରର କତାଲୁଗୁଡାଠାରେ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲା । ଏହି ପ୍ରକଳ୍ପରୁ ଢେପସାହିଠାରୁ ମରାଠିଗୁଡା ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳକୁ ଜଳଯୋଗାଣ ହୋଇଥାଏ । ଏପରି ଗୋଳିଆ ତଥା ବ୍ୟବହାର ଉପଯୋଗୀ ନ ଥିବା ଜଳଯୋଗାଣ ଦ୍ୱାରା ଏହି ପ୍ରକଳ୍ପ କାହା ହିତରେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଏହି ଗୋଳିଆ ପାଣି ବ୍ୟବହାର ଦ୍ୱାରା ଲୋକଙ୍କୁ ବିଭିନ୍ନ ପ୍ରକାର ରୋଗ ବ୍ୟାପିବାର ଆଶଙ୍କା ରହିଛି । ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।



ସଂଗୃହୀତ ହୋଇଥିବା ଗୋଳିଆ ପାଣି ।

## ମହିଳାଙ୍କୁ ପଣସ ଚିପ୍ସ ତିଆରି ପ୍ରଶିକ୍ଷଣ

**କୋରାପୁଟ,୨୦।୭(ସ୍ୱ.ପ୍ର.)**

ସ୍ଥାନୀୟ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟରେ ଶୁକ୍ରବାରରୁ ଚାଲିଥିବା ପଣସ ଚିପ୍ସ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଦିବସରେ କୋରାପୁଟ ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପି. ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କୋରାପୁଟ ଭଳି ଆଦିବାସୀ ଅଞ୍ଚଳରେ ବହୁଳ ପରିମାଣରେ ପଣସ ଅମଳ ହେଉଥିବାବେଳେ ଏହାର ବିକ୍ରିବଟା ସଠିକ ଭାବେ କରାଯାଇପାରୁ ନ ଥିବାରୁ ଏହା ନଷ୍ଟ ହୋଇଯାଉଛି । ଏହାକୁ ଦୃଷ୍ଟିରେ ରଖି କୋରାପୁଟ ବନ ବିଭାଗ ଓ ଓରମାସ୍‌ର ମିଳିତ ସହଯୋଗରେ କୋରାପୁଟ ବନଖଣ୍ଡର ସମସ୍ତ ରେଞ୍ଜରୁ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ କିପରି ପଣସର ଚିପ୍ସ କରାଯାଇ ନିଜର ଆର୍ଥିକ ବିକାଶ କରିହେବ, ସେ ଉପରେ କନ୍ଧମାଳ ଜିଲାରୁ ଆସିଥିବା ଶିବରାମ ଦିଗାଲ ପ୍ରଶିକ୍ଷଣ ଦେଇଥିଲେ । ଏହି ଅବସରରେ କୋରାପୁଟ ଏସିଏଫ୍ ଉମା ମହେଶ, କୋରାପୁଟ ରେଞ୍ଜର ସୁବାସ ଚନ୍ଦ୍ର ଖୁଣ୍ଟିଆ ଓ ଓରମାସ୍‌ର ଜିଲା ସଂଯୋଜକ ଶ୍ରୀ କାର୍ତ୍ତିକ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିଲେ ।

## ଗଡ଼ିଲା ଫସଲ ବୀମା ଯୋଜନା ରଥ

**କୋରାପୁଟ,୨୦।୭(ସ୍ୱ.ପ୍ର.)**

କୋରାପୁଟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଶନିବାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରଥର ଶୁଭାରମ୍ଭ ହୋଇଯାଇଛି । କୋରାପୁଟ ଜିଲା କୃଷି ଅଧିକାରୀ ସୁବ୍ରତ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିବା ସହିତ କେନ୍ଦ୍ର ସରକାରଙ୍କ ଏହି ବୀମା ଯୋଜନାର ଲାଭ ନେବା ପାଇଁ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ । ଚଳିତ ଖରିଫ ଋତୁରେ ଏହି ରଥ ଜିଲାର ବିଭିନ୍ନ ବ୍ଲକ ପରିଭ୍ରମଣ କରି କୃଷକମାନଙ୍କୁ ଫସଲ ବୀମା ଯୋଜନା ସଂପର୍କରେ ସଚେତନ କରାଇବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସହକାରୀ କୃଷି ଅଧିକାରୀ ମୃତ୍ୟୁଞ୍ଜୟ ମହାରଣା, ବୀମା କମ୍ପାନୀର କ୍ଷେତ୍ର ପର୍ଯ୍ୟବେକ୍ଷକ ଅନାଦି ଚରଣ ସାହୁ ଓ ବ୍ଲକ ସଂଯୋଜକ ବିଷ୍ଣୁ ମହାପାତ୍ରଙ୍କ ସମେତ ବିଭାଗୀୟ ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

## ଖବରଦାତାଙ୍କୁ ଆକ୍ରମଣ ପ୍ରତିବାଦରେ ଦାବିପତ୍ର

**ରାମନାଗୁଡା, ୨୦।୭ (ଡି.ଏନ୍.ଏ.)**

ଶନିବାର ରାୟଗଡ଼ା ଜିଲା ରାମନାଗୁଡା ବ୍ଲକରେ କାର୍ଯ୍ୟରତ ଖବରଦାତାମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଖବରଦାତାମାନଙ୍କୁ ଆକ୍ରୋଶ ମୂଳକ ଆକ୍ରମଣ ଏବଂ ଅସଦ୍ ବ୍ୟବହାର ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ସୁଧାକର ରଇତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟରତ ଖବରଦାତାମାନଙ୍କୁ ସୁରକ୍ଷା ଓ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।



ଖବରଦାତାମାନେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଶ୍ରମିକଙ୍କ ସହ ଧାନ ରୋଇଲେ କୃଷି ଅଧିକାରୀ

**କୁନ୍ଦୁରା,୨୦।୭(ଡି.ଏନ୍.ଏ.)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଉଙ୍ଗରପାଉଁଶି ପଞ୍ଚାୟତ ସଦରରେ ଜଣେ ଚାଷୀଙ୍କ ଜମିରେ କାମ କରୁଥିବା ଶ୍ରମିକଙ୍କ ସହ ମିଶି ପଞ୍ଚାୟତ କୃଷି ଅଧିକାରୀ ଲକ୍ଷ୍ମୀକାନ୍ତ କର ଧାନ ରୋଇଛନ୍ତି। ଉଙ୍ଗରପାଉଁଶି ଉପକଣ୍ଠ ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱରେ ରହିଥିବା ପ୍ରଧାନୀପୁଟ ଗ୍ରାମର ଜଣେ ଚାଷୀଙ୍କ ଧାନରୁଆ ସମୟରେ ମହିଳା ଓ ପୁରୁଷ ଶ୍ରମିକ କାମ କରୁଥିବା ବେଳେ ଜମି ଭିତରକୁ ଓହ୍ଲାଇପଡ଼ି ଗ୍ରାମ୍ୟ କୃଷି ଅଧିକାରୀ ଧାନ ରୋଇବା ଆରମ୍ଭ କରିଥିଲେ। କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଉଙ୍ଗରପାଉଁଶି ଗ୍ରାମପଞ୍ଚାୟତ ସବୁବେଳେ ଧାନରୁଆ ଓ ଅମଳ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇ ଆସିଛି। ଏଠାରେ ଖରିଫ୍ ଓ ରବିଋତୁରେ କୋଲାବ ନଦୀରୁ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ଚାଷ ପାଇଁ ଚାଷୀ ଭରସା କରନ୍ତି। ଏହି ଅଞ୍ଚଳର କେତେକ ଚାଷୀ ସାଧାରଣ ରୁଆ କରୁଥିବା ବେଳେ ଆଉ କେତେକ ଧାଡ଼ିରୁଆ ପଦ୍ଧତି ଆପଣାଇଥିବା ଦେଖିବାକୁ ମିଳିଛି। ରାସ୍ତାପାର୍ଶ୍ୱରେ ଥିବା ଜମିରେ ଡମ୍ବୁ ପୂଜାରୀ ଧାଡ଼ିରୁଆ କାମ କରୁଥିବା ବେଳେ ଶନିବାର ସେଠାକୁ କୃଷି ଅଧିକାରୀ ଯାଇ ସେହି ପ୍ରଣାଳୀ ଶିଖାଇବା ପାଇଁ ଶ୍ରମିକଙ୍କ ସହ ମିଶି ପ୍ରାୟ ଗୋଟିଏ ଏକରରେ ଧାନରୁଆ କାମ କରିଥିଲେ। ତାଙ୍କରି ପ୍ରଭାବରେ ଏବେ ଡମ୍ବୁ ଗୋଟିଏ ହେକ୍ଟର ଜମିରେ ସେହିଭଳି ଚାଷ କରିବା ପାଇଁ ଉତ୍ସାହିତ ହୋଇଛନ୍ତି।

**ଶିଖାଇଲେ ଧାଡ଼ିରୁଆ ପ୍ରଣାଳୀ ଚାଷ**



ଜମିରେ ଧାନରୁଆ ପଦ୍ଧତି ଶିଖାଉଛନ୍ତି କୃଷି ଅଧିକାରୀ ।